ପୃଷ୍ଠା-୮+୮ 48 ଧରିତ୍ରୀ DHARITRI ୪୮
ଭୁବନେଶ୍ୱର, ସୋମବାର, ନଭେମ୍ବର ୨୯/୨୦୨୧ (୮+୮=୧୬ ପୃଷ୍ଠା) Bhubaneswar, Monday, November 29/2021 ★★★★★★
୪୮ଶ ଭାଗ ୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଅନନ୍ୟାଙ୍କ ସହ ଫଟୋ ଶେୟାର କଲେ ବିଜୟ**

ଦକ୍ଷିଣ ଭାରତୀୟ ଫିଲ୍ମ ଷ୍ଟାର ବିଜୟ ଦେୱରକୋଣ୍ଡା ସୋସିଆଲ ମିଡିଆରେ ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ସହ ଫଟୋ ଶେୟାର କରିଛନ୍ତି। ୦୭

୦୮ **ଇସ୍‌ଲାମଙ୍କୁ ୭ ଉଇକେଟ ସଫଳତା**

ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ବାଂଲାଦେଶ ସ୍ପିନର ତାଇଜୁଲ ଇସ୍‌ଲାମ ୭ ଉଇକେଟ ସଫଳତା ପାଇଛନ୍ତି।



# ୩୦ରେ ଲଘୁଚାପ, ବାତ୍ୟା ଆଶଙ୍କା

## ■ ସତର୍କ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ
## ■ ଫସଲ ନଷ୍ଟ ହେବା ଚିନ୍ତାରେ ଚାଷୀ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)



ଓଡ଼ିଶାକୁ ଆଉ ଏକ ବଡ଼ ବର୍ଷା ଆସୁଛି। ଏଥିସହ ବାତ୍ୟାର ଆଶଙ୍କା ବି ଦୃଢ଼ୀଭୂତ ହେବାରେ ଲାଗିଛି। ଆସନ୍ତା ୩୦ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା କ୍ରମଶଃ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଏହି ଲଘୁଚାପ ଫଳରେ ଓଡ଼ିଶାରେ ୨ ତାରିଖରୁ ବର୍ଷା ଆରମ୍ଭ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ରବିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଣ୍ଡାମାନ ସାଗରରେ ସୃଷ୍ଟି ହେବାକୁ ଥିବା ଏହି ଲଘୁଚାପ ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଆଡ଼କୁ ଗତି କରି ଡିସେମ୍ବର ୨ ବେଳକୁ ଅବପାତରେ ପରିଣତ ହେବ। ଓଡ଼ିଶାର କେଉଁ ଜିଲା ଓ କେଉଁ ଅଞ୍ଚଳରେ ଅଧିକ ବର୍ଷା ହେବ ଏବଂ ବାତ୍ୟାର ସ୍ଥିତି କ'ଣ ରହିବ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ସେସବୁ ସ୍ପଷ୍ଟ ହେବ। ତେବେ ନିର୍ଦ୍ଦିଷ୍ଟ ଭାବେ ବାତ୍ୟାର ପ୍ରଭାବ କେଉଁଠି ପଡ଼ିବ ତାହା ଏବେଠୁ କହି ହେବ ନାହିଁ। ଲଘୁଚାପ ପ୍ରଭାବରେ ନଭେମ୍ବର ୩୦ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଆଣ୍ଡାମାନ ସାଗର ଓ ଏହାର ନିକଟ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଶାନ୍ତ ରହିବ। ସେହି ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦-୫୦ କି.ମି. ରହିବ। ସେହିଭଳି ଏହା ଯେତେବେଳେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ☞ପୃଷ୍ଠା-୪

# ଭିନ୍ନ ରୂପରେ ଆସିପାରେ କୃଷି ଆଇନ

ନୂଆଦିଲ୍ଲୀ,୨୮।୧୧

ପାର୍ଲାମେଣ୍ଟ ଅଧିବେଶନର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରିଥାଆନ୍ତି। ସରକାରଙ୍କୁ ଅଡୁଆରେ ପକାଇବା ଭଳି ପ୍ରସଙ୍ଗରେ ବିପକ୍ଷର ବିରୋଧକୁ ପ୍ରଶମିତ କରିବା ଲାଗି ସେ ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡ଼ିଥାଆନ୍ତି। କିନ୍ତୁ ଶୀତ ଅଧିବେଶନର ଦିନକ ପୂର୍ବରୁ ଏହାର ବ୍ୟତିକ୍ରମ ଦେଖାଯାଇଛି। କେନ୍ଦ୍ର ପକ୍ଷରୁ ରବିବାର ଡକାଯାଇଥିବା ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟକ୍ଷତା କରିବେ ବୋଲି ପୂର୍ବରୁ ସରକାର କହିଥିଲେ। ହେଲେ ମୋଦି ଏଥିରେ ଯୋଗଦେଇ ନ ଥିବାରୁ ବିରୋଧୀଙ୍କ ମଧ୍ୟରେ ଅସନ୍ତୋଷ ଓ ସନ୍ଦେହ ପ୍ରକାଶ ପାଇଛି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ନେଇ ମୋଦି ଘୋଷଣା କରିଛନ୍ତି। ତେଣୁ ସେ ଉକ୍ତ ବୈଠକରେ ଯୋଗଦେଇ ଆମ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଆଶା କରିଥିଲୁ। ଭବିଷ୍ୟତରେ ଏହି ଆଇନକୁ ସରକାର ଭିନ୍ନ ରୂପରେ ଆଣିବେ ବୋଲି ଆଶଙ୍କା ପ୍ରକାଶ ପାଉଥିବାରୁ ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଆମେ ପ୍ରଶ୍ନ କରିଥାଆନ୍ତୁ। ହେଲେ ତାଙ୍କ ଅନୁପସ୍ଥିତି ସମସ୍ତଙ୍କୁ ନିରାଶ କରିଛି। ଅନ୍ୟପକ୍ଷେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି, ପ୍ରଧାନମନ୍ତ୍ରୀ କୌଣସି ସଂସଦୀୟ ପରମ୍ପରା ଭଙ୍ଗ କରିନାହାନ୍ତି। ସର୍ବଦଳୀୟ ବୈଠକରେ ସାମିଲ ହେବା ପରମ୍ପରା ମୋଦି ନିଜେ ଆରମ୍ଭ କରିଥିଲେ।

ସୋମବାର (ନଭେମ୍ବର ୨୯)ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୨୩ରେ ଶେଷ ହେବ ବୋଲି ପୂର୍ବରୁ ସ୍ଥିର କରାଯାଇଛି। ତେଣୁ ରବିବାର କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ ୩୧ ଦଳର ନେତା ଯୋଗଦେଇଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ଅନୁପସ୍ଥିତ ରହିଥିଲେ। ଏଥିରେ ସରକାରଙ୍କ ପକ୍ଷରୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ବାଣିଜ୍ୟମନ୍ତ୍ରୀ ପୀୟୂଷ ଗୋୟଲ ପ୍ରତିନିଧିତ୍ୱ କରିଥିଲେ। ବିରୋଧୀ ନେତାଙ୍କ ମଧ୍ୟରେ ଅଧୀର ରଞ୍ଜନ ଚୌଧୁରୀ ଓ ଆନନ୍ଦ ଶର୍ମା (କଂଗ୍ରେସ), ଟି.ଆର୍. ବାଲୁ ଓ ତିରୁଚି ଶିବା (ଡିଏମ୍‌କେ), ଶରଦ ପାୱାର (ଏନ୍‌ସିପି), ବିନାୟକ ରାଉତ୍(ଶିବସେନା), ରାମଗୋପାଳ ଯାଦବ(ସମାଜବାଦୀ ପାର୍ଟି), ସତୀଶ ମିଶ୍ର (ବିଏସ୍‌ପି), ପ୍ରସନ୍ନ ଆଚାର୍ଯ୍ୟ (ବିଜେଡି) ଏବଂ ଫାରୁକ୍ ଅବ୍ଦୁଲ୍ଲା (ନ୍ୟାଶନାଲ କନ୍‌ଫରେନ୍ସ) ପ୍ରମୁଖ ଉପସ୍ଥିତ ଥିଲେ। ଅଧିକାଂଶ ବିରୋଧୀ ନେତା ଜରୁରୀ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧି, ପେଗାସସ୍ ସ୍ପାଏୱେର ଜରିଆରେ କେନ୍ଦ୍ରର ଗୁପ୍ତଚରଗିରି ଏବଂ ପଶ୍ଚିମବଙ୍ଗ ସମେତ କେତେକ ରାଜ୍ୟକୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ପରିସର ବୃଦ୍ଧି ନେଇ ପ୍ରଶ୍ନ ଉଠାଇଥିଲେ। ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା ନେଇ ଅଧିବେଶନରେ ବିଲ୍ ଆଗତ କରାଯାଉ ବୋଲି ବୈଠକରେ ଟିଏମ୍‌ସି, ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଏବଂ ଡିଏମ୍‌କେର କେତେଜଣ ନେତା ପ୍ରସ୍ତାବ ଦେଇଥିଲେ।

ସେହିପରି ତୃଣମୂଳ କଂଗ୍ରେସ ନେତା ସୁଦୀପ ବନ୍ଦୋପାଧ୍ୟାୟ ଏବଂ ଡେରେକ୍ ଓ' ବ୍ରାଏନ୍ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସୁନିଶ୍ଚିତ କରିବା ପାଇଁ ନୂଆ ଆଇନ ପ୍ରଣୟନ ଓ ଲାଭଦାୟକ ସରକାରୀ ଉଦ୍ୟୋଗଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ପ୍ରସଙ୍ଗ ଉଠାଇ ଏସବୁ ଉପରେ ଆଲୋଚନା ପାଇଁ ଦାବି କରିଥିଲେ। କେନ୍ଦ୍ରର ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ପାଇଁ ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା କୃଷକମାନଙ୍କ ପରିବାରକୁ କ୍ଷତିପୂରଣ ଏବଂ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)କୁ ଚାଇନା ମାଡ଼ିଆସିବାରୁ ସୃଷ୍ଟି ହୋଇଥିବା ଉତ୍ତେଜନା ପ୍ରସଙ୍ଗରେ ଆଲୋଚନା କରାଯାଉ ବୋଲି କଂଗ୍ରେସ ଦାବି କରିଥିଲା। ଇତିମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କୁ କହିବାକୁ ସୁଯୋଗ ଦିଆ ନ ଯିବାରୁ ସେ ବୈଠକ ତ୍ୟାଗ କରି ଉଠିଆସିଥିଲେ। ସରକାର ପାର୍ଲାମେଣ୍ଟ ଭିତରେ ଓ ବାହାରେ ତାଙ୍କୁ କିଛି କହିବାକୁ ଦେଉ ନ ଥିବା ସଞ୍ଜୟ ଗଣମାଧ୍ୟମ ଆଗରେ ଅଭିଯୋଗ ଆଣିଥିଲେ। ଆନ୍ଧ୍ର ପ୍ରଦେଶରେ କ୍ଷମତାସୀନ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମଧ୍ୟ ଏମ୍‌ଏସ୍‌ପି ପ୍ରସଙ୍ଗ ଉଠାଇ ଏହା ଉପରେ ବୈଧାନିକ ସଂକଳ୍ପନାମା ଆଣିବା ଲାଗି ଯୁଗ୍ମ ସଂସଦୀୟ ☞ପୃଷ୍ଠା-୪

## ଆଜିଠୁ ଶୀତ ଅଧିବେଶନ



## ଦାରିଙ୍ଗବାଡ଼ିରେ ୯ ଡିଗ୍ରୀ



**ଦାରିଙ୍ଗବାଡ଼ି,୨୮।୧୧(ଡି.ଏନ୍.ଏ.):** ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ କିଛିଦିନର ବ୍ୟବଧାନ ପରେ ପୁଣି ଶୀତ ଅନୁଭବ ହୋଇଛି। ବିଳମ୍ବିତ ରାତିରୁ ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ ଘନ କୁହୁଡ଼ି ରହୁଥିବା ଦେଖାଯାଇଛି। ଗତ ୭ ତାରିଖରେ ଅଞ୍ଚଳରେ ତାପମାତ୍ରା ୯.୫ ଡିଗ୍ରୀ ରହିଥିଲା। ପରେ ଲଘୁଚାପଜନିତ ବର୍ଷା ଓ ପାଗ କୋହଲା ରହୁଥିବାରୁ ତାପମାତ୍ରା ୧୭ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଥିଲା। ରାତିରେ ସେଭଳି ଶୀତ ଅନୁଭବ ହେଉ ନ ଥିଲା। ରବିବାର ହଠାତ୍ ପାରଦ ଖସି ୯ ଡିଗ୍ରୀରେ ପହଞ୍ଚିଛି। ଫଳରେ ଅଞ୍ଚଳରେ ପ୍ରବଳ ଜାଡ଼ ଅନୁଭୂତ ହେଉଛି। ଲୋକେ ଶୀତବସ୍ତ୍ର ବିନା ବାହାରକୁ ବାହାରି ପାରୁନହାନ୍ତି।

**ଆଜିର ସମ୍ପାଦକୀୟ**

## ନିରପେକ୍ଷତା ଆଶା ବୃଥା

**ଆଜିର ମନ୍ତବ୍ୟ**

"ଯୋଗ କୌଣସି ନିର୍ଦ୍ଦିଷ୍ଟ ସମୁଦାୟ କିମ୍ବା ଧର୍ମୀୟ ଗୋଷ୍ଠୀ ମଧ୍ୟରେ ସୀମିତ ନୁହେଁ। ମାନସିକ ଓ ଶାରୀରିକ ସୁସ୍ଥତା ସକାଶେ ଏହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଏକ ବ୍ୟବସ୍ଥା।

– ରାମନାଥ କୋବିନ୍ଦ, ରାଷ୍ଟ୍ରପତି

# କଡ଼ାକଡ଼ି ହେବ କଟକଣା

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

## ■ ପ୍ରସ୍ତୁତ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
## ■ ୱାର୍ଡସ୍ତରରୁ ଠିକ୍ ରିପୋର୍ଟ ସଂଗ୍ରହ, ଟିକାକରଣକୁ ଗୁରୁତ୍ୱ



କରୋନାର ଶକ୍ତିଶାଳୀ ତଥା ନୂଆ ଭାରିଆଣ୍ଟ 'ଓମିକ୍ରନ୍'କୁ ନେଇ କେନ୍ଦ୍ରର ଚିଠି ପରେ ରାଜ୍ୟରେ ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଚିନ୍ତା ବଢ଼ିଛି। ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ପୁଣି ତତ୍ପରତା ଆରମ୍ଭ କରିଦେଇଛନ୍ତି। ପୂର୍ବଭଳି କରୋନା କଟକଣା କଡ଼ାକଡ଼ି ପାଳନ କରିବାକୁ ବିଶେଷ ଧ୍ୟାନ ଦେବା ସହ ଜିଲାସ୍ତରରେ ଅଧିକ ଗୁରୁତ୍ୱ ଦେବାକୁ କହିଛନ୍ତି। ଏଥିପାଇଁ ପୂର୍ଣ୍ଣ ପ୍ରସ୍ତୁତ ଓ ସକ୍ରିୟ ରହିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରବିବାର ସବୁ ଜିଲାପାଳ, ଏସ୍‌ପି ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ବର୍ତ୍ତମାନ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ଆରମ୍ଭ ହୋଇଛି। ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ତେଣୁ ଏହି ସମୟରେ ସମ୍ଭାବ୍ୟ ତୃତୀୟ ଲହରର ପ୍ରଭାବ ରୋକିବା ନିମନ୍ତେ ଆମକୁ ଅଧିକ ସତର୍କ, ସଜାଗ ଓ କ୍ରିୟାଶୀଳ ହେବାକୁ ପଡ଼ିବ। ମଣ୍ଡଳ ଉନ୍ନୟନ ଅଧିକାରୀ, ସରପଞ୍ଚ, ୱାର୍ଡମେମ୍ବର, ଅଙ୍ଗନାୱାଡି କର୍ମୀ, ଗ୍ରାମ ଓ ପଞ୍ଚାୟତସ୍ତରୀୟ ସରକାରୀ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ୱାର୍ଡସ୍ତରରୁ ସବୁ ଅଞ୍ଚଳର ବାସ୍ତବ ସ୍ଥିତି ବିଷୟରେ ଠିକ୍ ସୂଚନା ସଂଗ୍ରହ କରିବା ଆବଶ୍ୟକ। ଏହାସହ କୌଣସି ସ୍ଥାନରେ କୋଭିଡ୍ ସଂକ୍ରମଣ ଜଣାପଡ଼ିବା ମାତ୍ରେ ତୁରନ୍ତ ପଦକ୍ଷେପ ନିଆଯିବା ଜରୁରୀ। ଘରକୁ ଘର ଅଭିଯାନ ଯୋଗେ କୋଭିଡ୍ ଟିକାକରଣକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା ଏବଂ ସାନିଟାଇଜର ବ୍ୟବହାର ଆଦିକୁ କଡ଼ାକଡ଼ି ଭାବେ ପ୍ରବର୍ତ୍ତନ କରାଇବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ସହ ନିୟମ ଭଙ୍ଗ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଜରିମାନା ଆଦାୟ ଆଦିକୁ ଅଧିକ ବ୍ୟାପକ କରିବାକୁ ପରାମର୍ଶ ଦେଇଛନ୍ତି। ☞ପୃଷ୍ଠା-୪




# ଅନର କିଲିଂକୁ ଜବାବ ଦିଅ

## ସ୍ୱାଧୀନତାର ୭୫ ବର୍ଷ ପରେ ବି ହଟିନି ଜାତିପ୍ରଥା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮।୧୧



ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ୍ୟ ଜାତିପ୍ରଥା ହଟିନାହିଁ। ସମାଜରେ ଏବେ ବି ଅନର କିଲିଂ ଭଳି ଜାତିଭିତ୍ତିକ ହିଂସା ଦେଖିବାକୁ ମିଳୁଛି। ଜାତି ନାମରେ ଭିଆଯାଉଥିବା ଏଭଳି ଅପରାଧକୁ ସମାଜ କଡ଼ା ଜବାବ ଦେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଆହ୍ୱାନ ଦେଇଛନ୍ତି।

୧୯୯୧ରେ ଉତ୍ତର ପ୍ରଦେଶରେ ଘଟିଥିବା ଏକ ଅନର କିଲିଂ ଘଟଣାରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ହତ୍ୟା କରାଯାଇଥିଲା। ଏହା ବିରୋଧରେ ଦାଏର ଏକାଧିକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ପୂର୍ବରୁ ଅନର କିଲିଂ ରୋକିବା ପାଇଁ ଅନେକ ଥର ନିର୍ଦ୍ଦେଶନାମା ଜାରି କରାଯାଇଛି, ଯାହାକୁ ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ସର୍ବୋଚ୍ଚ ଅଦାଲତ ସଦ୍ୟ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ କହିଛନ୍ତି, ଏଭଳି ମାମଲାକୁ କଳଙ୍କିତ ହେବା ଏବଂ ସତ୍ୟକୁ ବଞ୍ଚାଇବା ପାଇଁ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ଭୂମିକା ରହିଛି। ବିଶେଷକରି ଯେଉଁ ସମ୍ବେଦନଶୀଳ ମାମଲାରେ କ୍ଷମତାରେ ଥିବା ଲୋକେ ରାଜନୈତିକ ପ୍ରୋତ୍ସାହନ ପାଇ ବାହୁବଳ ଓ ଅର୍ଥବଳ ପ୍ରୟୋଗ କରିଥାଆନ୍ତି, ସେମାନେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ଆଶଙ୍କା ରହିଥାଏ। ଜାତିପ୍ରଥା ଦ୍ୱାରା ପ୍ରେରିତ ଏଭଳି କୁକାର୍ଯ୍ୟ ଆଜି ମଧ୍ୟ ସମାଜରେ ଘଟିଚାଲିଛି, ଯାହାକି ସମସ୍ତ ନାଗରିକଙ୍କୁ ସମାନତା ପ୍ରଦାନ ନେଇ ସମ୍ବିଧାନର ଲକ୍ଷ୍ୟ ଆଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି।

ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଆହୁରି କହିଛନ୍ତି। ଜାତିଭିତ୍ତିକ ସାମାଜିକ ନିୟମ ଉଲ୍ଲଂଘନ ଲାଗି ଦୁଇ ଯୁବକ ଓ ଜଣେ ଯୁବତୀଙ୍କୁ ପ୍ରାୟ ୧୨ ଘଣ୍ଟା ଧରି ଶାରୀରିକ ନିର୍ଯାତନା ଦେଇ ଅଭିଯୁକ୍ତ ହତ୍ୟା କରିଥିଲେ। ଦେଶରେ ଏଭଳି ଜାତିଗତ ହିଂସାର ଧାରାବାହିକ ଦର୍ଶାଉଛି ଯେ, ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଜାତିପ୍ରଥା ଉଚ୍ଛେଦ ହୋଇନାହିଁ। ଏହି ଅବସରରେ ଖଣ୍ଡପୀଠ ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ ବଳବତ୍ତର ରଖି ୨୩ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ସେମାନଙ୍କ ପରିଚୟରେ ଅସ୍ପଷ୍ଟତା ପାଇଁ ଦୋଷମୁକ୍ତ କରିଛନ୍ତି। ☞ପୃଷ୍ଠା-୪

# ଗୋଟିଏ ଶିକ୍ଷାବର୍ଷରେ ୨ ବୋର୍ଡ ପରୀକ୍ଷା ନିଷ୍ପତ୍ତିକୁ ବିରୋଧ

**କଟକ ଅଫିସ, ୨୮।୧୧:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପରୀକ୍ଷା ଓ ମୂଲ୍ୟାୟନ ପଦ୍ଧତି, ବିଦ୍ୟାଳୟଗୁଡିକ ସ୍ୱୀକୃତି ନବୀକରଣ ଆଦିରେ କେତେକ ନିଷ୍ପତ୍ତି ନିଆଯାଇଛି। ବୋର୍ଡର ଉକ୍ତ ନିଷ୍ପତ୍ତିକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ରାଜ୍ୟର ପ୍ରମୁଖ ଛାତ୍ର ସଙ୍ଗଠନ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଅଭିଭାବକ ସଂଘଗୁଡିକ ପକ୍ଷରୁ ବିରୋଧ କରାଯାଇଛି। ବୋର୍ଡ ତା'ର ନିଷ୍ପତ୍ତିରେ ପରିବର୍ତ୍ତନ ନ କଲେ ଆସନ୍ତା ୮ ତାରିଖରେ ବୋର୍ଡର ୪ଟି ଜୋନାଲ ଅଫିସ ଓ କଟକସ୍ଥିତ କେନ୍ଦ୍ରୀୟ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଛାତ୍ର-ଶିକ୍ଷକ-ଅଭିଭାବକ ମିଳିତ ମଞ୍ଚ ପକ୍ଷରୁ ନୟାସଡ଼କସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି।

ଏଥିରେ ଓଷ୍ଟା ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ କହିଛନ୍ତି, ବୋର୍ଡ ପକ୍ଷରୁ ନବମ ଓ ଦଶମ ଛାତ୍ରୀଛାତ୍ରଙ୍କ ପାଇଁ ୪ଟି ଫରମେଟିଭ୍ ଆସେସ୍‌ମେଣ୍ଟ ଓ ୨ଟି ସମେଟିଭ୍ ଆସେସ୍‌ମେଣ୍ଟ (ବୋର୍ଡ ପରୀକ୍ଷା)ର ବ୍ୟବସ୍ଥା କରାଯାଇଛି। ଗୋଟିଏ ଶିକ୍ଷାବର୍ଷରେ ଦୁଇଟି ବୋର୍ଡ ପରୀକ୍ଷା ଯଥାର୍ଥ ନୁହେଁ। ପ୍ରଥମ ବୋର୍ଡ ପରୀକ୍ଷାରେ

## ନିଷ୍ପତ୍ତିରେ ପରିବର୍ତ୍ତନ ନ ହେଲେ ବିକ୍ଷୋଭ

ପାଠ୍ୟ ଖସଡ଼ାର ପ୍ରଥମ ଅର୍ଦ୍ଧାଂଶ ଓ ଦ୍ୱିତୀୟ ବୋର୍ଡ ପରୀକ୍ଷାରେ ସମ୍ପୂର୍ଣ୍ଣ ପାଠ୍ୟଖସଡ଼ାରୁ ପ୍ରଶ୍ନ ପକାଇବାର ନିଷ୍ପତ୍ତି ଛାତ୍ରୀଛାତ୍ରଙ୍କ ପାଇଁ ବୋଝ ପାଲଟିବ। ଏଣୁ ଏଥିରେ ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ। ଏଥିସହ ପରୀକ୍ଷା ଓ ମୂଲ୍ୟାୟନ ସମ୍ପର୍କରେ ରାଜ୍ୟର ବୁଦ୍ଧିଜୀବୀ, ଶିକ୍ଷାବିତ୍, ଛାତ୍ର-ଶିକ୍ଷକ-ଅଭିଭାବକମାନଙ୍କ ସଙ୍ଗଠନ ସହିତ ଆଲୋଚନା କରି ନିଷ୍ପତ୍ତି ନିଆଯାଉ। ବିଦ୍ୟାଳୟଗୁଡ଼ିକୁ ସ୍ଥାୟୀ ସ୍ୱୀକୃତି ପାଇଁ ବ୍ୟବସ୍ଥା କରିବା ସହ କରୋନା ସମୟର ସ୍ୱୀକୃତି ପାଇଁ ବିଦ୍ୟାଳୟ ଉପରେ ଧାର୍ଯ୍ୟ କରାଯାଉଥିବା ଅର୍ଥକୁ ଛାଡ଼ କରିବାକୁ ସେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ରାଜ୍ୟର ଶିକ୍ଷକ-ଛାତ୍ର-ଅଭିଭାବକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ପାଣିଗ୍ରାହୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଓଷ୍ଟାର କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଏବଂ ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ ଦିନର ଭ୍ରମଣ ବିବରଣୀ ଦାଖଲ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୨୮।୧୧

ଭାରତ ଆସିବାକୁ ଥିବା ଅନ୍ତର୍ଜାତୀୟ ବିମାନ ଯାତ୍ରୀଙ୍କ ଲାଗି କେନ୍ଦ୍ର ସରକାର ରବିବାର ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି। ଡିସେମ୍ବର ୧ରୁ ଏହି ସଂଶୋଧିତ ଗାଇଡ୍‌ଲାଇନ ଲାଗୁ ହେବ। ଏଥିରେ ଅନ୍ତର୍ଜାତୀୟ ଯାତ୍ରୀମାନଙ୍କୁ ୧୪ ଦିନର ଯାତ୍ରା ବିବରଣୀ ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିସହିତ ସେମାନଙ୍କୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂଶୋଧିତ ଗାଇଡ୍‌ଲାଇନ ଜାରି ହୋଇଛି। ଗାଇଡ୍‌ଲାଇନ ଅନୁଯାୟୀ ଯାତ୍ରୀମାନଙ୍କୁ ଅନ୍‌ଲାଇନ ଏୟାର ସୁବିଧା ପୋର୍ଟାଲରେ ଏକ ସ୍ୱଘୋଷଣାନାମା ଫର୍ମ ପୂରଣ କରିବାକୁ ହେବ। ଏଥିରେ ଯାତ୍ରୀଙ୍କ ବିଗତ

## ଅନ୍ତର୍ଜାତୀୟ ଯାତ୍ରୀଙ୍କ ଲାଗି ନୂଆ ଗାଇଡ୍‌ଲାଇନ

ଦୁଇ ସପ୍ତାହର ଭ୍ରମଣ ବିବରଣୀ ସହ ଆର୍‌ଟି-ପିସିଆର୍ ନେଗେଟିଭ୍ ସର୍ଟିଫିକେଟ ଅପ୍‌ଲୋଡ୍ କରିବାକୁ ପଡ଼ିବ। ବିମାନ ଯାତ୍ରା କରିବାର ୭୨ ଘଣ୍ଟା ପୂର୍ବରୁ ଏହା କରିବାକୁ କୁହାଯାଇଛି। କୋଭିଡ୍ ରିପୋର୍ଟରେ ଜାଲିଆତି ଜଣାପଡ଼ିଲେ ଯାତ୍ରୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯିବ।

ନୂଆ ଭାରିଆଣ୍ଟ ଭୟ ରହିଥିବା ୧୨ଟି ଦେଶର ଯାତ୍ରୀ ବିମାନ ବନ୍ଦରରେ ପହଞ୍ଚିବା ପରେ କୋଭିଡ୍ ପରୀକ୍ଷା କରାଯିବ ଓ ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ବିମାନ ବନ୍ଦରରେ ଅପେକ୍ଷା କରିବାକୁ ପଡ଼ିବ। ରିପୋର୍ଟ ନେଗେଟିଭ୍ ଆସିଲେ ସେମାନଙ୍କୁ ୭ ଦିନ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ଓ ଅଷ୍ଟମ ଦିନରେ ପୁଣି ଥରେ ପରୀକ୍ଷା କରାଇବାକୁ ପରାମର୍ଶ ଦିଆଯିବ। ଦ୍ୱିତୀୟ ଥର ନେଗେଟିଭ୍ ଆସିବା ପରେ ମଧ୍ୟ ସେମାନେ ଆଉ ୭ ଦିନ ସତର୍କ ରହିବେ। ଅନ୍ୟପକ୍ଷରେ ଯାତ୍ରୀଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଦେଲେ ତତ୍କାଳ ଆଇସୋଲେଶନରେ ରଖାଯିବା ସହ ଚିକିତ୍ସା କରାଯିବ। କୋଭିଡ୍ ପଜିଟିଭ୍ ହୋଇଥିଲେ ଜିନୋମ ସିକ୍ୱେନ୍ସିଂ ପାଇଁ ନମୁନା ଲାବରେଟୋରିକୁ ପଠାଯିବ। ଏହାପରେ ସେମାନଙ୍କୁ ସ୍ୱତନ୍ତ୍ର ଆଇସୋଲେଶନ କେନ୍ଦ୍ରରେ ରଖାଯିବ। ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁଯାୟୀ ଆନୁଷ୍ଠାନିକ କ୍ୱାରାଣ୍ଟାଇନ କିମ୍ବା ହୋମ୍ କ୍ୱାରାଣ୍ଟାଇନରେ ରଖାଯିବ। ନୂଆ ଭାରିଆଣ୍ଟ ଥିବା ୧୨ ଦେଶ ବାଦ୍ ଅନ୍ୟ ଦେଶରୁ ଆସିଥିବା ଯାତ୍ରୀଙ୍କୁ ୧୪ ଦିନ ପାଇଁ ସତର୍କ ରହିବାକୁ ହେବ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି।

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା । ଏହି ନିରପେକ୍ଷ ସମ୍ବାଦପତ୍ରର ଉତ୍ତରୋତ୍ତର ଉନ୍ନତି ପାଇଁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।
ବନାୟନ
'ଜଙ୍ଗଲ ସମ୍ପଦ, ଆପଣଙ୍କ ସମ୍ପତ୍ତି
ଏହାର ସୁରକ୍ଷା, ଆପଣଙ୍କ ଦାୟିତ୍ୱ'
'ହାତୀଙ୍କ ଚଳାପଥରେ ବାଧା ଉପୁଜାନ୍ତୁ ନାହିଁ'

ଶ୍ରୀ ଗଜେନ୍ଦ୍ର ସିଂ ପାଲ୍ ମାଥୁର
ବନାଞ୍ଚଳ ଅଧିକାରୀ
ଖୁଣ୍ଟୁଣୀ ରେଞ୍ଜ, ଆଠଗଡ଼ ବନଖଣ୍ଡ


ସୁଶାନ୍ତ ସିଂ
ଶ୍ରମ ମନ୍ତ୍ରୀ
'ଧରିତ୍ରୀ'ର ୪୮ ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଶୁକଦେବ ଭଞ୍ଜ
ନଗର ସଭାପତି, ବିଜେଡି, ଦେବଗଡ଼

'ଧରିତ୍ରୀ'ର ୪୮ ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ପ୍ରକାଶ କୁମାର ଆଚାର୍ଯ୍ୟ
ଲାୟନ୍ସ କ୍ଲବ ସଭାପତି, ରିଆମାଳ, ପୂର୍ବତନ ସଭାପତି ସେବା ସମବାୟ ସମିତି, ତାବଡ଼ା, ସାନ ଡଙ୍ଗାଘାଟ, ଦେବଗଡ଼


'ଧରିତ୍ରୀ'ର ୪୮ ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ସନ୍ତୋଷ କୁମାର ସାହୁ
ପୂର୍ବତନ ଜିଲା ପରିଷଦ ସଦସ୍ୟ, ବୁଢ଼ାପାଳ, ଦେବଗଡ଼

ଧରିତ୍ରୀ
୪୮ ତମ ଧରିତ୍ରୀ ର
ଜନ୍ମ ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଆପଣଙ୍କ ଧରିତ୍ରୀ ନୂଆ ରୂପରେ

ଭାରତୀୟ ଜନତା ପାର୍ଟି, ଅନୁସୂଚିତ ଜାତି ମୋର୍ଚ୍ଚା, ଦେବଗଡ଼

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ।

ସୁଧୀର କୁମାର ସାମଲ
ବିଧାୟକ
ଢେଙ୍କାନାଳ


Your classified advertisement published in Dharitri will be listed free in Dharitri online edition : **www.dharitri.com**

KEONJHAR DISTRICT TRUCK OWNER'S ASSOCIATION
AT/ P.O. : KEONJHAR - 758001 (ODISHA)
Regd. No. 18935/18 1984-85
E-mail : kdtoakjr@gmail.com

We not only run Trucks
We run an Economy
AND
PROVIDES TO THE SOCIETY :-
- Two bedded special cabin at District Head Quarter Hospital.
- Special Cabin at Ghasipura, Barapada & Hatadihi P.H.C.
- Free Ambulance service (24 Hours) 5 Nos.
- Corpse Carrying –2 Nos. of MAHAYATRA Vehicle at Keonjhar & Anandapur Area.
- 3 Nos. of Crain Service (For Keonjhar & Anandapur Area)
- Drinking water supply through over head tank at Dhenkikote.
- Maa Tarini Kalyan Mandap at Ghatgaon & Jhadeswar Kalyan Mandap at Ghasipura.
- Service provided during natural calamities.
- Purified Drinking Water facility provided for General People in-front of KDTOA Office.
- Purified Drinking Water facility provided for Advocates & General People inside BAR Association, Keonjhar.
- Indoor Game facilities for our members has been providing within association campus.
- We are providing financial assistance for medical & death case to our Members.
- Financial assistance for development of mines affected area at Suakati, Keonjhar
- Financial Aid for medical treatment to Poor's & many more…..

FUTURE PLANNING :
❐ Rest shade & Drinking Water provided for Driver & Helpers at Parking Places.
❐ Planning to install new RO UV Water Purifier Machine at Anandapur, Dhenkikote, Telkoi & Near Jagannath Temple Old Town.

Mr. Ramakanta Nayak
PRESIDENT
Mr. Surya Narayan Kar
GENERAL SECRETARY
Mr. Dillip Kumar Panda
Mr. Padmalochan Sahoo
VICE - PRESIDENT
Mr. Debasis Pattanaik
Mr. Sanjay Kumar Singh
JOINT SECRETARY
Mr. Rudra Narayan Mishra
TREASURER

EXECUTIVE BODY MEMBERS
1. Mr. Tapan Kumar Barik
2. Mr. Bijay Kumar Barik
3. Mr. Jitendra Ku. Pati
4. Mr. Debaprasad Prusty
5. Mr. Sunil Kumar Barik
6. Mr. Bibhu Ranjan Palei
7. Mr. Bijay Ku. Sahoo
8. Mr. Ajay Ku. Sahoo
9. Mr. Kshirod Ku. Sahoo
10. Mr. Pratap Chandra Sahoo
11. Mr. Kulamani Sahoo
12. Mr. Sudeep Kumar Sahoo
13. Mr. Bhagaban Sahoo
14. Mr. Ranjan Kumar Biswal
15. Mr. Rabindra Kumar Puhan

IN NEED OF A BS6 VEHICLE ...

*For Purchase Enquiry Please Contact:*
SAMAL AUTO INDIA PVT. LTD.
ANGUL, DHENKANAL – 9437963217, 9437553772. KEONJHAR, RAIRANGPUR – 9437959735. BARBIL, JODA – 9437963919. BALASORE, BARIPADA – 7440000186, 9437553771. BHADRAK – 9437963918

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୧୬,୫୭,୦୪୮ | ୫୨,୧୬,୩୭୫ | ୨୩,୬୩,୨୫,୯୬୨ |
| ଭାରତ | ୩,୪୫,୭୨,୫୨୩ | ୪,୬୮,୫୫୪ | ୩,୩୯,୯୮,୨୭୮ |
| ଓଡ଼ିଶା | ୧୦,୪୮,୬୮୩ | ୮୪୦୭(+୫୩) | ୧୦,୩୮,୦୮୫ |

ରବିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଆଦିବାସୀ କଳାକୃତିକୁ ବୃହତ୍ ବିପଣନ ସୁବିଧା

## ଦିଲ୍ଲୀହାଟରେ ଆଦି ମହୋତ୍ସବ

ନୂଆଦିଲ୍ଲୀ, ୨୮।୧୧

ନୂଆଦିଲ୍ଲୀର ଦିଲ୍ଲୀହାଟରେ ଶନିବାର ଆୟୋଜିତ ଟ୍ରାଇବ୍ସ ଇଣ୍ଡିଆ ଆଦି ମହୋତ୍ସବ ଅବସରରେ କୂଟନୀତିଜ୍ଞ ଦିବସ ପାଳିତ ହୋଇଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଟ୍ରାଇବ୍ସ ଇଣ୍ଡିଆ କନ୍‌କ୍ଲେଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଭୋକାଲ ଫର୍ ଲୋକାଲ' ଓ ଆତ୍ମନିର୍ଭରଶୀଳ ଭାରତକୁ ଗୁରୁତ୍ୱ ଦେବା ସହ ଆଦିବାସୀଙ୍କ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି। ଭାରତରେ ଅବସ୍ଥାପିତ ୨୦ରୁ ଊର୍ଦ୍ଧ୍ୱ ଦେଶର ପ୍ରାୟ ଶହେ ଜଣ କୂଟନୀତିଜ୍ଞ ଏଥିରେ ଯୋଗଦେଇଥିଲେ। ପୋଲାଣ୍ଡ, କିରିବାଟି, ଦକ୍ଷିଣ କୋରିଆ, ମେକ୍ସିକୋ, ଥାଇଲାଣ୍ଡ, ଲାଓସ୍, ସୁଇଜରଲାଣ୍ଡ, ବାଂଲାଦେଶ, ମାଳଦ୍ୱୀପ, ଆମେରିକା ଓ ବ୍ରାଜିଲ ସମେତ ୨୦ ରାଷ୍ଟ୍ରର କୂଟନୀତିଜ୍ଞ ଏବଂ ଅତିଥିମାନେ ଉପସ୍ଥିତ ଥିଲେ। ସେହିପରି ଜାତିସଂଘ ଭଳି ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକର ପ୍ରତିନିଧି ମଧ୍ୟ ଉକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

ଭାରତର ବିଭିନ୍ନ ଭାଗରୁ ଆସିଥିବା ଆଦିବାସୀ କଳାକାରମାନଙ୍କ ଷ୍ଟଲଗୁଡ଼ିକୁ କୂଟନୀତିଜ୍ଞମାନେ ପରିଦର୍ଶନ କରିବା ସହ ସେମାନଙ୍କ ହସ୍ତତନ୍ତ ଓ ପାରମ୍ପରିକ କଳାକୃତି ଦେଖିଥିଲେ। ପ୍ରାୟ ୨୦୦ ଷ୍ଟଲରେ ପାରମ୍ପରିକ ବୟନକଳା, ଅଳଙ୍କାର, ପେଣ୍ଟିଂ,



ଦିଲ୍ଲୀହାଟରେ ଆଦିବାସୀଙ୍କ ଷ୍ଟଲ୍ ବୁଲି ଦେଖୁଛନ୍ତି ବିଦେଶୀ କୂଟନୀତିଜ୍ଞ।

କଣ୍ଢେଇ ଭଳି ସାମଗ୍ରୀ ବିଦେଶୀ ପ୍ରତିନିଧିଙ୍କୁ ଆକର୍ଷିତ କରିଥିଲା। ଏହାସହ ଆଦିବାସୀ କାରିଗରମାନେ ମାଟିପାତ୍ର, ଲାଖ ଚୁଡ଼ି ଓ ଗୋଣ୍ଡ ପେଣ୍ଟିଂ ପ୍ରସ୍ତୁତ କରି ଦେଖାଇଥିଲେ। ଏହି ଅବସରରେ ଟ୍ରାଇଫେଡ୍ ଅଧିକାରୀମାନେ ଆଦି ମହୋତ୍ସବକୁ ପ୍ରତିନିଧିମାନଙ୍କୁ ସ୍ୱାଗତ କରି କହିଥିଲେ, ଏହା ହେଉଛି ଏକ ମିନି ଟ୍ରାଇବାଲ ଇଣ୍ଡିଆ, ଯେଉଁଠି ସେମାନେ ସର୍ବୋତ୍କୃଷ୍ଟ ଆଦିବାସୀ ହସ୍ତତନ୍ତ ସାମଗ୍ରୀ ତଥା ନମୁନା କିଣିପାରିବେ। ଆଦିବାସୀ ଓ ଜଙ୍ଗଲରେ ବସବାସ କରୁଥିବା ଲୋକଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣି ସେମାନଙ୍କ କଳାକୃତିକୁ ବଜାରରେ ଉପଯୁକ୍ତ ବିପଣନ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ସଂସ୍ଥା ଉଦ୍ୟମରତ।

ଟ୍ରାଇଫେଡ୍ ବାର୍ଷିକ ଏଭଳି ପ୍ରାୟ ୫୦୦ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଉକ୍ତ କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରତିନିଧିମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା, ଯେଉଁଠି ସେମାନେ ଆଦିବାସୀଙ୍କ ମଟନ ସିଖ୍ କବାବ ଓ ଚମନପନିର(ଜମ୍ମୁ-କଶ୍ମୀର), ମାଛ ପକୋଡା (ଓଡ଼ିଶା), ବେସନକିଗଟ୍ଟେକି ସବ୍‌ଜି(ରାଜସ୍ଥାନ) ଭଳି ସୁସ୍ୱାଦୁ ବ୍ୟଞ୍ଜନର ମଜା ନେଇଥିଲେ। ଭୋକାଲ ଫର ଲୋକାଲ ଓ ଆତ୍ମନିର୍ଭରଶୀଳ ଭାରତକୁ ଗୁରୁତ୍ୱ ଦିଆଯିବା ପରଠାରୁ ପ୍ରାୟ ବର୍ଷେ ଧରି ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜିଆଇ) ଟ୍ୟାଗ୍‌ର ମହତ୍ତ୍ୱ ବଢ଼ିବାରେ ଲାଗିଛି। ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ଟ୍ରାଇଫେଡ୍ ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ଜିଆଇ ଟ୍ୟାଗ୍ ପ୍ରଦାନରେ ସହାୟତା ଦେବା ସହ ସେଗୁଡ଼ିକର ବ୍ରାଣ୍ଡିଂ ପାଇଁ ବ୍ୟବସ୍ଥା କରୁଛି। ଏହି ପଦକ୍ଷେପ ଯୋଗୁ ଆଦିବାସୀମାନଙ୍କ ସଶକ୍ତୀକରଣ ହୋଇପାରିବ। ସହରୀକରଣ ଓ ଶିଳ୍ପାୟନ ଯୋଗୁ ଆଦିବାସୀମାନଙ୍କ ପ୍ରାଚୀନ ପରମ୍ପରା ଓ ପଦ୍ଧତି ପ୍ରତି ବିପଦ ଦେଖାଦେଇଥିବାବେଳେ ଏଭଳି ଉଦ୍ୟମ ତାହାକୁ ପ୍ରୋତ୍ସାହନ ଓ ସ୍ୱୀକୃତି ପ୍ରଦାନରେ ସହାୟକ ହେବ ବୋଲି ଆଶା କରାଯାଉଛି।




## ନନ୍ଦନକାନନକୁ ଆସିଲା ଉଦ୍ଧାର ବଜ୍ରକାପ୍ତା

ବାରଙ୍ଗ, ୨୮।୧୧(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ଡିଭିଜନ ମୋହାନା ରେଞ୍ଜରୁ ବନବିଭାଗ ଦ୍ୱାରା ଉଦ୍ଧାର ହୋଇଥିବା ଏକ ବଜ୍ରକାପ୍ତାକୁ ରବିବାର ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ଅଣାଯାଇଛି। ଏହି ବଜ୍ରକାପ୍ତାକୁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ଛଡାଯାଇଛି। ପ୍ରାୟ ୧୧ବର୍ଷ ବୟସର ଅଣ୍ଡିରା ବଜ୍ରକାପ୍ତାକୁ ମିଶାଇ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ତନ୍ମଧ୍ୟରେ ୧୨ ଅଣ୍ଡିରା ଓ ୧୪ ଟି ମାଈ ରହିଛନ୍ତି ବୋଲି ସୂଚନା ମିଳିଛି।

## ସଂସଦ ଭବନ ସମ୍ମୁଖରେ ଧାରଣା ଦେବେ ପିହୁଙ୍କ ମା'

ବିଞ୍ଝାରପୁର, ୨୮।୧୧(ଡି.ଏନ.ଏ.)

**ପିହୁ ନିଖୋଜ ଘଟଣାକୁ ବିତିଲା ୧୫ ମାସ**

ବହୁଚର୍ଚ୍ଚିତ ଶିଶୁକନ୍ୟା ଶୁଭଲକ୍ଷ୍ମୀ ନାୟକ ଓରଫ୍ ପିହୁ ନିଖୋଜ ଘଟଣାକୁ ଇତି ମଧ୍ୟରେ ୧୫ ମାସ ବିତିଲାଣି। ହେଲେ ଏ ପର୍ଯ୍ୟନ୍ତ ପୋଲିସ ତାଙ୍କ ପତ୍ତା ପାଇ ପାରୁନାହିଁ। ଏହାକୁ ନେଇ ପିହୁଙ୍କ ମା' ମୋନାଲିସା ନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ପିହୁଙ୍କୁ ପାଇବା ଦାବିରେ ସେ ଡିସେମ୍ବର ୫ରେ ସଂସଦ ଭବନ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ସୁନ୍ଦରପୁର ଗ୍ରାମର ଦେଢ଼ ବର୍ଷର ଶିଶୁକନ୍ୟା ପିହୁ ୨୦୨୦ ଅଗଷ୍ଟ ୯ରେ ଦାଣ୍ଡରେ ଖେଳୁଥିବା ବେଳେ ନିଖୋଜ ହୋଇ ଯାଇଥିଲେ। ଏ ସମ୍ପର୍କରେ ତାଙ୍କ ମା' ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ହାଲୁକା ଭାବେ ଗ୍ରହଣ କରିବା ସହ ନଂ.୨୨୮/୨୦ରେ ଏକ ଅପହରଣ ମାମଲା ରୁଜୁକରି ଚୁପ୍ ବସିଯାଇଥିଲା। ପରେ ଘଟଣାକୁ ନେଇ ବିଭିନ୍ନ ସଂଗଠନ ପୋଲିସ ଉପରେ ଚାପ ପକାଇବା ସହିତ ରାଜ୍ୟ ସରକାରଙ୍କୁ ଘେରିଥିଲେ। ହେଲେ ତାଙ୍କୁ କେବଳ ପ୍ରତିଶ୍ରୁତି ଛଡ଼ା ଆଉ କିଛି ମିଳିନାହିଁ ବୋଲି ସେ କହିଛନ୍ତି। ତେଣୁ ଝିଅକୁ ପାଇବା ଦାବିରେ ମୋନାଲିସା ଦିଲ୍ଲୀ ଯିବେ। ସେଠାରେ ଜାତୀୟ ମାନବାଧିକାର କମିଶନ, ଜାତୀୟ ମହିଳା କମିଶନ, ଜାତୀୟ ଶିଶୁ କମିଶନ ଏବଂ ଓଡ଼ିଶାର ୨ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଅନ୍ୟ ଏମ୍‌ପିମାନଙ୍କୁ ଭେଟି ନିଜର ଦୁଃଖ ଜଣାଇବେ ବୋଲି କହିଛନ୍ତି।

## ପ୍ରକଳ୍ପ ପରିଦର୍ଶନ, ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଅନୁଗୋଳ ଅଫିସ, ୨୮।୧୧

ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରବିବାର ଅନୁଗୋଳ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ କ୍ଷେତ୍ରସ୍ତରୀୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଅନୁଗୋଳ ସହରସ୍ଥିତ ହୁଲୁରୁସିଙ୍ଗା ଠାରେ ନିର୍ମାଣାଧୀନ ବିଶ୍ୱସ୍ତରୀୟ ପାଠାଗାର, ସମ୍ମିଳନୀ କକ୍ଷ ଓ ଅତ୍ୟାଧୁନିକ ସଂଗ୍ରହାଳୟ କାର୍ଯ୍ୟ ପରିଦର୍ଶନ କରିଥିଲେ। ତୁରନ୍ତ ବିଦ୍ୟୁତ୍ ସଂଯୋଗ ଓ ଅନ୍ୟ ଆନୁସଙ୍ଗିକ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱରେ ତିଆରି ଚାଲିଥିବା ଟ୍ରମା କେୟାର ସେଣ୍ଟର ଦେଖି ଯଥାଶୀଘ୍ର କାର୍ଯ୍ୟ ସମାପନ କରିବାକୁ କହିଥିଲେ। ସେହିପରି ବାରଗୌଡଣିଆ ପଞ୍ଚାୟତର ପାଣ୍ଡୁରୁଣୁନୀ ଗ୍ରାମୀଣ ପାର୍କ, ଶଙ୍ଖପୁର ପଞ୍ଚାୟତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଛତୁଆ ପ୍ରସ୍ତୁତି ୟୁନିଟ୍, ସହରର ସ୍ୱାସ୍ଥ୍ୟ କରିଡର, ନାଲ୍‌କୋ ଆଲୁମିନିୟମ ପାର୍କ, ଖଲାରୀ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ଦେଖିବା ସହ ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ଏହି ଗସ୍ତ ସମୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟୀ କଲେକ୍ଟର ବଇତୁରା ଦୀପ, ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
*Wants aggressive and result oriented*
**MARKETING EXECUTIVES**
- Fluency in Odia and English essential minimum 2 years experience in sales/marketing.

Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

## ୨.୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୨ଗିରଫ

ନିରାକାରପୁର, ୨୮।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଏସ୍‌ଟିଏଫ୍ ଓ ପୋଲିସ ପକ୍ଷରୁ ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁ ନାହିଁ। ରବିବାର ସ୍ଥାନୀୟ ବୋଡଙ୍ଗରା ପାଣିଟାଙ୍କି ନିକଟରେ ପୋଲିସ ଚଢ଼ାଉ କରି ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡପୋଖରିଆ ଗ୍ରାମର ବଟକୃଷ୍ଣ ମାର୍ଥା ଓ ଜଙ୍କିଆ ଥାନା ଅନ୍ତର୍ଗତ ଟାଙ୍ଗୋଳ ଗ୍ରାମର ଦିଲୀପ ପ୍ରଧାନ। ଏମାନଙ୍କ ନିକଟରୁ ୨୧.୨୦୦ଗ୍ରାମ ବ୍ରାଉନସୁଗାର, ବାଇକ୍, ୫ହଜାର ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।




# ରାଜଧାନୀରେ ସୁପାରିକିଲର

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

**ବ୍ୟବସାୟୀଙ୍କୁ ହତ୍ୟା ପୂର୍ବରୁ ଧରିଲା ପୋଲିସ**





ଗିରଫ ଅଭିଯୁକ୍ତ, ଜବତ ବନ୍ଧୁକ।

ହତ୍ୟା ପାଇଁ ଭୁବନେଶ୍ୱରରେ ଜଗି ରହିଥିଲେ ସୁପାରିକିଲର। ହେଲେ ଟାର୍ଗେଟ ପୂର୍ବରୁ ମାଡ଼ି ବସିଲା ପୋଲିସ। ଜଣେ ଖସିଯାଇଥିବାବେଳେ ଅନ୍ୟ ଜଣେ ଧରାପଡିଛନ୍ତି। ଶୁକ୍ରବାର ରାତିରେ ନୟାପଲ୍ଲୀ ଥାନା ପୋଲିସ ହାତରେ ଧରାପଡିଥିବା ବନ୍ଧୁକଧାରୀ ଅପରାଧୀ ଜଣକ ସୁପାରିକିଲର ବୋଲି କମିଶନରେଟ ପୋଲିସ ରବିବାର ସ୍ପଷ୍ଟ କରିଛି। ଗିରଫ ପରେ ତାଙ୍କ ନାମରେ (ନଂ.୫୪୮/୨୧) ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର ସମ୍ପଦ କୁମାର ସାହୁ(୩୬)। ତାଙ୍କ ନିକଟରୁ ୨ ପିସ୍ତଲ, ୮ ରାଉଣ୍ଡ ଗୁଳି ଓ ସେ ବ୍ୟବହାର କରୁଥିବା ବାଇକ ଜବତ ହୋଇଛି। ଏଥିସହ ଏକ ରେଡ୍ ଚିଲି ସ୍ପ୍ରେ ମଧ୍ୟ ଜବତ କରାଯାଇଛି। ଏହି ସ୍ପ୍ରେକୁ ସେ ପୋଲିସ କିମ୍ବା ଅନ୍ୟ କାହା ଉପରେ ପକାଇ ସେମାନେ ଫେରାର ହୋଇଯାଆନ୍ତି। ତେବେ ଜବତ ପିସ୍ତଲ ଓ ଗୁଳିକୁ ସେମାନେ ବିହାର ମୁଙ୍ଗେର୍‌ରୁ ଚୋରାରେ ଆଣିଥିଲେ ବୋଲି ପୋଲିସ କହିଛି। କିନ୍ତୁ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରିବାକୁ ସେମାନେ ସେଠାରେ ଯୋଜନାରେ ଥିଲେ ବୋଲି ଶୁଣିବାକୁ ମିଳୁଥିବାବେଳେ ତଦନ୍ତରେ ବାଧା ସୃଷ୍ଟି ଆଶଙ୍କାରେ ଏନେଇ ପୋଲିସ କିଛି ସୂଚନା ଦେଉନାହିଁ। ଅନ୍ୟପକ୍ଷରେ ଫେରାର ହୋଇଥିବା ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ତନାଘନା ଚଳାଇଛି।

ଗିରଫ ସମ୍ପଦ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ। ସେ ୨୦୧୮ରୁ ଜେଲ୍‌ରୁ ବାହାରିଛନ୍ତି। ତାଙ୍କ ନାମରେ କଟକ ବିଡାନାସୀ, ମାଲଗୋଦାମ ଓ ବାରଙ୍ଗ ଥାନା, କେନ୍ଦ୍ରାପଡ଼ାର ପାଟକୁରା ଏବଂ ଜଗତ୍‌ସିଂହପୁରର ତିର୍ତ୍ତୋଲ ଥାନାରେ ହତ୍ୟାଭଳି ୫ ମାମଲା ରହିଛି। ତେବେ ସାହସର ସହ ଲଢି ତାଙ୍କୁ କାବୁ କରିଥିବା ୨ଜଣ ଏସ୍‌ଆଇଙ୍କୁ ପୁରସ୍କୃତ କରାଯିବ। ଏଥିସହ ଫେରାର ହୋଇଯାଇଥିବା ଅନ୍ୟଜଣେ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଠାବ କରାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଏନେଇ ନୟାପଲ୍ଲୀ ଥାନା ଅଧିକାରୀ ଶରତ ସାହୁ କହିଛନ୍ତି, ସେମାନେ ଧରାପଡିବା ଦିନ ହିଁ ଭୁବନେଶ୍ୱର ଆସିଥିଲେ। ତେବେ ସେମାନେ କାହାକୁ ହତ୍ୟା କରିଥାନ୍ତେ, ତାହା ପୋଲିସ ପକ୍ଷରୁ ଗଣମାଧ୍ୟମକୁ କୁହାଯିବ ନାହିଁ। ଅଧିକ ତଥ୍ୟ ପାଇଁ ତାଙ୍କୁ ରିମାଣ୍ଡରେ ଅଣାଯାଇ ଜେରା କରାଯିବ ବୋଲି ସେ କହିଛନ୍ତି।

ଶୁକ୍ରବାର ରାତି ୯ଟା ୩୦ରେ ନୟାପଲ୍ଲୀ ଥାନା ଆଇଆର୍‌ସି ଭିଲେଜ ସ୍ୱପ୍ନେଶ୍ୱର ମନ୍ଦିର ପାଖାପାଖି ଅଞ୍ଚଳରେ ଏକ ପଲ୍‌ସର ଗାଡିରେ ୨ଜଣ ବନ୍ଧୁକ ଧରି ବୁଲୁଥିବା ପୋଲିସକୁ ଖବର ମିଳିଥିଲା। ଏହାପରେ ସ୍ପେଶାଲ ସ୍କ୍ୱାଡ୍ ସମେତ ୮ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ୪ଟି ବାଇକ୍‌ରେ ସେହି ଅଞ୍ଚଳକୁ ଯାଇ ଅପରେଶନ ଆରମ୍ଭ କରିଥିଲେ। ଏସ୍‌ଆଇ ଏସ୍.ଏନ୍. ବାରିକ ଓ ଏସ୍. ଏନ୍. ପାତ୍ର ମନ୍ଦିର ନିକଟ ଓମ୍‌ଫେଡ୍ ବୁଥ୍ ପାଖରେ ସେମାନଙ୍କୁ ଦେଖି କାବୁ କରିବାକୁ ଚେଷ୍ଟା କରିଥିଲେ। ସମ୍ପଦକୁ ଧରିବା ଭିତରେ ସହଯୋଗୀ ଅପରାଧୀ ଜଣକ ଦୌଡି ପଳାଇଥିଲେ। ଏପଟେ ସମ୍ପଦ ଖସି ଯିବା ପାଇଁ ପାଖରେ ରଖିଥିବା ବନ୍ଧୁକ କାଢି ପୋଲିସକୁ ଗୁଳି କରିବାକୁ ଉଦ୍ୟମ କରିଥିଲେ। ହେଲେ ଦୁଇ ପୋଲିସ ଅଧିକାରୀ ସାହସର ସହିତ ସେମାନଙ୍କୁ କାବୁ କରିବା ସହ ବନ୍ଧୁକ ନିଜ କବ୍‌ଜାକୁ ଆଣିଥିଲେ। ଏହାଦେଖି ସ୍ଥାନୀୟ ଲୋକେ ସେଠାରେ ଜମା ହୋଇଯାଇଥିଲେ। ତେବେ ଧସ୍ତାଧସ୍ତି ସମୟରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଆହତ ହୋଇଥିବା ଜଣାପଡିଛି।

### ରିମାଣ୍ଡରେ ଆସିବେ ଅଭିଯୁକ୍ତ

ଅଭିଯୁକ୍ତ ସମ୍ପଦ ଜଣେ ପେସାଦାର ଅପରାଧୀ। ସେ ସୁପାରି ନେଇ ହତ୍ୟା ଭଳି ବିଭିନ୍ନ ଅପରାଧ ଘଟାଇଥାନ୍ତି। ୨୦୦୪, ୨୦୦୮, ୨୦୧୬ରେ ହତ୍ୟା ମାମଲାରେ ଜେଲ୍ ଯାଇଛନ୍ତି। ତେବେ ସେ କାହାଠାରୁ ସୁପାରି ନେଇ ହତ୍ୟା କରିବାକୁ ଭୁବନେଶ୍ୱର ଆସିଥାଇପାରନ୍ତି ବୋଲି ପୋଲିସ ଦୃଢନିଶ୍ଚିତ ହୋଇଛି। ସେମାନେ କାହାଠୁ ସୁପାରି ଆଣିଛନ୍ତି, କାହାକୁ ହତ୍ୟା କରିଥାନ୍ତେ, ଫେରାର ସହଯୋଗୀ ଜଣକ କିଏ ଏଭଳି ବିଭିନ୍ନ ପ୍ରଶ୍ନର ଉତ୍ତର ଜାଣିବାକୁ ପୋଲିସ ଚାହିଁବ। ଏଭଳି ବିଭିନ୍ନ ପ୍ରଶ୍ନର ଉତ୍ତର ଜାଣିବାକୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ସମ୍ପଦ ରିମାଣ୍ଡରେ ଆସି ଜେରାହେଲେ ଏସବୁ ଗୁମର ଫିଟିବ ବୋଲି କୁହାଯାଉଛି।

## ଟ୍ରକ୍‌କୁ ପିଟିଲା ଆମ୍ବୁଲାନ୍ସ, ଜଣେ ମୃତ

ପାଲଲହଡ଼ା/ ଅନୁଗୋଳ ଅଫିସ, ୨୮।୧୧: ଅନୁଗୋଳ ଜିଲା ପାଲଲହଡ଼ା ନିକଟସ୍ଥ ୪୯ନଂ. ଜାତୀୟ ରାଜପଥର ମୁକ୍ତାପୁର ଛକରେ ଶନିବାର ବିଳମ୍ବିତ ରାତିରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ସହ ୩ ଜଣ ଗୁରୁତର ହୋଇଛନ୍ତି। ମହାରାଷ୍ଟ୍ରର ଏକ ସ୍ୱେଚ୍ଛାସେବୀ ସଂସ୍ଥାର ଏହି ଆମ୍ବୁଲାନ୍ସ (ନଂ. ଏମ୍‌ଏଚ୍-୧୬ସିଡି-୦୬୨୨) କୋଲକାତାରୁ ଫେରୁଥିବାବେଳେ ଘନ କୁହୁଡ଼ି ଯୋଗୁ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଟ୍ରକ୍ (ନଂ. ଓଡି୦୯ଏ-୦୧୪୪) ପଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ମହାରାଷ୍ଟ୍ର ଅହମ୍ମଦନଗର ଥାନା ଶ୍ରୀରାମପୁର ଅଞ୍ଚଳର ବିଶାଳ ଆହିରୋ(୨୫)ଙ୍କ ମୃତ୍ୟୁ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଚ୍ଛା କୁ ମଲି**
**ଛିଣ୍ଡାକନା ଯାକ ଗଣ୍ଠିଲି କଲି**
**ଦାଣ୍ଡେ ଦାଣ୍ଡେ ଚାଲିଗଲି**
**କେହି ନ ବୋଇଲା ଆସ ଆସ**
**କେହି ନ ବୋଇଲା ବସ ବୋଲି ।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ । ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମଉଳିଯାଏ । ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହତାଶାଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲିଆ ମୁଣ୍ଡରେ**
**ତେଲ ଢାଳିବା ।**

ସାଧାରଣତଃ ଧନୀ ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ସେମାନଙ୍କୁ ଯଥୋଚିତ ମାନ୍ୟତା ଦେବା ସହ ନିଜର କୃତଜ୍ଞତା ଜଣାଇଥାନ୍ତି। ଅୟସରେ ଚଳୁଥିଲେ ମଧ୍ୟ ତାଙ୍କ ପାଦ ତଳେ ଭଲ ଭଲ ଜିନିଷ ଅଜାଡ଼ି ଦେଇଥାନ୍ତି। କିନ୍ତୁ ଯିଏ ଅଭାବ ଅନଟନରେ ଚଳୁଥାଏ ତାଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ତାଙ୍କୁ କେହି ଆଡ଼ ଆଖିରେ ବି ଚାହିଁ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜି ବିଧାନସଭାରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ବିଧାନସଭାର ଶୀତ ଅଧିବେଶନ ଡିସେମ୍ବର ପହିଲାରୁ ଆରମ୍ଭ ହେବ। ଏହି ଅଧିବେଶନରେ ମୋଟ ୨୬ଟି କାର୍ଯ୍ୟ ଦିବସ ରହିବ। ଅଧିବେଶନର ଆରମ୍ଭ ଦିନ ରାଜ୍ୟ ସରକାର ଅତିରିକ୍ତ ବଜେଟ୍ ଆଗତ କରିବେ। ହେଲେ ଏହା ପୂର୍ବରୁ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ସର୍ବଦଳୀୟ ବୈଠକରେ ବିଧାନସଭା କିପରି ସୁରୁଖୁରୁରେ ଚାଲିବ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଅନ୍ୟପଟେ ନିକଟରେ ଶିମ୍‌ଲାଠାରେ ଦେଶର ସବୁ ରାଜ୍ୟର ବାଚସ୍ପତିମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ କୌଣସି ସଦସ୍ୟ ଗୃହରେ ହୋହଲ୍ଲା କରିପାରିବେ ନାହିଁ। ସେହିପରି ପ୍ରଶ୍ନକାଳ ଚାଲିଥିବା ସମୟରେ ବିଧାନସଭା ଗୃହରେ କୌଣସି ସଦସ୍ୟ ବିଶୃଙ୍ଖଳା କରିବେ ନାହିଁ। ଏନେଇ ସର୍ବଦଳୀୟ ବୈଠକରେ ସମସ୍ତ ଦଳର ସଦସ୍ୟମାନଙ୍କୁ ଜଣାଇବା ଲାଗି ବାଚସ୍ପତି ଶିମ୍‌ଲା ବୈଠକ ସାରି ରାଜ୍ୟକୁ ଫେରିବା ପରେ ସୂଚନା ଦେଇଥିଲେ। ଏନେଇ ସର୍ବଦଳୀୟ ବୈଠକରେ ବାଚସ୍ପତି ସମସ୍ତଙ୍କୁ ଅବଗତ କରାଇବେ। ତେବେ ଏନେଇ ବିରୋଧୀ ମଧ୍ୟ ଆପତ୍ତି ଜଣାଇବେ ବୋଲି ମତ ରଖିଥିଲେ। ଅନ୍ୟପଟେ ଉଭୟ ବିରୋଧୀ ଏବଂ ଶାସକ ଦଳ ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ବିଧାନସଭାରେ ପରସ୍ପରକୁ ଘେରିବା ଲାଗି ପ୍ରସ୍ତୁତ ହେଉଛନ୍ତି। ଦରବୃଦ୍ଧି ପ୍ରସଙ୍ଗ ଏବଂ ଗ୍ୟାସ ଓ ପେଟ୍ରୋଲର ଅହେତୁକ ଦରବୃଦ୍ଧି ନେଇ ଶାସକ ଦଳ ନିଜର ପ୍ରସ୍ତୁତି ଚଳାଇଛି। ସେହିପରି ବିରୋଧୀ ମଧ୍ୟ ମମିତା ମେହେର ଓ ଧାନମଣ୍ଡି ସମସ୍ୟାରେ ଗୃହ ଚଲାଇ ନ ଦେବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ମମିତା ମେହେର ଓ ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିରୋଧୀ କଂଗ୍ରେସ ଏବଂ ଭାଜପା ଦୁଇ ମନ୍ତ୍ରୀଙ୍କ ବହିଷ୍କାର ସହ ସିବିଆଇ ତଦନ୍ତ ଦାବି କରି ଶାସକ ଦଳକୁ ଘେରିବାର ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି।



### କୋଭିଡ୍ ପରୀକ୍ଷା କଲେ ୨୨୬

ଅନ୍ୟପକ୍ଷରେ ବିଧାନସଭା ଅଧିବେଶନ ପୂର୍ବରୁ ରବିବାରଠାରୁ ସମସ୍ତ ସଦସ୍ୟ, ଖବରଦାତା ଏବଂ ବିଧାନସଭା ସଚିବାଳୟର କର୍ମଚାରୀ ଓ ମନ୍ତ୍ରୀମାନଙ୍କ ଅଫିସ କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଛି। ଏହା ଦିନକୁ ଦୁଇଟି ପର୍ଯ୍ୟାୟରେ କରାଯାଉଛି। ସକାଳ ୮ଟା୩୦ରୁ ୧ଟା ୩୦ ଏବଂ ୩ଟା ୩୦ରୁ ଆରମ୍ଭ ହୋଇ ୫ଟା ୩୦ ପର୍ଯ୍ୟନ୍ତ ଚାଲୁଛି। ପ୍ରଥମ ଦିନରେ ମୋଟ ୧୨ ଜଣ ବିଧାୟକ କୋଭିଡ୍ ଟେଷ୍ଟ କରିଥିବା ବେଳେ ଅନ୍ୟ ଦୁଇଟି କାଉଣ୍ଟରରେ ୧୬୩ ଏବଂ ୫୨ ଜଣ ଟେଷ୍ଟିଂ କରାଇଛନ୍ତି। କୋଭିଡ୍ ଟେଷ୍ଟିଂ ସୋମବାର ଓ ମଙ୍ଗଳବାର ଚାଲିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ ସୁପ୍ରଭାବରୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟମାନଙ୍କ ପ୍ରତି ଆଗ୍ରହୀ ହେବେ। ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ଘରେ ଅସାବଧାନତାବଶତଃ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କାର୍ଯ୍ୟହାନି ଯୋଗୁ ମନ ଉଦାସ ରହିବ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ** ଆଜି ପାରିବାରିକ ଅସ୍ଥିରତା ଓ ଅଶାନ୍ତି ହେତୁ ମାନସିକ ସ୍ଥିରତା ରହି ନ ପାରେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଆଜି ଯେଉଁ ଆଶା ନେଇ କାର୍ଯ୍ୟ କରିବେ ପ୍ରତିବଦଳରେ କିଛି ପାଇବେ ନାହିଁ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ଗତକାଲିର ଘଟଣା ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। କିନ୍ତୁ ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ଆନୁଷ୍ଠାନିକ, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ। ଆଜି ଧାରସୂତ୍ରରେ ଅର୍ଥ ପାଇ କାମ ହାସଲ କରିବେ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସାମୟିକ ଶାରୀରିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା** ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବାର ଆଶା କରାଯାଇପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହେବେ। ନୂତନ କର୍ମାରମ୍ଭ ସକାଶେ କୌଣସି ବିଶେଷ ଅସୁବିଧା ହେବ ନାହିଁ।

**ବିଛା** ଆଜି ସକାଳୁ ସକାଳୁ ବନ୍ଧୁଗୃହକୁ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ। ତଥାପି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ** ଆପଣଙ୍କ ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସକାଳୁ ସକାଳୁ ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। ଆଲୋଚନା ପରିସରରେ ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମକର** ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। କର୍ମାରମ୍ଭ, ପ୍ରଶାସନିକ କାର୍ଯ୍ୟ, ନୂତନ ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। ପ୍ରତିବନ୍ଧକଜନିତ ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଭାବାନ୍ତର ସୃଷ୍ଟି ହେବ।

**କୁମ୍ଭ** ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଆରମ୍ଭ କରିବାକୁ ଯାଉଥିବା କାମଟି ପରିବାରରୁ ପୂର୍ଣ୍ଣ ସହଯୋଗରେ ସମ୍ପନ୍ନ ହେବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ। ଧୀର ପାଣି ପଥର କାଟିବା ନ୍ୟାୟରେ କାମ କରିଚାଲିଲେ ସଫଳତା ପାଇବେ।

**ମୀନ** ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ। କିନ୍ତୁ ବ୍ୟବସାୟ, ଯାତ୍ରା, ଆନୁଷ୍ଠାନିକ କାର୍ଯ୍ୟ ପ୍ରଭୃତିରୁ ସଫଳତା ପାଇବେ।

## ରାସ୍ତା ପାର୍ଶ୍ୱରୁ ନବଜାତ ଶିଶୁକନ୍ୟା ଉଦ୍ଧାର

# ଆପଣାଇବା ପାଇଁ ଅଡ଼ିବସିଲେ ଦମ୍ପତି

ପିପିଲି/ବଳଙ୍ଗା, ୨୮।୧୧(ଡି.ଏନ୍.ଏ.)

ପୁଣି ଅଲୋଡ଼ା ହୋଇଛି ଶିଶୁକନ୍ୟା। ପିପିଲି ବ୍ଲକ ରୂପଦେଇପୁର ପଞ୍ଚାୟତ ଅନ୍ତର୍ଗତ ସାତଶଙ୍ଖ-ବଳଙ୍ଗା ମୁଖ୍ୟରାସ୍ତାର ଚୋରପଡ଼ାଠାରୁ ରବିବାର ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଶୀତ ଯୋଗୁ ଶିଶୁକନ୍ୟାଟି ଅସୁସ୍ଥ ହୋଇପଡ଼ିଥିବାରୁ ତାକୁ ଚିକିତ୍ସା ଲାଗି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଡାକ୍ତରଖାନାରେ ପହଞ୍ଚି ଶିଶୁଟିକୁ ନିଜ ହେପାଜତକୁ ନେଇ ଚିକିତ୍ସା କରାଉଛନ୍ତି। ଅନ୍ୟପଟେ ଶିଶୁକନ୍ୟାକୁ ଉଦ୍ଧାର କରିଥିବା ଚୋରପଡ଼ା ଗ୍ରାମର ଦମ୍ପତି ଏହି ନବଜାତକକୁ ନେବା ପାଇଁ ଅଡ଼ି ବସିଛନ୍ତି।

ସୂଚନା ଅନୁଯାୟୀ, ରବିବାର ଭୋରରେ ସାତଶଙ୍ଖ-ବଳଙ୍ଗା ମୁଖ୍ୟରାସ୍ତାରେ ଯାଉଥିବା କେତେଜଣ ଲୋକ ରାସ୍ତାପାର୍ଶ୍ୱରେ ଲୁଗାପଟା ଥାଇ ଏକ ଜରିବ୍ୟାଗ ପଡ଼ିଥିବା ଦେଖିଥିଲେ। ସେମାନଙ୍କର ସନ୍ଦେହ ହେବାରୁ ପାଖକୁ ଯାଇ ଦେଖିବାରୁ ଏହି ବ୍ୟାଗ ଭିତରେ କନାରେ ଗୁଡ଼ାଇ ହୋଇଥିବା ଏକ ନବଜାତ ଶିଶୁକନ୍ୟା ରହିଥିଲା। ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାର ହୋଇଯିବାରୁ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ଚୋରପଡ଼ା ଗ୍ରାମର ଜଣେ ମହିଳା ଉକ୍ତ ବ୍ୟାଗରୁ ଶିଶୁକନ୍ୟାଟିକୁ ବାହାରକୁ ଆଣିଥିଲେ। ସେ ଜୀବିତ ଥିବା ଜଣାପଡ଼ିଥିଲା। ସମ୍ପୃକ୍ତ ମହିଳାଙ୍କର କନ୍ୟା ନ ଥିବାରୁ ସେ ତାକୁ ଆପଣାଇବାକୁ ନିଷ୍ପତ୍ତି କରି ଘରକୁ ନେଇଯାଇଥିଲେ। ତେବେ ଶିଶୁଟି ଅସୁସ୍ଥ ଥିବାରୁ ଉକ୍ତ ଦମ୍ପତି ତାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଶିଶୁକନ୍ୟାଟିକୁ ନେବା ପାଇଁ ଦମ୍ପତି ଜିଦ୍ ଧରିଛନ୍ତି। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତ୍ରିପାଠୀ କହିଛନ୍ତି, ଶିଶୁଟି ସୁସ୍ଥ ହେବା ପରେ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଯାହା କିଛି ନିଷ୍ପତ୍ତି ନିଆଯିବ। ଏବେ ସମ୍ପୃକ୍ତ ଦମ୍ପତିଙ୍କୁ ଶିଶୁକନ୍ୟାକୁ ଦିଆଯାଇପାରିବ ନାହିଁ। ଅନ୍ୟପକ୍ଷରେ ଶିଶୁକନ୍ୟାଟି କିପରି ଏଠାକୁ ଆସିଲା ତଥା କାହିଁକି ରାସ୍ତାକଡ଼ରେ ଫିଙ୍ଗି ଦିଆଗଲା ସେନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

# ଆଜି ମହାପ୍ରଭୁଙ୍କ ପଇତା ଲାଗି

## ନୀତି ସମୟରେ ବନ୍ଦ ରହିବ ଦର୍ଶନ

ପୁରୀ ଅଫିସ, ୨୮।୧୧: ମାର୍ଗଶିର ମାସ କୃଷ୍ଣପକ୍ଷ ଦଶମୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ହେବ। ଅପରାହ୍ନ ୪ଟାରେ ଏହି ନୀତି ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପଇତା ଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ସେବକ ଦଇତାପତିମାନେ ପଇତା ଲାଗି ନୀତି ସମ୍ପାଦନ କରିବେ। ପଇତାଗୁଡ଼ିକୁ ପାଟେରା ସେବକମାନେ ପାଟବସ୍ତ୍ରରେ ପ୍ରସ୍ତୁତି କରିଥାନ୍ତି। ନୀତି ସମ୍ପାଦନ ପାଇଁ ପ୍ରାୟ ୩ରୁ ୪ ଘଣ୍ଟା ଲାଗିଥାଏ। ଏହି ଗୁପ୍ତ ନୀତି ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦିଆଯାଇଥାଏ।

## ଭିନ୍ନ ରୂପରେ ଆସିପାରେ...

ପ୍ରଥମ ପୃଷ୍ଠାରୁ...

କମିଟି ଗଠନ ଦାବି କରିଥିଲା। ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ଅକ୍ଟୋବର ୩ରେ କୃଷି ଆଇନ ବିରୋଧରେ ବିକ୍ଷୋଭ ବେଳେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ମାଡ଼ିଯିବାରୁ ୩ ଚାଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ପ୍ରସଙ୍ଗରେ ଅଜୟ ମିଶ୍ରାଙ୍କୁ ବହିଷ୍କାର କରାଯାଉ ବୋଲି ପ୍ରାୟ ସମସ୍ତ ବିରୋଧୀ ଦଳ ଦାବି କରିଥିଲେ। ପ୍ରକାଶ ଯେ, ବିବାଦୀୟ କୃଷି ଆଇନ ବିରୋଧରେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିପୁର ସୀମାରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବାବେଳେ ୟୁପି ଓ ପଞ୍ଜାବ ସମେତ ୫ ରାଜ୍ୟରେ ଆସନ୍ତା ବର୍ଷ ଫେବୃୟାରୀ-ମାର୍ଚ୍ଚ ଆଡ଼କୁ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହାକୁ ରଦ୍ଦ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୯ ତାରିଖରେ ଟିଭିରେ ଘୋଷଣା କରିଥିଲେ। ଶୀତ ଅଧିବେଶନର ପ୍ରଥମ ଦିନ ଅର୍ଥାତ୍ ସୋମବାର କୃଷକମାନଙ୍କ ଉତ୍ପାଦିତ ସାମଗ୍ରୀର ବ୍ୟବସାୟ ବାଣିଜ୍ୟ (ପ୍ରୋତ୍ସାହନ ଓ ସୁବିଧା) ଆଇନ, ୨୦୨୦, ମୂଲ୍ୟ ପ୍ରତିଶ୍ରୁତି ଉପରେ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ରାଜିନାମା, କୃଷି ସେବା ଆଇନ, ୨୦୨୦ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଆଇନ, ୨୦୨୦ ରଦ୍ଦ ଲାଗି ବିଲ୍ ଆଗତ କରାଯିବ। ଉକ୍ତ ବିଲ୍‌କୁ ଗତ ୧୪ ତାରିଖରେ କ୍ୟାବିନେଟ ମଞ୍ଜୁରୀ ଦେଇଛି। କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏହାକୁ ଆଗତ କରିବେ। ଏଥିପାଇଁ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ଲୋକ ସଭା ଓ ରାଜ୍ୟ ସଭାରେ ଉପସ୍ଥିତ ରହିବା ଲାଗି ନିଜ ନିଜ ସଦସ୍ୟମାନଙ୍କ ସକାଶେ ହ୍ୱିପ୍ ଜାରି କରିଛନ୍ତି। ଉକ୍ତ ଅଧିବେଶନରେ କ୍ରିପ୍ଟୋକରେନ୍ସି ଆଣ୍ଡ ରେଗୁଲେଶନ୍ ଅଫ୍ ଅଫିସିଆଲ କରେନ୍ସି ବିଲ୍, ନାର୍କୋଟିକ୍ସ ଡ୍ରଗ୍ ଆଣ୍ଡ ସାଇକୋଟିକ୍ ସବ୍‌ଷ୍ଟାନ୍ସେସ୍ ବିଲ୍, କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସଂଶୋଧନ) ବିଲ୍ ଏବଂ ଦିଲ୍ଲୀ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ (ସଂଶୋଧନ) ବିଲ୍ ସମେତ ମୋଟ ୨୬ଟି ବିଧେୟକ ଆଗତ କରିବା ପାଇଁ ସରକାର ଗୃହକାର୍ଯ୍ୟ ତାଲିକାରେ ସୂଚୀବଦ୍ଧ କରିଥିବା ଜଣାପଡ଼ିଛି। ସରକାରଙ୍କୁ ଘେରିବା ପାଇଁ ୨୯ ବିରୋଧୀ ଦଳ ସୋମବାର ଅଧିବେଶନ ପୂର୍ବରୁ ଏକାଠି ହୋଇ ରଣନୀତି ସ୍ଥିର କରିବେ। ତେବେ ଉକ୍ତ ବୈଠକରେ ତୃଣମୂଳ କଂଗ୍ରେସ ଯୋଗ ଦେଇ ନ ପାରେ ବୋଲି ଦଳର ଜଣେ ନେତା କହିଛନ୍ତି।

## ୩୦ରେ ଲଘୁଚାପ...

ଗତିକରି କେନ୍ଦ୍ରୀୟ ବଙ୍ଗୋପସାଗରକୁ ଆସିବ, ସେତେବେଳେ ଅର୍ଥାତ୍ ଡିସେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ନିକଟ ଉତ୍ତର ବଙ୍ଗୋପସାଗର, ଆନ୍ଧ୍ର ଉପକୂଳ ଏବଂ ଓଡ଼ିଶା ଉପକୂଳ ନିକଟ ସମୁଦ୍ର ଅଶାନ୍ତ ରହିବ। ତେଣୁ ଏହି ସମୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ର ଭିତରକୁ ଯାଇଛନ୍ତି, ସେମାନେ ୨ ତାରିଖ ସୁଦ୍ଧା ଫେରି ଆସିବା ପାଇଁ କୁହାଯାଇଛି। ଅପରପକ୍ଷେ ସମ୍ଭାବ୍ୟ ଲଘୁଚାପଜନିତ ସ୍ଥିତିକୁ ନେଇ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ସବୁ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ସମସ୍ତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଲଘୁଚାପ ପ୍ରଭାବରେ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳ ଓଡ଼ିଶା ସମେତ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ାର କେତେକ ସ୍ଥାନରେ ଅଧିକ ବର୍ଷା ହେବ ବୋଲି କୁହାଯାଇଛି। ତେବେ ବାତ୍ୟା ଓ ବର୍ଷା ନେଇ ସୂଚନା ପାଇବା ପରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବିଲରେ ପାଚିଲା ଧାନ ଠିଆ ହୋଇଛି। ଚାଷୀ ଅମଳ କରିବାକୁ ଅପେକ୍ଷା କରି ବସିଥିବାବେଳେ ବାତ୍ୟା ଓ ବର୍ଷା ହେଲେ ସବୁ ଫସଲ ନଷ୍ଟ ହୋଇଯିବ। ତେଣୁ ଏହି ଆଶଙ୍କାରେ ଚାଷୀ ଏବେ ଚିନ୍ତାରେ ରହିଛି।

## ଅନର କିଲିଂକୁ...

ଏହି ମାମଲାରେ ଅଭିଯୋଜନ ପକ୍ଷର ୧୨ ସାକ୍ଷୀ ନିଜ ବୟାନରୁ ଓହରିଯାଇବା ସତ୍ତ୍ୱେ ସେମାନଙ୍କ ସାକ୍ଷ୍ୟପ୍ରମାଣକୁ ଗ୍ରହଣ କରାଯାଇପାରିବ, ଯଦି ସେମାନେ ସ୍ୱାଭାବିକ ଓ ସ୍ୱାଧୀନ ସାକ୍ଷୀ ହୋଇଥିବେ ଏବଂ ଅଭିଯୁକ୍ତଙ୍କୁ ଫସାଇବା ସେମାନଙ୍କ ଉଦ୍ଦେଶ୍ୟ ହୋଇ ନ ଥିବ। ପ୍ରକାଶ ଯେ, ୧୯୯୧ରେ ୟୁପିରେ ଘଟିଥିବା ସମ୍ମାନ ପାଇଁ ହତ୍ୟା ମାମଲାରେ ୨୦୧୧ ନଭେମ୍ବରରେ ଏକ ତଳ କୋର୍ଟ ୩୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ହାଇକୋର୍ଟ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ମୁକ୍ତ କରିଥିବାବେଳେ ଅବଶିଷ୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଦୋଷୀଙ୍କ ମଧ୍ୟରୁ ୮ ଜଣଙ୍କୁ ତଳ କୋର୍ଟ ଫାଶୀଦଣ୍ଡାଦେଶ ଦେଇଥିବାବେଳେ ହାଇକୋର୍ଟ ଏହାକୁ କୋହଳ କରି ସେମାନେ ବଞ୍ଚିଥିବା ଯାଏ ଜେଲରେ ରହିବେ ବୋଲି ରାୟ ଦେଇଥିଲେ।

## କଡ଼ାକଡ଼ି ହେବ...

ସେହିଭଳି କୋଭିଡ୍-୧୯ ମୃତକଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପା ସହାୟତା ରାଶି ପ୍ରଦାନ ସମ୍ପର୍କରେ ବୈଠକର ଆଲୋଚନା ହୋଇଥିଲା। ଏହି ପ୍ରକ୍ରିୟାକୁ ଜନସାଧାରଣଙ୍କ ନିମନ୍ତେ ଅଧିକ ସରଳ ଓ ସୁଗମ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି, କୋଭିଡ୍ ପରିଚାଳନାରେ ଓଡ଼ିଶା ଆନ୍ତର୍ଜାତିକ ସ୍ୱୀକୃତି ପାଇଛି। କୋଭିଡ୍ ଟିକାକରଣରେ ସମଭାବେ ଆଗୁଆ ହୋଇ ଏହି ସୁନାମ ବଜାୟ ରଖିବା ପାଇଁ ସେ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ଟିକାକରଣର ଗ୍ରାମସ୍ତରୀୟ କାର୍ଯ୍ୟ-ଯୋଜନାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନ୍ୱୟନ କରିବା ଦରକାର ବୋଲି ପ୍ରଦୀପ କହିଛନ୍ତି। ସ୍ୱାସ୍ଥ୍ୟ ସଚିବ ରାଜ କୁମାର ଶର୍ମା କହିଛନ୍ତି, କେତେକ ଦେଶରେ କୋଭିଡ୍‌ର ଏକ ନୂଆ ମିଶ୍ରିତ ପ୍ରକାର ଦେଖାଯାଇଛି। ଏହା ଅଧିକ ମିଶ୍ରିତ ଏବଂ ତୀବ୍ର ହେବାର ସମ୍ଭାବନା ରହିଛି। ତେଣୁ ୧୮ ରୁ ଊର୍ଦ୍ଧ୍ୱ ସମସ୍ତ ନାଗରିକଙ୍କ ଶତ ପ୍ରତିଶତ ଟିକାକରଣ ଆମ ପାଇଁ ଏକ ବଡ଼ ପ୍ରତିରୋଧକ ହେବ। କୋଭିଡ୍ ପରୀକ୍ଷା କଲାବେଳେ 'ଜିନୋମ ସିକ୍ୱେନ୍ସି' କରାଇବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ ଜିଲାପାଳ, ଏସ୍‌ପି ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭର୍ଚୁଆଲରେ ଉପସ୍ଥିତ ଥିଲେ।


# classifieds Everyday 0674-2580101, 2549302




**HIRE**

JCB Machine Excavators 38T, 22T,20T,12T,10T,8T & Loader- 2DX,3DX,JCB Compactor, JCB Loadall,Tata/Eicher Bus,Mercedes Benz available for Sale/Hire. Contact: 9556240228, 9937292015, 7077714312. Email-kttbbsr@gmail.com. D-22404




**SALE**

**Sum Hospital ପାଖ ଘଙ୍ଗାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595.** D-71737

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71909

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

Gharabari residential plot for sale at Balianta, 5k.m. distance from Hanspal, 11k.m. distance from Vani Vihar, immediate possession and registration. 7789912004, 9348577408. D-68284

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121.** D-71729

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

**Bhubaneswar infocity-2 200ft. road side near Cancer Hospital ପାଖରେ yellowzone ପ୍ଲଟ୍ ମିଳୁଛି। 9337284117.** D-71741

Bhubaneswar ବରମୁଣ୍ଡାରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- (୨୦ଟା ପ୍ଲଟ୍ ବିକ୍ରିହେବ)। 9938016295. D-71745

**Boundarywall gharabari sthitiban corner plot sale near CV Raman Engg. College, Bhubaneswar. 7008643668.** D-71747

**ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952.** D-71746

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Rent for Godown purpose pichu road side at Jhinti Sashan 7km. from NH Uttara Chhak, BBSR. 7809525452.** D-71827

3 BHK first floor for family or residence cum office at BDA HIG Duplex Colony Baramunda, Excellent location available January 2022. Contact: 9437111632. D-22415

**To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040.** D-22211




Newly open SPA Offer price @ 599/-, positively health benefits. 8455987557. D-71442

One hour any therapy by expert therapist @800 only. 9078484455. D-71443

Refreshing your mind and body with the best therapy. 7873794731. D-71907

Newly open full body massage ladies and gents. 8327740003. D-71824

@1199 full body massage, mind refreshing joint pain, positively give health benefit by expert therapist, ladies/gents. Contact: 7205058838. D-71910

**AFFIDAVIT**

By virtue of an affidavit before Notary, Nayagarh, I Basanti Mishra, D/o- Late Baikunthanath Mishra, resident of Old Hostel lane, Nayagarh, P.O/P.S./ Dist.- Nayagarh being the mother guardian of my minor daughter Nibedita Mohapatra, changed her surname from "Mohapatra" to "Mishra". Henceforth she shall be known as Nibedita Mishra for all purposes. D- 22413

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# କେନ୍ଦ୍ରକୁ କଂଗ୍ରେସର ସମାଲୋଚନା


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

**ଏୟାରପୋର୍ଟ ମିଛ ପ୍ରସଙ୍ଗ**

- ଗୁଜରାଟ ମଡ଼େଲ, ୬୦ ପ୍ରତିଶତ ଟିକାକରଣ ଲକ୍ଷ୍ୟ ବିଫଳ
- କରୋନା ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତି ପୂରଣ ଦିଆଯାଉ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ବେଜିଂ ଏୟାରପୋର୍ଟର ଫଟୋ ଦେଖାଇ ଏହାକୁ ଉତ୍ତର ପ୍ରଦେଶର ନଏଡାଠାରେ ନିର୍ମାଣାଧୀନ ଜେୱର ଏୟାରପୋର୍ଟର ବୋଲି କହି ବାହାବା ନେଉଥିବା କେନ୍ଦ୍ର ସରକାରଙ୍କ ମିଛ ଧରାପଡ଼ିଛି। ଓଡ଼ିଶାର ଅଗ୍ରଣୀ ଖବରକାଗଜ 'ଧରିତ୍ରୀ' ପ୍ରକୃତ ସତକୁ ପଦାକୁ ଆଣିଛି ବୋଲି କଂଗ୍ରେସ କହିଛି। ଏଥିପାଇଁ କେନ୍ଦ୍ର ସରକାର ଓ ଭାଜପାର କେନ୍ଦ୍ରୀୟ ମନ୍ତ୍ରୀ ଓ ନେତାଙ୍କୁ କଂଗ୍ରେସ କଡ଼ା ସମାଲୋଚନା କରିଛି। ଯେଉଁ ଗୁଜରାଟ ମଡେଲ ଦୃଶ୍ୟପଟକୁ ଆଣି ଭାଜପା କେନ୍ଦ୍ରରେ ସତ୍ତାକୁ ଆସିଛି, ତାହା ମଧ୍ୟ ଫେଲ୍ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି।

ରବିବାର ରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି, କେନ୍ଦ୍ର ସରକାର ଯେଉଁ ଗୁଜରାଟ ମଡେଲର ଡିଣ୍ଡିମ ପିଟୁଛନ୍ତି, ତାହା କରୋନା କାଳରେ ବିଫଳ ହୋଇଛି। ଅହମ୍ମଦାବାଦରେ ମହାମାରୀ ସମୟରେ ଭେଣ୍ଟିଲେଟର ଅଭାବରୁ ବହୁ ଲୋକଙ୍କ ପ୍ରାଣକୁ ସରକାର ବଞ୍ଚାଇ ପାରିଲେ ନାହିଁ। ମହାମାରୀରେ ସେହି ରାଜ୍ୟରେ କେବଳ ୧୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିବା କେନ୍ଦ୍ର ସରକାର କହୁଥିବାବେଳେ ବାସ୍ତବରେ ପ୍ରାୟ ୩ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି। ଅପରପକ୍ଷରେ, କେନ୍ଦ୍ର ସରକାର ସୁପ୍ରିମକୋର୍ଟକୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଚଳିତ ବର୍ଷ ଡିସେମ୍ବର ୩୧ ସୁଦ୍ଧା ୧୮ ବର୍ଷରୁ ଊର୍ଦ୍ଧ୍ୱ ଟିକାକରଣ ୬୦ ପ୍ରତିଶତ ସରିବ। କିନ୍ତୁ ଦେଶର ଟିକାକରଣ ଗତିକୁ ଦେଖିଲେ, ନିର୍ଦ୍ଧାରିତ ସମୟ ମଧ୍ୟରେ କେବଳ ୩୯ ପ୍ରତିଶତ ଟିକାକରଣ ହୋଇପାରିବ। କେନ୍ଦ୍ର ସରକାରଙ୍କ ଟିକାକରଣ ପ୍ରତିଶ୍ରୁତି ପୂରଣ ନ ହେଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ପଟ୍ଟନାୟକ କହିଛନ୍ତି। ଏଥିସହିତ କରୋନାଜନିତ ମୃତ୍ୟୁକୁ ଠିକ୍ ଭାବେ ଚିହ୍ନଟ କରି ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ କଂଗ୍ରେସ ଦାବି କରିଛି। ଏହି ଖବରଦାତା ସମ୍ମିଳନୀରେ ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ଓ ପ୍ରବକ୍ତା ମନୋରଞ୍ଜନ ଦାଶ ମଧ୍ୟ ଉପସ୍ଥିତ ଥିଲେ।

# ସବୁ ପୌରସଂସ୍ଥାରେ ଭାଜପା ବିଜୟୀ

## ତ୍ରିପୁରା ପୌର ନିର୍ବାଚନ

ଅଗରତାଲା, ୨୮।୧୧

ତ୍ରିପୁରା ପୌର ନିର୍ବାଚନରେ ଭାଜପା ବଡ଼ ବିଜୟ ହାସଲ କରିଛି। ୧୪ଟି ଯାକ ପୌର ସଂସ୍ଥାରେ ଏହି ଦଳ ଜିତିଥିବାବେଳେ ୧୧ଟିରେ କ୍ଲିନ୍ ସୁଇପ୍ କରିଛି। ତ୍ରିପୁରାର ୨୦ ପୌର ସଂସ୍ଥା ପାଇଁ ମୋଟ ୩୩୪ ଆସନ ମଧ୍ୟରୁ ୧୧୨ଟିରେ ଭାଜପା ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲା। ଅନ୍ୟ ୨୨୨ ଆସନ ପାଇଁ ଗତ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେଥିରୁ ଭାଜପା ୨୧୭ଟିରେ ବିଜୟୀ ହୋଇଥିବାବେଳେ ସିପିଆଇ(ଏମ୍)କୁ ୩ଟି ଏବଂ ତୃଣମୂଳ କଂଗ୍ରେସକୁ ଗୋଟିଏ ଆସନ ମିଳିଛି। ଅନ୍ୟ ଆସନଟି ପ୍ରଦ୍ୟୋତ୍ କିଶୋରଙ୍କ ଦଳ ଟିପ୍ରା ମୋଥାକୁ ଯାଇଛି। ଅଗରତାଲା ପୌର ନିଗମ ପ୍ରଥମ ଥର ପାଇଁ ବିରୋଧୀ ବିହୀନ ହୋଇଛି। ଏହାର ସମସ୍ତ ୫୧ ଆସନରେ ଭାଜପା ବିଜୟୀ ହୋଇଛି। ତ୍ରିପୁରା ପୌର ନିର୍ବାଚନରେ ଏହା ଐତିହାସିକ ବିଜୟ ବୋଲି ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ କହିଛନ୍ତି। ମୋଟ ମତଦାନର ୯୮.୫୦ ପ୍ରତିଶତ ଭାଜପାକୁ ଯାଇଛି।

ଅନ୍ୟପକ୍ଷରେ ଖେଲୋ ହବେ ସ୍ଲୋଗାନ ଦେଇଥିବା ଟିଏମ୍‌ସିର ତ୍ରିପୁରାରେ ଖେଳ ଶେଷ ହୋଇଥିବା କୁହାଯାଉଛି। ପଶ୍ଚିମବଙ୍ଗରେ ଗଣତନ୍ତ୍ରକୁ ହତ୍ୟା କରିଥିବା ଟିଏମ୍‌ସି ଏଠାରେ ଆତଙ୍କ ଖେଳାଇବା ସହ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଆସିଥିଲା। ତେଣୁ ସେମାନଙ୍କର ଜିତିବାର ପ୍ରଶ୍ନ ଉଠୁ ନ ଥିଲା ବୋଲି ତ୍ରିପୁରା ବିଧାନସଭା ବାଚସ୍ପତି ରତନ ଚକ୍ରବର୍ତ୍ତୀ କହିଛନ୍ତି। ତେବେ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ ଟିଏମ୍‌ସିର ଫଳକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି। ମାତ୍ର ୩ ମାସର ଉପସ୍ଥିତିରେ ତୃଣମୂଳ କଂଗ୍ରେସ ଭଲ ପ୍ରଦର୍ଶନ କରିଛି। ୨୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ ସହ ଏହା ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହେବାକୁ ଯାଉଛି ବୋଲି ସେ ଟୁଇଟ୍ କରିଛନ୍ତି।


ଅଗରତାଲାରେ ଭାଜପା କର୍ମୀମାନେ ତ୍ରିପୁରା ପୌର ନିର୍ବାଚନ ବିଜୟରେ ଉତ୍ସବ ମନାଉଛନ୍ତି।

# ସଂସଦରେ ଉଠିବ ପରୀ, ମମିତା ପ୍ରସଙ୍ଗ

- ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା କଥା ଉଠାଇବେ ଭାଜପା, କଂଗ୍ରେସ
- ଉଷୁନା ଚାଉଳ ସଂଗ୍ରହ ପ୍ରସଙ୍ଗ ଉଠାଇବ ବିଜେଡି

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)


ସୁରେଶ ପୂଜାରୀ


ସପ୍ତଗିରି ଉଲାକା


ପ୍ରସନ୍ନ ଆଚାର୍ଯ୍ୟ

ସଂସଦର ଶୀତକାଳୀନ ଅଧିବେଶନ ଚଳିତ ମାସ ୨୯ରୁ ଆରମ୍ଭ ହୋଇ ଡିସେମ୍ବର ୨୩ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରିବା ଲାଗି କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। ମୁଖ୍ୟତଃ ୩ କୃଷି ଆଇନ ଉଚ୍ଛେଦ ବିଲ୍ ପାସ୍ ହେବାକୁ ଥିବାବେଳେ ଏହା ଉପରେ ସମସ୍ତଙ୍କ ନଜର ରହିଛି। ହେଲେ ଏଥର ସଂସଦରେ ଓଡ଼ିଶାର ବିଭିନ୍ନ ପ୍ରସଙ୍ଗ ନେଇ ମୁହଁ ଖୋଲିବାକୁ ରାଜ୍ୟର ଏମ୍‌ପିମାନେ ପ୍ରସ୍ତୁତ ହୋଇଛନ୍ତି। ଏଥର ପାର୍ଲାମେଣ୍ଟରେ ଓଡ଼ିଶାର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ମୁହଁ ଖୋଲିବାକୁ ଭାଜପା ମତ ରଖିଛି। ସେହିପରି ଅପହରଣ ଓ ହତ୍ୟା ଘଟଣାରୁ ଆରମ୍ଭ କରି ମମିତା ମେହେର ହତ୍ୟା ଘଟଣା ପର୍ଯ୍ୟନ୍ତ ସମସ୍ତ ବିଷୟ ପାର୍ଲାମେଣ୍ଟରେ ଉଠିବ ବୋଲି ଭାଜପା କହିଛି। ସେହିପରି ବିଭିନ୍ନ ପଡ଼ୋଶୀ ରାଜ୍ୟ ସହ ରହିଥିବା ସୀମା ବିବାଦ ପ୍ରସଙ୍ଗରେ ମଧ୍ୟ ଦଳ ମୁହଁ ଖୋଲିବାକୁ ପ୍ରସ୍ତୁତ ହୋଇଛି। ଅନ୍ୟପଟେ ବିଜେଡି ଉଷୁନା ଚାଉଳ ସଂଗ୍ରହ, ମହିଳାଙ୍କ ପାଇଁ ସଂରକ୍ଷଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସହ ରାଜ୍ୟ ବିଧାନ ପରିଷଦ ପ୍ରସଙ୍ଗ ଉଠାଇବ ବୋଲି କହିଛି। ସେହିପରି ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ଚାଲିଥିବା ସୀମା ବିବାଦ ଓ ମମିତା ମେହେର ହତ୍ୟା ଘଟଣା ଉଠାଇବ ବୋଲି କଂଗ୍ରେସ ମତ ରଖିଛି।

ଭାଜପା ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ଓଡ଼ିଶା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସବୁଠାରୁ ବଡ଼ ପ୍ରସଙ୍ଗ। ପରୀଠାରୁ ଆରମ୍ଭ କରି ମମିତା ମେହେର ହତ୍ୟା ପ୍ରସଙ୍ଗ କଥା ଆଲୋଚନା ହେବ। ଓଡ଼ିଶାରେ ଦେଖାଦେଉଥିବା ନାରୀ ନିର୍ଯାତନା ସବୁଠାରୁ ବଡ଼ ପ୍ରସଙ୍ଗ। ରାଜ୍ୟ ସରକାରଙ୍କୁ କାଠଗଡ଼ାରେ ଠିଆ କରିବା ଲାଗି ଆମେ ଏଥର ବ୍ୟାପକ ପ୍ରସ୍ତୁତି କରିଛୁ। ଏସବୁ ପ୍ରସଙ୍ଗକୁ ଲୋକ ସଭାରେ ଶାଣିତ ଭାବେ ଭାଜପା ଉପସ୍ଥାପିତ କରିବ।

କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ରାଜ୍ୟର ଆଇନ ଶୃଙ୍ଖଳା ସବୁଠାରୁ ବଡ଼ ପ୍ରସଙ୍ଗ। ମମିତା ମେହେର ହତ୍ୟା ଘଟଣା ଓ ମାହାଙ୍ଗା ଡବଲ ମର୍ଡର ଘଟଣାରେ ମଧ୍ୟ ମନ୍ତ୍ରୀଙ୍କ ସମ୍ପୃକ୍ତି କଥା ଆସୁଛି। ଯେପର୍ଯ୍ୟନ୍ତ ସେମାନଙ୍କୁ ବରଖାସ୍ତ କରାଯିବ ନାହିଁ ଏବଂ ଏହି ଘଟଣାରେ ନିରପେକ୍ଷ ତଦନ୍ତ ହେବ ନାହିଁ ସେକଥା କଂଗ୍ରେସ ଉଠାଇବ। ସେହିପରି ଓଡ଼ିଶା-ଆନ୍ଧ୍ର ମଧ୍ୟରେ ରହିଥିବା ସୀମା ବିବାଦ ଘଟଣାରେ ଯେଉଁ ମୁଖ୍ୟ ଶାସନ ସଚିବ ସ୍ତରୀୟ କମିଟି କରାଯାଇଛି, ସେଥିରେ କେହି ଲୋକପ୍ରତିନିଧି ନାହାନ୍ତି। ଯଦି ଏହି ଘଟଣାରେ ଲୋକଙ୍କ ସ୍ୱାର୍ଥ ହାନି ଘଟିବ ତେବେ ରାସ୍ତାଠାରୁ ଲୋକ ସଭା ପର୍ଯ୍ୟନ୍ତ ସବୁଠି ଆନ୍ଦୋଳନ ହେବ ବୋଲି ଉଲାକା କହିଛନ୍ତି।

ବିଜେଡି ରାଜ୍ୟ ସଭା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଚଳିତବର୍ଷ କେନ୍ଦ୍ର ସରକାର ଏକ ଆଦେଶନାମା ଜାରି କରିଛନ୍ତି। ସେଥିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାରୁ ଆଉ ଉଷୁନା ଚାଉଳ ପ୍ରୋକ୍ୟୁର କରିବେ ନାହିଁ। ଏହାଦ୍ୱାରା ଧାନ ସଂଗ୍ରହ ଉପରେ ଏକ ନାକାରାତ୍ମକ ପ୍ରଭାବ ପଡ଼ିବାକୁ ଯାଉଛି। ଏହାଦ୍ୱାରା ସବୁଠାରୁ ଅଧିକ କ୍ଷତି ଚାଷୀମାନଙ୍କର ହିଁ ହେବ। ଏ ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି କେନ୍ଦ୍ରକୁ ଅନୁରୋଧ କରିବୁ। ଏହିପରି ଯେଉଁସବୁ ଚାଷୀ ଏବଂ ଓଡ଼ିଶା ସମ୍ବଳିତ ପ୍ରଶ୍ନ ରହିଛି ତାହା ଉପସ୍ଥାପିତ କରିବୁ ବୋଲି ପ୍ରସନ୍ନ କହିଛନ୍ତି।

# ପଞ୍ଚାୟତ ନିର୍ବାଚନରେ ଏକଜୁଟ୍ ହୁଅ: ଭାଜପା

ନିମାପଡ଼ା,୨୮।୧୧(ଡି.ଏନ୍.ଏ.)

ନିମାପଡ଼ାସ୍ଥିତ ଏକ କଲ୍ୟାଣ ମଣ୍ଡପରେ ରବିବାର ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଥିଲେ, ଅଗାମୀ ପଞ୍ଚାୟତ ନିର୍ବାଚନରେ ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ଭାଜପା ନେତା ଦିଲୀପ ନାୟକ କହିଛନ୍ତି, ପଞ୍ଚାୟତ ନିର୍ବାଚନରେ ଭାଜପା ନିମାପଡ଼ା ଓ ଗୋପ ପଞ୍ଚାୟତ ସମିତି ଦଖଲ କରିବ। ଅତିଥିଭାବେ ଶାରଦା ପ୍ରସାଦ ଶତପଥୀ, ଦେବାଶିଷ ଆଚାର୍ଯ୍ୟ, ମାନସ ପ୍ରଧାନ, ଦିଲୀପ ନାୟକ, ସୁଶାନ୍ତ ସ୍ୱାଇଁ, ନିରଞ୍ଜନ ମହାପାତ୍ର, ସୌଦାମିନୀ ସେନାପତି, ମୀନଲତା ମହାନ୍ତି, ତପସ୍ୱିନୀ ବେହେରା, କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ପଞ୍ଚାୟତ ନିର୍ବାଚନ ଲାଗି ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ପ୍ରଫୁଲ୍ଲ ବେହେରା, ସୁଜାତା ବେହେରା, ଶରତ ବେହେରା, ବୃନ୍ଦାବନ ଦାଶ, ଗୋବିନ୍ଦ ଦାଶ, ରବୀନ୍ଦ୍ର ଗୁରୁ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ଯୋଗଦେଇଥିଲେ। ନୂତନଭାବେ ଯୋଗଦେଇଥିବା ନେତା ଓ କର୍ମୀଙ୍କୁ ଦଳର ନେତୃବୃନ୍ଦମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।


ସଂସଦ ଶୀତ ଅଧିବେଶନର ଦିନକ ପୂର୍ବରୁ ନୂଆଦିଲ୍ଲୀରେ ରବିବାର ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସର୍ବଦଳୀୟ ବୈଠକରେ ରାଜ୍ୟ ସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍।

**NatWest Markets**

**ନାଟୱେଷ୍ଟ ମାର୍କେଟସ୍ ପିଏଲ୍‌ସି**
**(ପୂର୍ବର ନାମ ଦି ରୟାଲ୍ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡ ପିଏଲ୍‌ସି, ଦି ରୟାଲ୍ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡ ଏନ.ଭି. ଓ ଏବିଏନ୍ ଆମ୍ରୋ ବ୍ୟାଙ୍କ ଏନ.ଭି.)**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚୀତ କରାଯାଇଛି ଯେ ନାଟୱେଷ୍ଟ ମାର୍କେଟ୍‌ସ ପିଏଲସି (ପୂର୍ବର ନାମ ଦି ରୟାଲ୍ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡ ପିଏଲ୍‌ସି, ଦି ରୟାଲ୍ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡ ଏନ.ଭି. ଓ ଏବିଏନ୍ ଆମ୍ରୋ ବ୍ୟାଙ୍କ ଏନ.ଭି.) ଭାରତରେ ("ବ୍ୟାଙ୍କ") ଏହାର ଶାଖା ମାଧ୍ୟମରେ ଏକ ଲାଇସେନ୍‌ସଧାରୀ ବ୍ୟାଙ୍କ ଭାବରେ କାର୍ଯ୍ୟ କରୁଛି ଓ ଏହାର ବ୍ୟବସାୟ ଏବଂ ପରିଚାଳନାକୁ 31 ଡିସେମ୍ବର 2019 ଠାରୁ ସମାପ୍ତ କରିଛି ଏବଂ ଭାରତରେ ଏହାର ବ୍ୟବସାୟ ଓ ଅପରେସନକୁ ସମାପ୍ତ କରିବା ପ୍ରକ୍ରିୟା ଜାରି ରଖିଛି। ଆଜିର ତାରିଖରେ ବ୍ୟାଙ୍କ କୌଣସି ପ୍ରକାର ବ୍ୟାଙ୍କିଂ ସେବା (ଯଥା ସଞ୍ଚୟ ଆକାଉଣ୍ଟ/ କରେଣ୍ଟ ଆକାଉଣ୍ଟ/ ଫିକ୍ସଡ୍ ଡିପୋଜିଟ୍/ ଋଣ ଉତ୍ପାଦ ଇତ୍ୟାଦି) ଭାରତରେ ପ୍ରଦାନ କରୁ ନାହିଁ ବା ଏହିପରି କୌଣସି ପ୍ରକାର ବ୍ୟବସାୟରେ ସଂପୃକ୍ତ ନାହିଁ ବା ଭବିଷ୍ୟତରେ ଗ୍ରାହକଙ୍କ ବ୍ୟବସାୟ ଓ ପ୍ରକ୍ରିୟାରେ ସାମିଲ୍ ହେବ ନାହିଁ।

ଜନସାଧାରଣଙ୍କୁ ଏତଦ୍ୱାରା ସୂଚନା ଦିଆଯାଇଛି ଯେ ବ୍ୟାଙ୍କ ସିଧାସଳଖ କିମ୍ବା ପରୋକ୍ଷ ଭାବରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମଏମୱାଇ) ସହିତ ଜଡ଼ିତ ନୁହେଁ କିମ୍ବା ପିଏମଏମୱାଇ ଅଧୀନରେ ଋଣ ପ୍ରଦାନ କିମ୍ବା ପିଏମଏମୱାଇ ସହିତ କୌଣସି ପାଣ୍ଠି ସଂଗ୍ରହ ସହିତ ଜଡ଼ିତ ନୁହେଁ ବା କୌଣସି ପ୍ରକାରେ କିମ୍ବା ରୂପରେ ଏହି ସମ୍ବନ୍ଧରେ କୌଣସି ବ୍ୟକ୍ତିଙ୍କୁ ଏହା କରିବାକୁ ଅନୁମତି ଦେଇ ନାହାଁନ୍ତି। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା କିମ୍ବା ଅନ୍ୟ କୌଣସି ସ୍କିମ୍/ ବ୍ୟାଙ୍କିଙ୍ଗ ସେବାକୁ ନେଇ ବ୍ୟାଙ୍କ ସହିତ କୌଣସି ଏକ ବ୍ୟକ୍ତିଙ୍କ ସଂପୃକ୍ତ ଥିବା ନେଇ ଉପସ୍ଥାପନା ବା ବ୍ୟାଙ୍କ ସହିତ ସଂପୃକ୍ତି (ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ) ଜନସାଧାରଣଙ୍କୁ ଭୁଲ ଭାବରେ ଉପସ୍ଥାପନ କରୁଛନ୍ତି କିମ୍ବା ବିଭ୍ରାନ୍ତ କରୁଛନ୍ତି ଏବଂ ଏହିପରି ଭୁଲ ଉପସ୍ଥାପନକୁ ଜନସାଧାରଣଙ୍କ ଦ୍ୱାରା ବିଶ୍ୱାସ କରାଯିବା ଉଚିତ୍ ନୁହେଁ।

# ନରସିଂହଙ୍କ ସମର୍ଥନ, ନିରଞ୍ଜନଙ୍କ ବିରୋଧ

## ଅଣ୍ଡାମାଡ଼କୁ ନେଇ କଂଗ୍ରେସରେ ଭିନ୍ନ ଭିନ୍ନ ମତ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ସାରା ରାଜ୍ୟରେ ଅଣ୍ଡାମାଡ଼କୁ ନେଇ ରାଜନୀତି ଜୋର୍ ଧରିଛି। ବିଶେଷକରି ଅଣ୍ଡାମାଡ଼କୁ ପ୍ରତିବାଦ ଓ ବିରୋଧର ବଡ଼ ଅସ୍ତ୍ର ଭାବେ ବ୍ୟବହାର କରୁଥିବା କଂଗ୍ରେସରେ ଏବେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି। ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହାକୁ ସାମ୍ବିଧାନିକ ପ୍ରତିବାଦ କହି ସମର୍ଥନ କରିଥିବାବେଳେ ପିସିସି ସଭାପତି ଏହାକୁ ନାପସନ୍ଦ କରିଛନ୍ତି।

କଳାହାଣ୍ଡି ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡକୁ କେନ୍ଦ୍ରକରି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଦର୍ଶାଇ ଦଳରୁ ବରଖାସ୍ତ ଓ ଗିରଫ ଦାବିରେ ସାରା ରାଜ୍ୟରେ ବିଜେଡି ବିରୋଧରେ ଆନ୍ଦୋଳନ ଚାଲିଥିବାବେଳେ ଦଳର ନେତା, ମନ୍ତ୍ରୀ ଓ ଖୋଦ୍ ମୁଖ୍ୟମନ୍ତ୍ରୀ କଳାପତକା ଏବଂ ଅଣ୍ଡାମାଡର ସମ୍ମୁଖୀନ ହୋଇଛନ୍ତି। ସେହିପରି ଭାଜପା ଦରଦାମ ବୃଦ୍ଧି, ବେକାରି ଓ ଚାଷୀ ସମସ୍ୟାକୁ ନେଇ ଅଣ୍ଡାମାଡ ଓ କଳାପତାକାର ସାମ୍ନା କରୁଛି। ଶ୍ରୀମନ୍ଦିର ପରିକ୍ରମା ଶିଳାନ୍ୟାସ ପାଇଁ ଗତ ବୁଧବାର ମୁଖ୍ୟମନ୍ତ୍ରୀ ପୁରୀ ଗସ୍ତକରି ଫେରିବାବେଳେ ତାଙ୍କ ଗାଡିକୁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଅଣ୍ଡାମାଡ଼ କରାଯାଇଥିଲା। ଏହାକୁ କେନ୍ଦ୍ର କରି ରାଜନୈତିକ ତାତି ଆହୁରି ବଢ଼ିଥିବାବେଳେ ଦଳୀୟ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ପଦର ଦ୍ୱାହି ଦେଇ ଏହାର ଘୋର ନିନ୍ଦା କରିଥିଲେ। ହେଲେ ବିରୋଧୀ ଏହାକୁ ଜନ ଆସନ୍ତୋଷ ଓ ପ୍ରତିବାଦର ଆଖ୍ୟା ଦେଇଥିଲେ। ତେବେ ଏହି ପ୍ରସଙ୍ଗରେ ନରସିଂହ କହିଛନ୍ତି, ପ୍ରତିବାଦ କରିବା ଏକ ମୌଳିକ ଅଧିକାର, ସମ୍ବିଧାନ ସେ ଅଧିକାର ସମସ୍ତଙ୍କୁ ଦେଇଛି। ଅଣ୍ଡାମାଡ ଦ୍ୱାରା କିଏ କ'ଣ ମରିଯାଏ। ଅଣ୍ଡାମାଡରେ କାହାର କିଛି ଖଣ୍ଡିଆ ଖାବରା ହୋଇ ନ ଥାଏ। ଗାଡିରେ ଯଦି ଅଣ୍ଡା ବାଜିଯାଏ, ତେବେ ଅଣ୍ଡା ଫାଟି ଯାଏ ସିନା ଗାଡିର କିଛି କ୍ଷତି ହୋଇ ନ ଥାଏ। ସେହିପରି ଅଣ୍ଡାମାଡ ଏବେକାର ନୂଆ କଥା ନୁହଁ, ଏହାର ନଜିର ପୂର୍ବରୁ ରହିଆସିଛି। ଏହା ପ୍ରତିବାଦର ମାଧ୍ୟମ ବୋଲି ନରସିଂହ କହିଛନ୍ତି। ପିସିସି ସଭାପତି କିନ୍ତୁ ଅଲଗା ମତ ରଖିଛନ୍ତି। ସେ କହିଛନ୍ତି, ଅଣ୍ଡାମାଡ ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇ ନ ଥାଏ। ଅଣ୍ଡାମାଡ କରିବା, ବିଲାତି ମାଡ କରିବା କି ଢେଲାମାଡ କରିବା ଠିକ୍ ନୁହେଁ। ଏହା କେବଳ ଏକ ଜନ ଆକ୍ରୋଶର ନମୁନା। ଏହାକୁ ସର୍ବ ପରିପ୍ରେକ୍ଷୀରେ ଜନତା ଏବଂ ସମସ୍ତ ଦଳ ଆପଣେଇଛନ୍ତି। ଅପରପକ୍ଷେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ନରସିଂହଙ୍କୁ ଆକ୍ଷେପ କରି କରିଛନ୍ତି, ଯାହାର ଫାର୍ମ ଅଛି ତାଙ୍କର ଏହା ମୌଳିକ ଅଧିକାର ହୋଇଥାଇପାରେ। ମୁଁ ଶୁଣିଛି ନରସିଂହଙ୍କର କାଳେ ବଡ଼ ଅଣ୍ଡା ଫାର୍ମ ଅଛି। ସେ ଆମକୁ ଅଣ୍ଡା ଯୋଗାଉଛନ୍ତି, ସେଥିପାଇଁ ଧନ୍ୟବାଦ ବୋଲି ରାଉତରାୟ କହିଛନ୍ତି।

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**
**ବିଜ୍ଞପ୍ତି ସଂଖ୍ୟା ୭୭୬୯(TBS) ତା.୨୪.୧୧.୨୦୨୧**
**୨୦୨୨-୨୦୨୪ ମସିହା ପାଇଁ ପାଠ୍ୟପୁସ୍ତକ ବିକ୍ରେତା ସମ୍ବନ୍ଧରେ**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକ ବିକ୍ରୟ ପାଇଁ ପରିଷଦ ତରଫରୁ ନୂତନ ବିକ୍ରେତା ପଞ୍ଜିକରଣ ଏବଂ ପୁରାତନ ବିକ୍ରେତା ନବୀକରଣ ନିମନ୍ତେ ଇଚ୍ଛୁକ ପୁସ୍ତକ ବିକ୍ରେତାମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଅଧିକ ବିବରଣୀ ବୋର୍ଡ **website : www.bseodisha.ac.in** ରେ ଉପଲବ୍ଧ ଅଟେ ।

ସ୍ୱା/-ସମ୍ପାଦକ

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ROURKELA**
E-Mail- rw_rourkela@yahoo.co.in

No.O-1031 **TENDER CALL NOTICE**

**BID IDENTIFICATION NO. ONLINE-SERKL-11 OF 2021-22**

| | | | |
|---|---|---|---|
| 1. | Name of the Work | :- | Road Work |
| 2. | Total No. of works | :- | 1 (One) No. |
| 3. | Estimated cost | :- | Rs.69.92 Lakhs |
| 4. | Class of contractor | :- | "B" & "A" Class |
| 5. | Period of completion | :- | 06 (Six) Calendar Months |
| 6. | Type of Tender | :- | Double Cover |
| 7. | Other details | | |

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Rourkela | Online-SERKL-11 of 2021-22 | 30.11.2021 from 10.00 A.M. | 07.12.2021 upto 5.00 P.M. |

Further details can be seen from the website www.tendersorissa.gov.in
Sd./- Superintending Engineer, RW Division, Rourkela
OIPR-25067/11/0011/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
No.O-1054 E-Mail- rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO. ONLINE-SESNG-12 OF 2021-22**

| | | | |
|---|---|---|---|
| 1. | Name of the Work | :- | Road & Bridge Works |
| 2. | Total No. of works | :- | 24 Nos. Bridges & 07 Nos. Roads |
| 3. | Estimated cost | :- | Rs.1.95 Lakhs & 19.47 Lakhs |
| 4. | Class of contractor | :- | 'D' & 'C' |
| 5. | Period of completion | :- | 01 & 02 calendar months |
| 6. | Type of Tender | :- | Single Cover |
| 7. | Other details | | |

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-12 of 2021-22 | 30.11.2021 10.00 A.M. | 09.12.2021 5.30 P.M. |

Further details can be seen from the website www.tendersorissa.gov.in
Sd./- Superintending Engineer, Rural Works Division, Sundargarh
OIPR-25046/11/0025/2122

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
No. O-993 E-mail ID: serw_balasore@yahoo.in; Ph. No.: 06782/260318, Balia, Balasore

**"e"-Procurement Notice for Road Work | Identification No. Online Tender-Road N.C.B. No. 303 for 2021-22**

Letter No. 4046/WE Date: 20.11.2021

1. Name of the work :- **Road Work**
2. Total No. of work :- **12** Nos (Twelve)
3. Estimated Cost :- **Rs.256.24 to 448.47 lakhs** (Approximately)
4. Eligible Class of Contractor :- 'B' Class, 'A' Class, Special Class (of Odisha P.W.D.) or relevant Class of other licensing authorities (As per annexure).
5. Period of Completion :- **11 & 9** (Eleven & Nine) Calendar months for the work.
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 303 | 30.11.2021 at 11.00 A.M. | 15.12.2021 Upto 5.00 P.M. | 14.12.2021 Upto 5.00 P.M. | 16.12.2021 at 11.00 A.M. | Will be intimated later |

• Further details can be seen from the website www.tendersodisha.gov.in
Sd./- Er. S.K. Misher, Chief Construction Engineer, R.W. Circle, Balasore
OIPR-25105/11/0020/2122

# ନିରପେକ୍ଷତା ଆଶା ବୃଥା

ଭାରତୀୟ ନ୍ୟାୟପାଳିକା ଉଚ୍ଚମାନ ବଜାୟ ରଖିଚାଲିଛି ଓ ଏହା ଉପରେ ଲୋକଙ୍କ ବିଶ୍ୱାସ ରହିଛି ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ସମ୍ବିଧାନ ଦିବସର ସମାପନ ଉତ୍ସବରେ ୨୭ ନଭେମ୍ବରରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଆହୁରି କହିଛନ୍ତି, ବିଚାରପତିଙ୍କୁ ବିଚାରପତି ଚୟନ କରିବା ଲାଗି ଥିବା କଲେଜିୟମ୍ ବ୍ୟବସ୍ଥା ପରିବର୍ତ୍ତେ ଚୟନ ପ୍ରକ୍ରିୟାରେ ସଂସ୍କାର ଅଣାଯିବା ଆବଶ୍ୟକ। ସର୍ବଭାରତୀୟ ପରୀକ୍ଷା ମାଧ୍ୟମରେ ତୃଣମୂଳ ସ୍ତରର ବିଚାରପତିଙ୍କୁ ନିଯୁକ୍ତ କରାଯିବା ଦରକାର ବୋଲି ରାଷ୍ଟ୍ରପତି କହିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ (ଏନ୍‌ଜେଏସି)କୁ ସୁପ୍ରିମକୋର୍ଟ ୬ ବର୍ଷ ତଳେ ବାତିଲ କରିଦେଇଥିଲେ। ଏବେ ରାଷ୍ଟ୍ରପତି କଲେଜିୟମ୍ ବ୍ୟବସ୍ଥା ବଦଳରେ ଏନ୍‌ଜେଏସି ଦ୍ୱାରା ନ୍ୟାୟପାଳିକାରେ ସ୍ୱାଧୀନତା ଅଧିକ ରହିବ ବୋଲି ଯେଉଁ ବାଟ ଦେଖାଇଛନ୍ତି, ତାହା କେତେଦୂର ଗ୍ରହଣୀୟ ହେବ କହିହେଉ ନାହିଁ। କାରଣ ଖୋଦ୍ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଜେ କୌଣସି ପରୀକ୍ଷାର ସମ୍ମୁଖୀନ ହୋଇ ନ ଥିବା ସତ୍ତ୍ୱେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଆସୀନ ହୋଇପାରିଛନ୍ତି। ରାମନାଥ କୋବିନ୍ଦଙ୍କ ଇତିହାସ ଦେଖିଲେ ଦେଶର ସାମୂହିକ ଉନ୍ନତି ପାଇଁ ତାଙ୍କର କୌଣସ ଅବଦାନ ଥିବାର ଦୃଷ୍ଟାନ୍ତ ମିଳିବ ନାହିଁ। କେବଳ ଏକ ରାଜନୈତିକ ଓ ଧାର୍ମିକ ବିଶ୍ୱାସ ପୋଷଣ କରୁଥିବା ହେତୁ ତାଙ୍କୁ ଏହି ପଦବୀ ମିଳିପାରିଥିଲା। ସେଥିପାଇଁ ତାଙ୍କର ନୈତିକ ଅଧିକାର ଏଭଳି ମନ୍ତବ୍ୟ ଦେବା ପଛରେ ଅଛି ବୋଲି ବିଶ୍ୱାସ ହେଉନାହିଁ।

ଏହା ସତ୍ୟ ଯେ, ଭାରତରେ ଏକ ନିର୍ଦ୍ଦିଷ୍ଟ ନ୍ୟାୟିକ ଗୋଷ୍ଠୀ ସମ୍ପୂର୍ଣ୍ଣ ନ୍ୟାୟପାଳିକାକୁ ନିଜ ହାତକୁ ନେଇଯିବାରେ ସକ୍ଷମ ହୋଇ ସାରିଛନ୍ତି। ନିକଟ ଅତୀତର ଘଟଣାବଳୀ ଉପରେ ଦୃଷ୍ଟି ପକାଇଲେ ତାହା ସ୍ପଷ୍ଟ ବୁଝିହେଉଛି। ଏନ୍‌ଜେଏସି ଏକ ପ୍ରସ୍ତାବିତ ସଂସ୍ଥା, ଯାହାର ବିଚାରପତି, ନ୍ୟାୟିକ ଅଧିକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଓକିଲଙ୍କ ନିଯୁକ୍ତି ଓ ବଦଳି ଉପରେ ନିଷ୍ପତ୍ତି ନେବାର ବ୍ୟବସ୍ଥା ରହିଛି। ଏହି କମିଶନ ପ୍ରତିଷ୍ଠା ଲାଗି ସମ୍ବିଧାନର ୯୯ତମ ସଂଶୋଧନ ଅଣାଯାଇଥିଲା। ୧୩ ଅଗଷ୍ଟ ୨୦୧୪ରେ ଏ ସଂକ୍ରାନ୍ତ ସଂଶୋଧନ ଆଇନ ଲୋକ ସଭାରେ ଓ ୧୪ ଅଗଷ୍ଟରେ ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ଫଳରେ ଆଶା କରାଯାଉଥିଲା ବିଚାରପତିଙ୍କ ଦ୍ୱାରା ବିଚାରପତି ଚୟନ ନ ହୋଇ ଏନ୍‌ଜେଏସି ମାଧ୍ୟମରେ ନିଯୁକ୍ତ ହେବେ। ଏପରି କି ଏନ୍‌ଜେଏସି ବିଲ୍ ଓ ସମ୍ବିଧାନ ସଂଶୋଧନ ବିଲ୍ ୧୬ଟି ରାଜ୍ୟର ବିଧାନସଭା ଦ୍ୱାରା ଅନୁମୋଦିତ ହୋଇଥିଲା। ଶେଷରେ ରାଷ୍ଟ୍ରପତି ସେଥିରେ ମୋହର ମାରିଥିଲେ। ଫଳରେ ୧୩ ଏପ୍ରିଲ ୨୦୧୫ରେ ଏନ୍‌ଜେଏସି ଆଇନ ଓ ସମ୍ବିଧାନ ସଂଶୋଧନ ଆଇନ କାର୍ଯ୍ୟକ୍ଷମ ହେଲା ବୋଲି କୁହାଯାଇଥିଲା। ହେଲେ ୧୬ ଅକ୍ଟୋବର ୨୦୧୫ରେ ୫ ଜଣିଆ ସାମ୍ବିଧାନିକ ପୀଠ ଏନ୍‌ଜେଏସିକୁ ରଦ୍ଦ କରିଦେଇ କଲେଜିୟମ୍ ବ୍ୟବସ୍ଥା ଜାରି ରହିବ ବୋଲି ରାୟ ଶୁଣାଇଥିଲେ। ଏଥିରେ ୪ ଜଣ ବିଚାରପତି କଲେଜିୟମ୍ ବ୍ୟବସ୍ଥାକୁ ସମର୍ଥନ କରିଥିଲେ। ତେବେ ସବୁକିଛି ସଂଖ୍ୟା ଖେଳରେ ଜିତିବା ହୋଇଯାଉଥିବାରୁ ଏନ୍‌ଜେଏସି ଅତୀତ ହୋଇ ପୁରୁଣା ପାଛିଆରେ ପଡ଼ିରହିଛି।

ଉପରଠାଉରିଆ ଭାବେ ଦେଖିଲେ ଏନ୍‌ଜେଏସି ଏକ ଉତ୍ତମ ବ୍ୟବସ୍ଥା, ଯାହାଦ୍ୱାରା ନ୍ୟାୟପାଳିକାରେ ସଂସ୍କାର ଅଣାଯାଇ ପାରିଥାଆନ୍ତା। କିନ୍ତୁ ଭାରତରେ ଏକ ବିରାଟ ସମସ୍ୟା ଏହିଭଳି କାର୍ଯ୍ୟକୁ ଭଣ୍ଡୁର କରିଦେଇଥାଏ। ଯେକୌଣସି ମହିଳା, ପଛୁଆବର୍ଗ, ସଂଖ୍ୟାଲଘୁ ଭଳି ମାନଦଣ୍ଡକୁ ଅତି ସହଜରେ ସରକାରୀ ଦଳ ପୂରଣ କରିଦେଇଥାଏ। ସେଭଳି ବ୍ୟକ୍ତିଙ୍କୁ ବସାଇ ସରକାରରେ ଥିବା ନେତାମାନେ ନିଜ ପସନ୍ଦର ନ୍ୟାୟାଧୀଶମାନଙ୍କୁ ନିଯୁକ୍ତି ଓ ପଦୋନ୍ନତି ଦେଇପାରିବେ। କାରଣ ଏହି ଦେଶରେ କ୍ୱଚିତ ଲୋକଙ୍କର ସ୍ୱାଧୀନ ଚିନ୍ତାଧାରା ଦେଖାଦିଏ। ଯେଉଁମାନେ ସ୍ୱାଧୀନ ଚିନ୍ତାଧାରାର ପରିଚୟ ଦିଅନ୍ତି, ସେମାନେ ଦେଶଦ୍ରୋହୀର ଆଖ୍ୟା ଲାଭ କରନ୍ତି। ସେଥିପାଇଁ ଏନ୍‌ଜେଏସି ଭଳି ବ୍ୟବସ୍ଥାରେ କେବଳ ସରକାରଙ୍କୁ ସମର୍ଥନ କରୁଥିବା ଦେଶପ୍ରେମୀମାନେ ସିଲେକ୍‌ଶନ ବୋର୍ଡରେ ସ୍ଥାନ ପାଇଯାଇପାରିବେ। ଅପରପକ୍ଷରେ ଚୟନରେ ତ୍ରୁଟି ଘଟିଲେ ମଧ୍ୟ ବିବେଚିତ ବ୍ୟକ୍ତି ତା'ର ସୁଧାର କରେ ନାହିଁ। ଉଦାହରଣ ସ୍ୱରୂପ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କେତେକ ବିଚାରପତିଙ୍କୁ ନିଜ ଇଚ୍ଛାରେ ବାଛି ପଦୋନ୍ନତି ଦେଇଥିଲେ। ନିର୍ବାଚନରେ ପରାଜୟ ଘଟିବା ପରେ ପ୍ରକାଶିତ ଫଳାଫଳ ବିରୋଧରେ ଟ୍ରମ୍ପ୍ ଯେଉଁ ମାମଲା ଦାୟର କଲେ ସେଥିରେ ତାଙ୍କ ଦ୍ୱାରା ଲାଭବାନ୍ ହୋଇଥିବା ବିଚାରପତିମାନେ ଶୁଣାଣିରୁ ଓହରିଗଲେ। ତାହା ଦ୍ୱାରା ସେହି ବିଚାରପତିମାନେ ନିଜର ଓ ଆମେରିକାର ବିଚାର ବିଭାଗର ସମ୍ମାନକୁ ରକ୍ଷା କରିପାରିଲେ। ଭାରତରେ ବଡ଼ ଆସନରେ ବସିଥିବା ବ୍ୟକ୍ତିଙ୍କଠାରୁ ନିରପେକ୍ଷତା ଆଶା କରିବା ବୃଥା। ସେଥିପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନୀତିବାଣୀକୁ ଯୁକ୍ତିଯୁକ୍ତ ବୋଲି କୁହାଯାଇପାରିବ ନାହିଁ। ତାଙ୍କର ଏହି ବାର୍ତ୍ତାରୁ ଏକ ଷଡ଼ଯନ୍ତ୍ରର ଆଭାସ ମିଳୁଛି। ହୁଏତ ରାଷ୍ଟ୍ରପତିଙ୍କ ମାଧ୍ୟମରେ ପୁନର୍ବାର ନ୍ୟାୟପାଳିକାରେ ରାଜନୈତିକ ହସ୍ତକ୍ଷେପ ଚିନ୍ତା କରାଯାଉଛି।

# ଅଙ୍ଗଦାନ ଓ ଅନ୍ଧବିଶ୍ୱାସ



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଗେ କୁହାଯାଉଥିଲା ରକ୍ତଦାନ ମହତ୍-ଦାନ। ଏବେ ତା' ସହିତ ଯୋଡ଼ି ହୋଇ ସାରିଛି ଅଙ୍ଗଦାନ ମହତ୍-ଦାନ। ପୂର୍ବରୁ ଜୀବିତ ଲୋକ ଦେହରୁ ଅଙ୍ଗ ଆଣି ପ୍ରତିରୋପଣ କରାଯାଉଥିଲା ଅଙ୍ଗ ଆବଶ୍ୟକ କରୁଥିବା ରୋଗୀ ଦେହରେ। ଏବେ ଚିକିତ୍ସା ବିଜ୍ଞାନ ଆଉ ପାଦେ ଆଗକୁ ଯିବା ଫଳରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ କାଢ଼ି ଆଣି ରୋଗୀ ଦେହରେ ପ୍ରତିରୋପଣ କରାଯାଇ ପାରୁଛି, ଯାହା ଆଧୁନିକ ଚିକିତ୍ସାର ଏକ ବଡ଼ ଉପଲବ୍ଧି। ସିଏମ୍‌ସି ଭେଲୋରଠାରେ ଅଙ୍ଗ ପ୍ରତିରୋପଣର ପ୍ରଥମ ସଫଳତା ମିଳିଥିଲା ୧୯୭୦ରେ। ତା' ପରଠାରୁ ଦେଶର ବିଭିନ୍ନ ସ୍ଥାନରେ ଥିବା ବଡ଼ ବଡ଼ ଚିକିତ୍ସାଳୟକୁ ସମ୍ପ୍ରସାରିତ ହେବାରେ ଲାଗିଛି ଏଭଳି ଉଚ୍ଚ ମାନର ଚିକିତ୍ସା। କେବଳ ଭାରତ ନୁହେଁ, ଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ପୃଥିବୀର ବହୁ ଦେଶରେ ଜାରି ରହିଛି ଆଖି, ପିତ୍ତକୋଷ ଓ ବୃକକ୍ ଇତ୍ୟାଦି ଶରୀରର ବିଭିନ୍ନ ଅଙ୍ଗ ଉଦ୍ଧାର ଓ ପ୍ରତିରୋପଣ ପ୍ରକ୍ରିୟା। ମାତ୍ର ଭେଷଜ ବିଜ୍ଞାନର ଏହି ଅଭୂତପୂର୍ବ ସଫଳତା ସତ୍ତ୍ୱେ ଆବଶ୍ୟକ ଅନୁସାରେ ଅଧିକାଂଶ ରୋଗୀଙ୍କ ଦେହରେ ପ୍ରତିରୋପଣ କରି ହେଉନି ଅଙ୍ଗ। ଅଙ୍ଗ ଉପଲବ୍ଧ ନ ହେବା ହିଁ ତା'ର ପ୍ରଧାନ ପ୍ରତିବନ୍ଧକ।

ଦୁର୍ଘଟଣା ବା ଅନ୍ୟ କିଛି କାରଣରୁ ବ୍ରେନ୍ ଡେଡ୍ ବା ମସ୍ତିଷ୍କ ମୃତ ହୋଇ ଯାଇଥିବା ବ୍ୟକ୍ତିଠାରୁ ମଧ୍ୟ ଅଙ୍ଗ ନିଆଯାଇପାରୁଛି ଅନ୍ୟ ଜଣେ ରୋଗୀ ଦେହରେ ପ୍ରତିରୋପଣ ପାଇଁ। ମାତ୍ର ଏଭଳି ସ୍ଥିତିରେ ଦୁର୍ଘଟଣାଗ୍ରସ୍ତ ରୋଗୀ ଦେହରୁ ଅଙ୍ଗ କାଢ଼ିନେବା ପାଇଁ ଆବଶ୍ୟକ ପରିବାର ଲୋକଙ୍କ ଅନୁମତି। ଅଙ୍ଗଦାନ ପାଇଁ ଇଚ୍ଛାପତ୍ର ହେଉ କି ମସ୍ତିଷ୍କ ମୃତ ହୋଇଥିବା ଚିକିତ୍ସାଧୀନ ରୋଗୀର ଆତ୍ମୀୟଙ୍କ ଅନୁମତି ହେଉ- ଉଭୟ କ୍ଷେତ୍ରରେ ଅଙ୍ଗଦାନ ପାଇଁ ଲୋକଙ୍କ ଭିତରେ ଆଗ୍ରହ ପ୍ରକାଶ ନ ପାଇବା କାରଣରୁ ଆମ ଦେଶରେ ଆଦୌ ସମୃଦ୍ଧ ହୋଇପାରୁନି ଅଙ୍ଗଦାନ ପରମ୍ପରା। ଅଙ୍ଗଦାନ ଅଭିଯାନରେ ସାମିଲ ହେବା ପାଇଁ ଲୋକଙ୍କ ଭିତରେ ପ୍ରକାଶପାଉନି ଉତ୍ସାହ। ଏହାର ବଡ଼ କାରଣ ହେଉଛି ଅନ୍ଧବିଶ୍ୱାସ ବା ଯୁଗ ଯୁଗ ଧରି ଆମ ଭିତରେ ବସା ବାନ୍ଧି ରହିଥିବା ଭ୍ରମଧାରଣା। କୁହାଯାଏ, ମୃତ ବ୍ୟକ୍ତିର ଶରୀର ଶ୍ମଶାନ ଜୁଇରେ ଜଳି ପୋଡ଼ି ପାଉଁଶ ହେଲା ପରେ ଯାଇ ଆତ୍ମା ମୋକ୍ଷ ଲଭେ। ତେଣୁ ମୃତ ଲୋକର ଶରୀରରୁ କୌଣସି ଅଙ୍ଗ କାଢ଼ିନେବା ଅର୍ଥ ତା'ର ଆତ୍ମା ପ୍ରତି ଚରମ ଅବମାନନା। ଏହି ଦୃଷ୍ଟିରୁ ଅଙ୍ଗଦାନ ଭଳି ଏକ ମହତ୍ କାର୍ଯ୍ୟକୁ ଆରମ୍ଭରୁ ବିରୋଧ କରିଆସିଛି ଆମ ରୂଢ଼ିବାଦୀ ବିଶ୍ୱାସ। ଏଭଳି ପାରମ୍ପରିକ ଧର୍ମଧାରଣାକୁ ନେଇ ମନରେ ସ୍ୱତଃ ପ୍ରଶ୍ନ ଉଠେ, ଜ୍ଞାନ ବିଜ୍ଞାନର କ୍ରାନ୍ତିକାରୀ ଅଭିଯାନ ସତ୍ତ୍ୱେ ଅନ୍ଧବିଶ୍ୱାସର ଅର୍ଗଳି ଭିତରୁ ମଣିଷ ମୁକୁଳିପାରୁନି କାହିଁକି? ତେଣୁ ଜ୍ଞାନ ବିଜ୍ଞାନର ଅଭୂତପୂର୍ବ ବିକାଶ ସତ୍ତ୍ୱେ ଯଦି ପୁରାତନ ବିଶ୍ୱାସକୁ ସଂସ୍କାରିତ କରିବା ଦିଗରେ ପ୍ରୟାସ ନ କରିବା, ତେବେ ବହୁ ପଛରେ ପଡ଼ିଯିବ ଆମ ସମାଜ ଜୀବନ। ଅନ୍ଧବିଶ୍ୱାସର ପରିଣତି ସ୍ୱରୂପ ଅବରୁଦ୍ଧ ହୋଇଯିବ ବିକାଶର ପଥ। ତେଣୁ ସଚେତନତା ବଳରେ ଆମକୁ ଭାଙ୍ଗିବାକୁ ହେବ ଧର୍ମାଚାରଜନିତ ଯୁଗ ଯୁଗର ଭ୍ରମ ଧାରଣା।

କେବଳ ଅନ୍ଧବିଶ୍ୱାସ ନୁହେଁ, ଆଧୁନିକ ଭାରତରେ ଅଙ୍ଗଦାନ ଆଗରେ ଠିଆ ହୋଇଛି ଆହୁରି ଅନେକ ପ୍ରତିବନ୍ଧକ। ୧୯୯୪ ପୂର୍ବରୁ ଦେଶରେ ବେଆଇନ ଭାବରେ ଚାଲିଥିବା ଅଙ୍ଗ ଚାଲାଣକୁ ବନ୍ଦ କରିବା ଲକ୍ଷ୍ୟରେ ସରକାର ପ୍ରଣୟନ କଲେ ମାନବ ଅଙ୍ଗ ପ୍ରତିରୋପଣ ଅଧିନିୟମ- ୧୯୯୪। ଏହି ଆଇନ କାର୍ଯ୍ୟକାରୀ ହେବା (୧୯୯୫) ପରଠାରୁ ମାନବ ଅଙ୍ଗ ବ୍ୟବସାୟ ପ୍ରାୟତଃ ବନ୍ଦ ହୋଇଯାଇଛି କହିଲେ ଚଳେ। ମାତ୍ର ସାଧାରଣ ଲୋକଙ୍କ ପାଇଁ ଜଟିଳ ହୋଇପଡ଼ିଛି ଅଙ୍ଗଦାନ ଓ ଗ୍ରହଣ ପ୍ରକ୍ରିୟା। ଆତ୍ମୀୟଙ୍କ ବ୍ୟତୀତ ଅନ୍ୟ କେହି ଜୀବିତ ବ୍ୟକ୍ତି ରୋଗୀକୁ ଅଙ୍ଗଦାନ କରିବାକୁ ଚାହିଁଲେ ବି ସହଜରେ ମିଳି ପାରୁନାହିଁ ପ୍ରଶାସନିକ ଅନୁମତି। ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି ଦାତା ଓ ଗ୍ରହୀତା ଉଭୟପକ୍ଷର ଲୋକେ। ପରବର୍ତ୍ତୀ କଥାଟି ହେଉଛି ମୃତବ୍ୟକ୍ତିର ଅଙ୍ଗ ଉଦ୍ଧାର କରିବା ଯେତିକି ଜଟିଳ, ତାକୁ ଅନ୍ୟ ଜଣେ ରୋଗୀ ଦେହରେ ପ୍ରତିରୋପଣ କରିବା ସେତିକି କଷ୍ଟସାଧ୍ୟ, ବ୍ୟୟସାପେକ୍ଷ। ସାମଗ୍ରିକ ଭାବେ ଏହି ପ୍ରକ୍ରିୟାର ସଫଳତା ନିମନ୍ତେ ଲୋଡ଼ା ଦକ୍ଷ ଓ ଅଭିଜ୍ଞ ଚିକିତ୍ସକ, ନିଷ୍ଠାପର ସମାଜସେବୀ ଓ ପ୍ରଶାସନର ଆନ୍ତରିକ ସଦିଚ୍ଛା ଓ ସହଯୋଗ। ମାତ୍ର ବିଡ଼ମ୍ବନାର ବିଷୟ ସମନ୍ୱୟର ଅଭାବରୁ ବାରମ୍ବାର ବାଟବଣା ହେଉଛି ଲକ୍ଷ୍ୟ।

ଚିକିତ୍ସାତନ୍ତ୍ରର ଦୁର୍ବଳ ଭିତ୍ତିଭୂମି ମଧ୍ୟ ଅଙ୍ଗଦାନ ଅଭିଯାନର ଅନ୍ୟ ଏକ ଅନ୍ତରାୟ। କହିବାକୁ ଗଲେ ବିପୁଳ ଜନସଂଖ୍ୟା ଓ ସୀମିତ ସମ୍ବଳ ଭିତରେ ଗତି କରୁଛି ଆମ ଦେଶର ଚିକିତ୍ସା ବ୍ୟବସ୍ଥା। ବିଶେଷକରି ଅଙ୍ଗ ଉଦ୍ଧାର ଓ ପ୍ରତିରୋପଣ ନିମନ୍ତେ ଘରୋଇ ଚିକିତ୍ସାଳୟ ଉପରେ ଅଧିକ ନିର୍ଭର କରିବା କାରଣରୁ ବ୍ୟୟଭାର ଏତେ ଅଧିକ ଯେ, ଯାହା ଜଣେ ସାଧାରଣ ରୋଗୀ ପାଇଁ ଅକଳ୍ପନୀୟ। ଉପରୋକ୍ତ ଅନେକ ପ୍ରତିବନ୍ଧକ ଭିତରେ ସବୁଠାରୁ ବଡ଼ ଆହ୍ୱାନ ହୋଇ ଉଭା ହୋଇଛି ଅନ୍ଧବିଶ୍ୱାସର ଦୂରୀକରଣ। ଏ ଦିଗରେ ଜନସଚେତନତା ବୃଦ୍ଧି ପାଇଲେ ନୂଆ ଜୀବନ ଫେରିପାଆନ୍ତେ ଅଙ୍ଗ ପ୍ରତିରୋପଣ ଅପେକ୍ଷାରେ ଥିବା ଅନେକ ମୁମୂର୍ଷୁ ରୋଗୀ। ଗଣମାଧ୍ୟମରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ଆମ ଦେଶରେ ଅଙ୍ଗ ପରିବର୍ତ୍ତନ ପାଇଁ ଅପେକ୍ଷା କରିଥିବା ରୋଗୀମାନଙ୍କ ମଧ୍ୟରୁ ବାର୍ଷିକ ହାରାହାରି ୫ ଲକ୍ଷ ରୋଗୀ ମୃତ୍ୟୁବରଣ କରୁଛନ୍ତି ଅଙ୍ଗ ନ ପାଇବା କାରଣରୁ। ଅନ୍ୟପକ୍ଷରେ ଏଠି ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ରାସ୍ତା ଦୁର୍ଘଟଣାର ଶିକାର ହୁଅନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ମସ୍ତିଷ୍କ ମୃତ୍ୟୁ ଅବସ୍ଥାରେ ଚିକିତ୍ସିତ ହୋଇ ପ୍ରାଣ ହରାନ୍ତି ଦୁର୍ଘଟଣାର ଅଳ୍ପ ଦିନ ପରେ। ମୃତ୍ୟୁ ପୂର୍ବରୁ ଏମାନଙ୍କ ମସ୍ତିଷ୍କ ମୃତ ହୋଇ ଯାଇଥିଲେ ବି ସଚଳ ଅବସ୍ଥାରେ ଥାଏ ଶରୀରର ଅନ୍ୟାନ୍ୟ ଅଙ୍ଗ। ବଞ୍ଚିବାର କୌଣସି ଆଶା ନ ଥିବାରୁ ସେମାନଙ୍କ ପରିବାର ଲୋକେ ଧୈର୍ଯ୍ୟ ଓ ଉଦାର ଚିତ୍ତରେ ଅଙ୍ଗଦାନ କରିବାକୁ ଯଦି ଆଗେଇ ଆସନ୍ତେ, ତେବେ ଆଉ କିଛି ପରିବାର ଭିତରେ ଖେଳି ଯାଆନ୍ତା ହସର ଲହରି। ମୃତ୍ୟୁ ପୂର୍ବରୁ ଆତ୍ମୀୟଙ୍କ ଦ୍ୱାରା ଅଙ୍ଗଦାନ କରିଥିବା ରୋଗୀ ମରି ମଧ୍ୟ ଅମର ହୋଇ ରହନ୍ତେ ଆଉ କାହା ଭିତରେ।

ବିଶେଷଜ୍ଞମାନେ କହନ୍ତି, ଜଣେ ମୃତ ବ୍ୟକ୍ତିର ଅଙ୍ଗ ସହାୟତାରେ ପୁନର୍ଜୀବନ ପାଇପାରିବେ ୮ ଜଣ ରୋଗୀ। ବାସ୍ତବରେ ଜଣେ ମୃତ ବ୍ୟକ୍ତିର ଅଙ୍ଗ ଅନ୍ୟ କା' ପାଇଁ ହୋଇପାରେ ସଂଜୀବନୀ। ଏହା ସତ୍ତ୍ୱେ ବି ଅଙ୍ଗଦାନ ପାଇଁ ଆମ ଭିତରେ ପ୍ରକାଶପାଉନି ତତ୍ପରତା। ଏହି ପରିପ୍ରେକ୍ଷୀରେ ମନରେ ସ୍ୱତଃ ପ୍ରଶ୍ନଉଠେ- ଏକବିଂଶ ଶତାବ୍ଦୀର ବୈଜ୍ଞାନିକ ପ୍ରଗତି ପ୍ରେକ୍ଷାପଟରେ ଆମେ ଆମ ପାରମ୍ପରିକ ବିଶ୍ୱାସକୁ ବଦଳାଇ ପାରିବାନି କାହିଁକି? ଥରେ ଭାବିଲେ ଦେଖି ମଣିଷ ମରିଗଲା ପରେ କ'ଣ ହୁଏ ତା'ର ଶରୀରର ଅବସ୍ଥା! ପଚିଶଢ଼ି ତାହା ମାଟିରେ ମିଶିଯାଏ, ନହେଲେ ଜୁଇ ନିଆଁରେ ଜଳିପୋଡ଼ି ପାଉଁଶ ହୋଇଯାଏ ଅଳ୍ପ କେଇ ମିନିଟ ଭିତରେ। ଅନ୍ୟପକ୍ଷରେ ପାଉଁଶ ହେବା ପୂର୍ବରୁ ସେ ମୃତ ଶରୀରର ଅଙ୍ଗ ସାହାଯ୍ୟରେ ବଞ୍ଚି ଯାଇପାରିବ ମୃତ୍ୟୁ ଅପେକ୍ଷାରେ ଥିବା ଏକାଧିକ ରୋଗୀଙ୍କ ଜୀବନ। ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଅଙ୍ଗଦାନ କରିବା ତ ମୋକ୍ଷଠାରୁ ଆହୁରି ବଡ଼ ପରମାର୍ଥ ବା ଉଚ୍ଚତର ଆଧ୍ୟାତ୍ମିକ ପ୍ରତିବେଦନ। ଆଧ୍ୟାତ୍ମିକତା ଆଉ କ'ଣ କି? ନିଜ ମଣିଷପଣିଆକୁ ଅଗ୍ରାଧିକାର ଦେଇ ଅନ୍ୟକୁ ଜୀବନ ଦାନ କରିବା ତ ସବୁଠାରୁ ବଡ଼ ଈଶ୍ୱରୀୟ ଉପଲବ୍ଧି।

ଆଶ୍ୱାସନାର ବିଷୟ ହେଉଛି, ସବୁ ପ୍ରତିକୂଳତା ସତ୍ତ୍ୱେ ଓଡ଼ିଶାରେ ଆରମ୍ଭ ହୋଇସାରିଛି ଅଙ୍ଗଦାନ ଅଭିଯାନ। ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର କରିବାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ସରକାରଙ୍କ ପକ୍ଷରୁ ଜାରି ରହିଛି ଜନସଚେତନତା ସୃଷ୍ଟି କରିବାର ନିରନ୍ତର ପ୍ରୟାସ। ଏହି କ୍ରମରେ ଅଙ୍ଗଦାନ କରି ମାନବିକତାର ଛାପ ଛାଡ଼ି ଯାଉଥିବା ବ୍ୟକ୍ତିଙ୍କୁ ମରଣୋତ୍ତର ସମ୍ମାନ ଦେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା ହୋଇଛି 'ସୁରଜ ସମ୍ମାନ'। ୨୦୧୯, ଅକ୍ଟୋବର ୨୯ ତାରିଖ ଗୁଜରାଟର ସୁରଟରେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ହସ୍ପିଟାଲ ବେଡ୍‌ରେ ମୃତ୍ୟୁ ସହ ଚାରି ଦିନ ଲଢ଼େଇ କଲା ପରେ ଆଖି ବୁଜିଦେଲା ଗଞ୍ଜାମର ସୁରଜ ବେହେରା। ମାତ୍ର ଆଖିବୁଜିବା ପୂର୍ବରୁ ସେ ନିଜ ଶରୀରର ହୃତ୍‌ପିଣ୍ଡ, ଲିଭର, କିଡ୍‌ନୀ ଓ ଚକ୍ଷୁ ଆଦି ଛ'ଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଦାନ କରି ୬ ଜଣ ରୋଗୀଙ୍କୁ ଦେଇଗଲେ ନୂଆ ଜୀବନ। ମୃତ୍ୟୁ ପରେ ମୃତ୍ୟୁଞ୍ଜୟ ହୋଇଥିବା ସୁରଜଙ୍କ ମହତ୍ କାମ ପାଇଁ ଘୋଷଣା କରାଯାଇଛି ସୁରଜ ପୁରସ୍କାର।

**ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ପଡ଼ିଆବେଡ଼ା, ମୟୂରଭଞ୍ଜ**
**ମୋ: ୬୩୭୧୬୪୨୪୬୪**

# ବୈଶେଷିକ ଦର୍ଶନରେ ପରମାଣୁବାଦ



ଡା. ଗୋପାଳ ଚନ୍ଦ୍ର ଦାଶ

ସୃଷ୍ଟିର ଅନୁଭୂତ ସମସ୍ତ ଦ୍ରବ୍ୟ ଅବୟବି। ଅର୍ଥାତ୍ ଅବୟଗୁଡ଼ିକର ସମବାୟ ବା ସଂଯୋଗ ଦ୍ୱାରା ଅବୟବି ବସ୍ତୁ ସୃଷ୍ଟି ହୋଇଥାଏ। ଏଗୁଡ଼ିକ ବିନାଶଶୀଳ ଓ ଅନିତ୍ୟ। ଯଦି ଅବୟବି ବସ୍ତୁର ଅବୟବଗୁଡ଼ିକୁ ପୃଥକ୍ କରାଯାଏ, ତେବେ ବୃହତ୍ ଅଂଶରୁ କ୍ଷୁଦ୍ର ଅଂଶ, କ୍ଷୁଦ୍ରରୁ କ୍ଷୁଦ୍ରତର ଅଂଶରେ ଓ ପରିଶେଷରେ କ୍ଷୁଦ୍ରତର ଅଂଶରୁ କ୍ଷୁଦ୍ରତମ ଅଂଶରେ ଉପନୀତ ହେବାକୁ ପଡ଼ିଥାଏ। ଏହି କ୍ଷୁଦ୍ରତମ ଅଂଶକୁ ଆଉ ଭାଗ କରାଯାଇପାରେ ନାହିଁ। ଏହି ଅଦୃଶ୍ୟ ଓ ଅବିଭାଜ୍ୟ ଅଂଶକୁ ପରମାଣୁ କୁହାଯାଏ। ଏହା ବସ୍ତୁର ମୌଳିକ ଉପାଦାନ। ଏହା ସୃଷ୍ଟି ହୋଇ ନ ଥିବାରୁ ନିତ୍ୟ ଓ ଅନ୍ୟ ସମସ୍ତ ଜଡ଼ ପଦାର୍ଥ ଏହି ପରମାଣୁଗୁଡ଼ିକର ସଂଯୋଗରୁ ଉତ୍ପନ୍ନ। ତେଣୁ ସୃଷ୍ଟିର ଅର୍ଥ ପରମାଣୁଗୁଡ଼ିକର ସଂଯୋଗ ଓ ପ୍ରଳୟ ଅର୍ଥ ପରମାଣୁଗୁଡ଼ିକର ବିଭାଜନ।

ମୁନିଋଷିମାନେ ଅତି ପ୍ରାଚୀନ କାଳରୁ ଏହି ଜଡ଼ ଜଗତକୁ ପରମାଣୁ ସାହାଯ୍ୟରେ ବ୍ୟାଖ୍ୟା କରିଆସିଛନ୍ତି। ଉପନିଷଦରେ କୁହାଯାଇଛି, ବିଶ୍ୱର ସମସ୍ତ ଜଡ଼ ପଦାର୍ଥ- କ୍ଷିତି, ଅପ୍, ତେଜଃ ଓ ମରୁତ ଆଦି ମୌଳିକ ଉପାଦାନ ଦ୍ୱାରା ସୃଷ୍ଟ। ତେଣୁ ସୂତ୍ରଶାସ୍ତ୍ର ଅନୁସାରେ ପରମାଣୁ ୪ ଶ୍ରେଣୀର। ଯଥା- କ୍ଷିତି, ଅପ୍, ତେଜସ୍ ଓ ମରୁତ। ମାତ୍ର ଆକାଶ ପାରମାଣବିକ ନୁହେଁ। ପ୍ରତ୍ୟେକ ପରମାଣୁ ବିଶେଷ ଓ ଏହାର ସ୍ଥିତି ସ୍ୱତନ୍ତ୍ର। ପରମାଣୁଗୁଡ଼ିକ ମଧ୍ୟରେ ଗୁଣଗତ ଓ ପରିମାଣଗତ (ସଂଖ୍ୟା)ରେ ପାର୍ଥକ୍ୟ ଅଛି। ବାୟୁ ପରମାଣୁରେ ସ୍ପର୍ଶ ଗୁଣ, ତେଜସ୍ ପରମାଣୁରେ ସ୍ପର୍ଶ ଓ ରୂପ, ଜଳ ପରମାଣୁରେ ସ୍ପର୍ଶ, ରୂପ ଓ ଗନ୍ଧ ତଥା କ୍ଷିତିର ପରମାଣୁରେ ସ୍ପର୍ଶ, ରୂପ, ଗନ୍ଧ ରସଗୁଣ ବିଦ୍ୟମାନ। ଏତଦ୍‌ଭିନ୍ନ ପରମାଣୁଗୁଡ଼ିକର ବେଗ ଓ ସଂଖ୍ୟା ମଧ୍ୟ ଅଛି। ପରମାଣୁଗୁଡ଼ିକ ସ୍ୱଭାବତଃ ନିଷ୍କ୍ରିୟ, ମାତ୍ର ବାହାର ଶକ୍ତି ଦ୍ୱାରା ସେମାନେ ଗତିଶୀଳ ହୋଇଥାଆନ୍ତି। ପ୍ରଳୟ ଅବସ୍ଥାର ପରମାଣୁଗୁଡ଼ିକ ନିଷ୍କ୍ରିୟ, ଗତିହୀନ ଓ ବିଚ୍ଛିନ୍ନ ଅବସ୍ଥାରେ ଥାଆନ୍ତି। ସୃଷ୍ଟି ପ୍ରାରମ୍ଭରେ ଈଶ୍ୱରଙ୍କର ଅଦୃଷ୍ଟ ଶକ୍ତି ବଳରେ ପରମାଣୁଠାରେ ସ୍ପନ୍ଦନ ସୃଷ୍ଟି ହୁଏ ଓ ସେମାନେ ଜ୍ୟାମିତିକ ଧାରାରେ ଏକୀଭୂତ ହୋଇ ପରସ୍ପର ସହିତ ମିଳିତ ହୋଇ ଥାଆନ୍ତି। ଦୁଇଟି ପରମାଣୁ ଏକତ୍ର ହୋଇ ଦ୍ୱ୍ୟଣୁକକୁ ସୃଷ୍ଟି କରନ୍ତି, ଯାହା ଗୋଟିଏ ସୂକ୍ଷ୍ମ ଅଣୁ ଅଟେ। ତିନିଗୋଟି ଦ୍ୱ୍ୟଣୁକ ଏକତ୍ର ହୋଇ ତ୍ରିଣୁକ ସୃଷ୍ଟି କରନ୍ତି; ଯାହା ମହତ୍, ଦୀର୍ଘ ଓ ଦୃଶ୍ୟ। ଏହିପରି ଜ୍ୟାମିତିକ ଧାରାରେ କ୍ଷିତି, ଅପ୍, ତେଜସ୍ ଓ ମରୁତ ଚାରି ମହାଭୂତ ସୃଷ୍ଟି ହୋଇଥାଏ। ଏହି କ୍ରମରେ ଜଗତର ଆବିର୍ଭାବ ହୋଇଥାଏ। ପୁନର୍ବାର ଈଶ୍ୱରଙ୍କର ସଂହାର ଇଚ୍ଛାରେ ପ୍ରଳୟ ସମୟରେ ପରମାଣୁଗୁଡ଼ିକର ଶରୀର ଓ ଇନ୍ଦ୍ରିୟ ଘାତ ପ୍ରତିଘାତ ଦ୍ୱାରା ନଷ୍ଟ ହୋଇଯାଏ। ଅନ୍ତିମରେ ଚାରି ପ୍ରକାର ପରମାଣୁ ରହିଥାଏ, ଯାହା ସୃଷ୍ଟି ନିର୍ମାଣରେ ସାହାଯ୍ୟ କରେ। ପ୍ରଳୟ ଅବସ୍ଥା ଅପସରି ଯିବା ପରେ ବାୟୁ ପରମାଣୁର ମହାନ୍ ବାୟୁ, ତୈଜସ ପରମାଣୁରୁ ତୈଜ, ଜଳୀୟ ପରମାଣୁରୁ ଜଳ ଓ ପ୍ରାର୍ଥିବ ପରମାଣୁରୁ ପୃଥିବୀ ଉତ୍ପନ୍ନ ହୋଇଥାଏ। ଏହିପରି ବିଶ୍ୱ ବ୍ରହ୍ମାଣ୍ଡର ପୁନଃ ନିର୍ମାଣ ହୋଇଥାଏ। ଏଥିପାଇଁ ପରମାଣୁଗୁଡ଼ିକ ଜଗତର ଉପାଦାନ କାରଣ ଓ ଈଶ୍ୱର ଏହାର ନିମିତ୍ତ କାରଣ।

ଗ୍ରୀକ୍ ଦାର୍ଶନିକ ଡିମୋକ୍ରିଟସ୍‌ଙ୍କ ମତ ଅନୁସାରେ ପରମାଣୁ ଜଡ଼ ପଦାର୍ଥର ମୌଳିକ ଉପାଦାନ ଓ ଜଗତର ଉପଦାନ କାରଣ। ଏହା ବୈଶେଷିକ ଦର୍ଶନର ପରମାଣୁବାଦ ସିଦ୍ଧାନ୍ତ ଉପରେ ଆଧାରିତ। ଗ୍ରୀକ୍ ଦର୍ଶନ ପରମାଣୁଗୁଡ଼ିକର କେବଳ ସଂଖ୍ୟାଗତ ପଦାର୍ଥ ଦର୍ଶାଇଥିବା ବେଳେ ଭାରତୀୟ ଦର୍ଶନ ପରମାଣୁର ଉଭୟ ଗୁଣଗତ ଓ ସଂଖ୍ୟାଗତ ପାର୍ଥକ୍ୟ ଦର୍ଶାଇଥାଏ। ଗ୍ରୀକ୍ ମତର ପରମାଣୁ ଗତିଶୀଳ, ମାତ୍ର ବୈଶେଷିକ ମତରେ ଏହା ନିଷ୍କ୍ରିୟ ଓ ଗତିହୀନ। ଗ୍ରୀକ୍ ମତରେ ଆତ୍ମା ପରମାଣୁ ଦ୍ୱାରା ଗଠିତ ମାତ୍ର ବୈଶେଷିକ ମତରେ ଉଭୟ ଆତ୍ମା ଓ ପରମାତ୍ମା ବିଶେଷ ପଦାର୍ଥ ହୋଇଥିବାରୁ ପରମାଣୁଠାରୁ ଭିନ୍ନ ଅର୍ଥାତ୍ ପରମାଣୁ ଆତ୍ମାର ଉପାଦାନ କାରଣ ନୁହେଁ। ଏଥିରୁ ଅନୁମେୟ ଯେ ଗ୍ରୀକ୍ ମତ ଯାନ୍ତ୍ରିକ, ମାତ୍ର ବୈଶେଷିକ ମତ ଆଧ୍ୟାତ୍ମିକ ଓ ଈଶ୍ୱରବାଦୀ। ଜୈନ ମତରେ ପରମାଣୁଗୁଡ଼ିକ ସମଜାତୀୟ, ବସ୍ତୁର ମୌଳିକ ଉପାଦାନ, ଅନିତ୍ୟ, ଅବିଭାଜ୍ୟ ଓ ସେମାନଙ୍କ ମଧ୍ୟରେ ଗୁଣଗତ ପାର୍ଥକ୍ୟ ନାହିଁ। ମାତ୍ର ବୈଶେଷିକ ଦର୍ଶନ ଅନୁସାରେ ପରମାଣୁଗୁଡ଼ିକ ବାସ୍ତବ ମୌଳିକ ଉପାଦାନ ହୋଇଥିବାରୁ ତାହା ନିତ୍ୟ ଓ ସେମାନଙ୍କର ଗୁଣ ସ୍ୱତନ୍ତ୍ର। ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ବୈଶେଷିକ ପରମାଣୁବାଦର ସମାଲୋଚକ ଓ ପରମାଣୁଗୁଡ଼ିକ ସକ୍ରିୟତା ତଥା ନିଷ୍କ୍ରିୟତା ଦ୍ୱାରା ସୃଷ୍ଟିର ରଚନା ଓ ବିନାଶ ହୁଏ ବୋଲି ବିଶ୍ୱାସ କରନ୍ତି ନାହିଁ।

କଣାଦ ତାଙ୍କ ସୂତ୍ରରେ ପ୍ରକାଶ୍ୟରେ ଈଶ୍ୱରଙ୍କୁ ଉଲ୍ଲେଖ କରିନାହାନ୍ତି। ସେ ଏକ ଅଦୃଷ୍ଟ ସାହାଯ୍ୟରେ ପରମାଣୁଗୁଡ଼ିକ ଆଦ୍ୟକ୍ରିୟାକୁ ବ୍ୟାଖ୍ୟା କରିଛନ୍ତି। ଏହି ଅଦୃଷ୍ଟ, ଜଡ଼ ବା ଚେତନ ତାହା ସ୍ପଷ୍ଟ ଉଲ୍ଲେଖ ନ ଥିବାରୁ, ଅନ୍ୟ ଦର୍ଶନଗୁଡ଼ିକ ବୈଶେଷିକ ଦର୍ଶନର ନିରୀଶ୍ୱରବାଦକୁ କଠୋର ସମାଲୋଚନା କରିଛନ୍ତି। କଣାଦଙ୍କ ପରିପନ୍ଥୀମାନେ ଅଦୃଷ୍ଟକୁ ପରିଚାଳନା କରିବା ପାଇଁ ଚିତ୍‌ଶକ୍ତି ବା ଈଶ୍ୱରଙ୍କ ଆବଶ୍ୟକତା ଅଛି ବୋଲି ଉପଲବ୍ଧି କରି ଈଶ୍ୱରଙ୍କୁ ଜଗତର ନିମିତ୍ତ କାରଣ ଓ ପରମାଣୁଗୁଡ଼ିକ ଉପାଦାନ କାରଣ ବୋଲି ଦର୍ଶାଇଛନ୍ତି। ଅର୍ଥାତ୍ ପରମାଣୁଗୁଡ଼ିକୁ କ୍ରିୟାଶୀଳ କରିବା ପାଇଁ ଯେଉଁ ଚିତ୍ ଶକ୍ତିର ଆବଶ୍ୟକତା ଅଛି, ସେହି ଶକ୍ତି ଈଶ୍ୱର ଅଟନ୍ତି। ସୃଷ୍ଟିକର୍ତ୍ତା ଏକ ଓ ସେ ଈଶ୍ୱରଙ୍କ ଭିନ୍ନ ଅନ୍ୟ କେହି ନୁହନ୍ତି। ଈଶ୍ୱର ଆପ୍ତକାମ ଅର୍ଥାତ୍ ନିପୁଣ ପୁରୁଷ। ତାଙ୍କର ଇଚ୍ଛା ଓ ପ୍ରଯତ୍ନଗୁଣଗୁଡ଼ିକ ସ୍ୱାଭାବିକ। ସୃଷ୍ଟି ନିର୍ମାଣ ପାଇଁ ତାଙ୍କୁ ଶରୀରର ଆବଶ୍ୟକତା ପଡ଼େ ନାହିଁ।

ବିଶ୍ୱର ସୃଷ୍ଟି ଓ ପ୍ରଳୟକୁ ଆଧ୍ୟାତ୍ମିକ ଓ ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ବିଶ୍ୱର ମୌଳିକ ଉପାଦାନଗୁଡ଼ିକ ହେଲା- କ୍ଷିତି, ଅପ୍, ତେଜଃ ଓ ମରୁତ ପରମାଣୁ ଏବଂ ଦିଗ, କାଳ, ଆକାଶ, ମନ ଓ ଆତ୍ମା ପଞ୍ଚ ଦ୍ରବ୍ୟ। ଏଗୁଡ଼ିକ ନିତ୍ୟ ଅର୍ଥାତ୍ ଏହାର ସୃଷ୍ଟି ବା ବିନାଶ ହୁଏ ନାହିଁ। ଦ୍ୱିଣିକଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଯୌଗିକ ପଦାର୍ଥ ଅନିତ୍ୟ। ଯୌଗିକ ପଦାର୍ଥଗୁଡ଼ିକ ପରମାଣୁଗୁଡ଼ିକର ସଂଯୋଗରୁ ଉତ୍ପନ୍ନ। ସମଗ୍ର ବିଶ୍ୱ ୪ ପ୍ରକାର ପରମାଣୁ ସଂଯୋଗରୁ ଉତ୍ପନ୍ନ। ଅଦୃଶ ଚେତନ ଆତ୍ମା ସହିତ ଯୁକ୍ତ ହେଲେ ପରମାଣୁଗୁଡ଼ିକର ପରିସ୍ପନ୍ଦନ ସୃଷ୍ଟି ହୁଏ। ପରମାଣୁଗୁଡ଼ିକ ଦ୍ୱ୍ୟଣକ, ତ୍ର୍ୟଣୁକ ଇତ୍ୟାଦି କ୍ରମରେ ସଂଯୁକ୍ତ ହୋଇ ମରୁତ ପରମାଣୁ, ମରୁତ ମହାଭୂତ, ଅପ୍ ପରମାଣୁ ଅପ୍ ମହାଭୂତ, କ୍ଷିତି ପରମାଣୁ କ୍ଷିତି ମହାଭୂତ ଓ ତେଜସ୍ ପରମାଣୁ ତେଜସ୍ ମହାଭୂତ ସୃଷ୍ଟି କରନ୍ତି। ଏହି କ୍ରମରେ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ହୋଇଥାଏ। ବିଶ୍ୱର ସମସ୍ତ ଭୌତିକ ପଦାର୍ଥ, ପ୍ରାଣୀମାନଙ୍କର ଶରୀର, ମନ, ଇନ୍ଦ୍ରିୟ, ବୁଦ୍ଧି ଓ ଅହଂକାର। ଏମାନେ ଦିଗ୍, କାଳ ଓ ଆକାଶରେ ପରସ୍ପର-ପରସ୍ପର ଉପରେ କ୍ରିୟାଶୀଳ। ସମଗ୍ର ବିଶ୍ୱ ଭୌତିକ ଓ ଆଧ୍ୟାତ୍ମିକ ନୀତି ଉପରେ ପ୍ରତିଷ୍ଠିତ। ପ୍ରଳୟ ସମୟରେ ପ୍ରଥମେ କ୍ଷିତି, ତା'ପରେ ଅପ୍, ତା'ପରେ ତେଜସ୍ ଓ ଶେଷରେ ବାୟୁ ମହାଭୂତ ଧ୍ୱଂସ ହୋଇଥାଏ। ପଞ୍ଚ ଦ୍ରବ୍ୟ- ଦିଗ୍, କାଳ, ଆକାଶ, ମନ ଓ ଆତ୍ମା ଅଦୃଷ୍ଟ ଭାବରେ ରହିଯାଆନ୍ତି। ପ୍ରଳୟ ବା ଧ୍ୱଂସର ଅର୍ଥ ମୌଳିକ ଉପାଦାନଗୁଡ଼ିକର ବିଭାଜନ। ଏହା ସୃଷ୍ଟି ଓ ପ୍ରଳୟ କ୍ରିୟାର ଦାର୍ଶନିକ ତଥା ଆଧ୍ୟାତ୍ମିକ ରୂପରେଖ।

**ମୋ: ୭୮୪୮୮୫୦୯୫୦**

## ଏଇ ଭାରତରେ

ହରିଆଣାର ଜଣେ ରିକ୍ସାବାଲାଙ୍କ ସଫଳତା କାହାଣୀ ବେଶ୍ ପ୍ରେରଣାଦାୟକ। ଯମୁନାନଗର ଜିଲା ଡାମ୍‌ଲା ଗାଁ ନିବାସୀ ଧରମବୀର କମ୍ବୋଜ ନିଷ୍ଠା ବଳରେ ଜଣେ କୃଷକ, ଗ୍ରାମୀଣ ଉଦ୍ଭାବକ ତଥା ଉଦ୍ୟୋଗୀ ହୋଇପାରିଛନ୍ତି। ନିଜେ ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହ ହଜାର ହଜାର ଲୋକଙ୍କୁ ଆତ୍ମନିର୍ଭର କରିଛନ୍ତି। ଧରମବୀର ଦିଲ୍ଲୀରେ ରିକ୍ସା ଟାଣିବା ସହ ବିଭିନ୍ନ କାମ କରୁଥିଲେ। ପରେ ଗାଁକୁ ଫେରି ଚାଷ ଆରମ୍ଭ କରିଥିଲେ ଓ ନିଜ ଜ୍ଞାନକୌଶଳରେ ଏକ ଛୋଟ ଫୁଡ୍ ପ୍ରୋସେସିଂ ମେଶିନ ତିଆରି କରି ଖାଦ୍ୟ ପ୍ରୋସେସିଂ ଆରମ୍ଭ କଲେ। ଏବେ ଏଥିରୁ ସେ ବାର୍ଷିକ ୮ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ୨ ଏକର ବିଶିଷ୍ଟ ଫାର୍ମର ମାଲିକ ଓ ଏହି ଫାର୍ମରୁ ଜୈବିକ ଶସ୍ୟ ଉତ୍ପାଦନ କରି ତାହାକୁ ପ୍ରୋସେସିଂ କରି ବିକ୍ରି କରୁଛନ୍ତି। ଧରମବୀର ଫୁଡ୍ ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍ ଗଠନ କରି ଦେଶରେ ଫୁଡ୍ ପ୍ରୋସେସିଂ ସମ୍ପର୍କରେ ପ୍ରସେସିଂ କାର୍ଯ୍ୟକ୍ରମ ଓ କର୍ମଶାଳାର ଆୟୋଜନ କରି ୭,୦୦୦ କୃଷକଙ୍କୁ ପ୍ରଶିକ୍ଷଣ ଦେଇସାରିଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ୪,୦୦୦ ମହିଳା ରହିଛନ୍ତି। ନିଜ ହାତ ତିଆରି ପ୍ରୋସେସିଂ ମେଶିନର ପାଣ୍ଟେଟ୍ କରି ତାହାକୁ ବିକ୍ରି କରୁଛନ୍ତି ଓ ଏ ବାବଦରେ ବାର୍ଷିକ ୧୫-୨୦ ଲକ୍ଷ ଟଙ୍କା ପାଉଛନ୍ତି। ସେ ମଧ୍ୟ ତାଙ୍କ ଫୁଡ୍ ପ୍ରୋସେସିଂ ମେଶିନକୁ ଆମେରିକା, ଇଟାଲୀ, ନେପାଳ, ଅଷ୍ଟ୍ରେଲିଆ, କେନିଆ, ନାଇଜେରିଆ, ଜିମ୍ବାୱେ, ଉଗାଣ୍ଡା ଆଦି ଦେଶକୁ ରପ୍ତାନୀ କରୁଛନ୍ତି। ଧରମବୀର ସ୍କୁଲରେ ପଢୁଥିବା ବେଳେ ଅଷ୍ଟମ ଶ୍ରେଣୀରେ ଏକ ବ୍ୟାଟେରୀ ସେଲ୍ ଓଡିକେଡ୍‌ସ ବ୍ୟବହାର କରି ଲ୍ୟାମ୍ପ ପ୍ରସ୍ତୁତ କରିଥିଲେ। ଶିକ୍ଷାରେ ବାଧା ଆସିବା ପରେ ଦିଲ୍ଲୀ ଆସି ରିକ୍ସା ଟାଣି ରୋଜଗାର କରିଥିଲେ। କିନ୍ତୁ ସମୟ ତାଙ୍କୁ ପୁଣି ଉଦ୍ଭାବନ କରିବାକୁ ପ୍ରେରିତ କଲା ଓ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଲା। କୃଷି ସହ ଜଡ଼ିତ ଥିବାରୁ ଲୋକେ ତାଙ୍କୁ ଶ୍ରଦ୍ଧାରେ 'କିଶାନ ଧରମବୀର' ବୋଲି ସମ୍ବୋଧନ କରୁଛନ୍ତି।

## ଚିରନ୍ତନୀ

ମରମେ ବାଜିଛି ଜଗତଯାକର ବ୍ୟଥା,
ଫାଶୀକାଠ ପାଖେ ସିଧା ରଖିଅଛ ମଥା।
ନଇଁବା କେମନ୍ତ କେବେ ତ ଶିଖିଲ ନାହିଁ,
ଜାଣିଲ ନାହିଁ ତ ପଛକୁ କେସନ ଚାହିଁ,
ନ ବୁଝିଲ କିଆଁ ମଣିଷ ହୁଅଇ ଭୀତ
ରହିଲ ଅନୁଆଁ ଆମରଣ ଅବିନୀତ।
-(ତୁମେଟି ଚାଲିବା ଜାଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ନଭେମ୍ବର ୧୯୯୬

- ରୁଷିଆର ଏକ ବିମାନ ମସ୍କୋ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିବା ଫଳରେ ଯାତ୍ରା କରୁଥିବା ୨୩ ଯାତ୍ରୀ ଓ ବିମାନ କର୍ମଚାରୀ ମୃତ।
- ବିଶିଷ୍ଟ ବୈଜ୍ଞାନିକ ତଥା ମୋଲେକ୍ୟୁଲାର ବାୟୋଲୋଜିର ପ୍ରାଧ୍ୟାପକ ଆଶିଷ ଦତ୍ତ ଜବାହରଲାଲ୍ ନେହରୁ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ରୂପେ ନିଯୁକ୍ତି ପାଇଛନ୍ତି।
- ଜାତିଆଣ ସଂଘର୍ଷଗ୍ରସ୍ତ ଜାଫ୍ନା ଉପଦ୍ୱୀପରେ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାଗୁଡ଼ିକର ନିର୍ବାଚନ କରିବାକୁ ଶ୍ରୀଲଙ୍କା ସରକାର ପକ୍ଷରୁ ବିଜ୍ଞପ୍ତି ପ୍ରକାଶ।
- ତାଳପଦା ଗ୍ରାମର ଖ୍ୟାତନାମା ସ୍ୱାଧୀନତା ସଂଗ୍ରାମୀ କୃପାସିନ୍ଧୁ ଦାସଙ୍କ ୯୦ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | | |
| 7 | | | 6 | | | 5 | | 2 |
| 9 | | | 4 | 1 | | | | 7 |
| | | | | | 8 | 1 | | |
| 1 | 2 | | | 5 | | | | |
| | | | 2 | 4 | | | | 5 |
| | | 6 | | | | | | |
| | 7 | | 1 | | 3 | 9 | | |
| | 5 | | 9 | 8 | | | 3 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 3 | 5 | 2 | 1 | 7 | 8 | 6 |
| 8 | 1 | 6 | 7 | 4 | 3 | 2 | 9 | 5 |
| 7 | 2 | 5 | 9 | 8 | 6 | 3 | 1 | 4 |
| 5 | 7 | 9 | 3 | 1 | 8 | 6 | 4 | 2 |
| 2 | 8 | 4 | 6 | 7 | 9 | 1 | 5 | 3 |
| 6 | 3 | 1 | 2 | 5 | 4 | 9 | 7 | 8 |
| 1 | 4 | 2 | 8 | 6 | 7 | 5 | 3 | 9 |
| 9 | 6 | 8 | 1 | 3 | 5 | 4 | 2 | 7 |
| 3 | 5 | 7 | 4 | 9 | 2 | 8 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଡ଼ା ପଦକ୍ଷେପ ନିଆଯାଉ

ମହାଶୟ,

ରାଜ୍ୟର ବିକାଶ ଓ ପ୍ରଗତି ପଥରେ ଦୁର୍ନୀତି ପ୍ରମୁଖ ଅନ୍ତରାୟ ସୃଷ୍ଟି କରୁଛି। ରାଜ୍ୟକୁ ଦୁର୍ନୀତିମୁକ୍ତ କରିବା ଲକ୍ଷ୍ୟରେ ସଚେତନତା ସପ୍ତାହ ପାଳିତ ହେଉଛି। ଆଇନତଃ ଲାଞ୍ଚ ପ୍ରଦାନ କରିବା ଓ ଲାଞ୍ଚ ଗ୍ରହଣ କରିବା ଅପରାଧ। ତେଣୁ ଦୁର୍ନୀତି ବିରୋଧରେ ଜନସାଧାରଣ ନିଷ୍ଠା ଓ ପ୍ରତିବଦ୍ଧତା ସହ ସଂଗ୍ରାମ ଜାରି ରଖିବା ବାଞ୍ଛନୀୟ। ପ୍ରଥମତଃ ସରକାରୀ କର୍ମଚାରୀ ସେମାନଙ୍କ ଦାୟିତ୍ୱ ଅନୁଯାୟୀ ମାସିକ ଦରମା ଓ ଭତ୍ତା ନିୟମିତ ପାଉଥିଲେ ହେଁ ଅସାଧୁ ଉପାୟ ଅବଲମ୍ବନ ପୂର୍ବକ ରୋଜଗାର କରିବାରେ ଲିପ୍ତ ରୁହନ୍ତି। ସେହିପରି କିଛି ବ୍ୟବସାୟୀ ଧର୍ମକଣ୍ଟା ହାତରେ ଧରି ମଧ୍ୟ ଅସତ୍ ଅର୍ଥ ଉପାର୍ଜନରେ ମନ ବଳାନ୍ତି। ସେଥିପାଇଁ ଓଜନ କମ୍ ଓ ନକଲି ଦ୍ରବ୍ୟକୁ ଅସଲି ଦର୍ଶାଇ ଲୋକଙ୍କୁ ଠକିଥା'ନ୍ତି। ଯାହା ଫଳରେ ରାଜ୍ୟର ବିକାଶ ଓ ପ୍ରଗତି ବାଧାପ୍ରାପ୍ତ ହୋଇଥାଏ। ତେଣୁ ଉକ୍ତ ଦିବସକୁ ପାଳନ ପୂର୍ବକ ଖାଲି ନୀରବ ରହିଲେ ଚଳିବ ନାହିଁ। ଦୁର୍ନୀତିଖୋରଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଉଚିତ। ତାହା ହେଲେ ସରକାରଙ୍କ ଦୁର୍ନୀତି ନିବାରଣ ପଦକ୍ଷେପ ଫଳପ୍ରଦ ହୋଇପାରିବ।

**-ମହେଶ୍ୱର ନାୟକ, ଗୋଗୁଆ, କେନ୍ଦ୍ରାପଡା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଦୁଇ ବ୍ୟାଙ୍କର ଅଂଶଧନ ବିକ୍ରି ହେବ**

କେନ୍ଦ୍ର ସରକାର ଯେଉଁ ଦୁଇଟି ସରକାରୀ ବ୍ୟାଙ୍କର ଘରୋଇକରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି, ସେଗୁଡ଼ିକୁ ଏକାଥରେ ବିକ୍ରି କରାଯିବ ନାହିଁ। ପର୍ଯ୍ୟାୟକ୍ରମେ ଉକ୍ତ ବ୍ୟାଙ୍କ ୨ଟିର ଅଂଶଧନ ବିକ୍ରି କରାଯିବ ବୋଲି ସୂଚନା ମିଳିଛି। ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଓ ସେଣ୍ଟ୍ରାଲ୍ ବ୍ୟାଙ୍କକୁ ବିକ୍ରି କରାଯିବ ବୋଲି ଯେଉଁ ଚର୍ଚ୍ଚା ହେଉଛି, ତା'ର କୌଣସି ସତ୍ୟତ୍ୟା ନାହିଁ କିମ୍ବା ସରକାରଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

## ସଂକ୍ଷେପରେ

### ୧୦ ମାସରେ ୧୪ ଥର ବଢ଼ିଲାଣି ସିଏନ୍‌ଜି ମୂଲ୍ୟ

**ଭୁବନେଶ୍ୱର,୨୮।୧୧:** ତୈଳ ଦର ବୃଦ୍ଧି ଯୋଗୁ ଦେଶବାସୀ ବିଶେଷ କରି ଗ୍ରାହକ ସେବା ପ୍ରଦାନକରୁଥିବା ସଂସ୍ଥା ଓ ଗାଡି ମାଲଇକ ମାନେ ପେଟ୍ରୋଲ୍ ଓ ଡିଜେଲର ବିକଳ୍ପ ଭାବେ ଇନ୍ଧନ ବା ସିଏନଜି ବ୍ୟବହାର କରୁଥିଲେ। ବର୍ତ୍ତମାନ ଉକ୍ତ ବର୍ଗର ଉପଭୋକ୍ତା ମଧ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୧୦ ମାସ ମଧ୍ୟରେ ୧୪ ଥର ସିଏନଜିର ଦର ବୃଦ୍ଧି ଘଟିଲାଣି। ଯେଉଁ ଇନ୍ଧନ ବ୍ୟବହାର କରିବାକୁ ସରକାର ପରାମର୍ଶ ଦେଉଛନ୍ତି, ତା'ର ମଧ ଦର ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ବିଶେଷ କରି ପେଟ୍ରୋଲ-ଡିଜେଲ୍ ବିନା ଅନ୍ୟ ଇଞ୍ଜିନ୍ ସିଏନଜିରେ ମଧ ଚାଲୁଛି କିନ୍ତୁ ଏହି ସିଏନଜିର ଦାମ ସରକାର ଲଗାତାର ବଢ଼ାଇ ଚାଲିଛନ୍ତି। କଂପ୍ରେସଡ୍ ନ୍ୟାଚୁରାଲ୍ ଗ୍ୟାସ୍ (ସିଏନଜି) କିଲୋ ପ୍ରତି ୩.୯୬ ଟଙ୍କା ବୃଦ୍ଧି ପାଇ ୬୧.୫ ଟଙ୍କା ହୋଇଛି। ଏହି ନୂଆ ଦାମ ଶନିବାରଠୁ ଲାଗୁ ହୋଇଥିବା ଜଣାପଡିଛି। ଗତ ୨ ମାସ ମଧ୍ୟରେ ୩ୟ ଥର ପାଇଁ ସିଏନଜି ଦାମ୍ ବୃଦ୍ଧି ହୋଇଛି। ବିଗତ ୧୦ ମାସ କଥା କହିଲେ ସିଏନଜି ଦାମ୍ ୧୪ ଥର ବଢ଼ିଛି, ପେଟ୍ରୋଲ ଏବଂ ଡିଜେଲର ବ୍ୟବହାର ଯୋଗୁଁ ବାୟୁ ପ୍ରଦୂଷଣ ବଢୁଥିବାରୁ ସିଏନଜି ସବୁଠୁ ଭଲ ଗ୍ରୀନ୍ ଇନ୍ଧନ। ପେଟ୍ରୋଲ୍ ଏବଂ ଡିଜେଲ୍ ଦାମ ତୁଳନାରେ ସିଏନଜିର ଦାମ କମ୍ ରହିଛି।

### ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୨୮।୧୧:** ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ସୁଦ୍ଧା ବ୍ୟାଙ୍କର ଋଣ ପ୍ରଦାନ ଏବଂ ସଞ୍ଚୟ ଜମାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ବ୍ୟାଙ୍କ ଏହି ଦ୍ୱିତୀୟ ତିନି ମାସରେ ଅଗ୍ରୀମ ଋଣ ୧୧.୪୬% ଅଭିବୃଦ୍ଧି ହାର ହାସଲ କରି ୧,୧୫,୨୩୬ କୋଟି ଟଙ୍କାରେ ପହଞ୍ଚିଛି। ଖୁଚୁରା, କୃଷି ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ବ୍ୟାଙ୍କ ୧୪.୨୪ ଅଭିବୃଦ୍ଧି ହାର ହାସଲ କରି ୭୦,୫୧୫ କୋଟି ଟଙ୍କାରେ ପହଞ୍ଚିଛି। କାସା (ଚଳନ୍ତି ଜମା ଏବଂ ସଞ୍ଚୟ ଜମା) ଆକାଉଣ୍ଟ କ୍ଷେତ୍ରରେ ବ୍ୟାଙ୍କର ଶତକଡା ୨୨% ଅଭିବୃଦ୍ଧି ଘଟିଛି।

# ବଢୁଛି ଇ-ଯାନର ଚାହିଦା

**ନୂଆଦିଲ୍ଲୀ,୨୮।୧୧**


ନୀତିନ ଗଡ଼କରୀ

ବିଗତ ୫ ବର୍ଷ ମଧ୍ୟରେ ତୈଳ ଦର କ୍ରମାଗତ ବୃଦ୍ଧି ସାଙ୍ଗକୁ ରେକର୍ଡ ସ୍ତରରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ପହଞ୍ଚିବା ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତୈଳ ମୂଲ୍ୟ ଯୋଗୁ ଉପଭୋକ୍ତାଙ୍କୁ ଅତିରିକ୍ତ ଖର୍ଚ୍ଚାନ୍ତ ସାଙ୍ଗକୁ ଏକ ସ୍ୱତନ୍ତ୍ର ବଜେଟ କରିବାକୁ ପଡୁଛି; ଯାହା ମଧ୍ୟମ ବର୍ଗଙ୍କ ପାଇଁ ସବୁଠାରୁ ଚିନ୍ତାର ବିଷୟ ପାଲଟିଛି। ଉକ୍ତ ସମସ୍ୟାରୁ ମୁକୁଳିବା ପାଇଁ ଗ୍ରାହକ ଓ ଉପଭୋକ୍ତା ଇ-ଯାନର ବ୍ୟବହାର ଓ ଆବଶ୍ୟକତାକୁ ଗୁରୁତ୍ୱ ଦେଉଛନ୍ତି। ଫଳରେ ଗତ କିଛିବର୍ଷ ହେବ ଇ-ଯାନର ବିକ୍ରି ଓ ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଆସନ୍ତା କିଛି ବର୍ଷ ମଧ୍ୟରେ ବିଦ୍ୟୁତ୍‌ଚାଳିତ ଯାନର ମୂଲ୍ୟ କମିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ପେଟ୍ରୋଲ-ଡିଜେଲ ଚାଳିତ ଯାନଠାରୁ ବିଦ୍ୟୁତଚାଳିତ କାର ଏବଂ ବାଇକ୍‌ର ଚାହିଦା ଅଧିକ ରହିଛି ବୋଲି ମନ୍ତ୍ରୀ ନିତିନ୍ ଗଡକରୀ ଏକ ସମ୍ମିଳନୀରେ କହିଛନ୍ତି। ସରକାର ମଧ ଇ-ଯାନ କ୍ରୟ ପାଇଁ ଅନେକଗୁଡ଼ିଏ ସୁବିଧା ପ୍ରଦାନ ସାଙ୍ଗକୁ ସହଜ ବୀମା ଓ ରିହାତି ଭଳି ସୁବିଧା ଯୋଗାଇ ଦେଉଛନ୍ତି।

ସରକାର ସବୁଜ ବଳୟ ସାଙ୍ଗକୁ ପରିବେଶ ପ୍ରଦୂଷଣକୁ ଗୁରୁତ୍ୱର ସହ ଗ୍ରହଣ କରି ଏଭଳି ନିଷ୍ପତ୍ତି ନେଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ବିଦ୍ୟୁତଚାଳିତ ଯାନକୁ ନେଇ ବଡ଼ ଘୋଷଣା କରିଛନ୍ତି ଯେ, ଦେଶରେ ବିଦ୍ୟୁତ ଚାଳିତ ଯାନର କମ୍ ଉତ୍ପାଦନ ପାଇଁ ଏହାର ମୂଲ୍ୟ ଅଧିକ ରହିଛି କିନ୍ତୁ ଆଗାମୀ ଦିନରେ ଏହାର ବ୍ୟାପକ ପରିବର୍ତ୍ତନ ଆସିବ। ବର୍ତ୍ତମାନର ସୂଚନା ଅନୁସାରେ ପ୍ରାୟ ୨୫୦ ଷ୍ଟାର୍ଟଅପ କମ୍ପାନୀ ବିଦ୍ୟୁତଚାଳିତ ଯାନ ତିଆରି ଉପରେ ଲଗାତର କାମ କରୁଛନ୍ତି। ସେହିପରି ଅନେକ ବଡ଼ ବଡ଼ ଅଟୋମୋବାଇଲ କମ୍ପାନୀ ମଧ ଏହି ଦୌଡ଼ରେ ନିଜକୁ ସାମିଲ କରିଛନ୍ତି। ଏଭଳି ହେଲେ ପ୍ରତିଯୋଗିତା ବୃଦ୍ଧିପାଇବା ସହ ଇ-ଯାନର ମୂଲ୍ୟ ହ୍ରାସ ସାଙ୍ଗକୁ ଚାହିଦା ଆହୁରି ବୃଦ୍ଧି ପାଇବ। ସେହିଭଳି ଆଗାମୀ ୫ବର୍ଷ ମଧ୍ୟରେ ସରକାର ୬ଶହରୁ ଅଧିକ ସ୍ଥାନରେ ଚାର୍ଜିଂ ଷ୍ଟେଶନ କରିବାକୁ ଯାଉଛନ୍ତି। ଏପରି କି ସବୁ ରାଜ୍ୟର ପ୍ରମୁଖ ସହର ଓ ଜିଲା ସଦର ମହକୁମାରେ ଷ୍ଟେଶନ ସ୍ଥାପନ ପାଇଁ କର୍ପୋରେଟ୍ ସଂସ୍ଥାର ସହାୟତା ନିଆଯିବ। ଏହାଦ୍ୱାରା ଇ-ଯାନଗୁଡ଼ିକୁ ଚାର୍ଜିଂ କରିବା ସହଜ ହେବ। ତେବେ ଇ-ଯାନକୁ ନେଇ ଲୋକଙ୍କ ମନରେ ନାନା ପ୍ରଶ୍ନ ମଧ ରହିଛି। ପ୍ରଦୂଷଣମୁକ୍ତ ସମାଜ ଗଠନ ସାଙ୍ଗକୁ ନୀତି ବଦଳାଇବା ଭଳି ଯାନ ବଦଳାଇବାର ସମୟ ଆସିଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟ ସରକାରଗୁଡ଼ିକ ମଧ ଇ-ଯାନ କ୍ରୟ ଉପରେ ପ୍ରାୟ ୧ଲକ୍ଷ ଟଙ୍କାର ରିହାତି ପ୍ରଦାନ କରୁଛନ୍ତି।

# ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ଏଚ୍-ସୋସିଆଲ କ୍ରିଏଟର

**ନୂଆଦିଲ୍ଲୀ,୨୮।୧୧**




ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେସନ ପକ୍ଷରୁ ବିଶ୍ୱସ୍ତରୀୟ ଏଚ୍-ସୋସିଆଲ କ୍ରିଏଟର-୨୦୨୧ର ତୃତୀୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ୟୁଥ୍ କଣ୍ଟାକ୍ଟ ସିଏସ୍ଆର୍ କାର୍ଯ୍ୟକ୍ରମ। ଏହା ମାଧ୍ୟମରେ ସଡ଼କ ସୁରକ୍ଷା, ପରିବେଶ, ସ୍ୱଚ୍ଛ ଭାରତ ଏବଂ ହେଲଥ୍ କେୟାର ଆଦି ୪ଟି କ୍ଷେତ୍ରରେ ଯୁବବର୍ଗଙ୍କ ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ସହାୟତାରେ ୧୫୦ କଲେଜର ୩ ଲକ୍ଷରୁ ଅଧିକ ଶିକ୍ଷାର୍ଥୀଙ୍କ ନିକଟରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି। ସୃଜନଶୀଳ ଚିନ୍ତାଧାରାକୁ ୧୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ମେଡିକାଲ, ଏରୋନଟିକାଲ, ଡିଫେନ୍ସ, ଏଆଇ, ଆଇଟି, ଇଞ୍ଜିନିୟରିଂ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାର୍ଥୀଙ୍କଠାରୁ ଏଣ୍ଟ୍ରି ଲୋଡ଼ାଯାଇଛି। ଏ ସମ୍ପର୍କରେ ବିଶଦ୍ ବିବରଣୀ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଏଚ୍‌ସୋସିଅାଲକ୍ରିଏଟର.ଇନରେ ଲଗଇନ୍ କଲେ ଉପଲବ୍ଧ ହେବ। ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେସନ ପକ୍ଷରୁ ୪୦୦ ପ୍ରତିଯୋଗୀଙ୍କୁ ୨୦୦ଟିମ୍‌ରେ ଶର୍ଟଲିଷ୍ଟ କରାଯିବ। ସେମାନେ କୋର୍ ଟିମ୍‌ର ସୋସିଆଲ ୟୁଥ୍ ବ୍ରାଣ୍ଡ ଆମ୍ବାସଡର ଭାବେ କାର୍ଯ୍ୟ କରିବେ । ଏହି ଅବସରରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଏସ୍.ଏସ୍. କିମ୍ କହିଛନ୍ତି, ଏହା ମାଧ୍ୟମରେ ଯୁବବର୍ଗଙ୍କ ଚିନ୍ତାଧାରାକୁ ସାମାଜିକ ବିକାଶ କ୍ଷେତ୍ରରେ ଉପଯୋଗ କରାଯାଇଥାଏ। ଏହା ସହାୟତାରେ ନୂତନ ପ୍ରତିଭାଙ୍କୁ ଚିହ୍ନଟ କରିବା ଆମର ଲକ୍ଷ୍ୟ।

# ମହଙ୍ଗା ହେଲା ଜିଓ ପ୍ଲାନ

## ଡିସେମ୍ବର ୧ରୁ ଲାଗୁହେବ ନୂଆ ଦର

**ନୂଆଦିଲ୍ଲୀ,୨୮।୧୧**




କୋଭିଡ୍ ମହାମାରୀ ସମୟରେ ତେଲଠାରୁ ନେଇ ଅତ୍ୟାବଶ୍ୟକ ସାମଗ୍ରୀ ପର୍ଯ୍ୟନ୍ତ ଦର ବୃଦ୍ଧି ଖାଉଟିଙ୍କ ଆର୍ଥିକାବସ୍ଥାରେ ଅନେକ ପରିବର୍ତ୍ତନ ଆଣିଛି। ଏଭଳି ସମୟରେ ରିଲାଏନ୍ସ ଜିଓ ପକ୍ଷରୁ ତା'ର ସମସ୍ତ ପ୍ଲାନ ଉପରେ ପ୍ରାୟତଃ ୭୫ରୁ ୨୩୯୯ ମଧ୍ୟରେ ୧୬ରୁ ୪୮୦ଟଙ୍କା ଅତିରିକ୍ତ ଦେୟ ଡିସେମ୍ବର ପହିଲାରୁ ଲାଗୁ କରିବ ବୋଲି ସୂଚନା ମିଳିଛି। କମ୍ପାନୀ ପକ୍ଷରୁ ଏହା ଘୋଷଣା ହେବା ଫଳରେ ଗ୍ରାହକଙ୍କ ମଧ୍ୟରେ ଏକ ପ୍ରକାର ନିରାଶ ଭାବ ଦେଖିବାକୁ ମିଳିଛି। ଏହା ପୂର୍ବରୁ ଏୟାରଟେଲ୍ ଓ ଭୋଡାଫୋନ-ଆଇଡିଆ ମଧ ନିଜର ବିଭିନ୍ନ ପ୍ଲାନରେ ୫୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇଥିବା ସୂଚନା ମିଳିଛି।

ଜିଓ ନିଜର କିଛି ବଛା ବଛା ପ୍ଲାନର ଦାମ୍ ବଢ଼ାଇବାକୁ ଘୋଷଣା କରିବା ସହିତ ବର୍ଦ୍ଧିତ ଦର ଡିସେମ୍ବର ୧ରୁ ଗ୍ରାହକଙ୍କୁ ଦେବାକୁ ପଡ଼ିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଜିଓର ୭୫ଟଙ୍କିଆ ପ୍ଲାନ ବର୍ତ୍ତମାନ ୯୧ ଟଙ୍କା ହୋଇଛି। ପହିଲାରୁ ଗ୍ରାହକଙ୍କୁ ୧୬ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ସେହିଭଳି ୧୨୯ ଟଙ୍କିଆ ପ୍ଲାନ ୧୫୫ ଟଙ୍କା ହୋଇଛି। ଏହି ପ୍ଲାନରେ ଗ୍ରାହକଙ୍କୁ ୨୮ ଦିନ ପାଇଁ ପ୍ରତିଦିନ ୨ ଜିବି ଡାଟା, ଅସୀମିତ କଲ୍ ଏବଂ ମୋଟ୍ ୩୦୦ ଏସ୍ଏମ୍ଏସ୍ ମିଳିବ ବୋଲି ସୂଚନା ମିଳିଛି। ୧୪୯ ଟଙ୍କିଆ ପ୍ଲାନ ବର୍ତ୍ତମାନ ୧୭୯ ଟଙ୍କା ହୋଇଥିବା ବେଳେ ଗ୍ରାହକଙ୍କୁ ୨୪ ଦିନ ପାଇଁ ପ୍ରତିଦିନ ୧ ଜିବି ଡାଟା, ଅସୀମିତ ଭଏସ୍ କଲ୍ ଏବଂ ପ୍ରତିଦିନ ୧୦୦ ଏସ୍ଏମ୍ଏସ୍ ମିଳିବ। ୧୯୯ ଟଙ୍କିଆ ପ୍ଲାନ ୨୩୯ ଟଙ୍କା ହୋଇଛି। ଏହି ପ୍ଲାନରେ ଗ୍ରାହକଙ୍କୁ ୨୮ ଦିନ ପାଇଁ ପ୍ରତିଦିନ ୧.୫ ଜିବି ଡାଟା, ଅସୀମିତ ଭଏସ୍ କଲ୍ ଏବଂ ପ୍ରତିଦିନ ୧୦୦ ଏସ୍ଏମ୍ଏସ୍ ମିଳିବ। ୨୪୯ ଟଙ୍କିଆ ପ୍ଲାନରେ ୫୦ ଟଙ୍କା ବଢ଼ି ୨୯୯ ଟଙ୍କା ହୋଇଛି। ଏଥିରେ ଗ୍ରାହକଙ୍କୁ ପ୍ରତିଦିନ ୨ ଜିବି ଡାଟା, ଅସୀମିତ ଭଏସ୍ କଲ୍ ଏବଂ ପ୍ରତିଦିନ ୧୦୦ ଏସ୍ଏମ୍ଏସ୍ ମିଳିବ। ୩୯୯ ଟଙ୍କାର ପ୍ଲାନ ବର୍ତ୍ତମାନ ୪୭୯ ଟଙ୍କା, ୪୪୪ ଟଙ୍କା ପ୍ଲାନ ଏବେ ୫୩୩ ଟଙ୍କା, ୩୨୯ ଟଙ୍କାର ପ୍ଲାନ ଉପରେ ୬୬ ଟଙ୍କା ବଢ଼ି ୩୯୫ ଟଙ୍କା ହୋଇଛି। ସେହିପରି ୫୫୫ ଟଙ୍କାର ପ୍ଲାନ ୬୬୬ ଟଙ୍କା, ୫୯୯ ଟଙ୍କାର ପ୍ଲାନ ୭୧୯ ଟଙ୍କା , ୧୨୯୯ ଟଙ୍କାର ପ୍ଲାନ ୧୫୫୯ ଟଙ୍କା ଏବଂ ୨୩୯୯ ଟଙ୍କାର ପ୍ଲାନ ଏବେ ୨୮୭୯ ଟଙ୍କାରେ ପହଞ୍ଚିଛି । ଅପରପକ୍ଷରେ ଡାଟା ପ୍ଲାନଗୁଡ଼ିକର ଦର ମଧ ବୃଦ୍ଧି ଘଟିଛି। ଏହି ଡାଟା ପ୍ଲାନଗୁଡିକ ପୂର୍ବରୁ ୫୧ରୁ ୨୫୧ ଟଙ୍କା ଥିବାବେଳେ ବର୍ତ୍ତମାନ ୬୧ରୁ ୩୦୧ ଟଙ୍କାରେ ରହିଛି।

# ଆଜି ବିଓବି ଇଡିଙ୍କ ଓଡ଼ିଶା ଗସ୍ତ



**ଭୁବନେଶ୍ୱର,୨୮।୧୧**

ବ୍ୟାଙ୍କ ଅଫ ବରୋଦା (ବିଓବି)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଦେବଦତ୍ତ ଚାନ୍ଦ ସୋମବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ୪ ଦିନିଆ ଗସ୍ତ କାର୍ଯ୍ୟକ୍ରମ ସହିତ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର ସୂଚନା ରହିଛି। ଏହି ଅବସରରେ ଚାନ୍ଦ ବ୍ୟାଙ୍କର ଶାଖା ପ୍ରବନ୍ଧକ, ସରକାରୀ ଅଧିକାରୀ ଏବଂ ଓଡ଼ିଶାର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଉଚ୍ଚାଧିକାରୀମାନଙ୍କ ସହ ବୈଠକରେ ଯୋଗଦେବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ସେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ।

# ବେଦାନ୍ତର 'ଟ୍ରାନ୍ସଫର୍ମିଂ ଫର ଗୁଡ୍' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୮।୧୧**

ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ବଳ କମ୍ପାନୀ ପକ୍ଷରୁ ଇଏସ୍‌ଜି ପ୍ରତି ଗ୍ରୁପ୍‌ର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଲାଗି ମିଶନ୍ ଷ୍ଟେଟ୍‌ମେଣ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ବେଦାନ୍ତ ପ୍ରାକୃତିକ ସମ୍ବଳ କ୍ଷେତ୍ରରେ ଇଏସ୍‌ଜିରେ ଅଗ୍ରଣୀ ହେବାକୁ ଲକ୍ଷ୍ୟ ରଖିଛି ଓ ୨୦୫୦ ସୁଦ୍ଧା କିମ୍ବା ତା'ଠାରୁ ଆହୁରି ଶୀଘ୍ର ଅଙ୍ଗାରକ ନିର୍ଗମନ ଶୂନ କରିବାକୁ ଚାହୁଁଛି। ଶୂନ ଅଙ୍ଗାରକ କମ୍ପାନୀରେ ପରିଣତ ହେବା ଲାଗି କମ୍ପାନୀ ଆସନ୍ତା ୧୦ ବର୍ଷରେ ୫ ବିଲିଅନ ଡଲାରର ସଂକଳ୍ପ ଘୋଷଣା କରିଛି। ଏହି ପ୍ରକ୍ରିୟାର ଅଂଶ ସ୍ୱରୂପ ସମାଜରେ ବଡ଼ ଧରଣର ପରିବର୍ତ୍ତନ ଆଣିବା ଲାଗି ବେଦାନ୍ତର 'ଟ୍ରାନ୍ସଫର୍ମିଂ ଫର ଗୁଡ୍'ମିଶନ୍ ଷ୍ଟେଟମେଣ୍ଟ କାର୍ଯ୍ୟକ୍ରମର ଘୋଷଣା କରାଯାଇଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ନିର୍ଦ୍ଦେଶକ ପ୍ରିୟା ଅଗ୍ରୱାଲ କହିଛନ୍ତି, ଏକ ବିବିଧ ପ୍ରାକୃତିକ ସମ୍ବଳ କମ୍ପାନୀ ଭାବେ ପରିବେଶ ସୁରକ୍ଷା, ସାମାଜିକ ସମାନତା ଓ ପ୍ରଭାବ ଏବଂ ଉତ୍ତମ କର୍ପୋରେଟ୍ ପ୍ରଶାସନ ନୀତି ଉପରେ ପର୍ଯ୍ୟବସିତ, ନିରନ୍ତର ଓ ଦାୟିତ୍ୱବାନ ଅଭିବୃଦ୍ଧି ପ୍ରଦାନ କରିବାକୁ ବେଦାନ୍ତ ପ୍ରତିବଦ୍ଧ ରହିଛି। ଏହି ନୂତନ ପରିଚୟ ସହ ଆମେ କରୁଥିବା ପ୍ରତିଟି କାର୍ଯ୍ୟରେ ଇଏସ୍‌ଜି ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ସଂପ୍ରସାରିତ କରିଛୁ ବୋଲି ସେ ମତବ୍ୟକ୍ତ କରିଥିଲେ।

## ଫୁରସତ

# କାନାଡାରେ ହେବ 'ଅଡିୟୁ ଗୋଦାର୍ଡ'ର ପ୍ରିମିୟର



**ଭୁବନେଶ୍ୱର:** ଆସନ୍ତା ୧ ତାରିଖରୁ କାନାଡାରେ ଆରମ୍ଭ ହେବାକୁ ଥିବା ମୋଜାଇକ୍ ଇଣ୍ଟରନ୍ୟାଶନାଲ ସାଉଥ ଏସିଆନ ଫିଲ୍ମ ଫେଷ୍ଟିଭାଲ (ଏମ୍ଆଇଏସ୍ଏଏଫ୍ଏଫ୍)ରେ ଓଡ଼ିଆ ଫିଚର ଫିଲ୍ମ 'ଅଡିୟୁ ଗୋଦାର୍ଡ'ର ଉତ୍ତର ଆମେରିକୀୟ ପ୍ରିମିୟର ରିଲିଜ ହେବ। ଜାତୀୟ ପୁରସ୍କାର ପ୍ରାପ୍ତ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଫିଲ୍ମର ଲେଖକ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ସ୍ୱସ୍ତିକ ଆର୍ଥହାଉସ୍ ବ୍ୟାନରରେ ଏହି ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଏହି ସାମାଜିକ-ସାଂସ୍କୃତିକ କମିକ୍ ଫିଲ୍ମ ଓଡ଼ିଶାରେ ଶୁଟିଂ ହୋଇଥିବାବେଳେ କିମ୍ବଦନ୍ତୀ ଫ୍ରାନ୍ସ ଚଳଚ୍ଚିତ୍ର ନିର୍ମାତା ଜିନ୍-ଲୁକ୍ ଗୋଦାର୍ଡଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି। ଭାରତ, ଫ୍ରାନ୍ସ କୋ-ପ୍ରଡକ୍ସନରେ ନିର୍ମିତ 'ଅଡିୟୁ ଗୋଦାର୍ଡ'ରେ ଚୌଧୁରୀ ବିକାଶ ଦାସ ମୁଖ୍ୟ ଚରିତ୍ରରେ ରହିଛନ୍ତି। ଦୀପନବିତ୍ ଦାସମହାପାତ୍ର, ସୁଧାରଶ୍ରୀ ମଧୁସ୍ମିତା, ସ୍ୱସ୍ତିକ ଚୌଧୁରୀ, ଚୌଧୁରୀ ଜୟପ୍ରକାଶ ଦାସ, ଶଙ୍କର ବାସୁ ମଲ୍ଲିକ, ଅଭିଷେକ ଗିରି, ଶ୍ୱେତପଦ୍ମା ଶତପଥୀ ଏବଂ ଡ. ବନିକାନ୍ତ ମିଶ୍ର ଅନ୍ୟ ପ୍ରମୁଖ ଭୂମିକାରେ ରହିଛନ୍ତି। ଶୁକ୍ରବାର ଫିଲ୍ମର ଟ୍ରେଲର ରିଲିଜ ହୋଇଛି। କିଶଲୟ ରଏ ଏବଂ ରକ୍ ମ୍ୟୁଜିକ୍ ଆଇକନ୍ ରୂପମ୍ ଇସ୍‌ଲାମ୍ ଏହି ଫିଲ୍ମ ଜରିଆରେ ସେମାନଙ୍କ ପ୍ରଥମ ଓଡ଼ିଆ ଗୀତ ସଂରଚନା କରିଛନ୍ତି। ଗତ ଏପ୍ରିଲରେ ମସ୍କୋ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ଚଳଚ୍ଚିତ୍ରର ୱାର୍ଲ୍ଡ ପ୍ରିମିୟର ହୋଇଥିଲା।

# ୪୦ ଆଲୋକବର୍ଷ ଦୂରରେ ଦ୍ୱିତୀୟ ସୌର ଜଗତ

**ୱାଶିଂଟନ:** ଆମ ସୌର ଜଗତ ଆକାଶଗଙ୍ଗା ଗାଲେକ୍ସିରେ ରହିଛି। ଏହାଠାରୁ ୪୦ ଆଲୋକବର୍ଷ ଦୂରରେ ଏକ ଦ୍ୱିତୀୟ ସୌର ଜଗତର ସନ୍ଧାନ ମିଳିଛି। ଏହାକୁ ହୋଲି ଗ୍ରେଲ୍ ଭାବେ ନାମିତ କରାଯାଇଛି। ଏଠାରେ ଥିବା ଗ୍ରହମାନଙ୍କ ଉପରେ ମହାକାଶବିଜ୍ଞାନୀମାନେ ଏବେ ନାନା ତଥ୍ୟ ସଂଗ୍ରହ କରିବାରେ ଲାଗିଛନ୍ତି। ଏହି ସୌର ଜଗତରେ ଥିବା କେତେକ ଗ୍ରହରେ ଜୀବନ ଥିବାର ଆଶା ରହିଛି ବୋଲି ନାସା ପକ୍ଷରୁ କୁହାଯାଇଛି। ନୂତନ ଅନୁସନ୍ଧାନରୁ ଜଣାପଡିଛି, ଏହି ସୌର ଜଗତରେ ସାତୋଟି ଗ୍ରହ ନିଜ ନିଜ କକ୍ଷପଥରେ ରହିଛନ୍ତି। ଗ୍ରହଗୁଡିକ ସଂଗୀତର ନୋଟସ୍ ପରି ସଜାଇ ହୋଇ ରହିଛନ୍ତି। ତେଣୁ ମହାକାଶ ବିଜ୍ଞାନୀମାନେ ଏହି ଗ୍ରହଗୁଡ଼ିକୁ 'ହାରମୋନି' ବୋଲି କହୁଛନ୍ତି। ଗ୍ରହଗୁଡିକ କିପରି ସୃଷ୍ଟି ହେଲା ସେ ନେଇ ଗବେଷଣା ଜାରି ରହିଛି।

# ଥାଇଲାଣ୍ଡକୁ ଫେରିଲା ମାଙ୍କଡ଼ ଉତ୍ସବ



**ଲୋପବୁରି:** ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଥାଇଲାଣ୍ଡରେ ୧୯୮୦ରୁ ଆରମ୍ଭ ହୋଇଥିବା ମାଙ୍କଡ଼ ଉତ୍ସବ ବା ମଙ୍କି ଫେଷ୍ଟିଭାଲ ୨ ବର୍ଷର ବ୍ୟବଧାନ ପରେ ଚଳିତ ବର୍ଷ ପୁଣି ପାଳନ କରାଯାଇଛି। କେନ୍ଦ୍ରୀୟ ଥାଇଲାଣ୍ଡର ଲୋପବୁରିଠାରେ ହଜାର ହଜାର ସଂଖ୍ୟାରେ ମାଙ୍କଡ଼ଙ୍କୁ ପ୍ରାୟ ୨ ଟନ୍ ଫଳମୂଳ ଓ ପନିପରିବା ଖାଇବାକୁ ଦିଆଯାଇଛି। ଏଥିପାଇଁ ୧ ଲକ୍ଷ ବାହତ୍ (ପ୍ରାୟ ୨ ଲକ୍ଷ ୨୫ ହଜାର ଟଙ୍କା) ଖର୍ଚ୍ଚ ହୋଇଛି। ଲୋକଙ୍କ ହାତରୁ ମାଙ୍କଡ଼ ଫଳମୂଳ ଖାଉଥିବା ଦେଖିବାକୁ ମିଳିଥିଲା। ମହାମାରୀ କରୋନା ଯୋଗୁ ୨ ବର୍ଷ ହେଲା ଏହି ଫେଷ୍ଟିଭାଲ ବନ୍ଦ ରହିଥିଲା। ମାଙ୍କଡ଼ ପ୍ରଦେଶ ଭାବେ ମଧ ଜଣା ଲୋପବୁରି ବାସିନ୍ଦା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ପ୍ରମୁଖ ଭୂମିକା ଥିବା ମାଙ୍କଡ଼ଙ୍କୁ ମନଇଚ୍ଛା ଖାଦ୍ୟ ଦେଇ ଧନ୍ୟବାଦ ଜଣାଇଥାନ୍ତି। ଚଳିତ ବର୍ଷର ଥିମ ହ୍ୱିଲଚେୟାର ମଙ୍କି ରହିଥିଲା। ପ୍ରାୟ ୩୦ରୁ ଅଧିକ ମଙ୍କି ଫେଷ୍ଟିଭାଲ ଆୟୋଜନ କରିଥିବା ୟଙ୍ଗ୍ୟୁଥ୍ କିତ୍‌ୱାତାନାଉସୋଣ୍ଟ ଅସହାୟ ଭିନ୍ନକ୍ଷମଙ୍କୁ ଶହେ ହ୍ୱିଲ୍‌ଚେୟାର ଦାନ କରିଥିଲେ। ଥାଇଲାଣ୍ଡ ସରକାର ଟିକା ନେଇଥିବା ବ୍ୟକ୍ତିଙ୍କ ପାଇଁ କ୍ୱାରାଣ୍ଟାଇନ ମୁକ୍ତ ଯାତାୟାତ ସୁବିଧା ଘୋଷଣା କରିବା ପରେ ସେଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଛି।


**CLASSIFIED DISPLAY**

**MORE SPACE • SAME PRICE**

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385
8637280816, 7894447167, 9338226625



# ମନେ ପଡ଼ନ୍ତି

## ତୃତୀୟ ଶ୍ରାଦ୍ଧବାର୍ଷିକୀ



**ଜ୍ୟୋସ୍ନା**
(ସି- ୧୭୧, ସାଉଥ ମୋତିବାଗ, ନୂଆଦିଲ୍ଲୀ-୨୧)
ଇଞ୍ଜୋଳ, ହାଟଡିହୀ, କେନ୍ଦୁଝର
(୨୧।୦୭।୧୯୭୪- ୨୯।୧୧।୨୦୧୮
"ଚାଲିତ ଗଲ",
ସ୍ମୃତି ଉପବନେ ଏବେ ବି ବସୁଛି ହାଟ.
ଫୁଲରେ ଫୁଲରେ ହସହସ ମୁହଁ ତୁମ
ଦିଶେ ଚହଟ"।
✽ତୁମ ଅଭୁଲା ସ୍ମୃତିରେ✽
ନିଃସଙ୍ଗ ସାଥୀ, ପୁତ୍ର ଓ ସମସ୍ତ ପରିବାରବର୍ଗ ।
ଧ-୨୨୪୧୪

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦେଓ**
ତଣ୍ଡିକେରା, ବାସୁଦେବପୁର, ପୁରୀ
ଆବିର୍ଭାବ: ୩୦।୧୧।୧୯୪୦
ତିରୋଧାନ: ୧୦।୧୨।୨୦୨୦
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରଣାମ ଜଣାଉଛୁ।
**ଶୋକସନ୍ତପ୍ତ:** ପତ୍ନୀ: ଟିକିନା ଦେଓ, କନ୍ୟା: ଜ୍ୟୋସ୍ନାରାଣୀ, ସନ୍ଧ୍ୟାରାଣୀ, ପୁତ୍ର: ଲକ୍ଷ୍ମୀନାରାୟଣ, ଶିବନାରାୟଣ, ରବିନାରାୟଣ, ବୋହୂ: ଶୁଭସ୍ମିତା, ତିଲୋତ୍ତମା, କଳ୍ପନା, ନାତିନାତୁଣୀ: ସଲୋନୀ, ସାଇନି, ସୁଶ୍ରୀ, ଶୁଭତନ୍ମୟ, ବିଲୁ, ଅଲୁ ।
ଧ-୬୯୦୫୨


# ଅନନ୍ୟାଙ୍କ ସହ ଫଟୋ ଶେୟାର କଲେ ବିଜୟ ଦେୱରକୋଣ୍ଡା


ବିଜୟ ଦେୱରକୋଣ୍ଡା

**ମୁମ୍ବାଇ:** ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ଅଭିନେତା ବିଜୟ ଦେୱରକୋଣ୍ଡା ଏବେ ବଲିଉଡରେ ତାଙ୍କର ପ୍ରଶଂସକ ତିଆରି କରିବାରେ ଲାଗି ପଡିଛନ୍ତି। ତାଙ୍କର ଅଗାମୀ ବଲିଉଡ ମୁଭିକୁ ନେଇ ସେ ଏବେ ଖୁବ୍ ଚର୍ଚ୍ଚାରେ ରହିଛନ୍ତି। ଏବେ ସେ ଫିଲ୍ମର ଶୁଟିଂ ସହ ସମ୍ପୂର୍ଣ୍ଣ ଟିମ୍ ସହ ଆମେରିକାର ଲସ୍ ଆଞ୍ଜେଲସ୍‌ରେ ରହିଛନ୍ତି। ଫିଲ୍ମର ଶୁଟିଂ ସରିବା ପରେ ସେ ଶୁଟିଂ ସେଟ୍‌ରୁ କିଛି ଫଟୋ ଶେୟାର କରି ଦର୍ଶକଙ୍କ ନିକଟତର ହେଉଛନ୍ତି । ଏବେ ସେ ତାଙ୍କ ସୋସିଆଲ ମିଡିଆରେ ଏମିତି ଏକ ଫଟୋ ଶେୟାର କରିଛନ୍ତି ଯାହାକୁ ନେଇ ସେ ଅଧିକ ଚର୍ଚ୍ଚାକୁ ଆସିଛନ୍ତି। ସହ-କଳାକାର ଅନନ୍ୟା ପାଣ୍ଡେଙ୍କ ସହ ଫଟୋରେ ସେ ନଜର ଆସିଛନ୍ତି। ଉଭୟ 'ଲାଇଗର' ଫିଲ୍ମର ଶୁଟିଂ ପାଇଁ ଲସ୍ ଆଞ୍ଜେଲସରେ ଅଛନ୍ତି। ଆଉ ଶୁଟିଂରୁ ଫୁରସତ ମିଳିଲେ ସେମାନେ କିଛି କିଛି ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ଆଉ ଏକ ଫଟୋରେ ବିଜୟ, ଅନନ୍ୟା ଓ ନିର୍ଦ୍ଦେଶକ ପୁରୀ ଜଗନ୍ନାଥ ଓ ଚାର୍ମି କୌରଙ୍କ ସହ ନଜର ଆସିଛନ୍ତି। ସେ ଚାର୍ମି ଓ ଅନନ୍ୟାଙ୍କ କାନ୍ଧରେ ହାତ ରଖି ପୋଜ ଦେଇଛନ୍ତି। ଫିଲ୍ମର କଥା ଯଦି ଆଲୋଚନାକୁ ନିଆଯାଏ ତେବେ ଏହାର ଟାଇଟଲ 'ଲାଇଗର'ର ଅର୍ଥ ହେଉଛି ଅଧା ଲାୟନ ଅଧା ଟାଇଗର। ଫିଲ୍ମକୁ ନେଇ ନିର୍ମାତା, ନିର୍ଦ୍ଦେଶକ ଓ କଳାକାର ବେଶ ଆଶାବାଦୀ ଅଛନ୍ତି। ଏଥିରେ ଆମେରିକୀୟ ବକ୍ସର ମାଇକ ଟାଇସନ୍ ମଧ ନଜର ଆସିବେ। ଶୁଟିଂବେଳେ ତାଙ୍କୁ ବିଜୟଙ୍କ ସହ ଦେଖିବାକୁ ମିଳିଥିଲା। ରିଙ୍ଗ୍‌ରେ ଏହି ଦୁଇ ସେଲିବ୍ରିଟି ସାମ୍ନା-ସାମ୍ନିହେବେ। ୨୦୨୨ରେ 'ଲାଇଗର' ହିନ୍ଦୀ, ତେଲୁଗୁ, ତାମିଲ, ମାଲାୟାଲମ ଏବଂ କନ୍ନଡ଼ ଭାଷାରେ ରିଲିଜ ହେବ।


**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ନଭେମ୍ବର ୨୯/୨୦୨୧ Bhubaneswar, Monday, November 29/ 2021

## ଓଡ଼ିଶାର ବୃହତ୍ ବିଜୟ

**ଭୁବନେଶ୍ୱର,୨୮।୧୧(ସ୍ପୋର୍ଟ୍ସ ବ୍ୟୁରୋ):** କେରଳରେ ଆରମ୍ଭ ହୋଇଥିବା ସିନିୟର ମହିଳା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ରବିବାର ଏକ ବୃହତ୍ ବିଜୟ ହାସଲ କରିଛି। ଓଡ଼ିଶା ୯-୦ ଗୋଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ଦଳ ତରଫରୁ ତାରକା ଖେଳାଳି ଜବାମଣୀ ଟୁଡୁ ୯ ଓ ୧୪ତମ ମିନିଟ୍‌ରେ ଓ ସୁଭ୍ରା ସାହୁ ୮୪ ଓ ୮୬ତମ ମିନିଟ୍‌ରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ସୋନୀ ବେହେରା ପ୍ରଥମ ମିନିଟ୍‌ରେ ଗୋଟିଏ, ଦୀପା ନାୟକ ୪୯ତମ ମିନିଟ୍‌ରେ ଗୋଟିଏ, ସତ୍ୟବତୀ ଖାଡିଆ ୫୨ତମ ମିନିଟ୍‌ରେ ଗୋଟିଏ ଓ ଯଶୋଧା ମୁଣ୍ଡା ଇଞ୍ଜୁରି ଟାଇମ୍‌ର ଚତୁର୍ଥ ମିନିଟ୍‌ରେ ଗୋଟିଏ ଗୋଲ ସ୍କୋର କରିଥିଲେ।

**ବିଶ୍ୱ ପାରା-ପାୱାରଲିଫ୍ଟିଂ**

## ପରମଜିତ୍‌ଙ୍କୁ ବ୍ରୋଞ୍ଜ୍

**ନୂଆଦିଲ୍ଲୀ, ୨୮।୧୧ (ପି.ଟି.):** ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ପଦକ ଜିତିବାରେ ପରମଜିତ୍ କୁମାର ଭାରତର ପ୍ରଥମ ପାରା-ପାୱାରଲିଫ୍ଟର ହେବାର ଗୌରବ ଅର୍ଜନ କରିଛନ୍ତି। ଜର୍ଜିଆର ଟିବିଲିସିଠାରେ ଚାଲିଥିବା ଏହି ଚାମ୍ପିୟନଶିପ୍‌ରେ ସେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଗାନ୍ଧିନଗରସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରଠାରେ ଟ୍ରେନିଂ ନେଉଥିବା କୁମାର ପୁରୁଷ ୪୯କେଜି ଓଜନ ବର୍ଗରେ ୧୫୮କେଜି ଉତ୍ତୋଳନ କରିଥିଲେ। ଏହି ଐତିହାସିକ ସଫଳତା ପାଇଁ କୁମାରଙ୍କୁ ସାଇ ଅଭିନନ୍ଦନ ଜଣାଇଛନ୍ତି।

# କାନପୁର ଟେଷ୍ଟ: ଭାରତ ପଲା ଭାରି

**କାନପୁର,୨୮।୧୧**

ପଦାର୍ପଣ କରିଥିବା ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଉଭୟ ଇନିଂସରେ ନିଜର ବ୍ୟାଟିଂ ଦକ୍ଷତା ଓ ଥଣ୍ଡା ମିଜାଜର ପ୍ରମାଣ ଦେଇଛନ୍ତି। ଚାପରେ ଅର୍ଦ୍ଧଶତକୀୟ ଇନିଂସ ଖେଳି ସେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଛନ୍ତି। ସେହିପରି ଉଇକେଟ୍‌କିପର ବ୍ୟାଟର ଋଦ୍ଧିମାନ ଶାହା ମଧ୍ୟ ଦ୍ୱିତୀୟ ଇନିଂସରେ ୬୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଇନିଂସ ଘୋଷଣା ପର୍ଯ୍ୟନ୍ତ ଅପରାଜିତ ରହି ଆୟାରଙ୍କୁ ସହାୟତା ପ୍ରଦାନ କରିଥିଲେ।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୩୪୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୪୨.୩ ଓଭରରେ ୨୯୬ ରନକରି ଅଲଆଉଟ ହୋଇଥିଲା। ଫଳରେ ଭାରତ ୪୯ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ରବିବାର ଚତୁର୍ଥ ଦିବସରେ ୮୧ ଓଭରରେ ୭ ଉଇକେଟ ହରାଇ ୨୩୪ ରନକରି ଇନିଂସ ଘୋଷଣା କରିଥିଲା। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୮୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୪ ଓଭରରେ ଗୋଟିଏ ଉଇକେଟ ହରାଇ ୪ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ଗୋଟିଏ ଦିନ ବାକି ରହିଥିବା ବେଳେ ବିଜୟ ପାଇଁ ନ୍ୟୁଜିଲାଣ୍ଡ ୯ ଉଇକେଟ ହାତରେ ଥାଇ ଆଉ ୨୮୦ ରନ ଆବଶ୍ୟକ କରୁଛି। ଅନ୍ୟପଟେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ବାକିଥିବା ୯ ଉଇକେଟ ହାସଲ କରିବା ଜରୁରୀ ହୋଇପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଟମ୍ ଲାଥମ ୨ ଓ ୱିଲିୟମ ସମରଭିଲେ କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ଓପନର ୱିଲ ୟଙ୍ଗ୍ ୨ ରନକରି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ।





ଅର୍ଦ୍ଧଶତକ ହାସଲ କରିବା ପରେ ଶ୍ରେୟାସ ଆୟାର ଓ ଋଦ୍ଧିମାନ ଶାହା।

### ଦମ୍ ଦେଖାଇଲେ ଋଦ୍ଧିମାନ

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୪/୧ରୁ ଭାରତ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲ ୪ ଓ ଅଭିଜ୍ଞ ଚେତେଶ୍ୱର ପୂଜାରା ୯ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୧୭ ଓ ୨୨ ରନକରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ୪ ରନକରି ଅଧିନାୟକ ଅଜିଙ୍କ୍ୟ ରାହାନେ ସ୍ପିନର ଅଜାଜ ପଟେଲଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଆୟାରଙ୍କ ୬୫ ଓ ଋଦ୍ଧିମାନଙ୍କ ଅପରାଜିତ ୬୧ ରନ (୧୨୬ ବଲ, ୪ ଚୌକା, ୧ ଛକା)କୁ ବାଦ୍ ଦେଲେ ଅଶ୍ୱିନ ୩୨ ଏବଂ ଅକ୍ଷର ପଟେଲ ଅପରାଜିତ ୨୮ ରନ ସଂଗ୍ରହ କରି ଦଳର ସ୍ଥିତି ମଜଭୁତ କରିଥିଲେ। ଅର୍ଦ୍ଧଶତକ ହାସଲ କରି ଅପରାଜିତ ରହିବା ସହ ଋଦ୍ଧିମାନ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ସୌଦି ଓ ଜେମିସନ ୩ଟି ଲେଖାଏ, ଅଜାଜ ପଟେଲ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୧୧.୧ ଓଭରରେ ୩୪୫ ଅଲଆଉଟ। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୪୨.୩ ଓଭରରେ ୨୯୬। ଭାରତ ଦ୍ୱିତୀୟ ଇନିଂସ: ୮୧ ଓଭରରେ ୨୩୪/୭ ଇନିଂସ ଘୋଷଣା (ଶ୍ରେୟାସ ଆୟାର- ୬୫, ଋଦ୍ଧିମାନ ଶାହା- ୬୧*, ରବିଚନ୍ଦ୍ରନ ଅଶ୍ୱିନ- ୩୨, ଅକ୍ଷର ପଟେଲ- ୨୮*, ଚେତେଶ୍ୱର ପୂଜାରା- ୨୨, ମୟଙ୍କ ଅଗ୍ରୱାଲ- ୧୭, କାଏଲ ଜେମିସନ- ୩/୪୦, ଟିମ ସୌଦି- ୩/୭୫, ଅଜାଜ ପଟେଲ- ୧/ ୬୦)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୪ ଓଭରରେ ୪/୧ (ଟମ୍ ଲାଥମ-୨*, ୱିଲ ୟଙ୍ଗ-୨, ଅଶ୍ୱିନ- ୧/୩)।

### ଆୟାରଙ୍କ ରେକର୍ଡ

ପଦାର୍ପଣ ଟେଷ୍ଟରେ ଶ୍ରେୟାସ ଆୟାର ଏକାଧିକ ରେକର୍ଡ ହାସଲ କରିଛନ୍ତି। ସେ ପ୍ରଥମ ଇନିଂସରେ ୧୦୫ ରନର ଶତକୀୟ ଇନିଂସ ଖେଳିବା ପରେ ଦ୍ୱିତୀୟ ଇନିଂସରେ ୬୫ ରନ (୧୨୫ ବଲ, ୮ ଚୌକା, ୧ ଛକା)ର ଅର୍ଦ୍ଧଶତକୀୟ ଇନିଂସ ଖେଳଛନ୍ତି। ଏଥିସହ ଡେବ୍ୟୁ ଟେଷ୍ଟରେ ସେ ପ୍ରଥମ ଭାରତୀୟ ଭାବେ ଦୁଇଟି ଇନିଂସରେ ୫୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି। ପ୍ରଥମ ଟେଷ୍ଟରେ ପ୍ରଥମ ଦୁଇଟି ଇନିଂସରେ ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାରେ ସେ ଚତୁର୍ଥ ଭାରତୀୟ ସାବ୍ୟସ୍ତ ହୋଇଛନ୍ତି। ୨୦୧୦ ପରେ ସେ ଦ୍ୱିତୀୟ ଅନ୍ତର୍ଜାତୀୟ କ୍ରିକେଟର ଭାବେ ପଦାର୍ପଣ ଟେଷ୍ଟରେ ଶତକ ଓ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ପୁଣି ଡେବ୍ୟୁ ଟେଷ୍ଟରେ ସର୍ବାଧିକ ରନ ସଂଗ୍ରହ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି।

## ସୌମ୍ୟରଞ୍ଜନ ଚାମ୍ପିୟନ

**ଭୁବନେଶ୍ୱର, ୨୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**



ଭୁବନେଶ୍ୱର ଚେସ୍ ଆସୋସିଏଶନ (ବିସିଏ) ଆନୁକୂଲ୍ୟରେ କେନ୍ଦ୍ରାପଡ଼ାର ସାଇ ବୀଣାପାଣି ଜ୍ଞାନ ମନ୍ଦିରରେ ରବିବାର ୧୪ତମ ସନ୍ଦୀପ ମହାନ୍ତି ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ସୌମ୍ୟ ରଞ୍ଜନ ମିଶ୍ର ୭ ପଏଣ୍ଟ ହାସଲ କରି ଶୀର୍ଷରେ ରହିବା ସହ ଚାମ୍ପିୟନ ହୋଇଛନ୍ତି। ସେହିପରି କଟକର ରବୀନ୍ଦ୍ର କୁମାର ଓଝା ୬ ପଏଣ୍ଟ ପାଇ ରନର୍ସଅପ ହୋଇଛନ୍ତି। ଭୁବନେଶ୍ୱରର ଗଙ୍ଗାଧର ପଣ୍ଡା ୫, ଅରିନ ଅନ୍ୱେଷ ସ୍ୱାଇଁ ୫, ପୁରୀର ବିଜିପି ମହାପାତ୍ର ୫ ପଏଣ୍ଟ ପାଇ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

୭ ବର୍ଷରୁ କମ୍ ପ୍ରତିଯୋଗିତାରେ ମନୀଷ ମିଶ୍ର ପ୍ରଥମ ଓ ଶ୍ରେୟାଂଶ ଦାସ ଦ୍ୱିତୀୟ ହୋଇଛନ୍ତି। ୯ ବର୍ଷରୁ କମ ବିଭାଗରେ ବିନୀତ ନାୟକ ପ୍ରଥମ ଓ ସାରାଂଶ ମିଶ୍ର ଦ୍ୱିତୀୟ ହୋଇଛନ୍ତି। ୧୧ ବର୍ଷରୁ କମ୍ ବିଭାଗରେ ସାଇ ଶକ୍ତି ପଣ୍ଡା ପ୍ରଥମ ଓ ବିନାୟକ କୁମାର ସାମଲ ଦ୍ୱିତୀୟ ହୋଇଛନ୍ତି। ୧୮ ବର୍ଷରୁ କମ୍ ବିଭାଗରେ ସାହାଣ ଲେଙ୍କା ପ୍ରଥମ ଓ ଅଂଶୁମାନ ପତି ଦ୍ୱିତୀୟ ହୋଇଛନ୍ତି। ବାଳିକା ବିଭାଗରେ ଶ୍ୱେତଲାନ ପଟ୍ଟନାୟକ ପ୍ରଥମ ଓ ସାଇବିଧି ତ୍ରିପାଠୀ ଦ୍ୱିତୀୟ ହୋଇଛନ୍ତି।

## ପ୍ରଥମ ଟେଷ୍ଟ: ବାଂଲାଦେଶ ଅଗ୍ରଣୀ

**ଚଟ୍ଟୋଗ୍ରାମ,୨୮।୧୧:** ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ବାଂଲାଦେଶ ଅଗ୍ରଣୀ ହାସଲ କରିବା ପରେ ଦ୍ୱିତୀୟ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ବାଂଲାଦେଶ ଟସ୍ ଜିତି ପ୍ରଥମ ଇନିଂସରେ ୧୧୪ ଓଭରରେ ୩୩୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ଓପନର ଆବିଦ ଅଲିଙ୍କ ଶତକ (୧୩୩ ରନ) ସତ୍ତ୍ୱେ ୧୧୫.୪ ଓଭରରେ ୨୮୬ ରନକରି ଅଲଆଉଟ ହୋଇଥିଲା। ଫଳରେ ବାଂଲାଦେଶ ୪୪ ରନର ଅଗ୍ରଣୀ ହାସଲ କରିଥିଲା। ବାଂଲାଦେଶ ଦ୍ୱିତୀୟ ଇନିଂସ ଆରମ୍ଭ କରି ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୯ ଓଭରରେ ୪ ଉଇକେଟ ହରାଇ ମାତ୍ର ୩୯ ରନ ସଂଗ୍ରହ କରିଛି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୫/୦ରୁ ଖେଳ ଆରମ୍ଭ କରି ପାକିସ୍ତାନ ରବିବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଓପନର ଅବିଦ ଅଲି ୯୩ ଓ ଅବଦୁଲ୍ଲା ସାଫିକ ୫୨ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୧୩୩ ଓ ୫୨ ରନକରି ଆଉଟ ହୋଇଥିଲେ। ବାଂଲାଦେଶର ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମ ସର୍ବାଧିକ ୭, ଇବାଦୋତ ହୋସେନ ୨ ଓ ମେହିଦି ହାସନ ମିରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

(ପୃଷ୍ଠା-୮+୮) 48 ଧରିତ୍ରୀ DHARITRI ୪୮

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୯/୨୦୨୧ (୮+୮=୧୬ ପୃଷ୍ଠା)  Bhubaneswar, Monday, November 29/2021




## ସୁରକ୍ଷା ଦେଇ ନ ପାରେ ଟିକା

ଓମିକ୍ରନ୍‌ର ୩୦ରୁ ଅଧିକ ପ୍ରତିରୂପ ରହିଛି। କୋଭିଡ୍ ଟିକାର ରୋଗ ପ୍ରତିରୋଧକ ଶକ୍ତି ଯଥେଷ୍ଟ ହୋଇ ନ ପାରେ ବୋଲି ଏମ୍ସ ନିର୍ଦ୍ଦେଶକ ଡା. ରଣଦୀପ ଗୁଲେରିଆ କହିଛନ୍ତି।


୦୩ | ୦୮


## ବୁକେନ୍ସ ପ୍ଲେୟର ଅଫ୍ ଦି ମ୍ୟାଚ

ଆମେରିକା ବିପକ୍ଷ ଜୁନିୟର ହକି ବିଶ୍ୱକପ୍ ମ୍ୟାଚରେ ୩ ଗୋଲ ସ୍କୋର କରିଥିବା ନେଦରଲାଣ୍ଡ୍ସର ମାଇଲ୍ସ ବୁକେନ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



# ଘନ କୁହୁଡ଼ି ନେଲା ୧୮ ଜୀବନ

## ଶବ ନେଇ ଯିବାବେଳେ ଦୁର୍ଘଟଣା

କୋଲକାତା,୨୮।୧୧

ସତ୍କାର ପାଇଁ ଏକ ଭ୍ୟାନ୍‌ରେ ମୃତଦେହ ଧରି ଯାଉଥିଲେ ୩୫ ଜଣ। ବାଟରେ ଏକ ପଥର ବୋଝେଇ ଟ୍ରକ୍ ଉକ୍ତ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଭ୍ୟାନ୍‌ରେ ଥିବା ୧୨ ଜଣ ପ୍ରାଣ ହରାଇଥିବାବେଳେ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଉଥିବାବେଳେ ବାଟରେ ଅନ୍ୟ ୬ ଜଣ ଆଖି ବୁଜିଥିଲେ। ରବିବାର ଭୋର ସମୟରେ ଏଭଳି ମର୍ମନ୍ତୁଦ ଘଟଣା ଘଟିଛି ପଶ୍ଚିମବଙ୍ଗର ନଦିୟା ଜିଲାରେ। କୁହୁଡ଼ି ଯୋଗୁ କିଛି ଦେଖାଯାଉ ନ ଥିବାରୁ ଟ୍ରକ୍ ଓ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିବା ପୋଲିସ କହିଛି। ମୃତକଙ୍କ ମଧ୍ୟରେ ୬ ମହିଳା ଓ ଜଣେ ଶିଶୁ ଅଛନ୍ତି। ସତେଯେମିତି ମୃତକଙ୍କ ଶବ ସତ୍କାର ସମୟରେ ସେମାନଙ୍କ ପାଇଁ ମୃତ୍ୟୁ ଛକି ବସିଥିଲା।

ଚକଦାରୁ ନବଦ୍ୱୀପ ଶ୍ମଶାନକୁ ମୃତଦେହ ନେଇ ଯାଉଥିବାବେଳେ ହଂସଖାଲି ଦେଇ ଯାଇଥିବା ରାଜ୍ୟ ରାଜପଥରେ ଭୋର ୩ଟାରେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ପୋଲିସ ସହାୟତାରେ ଅନ୍ୟ ୫ ଆହତଙ୍କୁ ଉଦ୍ଧାର କରି ଶକ୍ତିନଗର ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କ୍ରିଷ୍ଣାନଗର ହସ୍ପିଟାଲକୁ ପଠାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ଆରମ୍ଭରୁ ଅବ୍ୟବସ୍ଥା

- ଧାନଅମଳ ହୋଇଛି, ଚାଷୀଙ୍କୁ ଟୋକନ ମିଳିନି
- ପୂର୍ବ ବର୍ଷ ଅପେକ୍ଷା ଧାନବିକ୍ରି ବିଳମ୍ବିତ
- ଚାଷୀ ଆନ୍ଦୋଳନ ଆଶଙ୍କା

ବରଗଡ଼ ଅଫିସ୍,୨୮।୧୧

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି। କିନ୍ତୁ ଅନ୍ୟବର୍ଷ ଅପେକ୍ଷା ମଣ୍ଡି ଖୋଲିବା ବିଳମ୍ବ ଯୋଗୁ ଚାଷୀଙ୍କୁ ହଇରାଣ ହେବାକୁ ପଡୁଛି। ସେହିପରି ଧାନ କିଣାବିକାରେ ଟୋକନ କଟକଣା ମଧ୍ୟ ବାଧକ ସାଜିଛି। ଯେଉଁ ଚାଷୀ ଧାନ ଅମଳ କରି ସାରିଛନ୍ତି, ସେମାନେ ଏଯାଏ ଟୋକନ ପାଇନାହାନ୍ତି। କେବଳ ସେତିକି ନୁହେଁ, ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଆବେଦନ ଫର୍ମରେ ଚାଷୀମାନଙ୍କୁ ଧାନ ବିକ୍ରି ସମୟ ସୀମା ଦେବାକୁ କୁହାଯାଇଥିଲା। ଚାଷୀମାନେ ତଦନୁଯାୟୀ ସମ୍ଭାବ୍ୟ ବିକ୍ରି ଦିବସ ସମୟ ସୀମା ପୂରଣ କରି ଆବେଦନ କରିଥିଲେ। କିନ୍ତୁ ଟୋକନରେ ବିକ୍ରିଦିବସ ଆହୁରି ୧୫ରୁ ୨୦ଦିନ ଆଗକୁ ବଢ଼ାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅବ୍ୟବସ୍ଥା ଯୋଗୁ ଜିଲାରେ ଆରମ୍ଭରୁ ଧାନ ସଂଗ୍ରହ ପ୍ରକ୍ରିୟା ଜଟିଳ ହୋଇ ପଡ଼ିଛି।

ବରଗଡ଼ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ, ଗତ ୨୫ତାରିଖରୁ ଜିଲାର ଅତାବିରା, ଭେଡ଼େନ ବ୍ଲକର ମଣ୍ଡିଗୁଡ଼ିକ ଖୋଲାଯାଇ ସେଠାରେ ଧାନ ବିକ୍ରି ଆରମ୍ଭ ହୋଇଛି। ସେହିପରି ରବିବାର ବରଗଡ଼ ବ୍ଲକର ମଣ୍ଡିଗୁଡ଼ିକ ଖୋଲିଛି। କିନ୍ତୁ ଚାଷୀମାନେ ଅମଳ ଧାନ ମଣ୍ଡିକୁ ଆଣିଥିଲେ ସୁଦ୍ଧା ବିକ୍ରି ହୋଇପାରିନାହିଁ। ବରଗଡ଼ ବ୍ଲକର କଲାପାଣି ମଣ୍ଡିକୁ ୫ଜଣ ଚାଷୀଙ୍କ ୬୯୮ ପ୍ୟାକେଟ୍ ଧାନ ଆସିଛି। କିନ୍ତୁ ତାହା ଏଯାଏ ବିକ୍ରି ହୋଇପାରିନାହିଁ। ଅନ୍ୟପଟେ ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକ ଗତ ୨୫ତାରିଖରୁ ଖୋଲିଛି। ଏଠାରେ ରବିବାର ସୁଦ୍ଧା ୨୪ହଜାର ୮୮ ପ୍ୟାକେଟ୍ ଧାନ ସଂଗୃହୀତ ହୋଇଛି ☞ପୃଷ୍ଠା-୫



କଲାପାଣି ମଣ୍ଡିରେ ବିକ୍ରି ହୋଇ ନ ପାରି ପଡ଼ି ରହିଥିବା ଧାନ।

## ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି ନାହିଁ

### ଷ୍ଟାଣ୍ଡିଂ କମିଟି ରିପୋର୍ଟ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ଖରିଫ୍ ଋତୁ ଲାଗି ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ମଣ୍ଡି ସମସ୍ୟାର ସମାଧାନ କରିବାରେ ରାଜ୍ୟ ସରକାର ଏଯାଏ ସଫଳ ହୋଇପାରିନାହାନ୍ତି। କାରଣ ରାଜ୍ୟର ସବୁ ମଣ୍ଡିରେ ଏ ପର୍ଯ୍ୟନ୍ତ ଆବଶ୍ୟକୀୟ ଭିତ୍ତିଭୂମି କି ଲୋକବଳ ମଧ୍ୟ ନାହିଁ। ଏକଥା ବିଧାନସଭା ଷ୍ଟାଣ୍ଡିଂ କମିଟିରୁ ଜଣାପଡ଼ିଛି। ଗତ ୨୦ ତାରିଖରେ କୋପରେଟିଭ ସୋସାଇଟି ରେଜିଷ୍ଟ୍ରାରଙ୍କ ଅଫିସରୁ ଏହି ରିପୋର୍ଟ ଜାରି କରାଯାଇଛି। ଏଥିରେ ଧାନମଣ୍ଡିର ବିଭିନ୍ନ ସମସ୍ୟା ନେଇ ବ୍ୟାପକ ଅଭିଯୋଗ ଉପରେ ଉଲ୍ଲେଖ ରହିଛି।

ଧାନମଣ୍ଡି ଅବ୍ୟବସ୍ଥାକୁ ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟି ଉଦ୍‌ବେଗ ପ୍ରକାଶ କରିଛି। କେଉଁଠି ଧାନ ରଖିବା ଲାଗି ସ୍ଥାନ ନାହିଁ ତ ପୁଣି କୋଉଠି ପିଇବା ପାଣିର ସୁବିଧା ଏପର୍ଯ୍ୟନ୍ତ କରାଯାଇପାରି ନାହିଁ। ସେହିପରି ଏ ପର୍ଯ୍ୟନ୍ତ ଅନେକ ମଣ୍ଡିରେ ପୂର୍ଣ୍ଣକାଳୀନ ନିୟମିତ ସମ୍ପାଦକ ମଧ୍ୟ ନାହାନ୍ତି। ରିପୋର୍ଟ ମୁତାବକ ରାଜ୍ୟରେ ୨, ୫୮୧ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍‌ସ), ୩, ୩୬୫ ଧାନ ସଂଗ୍ରହ କେନ୍ଦ୍ର(ପିପିସି) ଜରିଆରେ ଧାନ କିଣୁଛନ୍ତି। ସେଥି ମଧ୍ୟରୁ ୨, ୪୦୪କୁ ଛାଡ଼ି ବାକି ପିପିସିର ନିଜସ୍ୱ ଜାଗା ନାହିଁ। ସେଥିରୁ କିଏ ଆର୍‌ଏମ୍‌ସି ମାର୍କେଟ ୟାର୍ଡ ବ୍ୟବହାର କରୁଛନ୍ତି ତ ଆଉ କେଉଁଠି ସରକାରୀ ଓ ଘରୋଇ ଜାଗା ବ୍ୟବହାର କରୁଛନ୍ତି। ଅନ୍ୟପଟେ ୪୦୯ଟି ପ୍ୟାକ୍‌ସରେ ନିୟମିତ ସମ୍ପାଦକ ନାହାନ୍ତି। ଶତାଧିକ ☞ପୃଷ୍ଠା-୫




## ଗୁଳିକାଣ୍ଡରେ ୮ ମୃତ

ଉତ୍ତର-କେନ୍ଦ୍ରୀୟ ମେକ୍ସିକୋର ଜାକାଟେକାସ୍‌ରେ ଶୁକ୍ରବାର ରାତିରେ ଗୁଳିକାଣ୍ଡ ଯୋଗୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ଗାଡ଼ି ଏବଂ ବନ୍ଧୁକ ଜବତ ହୋଇଛି। ପଡ଼ୋଶୀ ପ୍ରଦେଶ ଜାଲିସକୋ ଏବଂ ସିନାଲୋଆ କାର୍ଟେଲଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଏହି ହତ୍ୟାକାଣ୍ଡ ହୋଇଥିବା କୁହାଯାଉଛି। ୩ ଦିନ ପୂର୍ବରୁ ପୋଲିସ ୩ ମୃତଦେହକୁ ରାଜପଥରେ ଝୁଲନ୍ତା ଅବସ୍ଥାରେ ଜବତ କରିଥିଲା। ଏହାର ସପ୍ତାହେ ପୂର୍ବରୁ ମଧ୍ୟ ଆଉ ୧୦ ମୃତଦେହ ମିଳିଥିଲା।

### ସଂକ୍ଷେପରେ

#### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

## ବିକାଶର ଟର୍ନିଂ ପଏଣ୍ଟ ଷ୍ଟାର୍ଟଅପ୍


ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୨୮।୧୧:** ଭାରତର ବିକାଶ ଧାରାରେ ଷ୍ଟାର୍ଟଅପ୍‌ଗୁଡ଼ିକ ଟର୍ନିଂ ପଏଣ୍ଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କୀ ବାତ୍' ମାସିକ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। ଷ୍ଟାର୍ଟଅପ୍‌ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ପ୍ରାଧାନ୍ୟ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଏକଦା ଚାକିରି ପଛରେ ଧାଉଁଥିବା ଯୁବପିଢ଼ି ଏବେ ନିଯୁକ୍ତି ପ୍ରଦାନ କରିପାରୁଛନ୍ତି। ଭାରତରେ ୭୦ଟି ଷ୍ଟାର୍ଟଅପ୍ କମ୍ପାନୀ ୟୁନିକର୍ନ ମାନ୍ୟତା ପାଇଛି। ଏହା ଦେଶ ବିକାଶର ମୋଡ଼ ବଦଳାଇଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଅଧିକରୁ ଅଧିକ ଲୋକ ଆୟୁଷ୍ମାନ ଭାରତ ଡିଜିଟାଲ ହେଲ୍‌ଥ କାର୍ଡର ସୁବିଧା ନେବା ଲାଗି ପ୍ରଧାନମନ୍ତ୍ରୀ ପ୍ରୋତ୍ସାହିତ କରିଥିଲେ। ସ୍ୱଚ୍ଛ ଜଳବାୟୁ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ଉତ୍ତରପୂର୍ବାଞ୍ଚଳର ଉଦାହରଣ ଦେଇଥିଲେ। ପ୍ରକୃତିର ସନ୍ତୁଳନରେ ବ୍ୟାଘାତ ସୃଷ୍ଟି କଲେ କିମ୍ବା ଏହାର ପବିତ୍ରତା ନଷ୍ଟ କଲେ ଏହା ଆମ ପାଇଁ ବିପଦ ଆଣିଥାଏ ବୋଲି ମୋଦି କହିଥିଲେ।

## ଇରାକରେ ଆଇଏସ୍‌ର ବିସ୍ଫୋରଣ: ୫ ମୃତ

**ବାଗଦାଦ, ୨୮।୧୧:** ଉତ୍ତର ଇରାକ୍‌ର ଏକ ରାସ୍ତା ପାର୍ଶ୍ୱରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀମାନେ ବିସ୍ଫୋରଣ ଘଟାଇବାରୁ କୁର୍ଦ୍ଦ ବାହିନୀର ୫ ଯୋଦ୍ଧା ନିହତ ହେବା ସହ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ପରେ ଆତଙ୍କବାଦୀମାନେ ପେସ୍‌ମେର୍ଗା ପୋଷ୍ଟ ଉପରେ ଆକ୍ରମଣ କରିଥିଲେ। ଆଇଏସ୍ ଆତଙ୍କବାଦୀ ଇରାକୀ ସୈନ୍ୟ ଓ କୁର୍ଦ୍ଦ ଯୋଦ୍ଧାଙ୍କୁ ଟାର୍ଗେଟ କରି ବିସ୍ଫୋରଣ ଘଟାଇଥିଲା। ଉକ୍ତ ଅଞ୍ଚଳରେ ଆଇଏସ୍ ଆତଙ୍କବାଦୀମାନେ ସକ୍ରିୟ ରହିବା ସହ ଅନେକ ସମୟରେ ସୈନ୍ୟମାନଙ୍କୁ ଟାର୍ଗେଟ କରିଆସୁଛନ୍ତି।

## ପେରୁରେ ଭୂକମ୍ପ: ବହୁ କୋଠା ଧ୍ୱଂସ

**ଲିମା, ୨୮।୧୧:** ଉତ୍ତର ପେରୁରେ ରବିବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୫ ଥିବା ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଭୂକମ୍ପ ଯୋଗୁ ବହୁ ବିଲ୍ଡିଂ ଧ୍ୱଂସ ହୋଇଥିବାବେଳେ ଭଗ୍ନାବଶେଷ ଜମାହୋଇ ଅନେକ ରାସ୍ତା ଅବରୋଧ ହୋଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ଆମାଜନ ଅଞ୍ଚଳର ୧୧୨ କିଲୋମିଟର ଗଭୀରରେ ଥିବାରୁ ଅଧିକ କ୍ଷୟକ୍ଷତି ହୋଇ ନ ଥିବା କୁହାଯାଉଛି। ତେବେ ଆମାଜନ ଅଞ୍ଚଳର ଲା ଜାଲକା ଜିଲାରେ ଷୋଡ଼ଶ ଶତାବ୍ଦୀର ଏକ ଚର୍ଚ୍ଚ ଭୁଶୁଡ଼ି ପଡ଼ିବାରୁ ୩ ଜଣ ଆହତ ହୋଇଥିବା ସ୍ଥାନୀୟ ମେୟର କହିଛନ୍ତି। ଭୂକମ୍ପ ପ୍ରଭାବରେ ଇକ୍ୱେଡରରେ ଥିବା ଏକ ଚର୍ଚ୍ଚ ଆଂଶିକ କ୍ଷତିଗ୍ରସ୍ତ ହୋଇଛି।

#### ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ

# କଣ୍ଟେନ୍‌ମେଣ୍ଟ କଟକଣା ଲଗାଅ

**ନୂଆଦିଲ୍ଲୀ, ୨୮।୧୧**


ବେଙ୍ଗାଲୁରୁ କେଏସ୍‌ଆର୍‌ଟିସି ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ କୋଭିଡ୍ ଟେଷ୍ଟ ପାଇଁ ସ୍ୱାବ ନିଆଯାଉଛି।

ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ସଂକ୍ରମଣ ରୋକିବା ଲାଗି ବିଭିନ୍ନ ଦେଶ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। କଣ୍ଟେନ୍‌ମେଣ୍ଟ କଟକଣାକୁ କଡ଼ାକଡ଼ି କରିବା ସହ ବିଦେଶରୁ ବିଶେଷ କରି ଆଫ୍ରିକୀୟ ଦେଶରୁ ଆସୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିବା ସହ ସେମାନଙ୍କର କୋଭିଡ୍ ପରୀକ୍ଷା ଏବଂ ଜିନୋମ ସିକ୍ୱେନ୍ସିଂ କରାଇବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଅଧିକରୁ ଅଧିକ ଲୋକଙ୍କୁ ଟିକାକରଣରେ ସାମିଲ କରିବା ଲାଗି କେନ୍ଦ୍ର ସରକାର କହିଛନ୍ତି। ଏଥିସହିତ ଜନସାଧାରଣ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରକ୍ଷା କରିବା ଆଦି କୋଭିଡ୍ ନିୟମାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରବିବାର ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ସଂକ୍ରମଣର ହଟ୍‌ସ୍ପଟ୍ ଉପରେ ନଜର ରଖିବା, ଆବଦ୍ଧାଞ୍ଚଳ କଟକଣାକୁ ଜୋର୍‌ଦାର କରିବା, ପରୀକ୍ଷା ବଢ଼ାଇବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ବଢ଼ାଇବାକୁ କହିଛନ୍ତି। ଚିନ୍ତାଜନକ ଭୂତାଣୁ ଚିହ୍ନଟ ହୋଇଥିବା ଦେଶଗୁଡ଼ିକରୁ ଆସୁଥିବା ଯାତ୍ରୀମାନଙ୍କ ପ୍ରତି ଅଧିକ ସତର୍କ ରହିବାକୁ କୁହାଯାଇଛି। ନୂଆ ଭାରିଆଣ୍ଟ ଯୋଗୁ ଯଦି ସଂକ୍ରମଣ ବୃଦ୍ଧି ପାଏ, ତାହାର ମୁକାବିଲା ଲାଗି ପର୍ଯ୍ୟାପ୍ତ ପରୀକ୍ଷା ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ କେନ୍ଦ୍ର ସରକାର କହିଛନ୍ତି। ବର୍ତ୍ତମାନ ବିଭିନ୍ନ ରାଜ୍ୟରେ କୋଭିଡ୍ ପରୀକ୍ଷା ଯଥେଷ୍ଟ ହ୍ରାସ ପାଇଛି। ଫଳରେ ସଂକ୍ରମଣ ପ୍ରକୃତରେ କେତେ ବ୍ୟାପୁଛି ତାହା ଆକଳନ କରିବା ସମ୍ଭବ ହେଉନାହିଁ।

#### ଓମିକ୍ରନ୍ ଭୟ

ଏବେ ଯେଉଁ ଅଞ୍ଚଳରେ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି, ସେଗୁଡ଼ିକୁ ହଟ୍‌ସ୍ପଟ୍ ଭାବେ ବିବେଚନା କରାଯାଇ ପରୀକ୍ଷା ବଢ଼ାଇବା ସହ ସମସ୍ତ ପଜିଟିଭ୍ ନମୁନାକୁ ଜିନୋମ୍ ସିକ୍ୱେନ୍ସିଂ ପାଇଁ ଲାବରେଟୋରି ପଠାଇବାକୁ ପରାମର୍ଶ ଦିଆଯାଇଛି।

ସଂକ୍ରମଣ ହାର ୫ ପ୍ରତିଶତରୁ କମ୍ ରଖିବା ଏବଂ ସଂକ୍ରମଣକୁ ଶୀଘ୍ର ଚିହ୍ନଟ କରିବାକୁ ହେଲେ ପରୀକ୍ଷା ବଢ଼ାଇବାକୁ ହେବ। ଦେଶରେ ବିଭିନ୍ନ ଭାରିଆଣ୍ଟର ସଂକ୍ରମଣ ଉପରେ ନଜର ରଖିବା ଲାଗି ଇଣ୍ଡିଆନ ସାର୍ସ-କୋଭ୍-୨ ଜିନୋମିକ୍ସ କନ୍‌ସୋର୍ଟିୟମ (ଆଇଏନ୍ଏସ୍ଏସିଓଜି) ସ୍ଥାପନ କରାଯାଇଛି। କରୋନା ଭୂତାଣୁର ବିଭିନ୍ନ ଭାରିଆଣ୍ଟ ଚିହ୍ନଟ କରିବା ଲାଗି ଏହା ବହୁ ଲାବରେଟୋରି ଏବଂ ଏଜେନ୍ସିଯୁକ୍ତ ପାନ୍ ଇଣ୍ଡିଆ ନେଟ୍‌ୱର୍କ। ନୂଆ ଭାରିଆଣ୍ଟ ସଂକ୍ରମଣକୁ ନେଇ ଭୟର ବାତାବରଣ ସୃଷ୍ଟି କରାଯାଉଛି। ଭୟଭୀତ ନ ହେବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଓମିକ୍ରନ ଭାରିଆଣ୍ଟ ଏବେ ୬ଟି ଆଫ୍ରିକୀୟ ଦେଶ ସମେତ ବ୍ରିଟେନ, ଜର୍ମାନୀ, ଇଟାଲୀ, ବେଲ୍‌ଜିୟମ, ଅଷ୍ଟ୍ରିଆ, ବୋଟ୍‌ସ୍ୱାନା, ଇସ୍ରାଏଲ୍, ହଂକଂ ଆଦି ଦେଶକୁ ବ୍ୟାପିଲାଣି। କୋଭିଡ୍ ଟିକା ନୂଆ ଭାରିଆଣ୍ଟ ସଂକ୍ରମଣ ରୋକିବାରେ ବିଫଳ ହୋଇଥିବା କୁହାଯାଉଛି।

## 'ସୁରକ୍ଷା ଦେଇ ନ ପାରେ ଟିକା'


ଡ. ରଣଦୀପ ଗୁଲେରିଆ

ନୂଆ କୋଭିଡ୍ ଭାରିଆଣ୍ଟ ଓମିକ୍ରନ୍‌ର ୩୦ରୁ ଅଧିକ ପ୍ରତିରୂପ ରହିଛି। ଏହା କୋଭିଡ୍ ଟିକାର ରୋଗ ପ୍ରତିରୋଧକ ଶକ୍ତିଠାରୁ ବର୍ତ୍ତିଯାଇପାରିବ ବୋଲି ଏମ୍ସ ନିର୍ଦ୍ଦେଶକ ଡ. ରଣଦୀପ ଗୁଲେରିଆ ରବିବାର କହିଛନ୍ତି। ଅଧିକାଂଶ ଟିକା ସ୍ପାଇକ୍ ପ୍ରୋଟିନ୍ ବିରୋଧରେ ଆଣ୍ଟିବଡି ସୃଷ୍ଟି କରିଥାନ୍ତି। ସ୍ପାଇକ୍ ପ୍ରୋଟିନ୍ ସ୍ତରରେ ୩୦ରୁ ଅଧିକ ପ୍ରକାର ପରିବର୍ତ୍ତନ ଯୋଗୁ ଟିକାର ରୋଗ ପ୍ରତିରୋଧକ ଶକ୍ତିଠାରୁ ଏହା ବର୍ତ୍ତିଯିବାକୁ ସମର୍ଥ ବୋଲି ଗୁଲେରିଆ କହିଛନ୍ତି।

## ଯାତ୍ରା କଟକଣାକୁ ଦକ୍ଷିଣ ଆଫ୍ରିକାର ସମାଲୋଚନା

**ଜୋହାନ୍ସବର୍ଗ, ୨୮।୧୧**

କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ଚିହ୍ନଟ ହେବା ପରେ ୧୮ଟି ଦେଶ ଦକ୍ଷିଣ ଆଫ୍ରିକାକୁ ବିମାନ ଚଳାଚଳ ବନ୍ଦ କରିଦେଲେଣି। ଚିନ୍ତା ନ କରି ସାରା ବିଶ୍ୱ ଏଭଳି ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ନୁହେଁ ବୋଲି ଦକ୍ଷିଣ ଆଫ୍ରିକାର ସ୍ୱାସ୍ଥ୍ୟ ସେବା ମହାସଂଘ ପକ୍ଷରୁ କୁହାଯାଇଛି। ନୂଆ ଭାରିଆଣ୍ଟ କେତେ ବିପଜ୍ଜନକ ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏଭଳି ସ୍ଥିତିରେ ବିମାନ ଚଳାଚଳ ବନ୍ଦ ନିଷ୍ପତ୍ତି ଅପରିପକ୍ୱତା ବୋଲି ଦକ୍ଷିଣ ଆଫ୍ରିକା ମେଡିକାଲ ଆସୋସିଏଶନ୍‌ର ଅଧ୍ୟକ୍ଷ ଆଞ୍ଜେଲିକ୍ କୋଏଟ୍‌ଜି କହିଛନ୍ତି। ଶୀଘ୍ର ନୂଆ ଭାରିଆଣ୍ଟ ଚିହ୍ନଟ କରିବା ସାମର୍ଥ୍ୟ ଯୋଗୁ ଆମେ ଦଣ୍ଡିତ ହେଉଛୁ, ଅନେକ ଦେଶ ବିମାନ ଯାତ୍ରା ଉପରେ କଟକଣା ଲଗାଇଲେଣି ବୋଲି ଶନିବାର ଅନ୍ତର୍ଜାତୀୟ ସମ୍ପର୍କ ଓ ସହଯୋଗ ବିଭାଗ (ଡିଆଇଆର୍‌ସିଓ) ପକ୍ଷରୁ କୁହାଯାଇଥିଲା।

## ଅଷ୍ଟ୍ରେଲିଆରେ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ

**ସିଡ୍‌ନୀ, ୨୮।୧୧**

କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ଏବେ ଗୋଟିଏ ପରେ ଗୋଟିଏ ମହାଦେଶକୁ ବ୍ୟାପିବାରେ ଲାଗିଛି। ୟୁରୋପ ପରେ ଏବେ ଅଷ୍ଟ୍ରେଲିଆରେ ଏହି ଭାରିଆଣ୍ଟରେ ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାରୁ ଫେରିଥିବା ଦୁଇଜଣ ଯାତ୍ରୀଙ୍କଠାରେ ନୂଆ ଭାରିଆଣ୍ଟ ଥିବା ଜଣାପଡ଼ିଛି। ସିଡ୍‌ନୀ ବିମାନବନ୍ଦରରେ ଓହ୍ଲାଇବା ପରେ ସେମାନଙ୍କର କୋଭିଡ୍ ପରୀକ୍ଷା କରାଯିବା ସହ ଜିନୋମ ସିକ୍ୱେନ୍ସିଂ କରାଯାଇଥିଲା। ନୂଆ ଭାରିଆଣ୍ଟକୁ ନେଇ ସାରା ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ୟୁରୋପୀୟ ସଂଘ ସମେତ ଇରାନ, ଜାପାନ, ନ୍ୟୁଜିଲାଣ୍ଡ, ଥାଇଲାଣ୍ଡ, ଆମେରିକା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା ଆଦି ଦେଶ ବିମାନ ଯାତ୍ରାରେ କଟକଣା ଲଗାଇଛନ୍ତି।


ବ୍ରିଟେନ୍‌ରେ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହେବା ପରେ ସରକାରଙ୍କ ପକ୍ଷରୁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ଲଣ୍ଡନର ମେଟ୍ରୋ ଟ୍ରେନ୍‌ରେ ଲୋକେ ମାସ୍କ ପିନ୍ଧି ଯାତ୍ରା କରୁଛନ୍ତି।

## ୟୁପିଟିଇଟି ପରୀକ୍ଷା ବାତିଲ

#### ପ୍ରଶ୍ନପତ୍ର ଲିକ୍ ୨୩ ଗିରଫ

**ନୂଆଦିଲ୍ଲୀ, ୨୮।୧୧**

ଉତ୍ତରପ୍ରଦେଶ ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ୟୁପିଟିଇଟି) ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ଆସିବା ପରେ ଏହି ପରୀକ୍ଷାକୁ ବାତିଲ କରାଯାଇଛି। ନଭେମ୍ବର ୨୮ (ରବିବାର) ଏହି ପରୀକ୍ଷା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ଘଟଣାରେ ପୋଲିସ ୨୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସେମାନେ ପ୍ରଶ୍ନପତ୍ର ଭାଇରାଲ କରିଥିବା ଅଭିଯୋଗ ହୋଇଥିଲା। ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଘଟଣାର ତଦନ୍ତ କରୁଛି। ଆସନ୍ତା ମାସରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇପାରେ ବୋଲି ସୂଚନା ରହିଛି। ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଆଶାୟୀ ୨୫ଶହ କେନ୍ଦ୍ରରେ ଏହି ପରୀକ୍ଷା ଦେବେ।




## ପୂର୍ବ ଲଦାଖ ନିକଟରେ ଚାଇନାର ମିଶାଇଲ ରେଜିମେଣ୍ଟ

#### ନୂଆ ହାଇୱେ ନିର୍ମାଣ କରୁଛି ପିଏଲ୍ଏ

**ଲେହ, ୨୮।୧୧**

ସୀମାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗିରହିଥିବାବେଳେ ପୂର୍ବ ଲଦାଖ ନିକଟରେ ବେଜିଂ ନୂଆ ହାଇୱେ ଓ ରାସ୍ତା ନିର୍ମାଣ କରିବା ସହ ସେଠାରେ ମିସାଇଲ୍ ଓ ରକେଟ ରେଜିମେଣ୍ଟ ମୁତୟନ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପୂର୍ବ ଲଦାଖ ସେକ୍ଟର ଅପରପାର୍ଶ୍ୱରେ ଥିବା ଅକ୍‌ସାଇ ଚୀନ୍ ଅଞ୍ଚଳରେ ଚାଇନା ସୈନ୍ୟ ନୂଆ ହାଇୱେ ନିର୍ମାଣ ଆରମ୍ଭ କରିଛନ୍ତି। ଏହି ହାଇୱେ କାର୍ଯ୍ୟକାରୀ ହେଲେ ସେମାନେ ଖୁବ୍ କମ୍ ସମୟ ମଧ୍ୟରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ପହଞ୍ଚିପାରିବେ। ସୂତ୍ର ଅନୁଯାୟୀ, ଚାଇନା ସୈନ୍ୟବାହିନୀ ହାଇୱେଗୁଡ଼ିକୁ ପ୍ରଶସ୍ତ କରିବା ସହ ନୂଆ ଏୟାର ଷ୍ଟ୍ରିପ୍ ନିର୍ମାଣ କରୁଛି। ସାମରିକ ଭିତ୍ତିଭୂମି ବିକାଶ ଲାଗି ଏହା ଗୁରୁତ୍ୱପୂର୍ଣ୍ଣ।

ଏଥିସହିତ ସୀମା ନିକଟବର୍ତ୍ତୀ ତିବ୍ବତୀୟ ସ୍ୱୟଂଶାସିତ ଅଞ୍ଚଳରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ବହୁସଂଖ୍ୟାରେ ମିସାଇଲ ଏବଂ ରକେଟ ରେଜିମେଣ୍ଟ ମୁତୟନ କରିଛି। ଏଥିସହିତ ସେଠାରେ ଗୁପ୍ତ ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି। ସୀମା ନିକଟରେ ଅଧିକ ଡ୍ରୋନ୍ ଓ ସର୍ଭିଲେନ୍ସ ଉପକରଣକୁ ନିୟୋଜିତ କରାଯାଇଥିବା ଏହି ସୂତ୍ରରୁ ଜଣାପଡ଼ିଛି। ପିଏଲ୍ଏ ଅଧିକ ସଂଖ୍ୟାରେ ତିବ୍ବତୀୟଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ସୀମାରେ ଅବସ୍ଥାପିତ କରିବାକୁ ଉଦ୍ୟମ ଚଳାଇଛି।

## ମସ୍‌ଜିଦରେ କୃଷ୍ଣ ମୂର୍ତ୍ତି ସ୍ଥାପନ ଘୋଷଣା ପରେ ମଥୁରାରେ ୧୪୪ ଧାରା

**ଆଗ୍ରା, ୨୮।୧୧**

ଆସନ୍ତା ମାସ ୬ରେ ଉତ୍ତରପ୍ରଦେଶର ମଥୁରାସ୍ଥିତ ଶାହି ଇଦ୍‌ଗା ମସ୍‌ଜିଦରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିସ୍ଥାପନ କରାଯିବ ବୋଲି ଏକ ହିନ୍ଦୁ ସଂଗଠନ ଘୋଷଣା କରିବା ପରେ ସେଠାରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ମଥୁରାରେ ୧୪୪ ଧାରା ଜାରି କରାଯାଇଥିବା ଏସ୍ଏସ୍‌ପି ଗୌରବ ଗ୍ରୋଭର କହିଛନ୍ତି। ଗୁଜବରେ ସମ୍ପୃକ୍ତ ଥିବା ଏବଂ ସହରର ଶାନ୍ତିପୂର୍ଣ୍ଣ ବାତାବରଣ ନଷ୍ଟ କରିବା ଲାଗି ଉଦ୍ୟମ କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କୃଷ୍ଣ ଜନ୍ମସ୍ଥାନ ମନ୍ଦିର ନିକଟରେ ଶାହି ଇଦ୍‌ଗା ଅବସ୍ଥିତ। ଡିସେମ୍ବର ୬ରେ ସେଠାକୁ ପଦଯାତ୍ରାରେ ଯିବା ଲାଗି କେତେକ ସଂଗଠନ ଉଦ୍ୟମ କରୁଥିବା ସୂଚନା ମିଳିଛି। ପ୍ରଶାସନ ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟଙ୍କ ସହ କଥା ହୋଇ କୌଣସି ପ୍ରକାର ଭୁଲ୍ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛି।




# ବାର୍‌ବାଡୋସ୍‌ରୁ ସରିବ ବ୍ରିଟିଶ ଯୁଗ

**ବ୍ରିଜ୍‌ଟାଉନ, ୨୮।୧୧**


ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ


ସାଣ୍ଡ୍ରା ମାସୋନ୍

- ରାଷ୍ଟ୍ରମୁଖ୍ୟ ପଦରୁ ହଟିବେ ମହାରାଣୀ
- ନୂଆ ଦାୟିତ୍ୱ ନେବେ ସାଣ୍ଡ୍ରା ମାସୋନ୍

ବିଶ୍ୱର ଅନେକ ଦେଶକୁ ଶାସନ କରିଥିବା ବ୍ରିଟେନ୍ ହାତରୁ ମୁକୁଳି ଏବେ ନୂଆକରି ଗଣତନ୍ତ୍ର ଦେଶ ହେବାକୁ ଯାଉଛି ବାର୍‌ବାଡୋସ୍। ସ୍ୱାଧୀନ ହେବା ସତ୍ତ୍ୱେ ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ଔପଚାରିକ ଭାବେ ଦେଶର ରାଷ୍ଟ୍ରମୁଖ୍ୟ ରହିଥିଲେ। ମହାରାଣୀଙ୍କୁ ମୁଖିଆ ପଦରୁ ହଟାଇ ସମ୍ପୂର୍ଣ୍ଣ ରିପବ୍ଲିକ ରାଷ୍ଟ୍ର ହେବାକୁ ଘୋଷଣା କରି ବାର୍‌ବାଡୋସ୍ ନିଜର ରାଷ୍ଟ୍ରପତି ଚୟନ କରିସାରିଛି। ନୂଆ ରାଷ୍ଟ୍ରମୁଖ୍ୟ ଭାବେ ଗଭର୍ନର ଜେନେରାଲ ସାଣ୍ଡ୍ରା ମାସୋନ୍ ଦାୟିତ୍ୱ ନେବା ପାଇଁ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଛି। ଏ ବାବଦରେ ପ୍ରଧାନମନ୍ତ୍ରୀ ମିଆ ଆମୋର ମୋଟ୍ଲେ ସୂଚନା ଦେଇଛନ୍ତି। ଏଥିରେ ମିଲିଟାରୀ ପରେଡ୍ ସମେତ ଅନ୍ୟ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ସମାରୋହରେ ବ୍ରିଟେନ ପ୍ରିନ୍ସ ଚାର୍ଲ୍ସଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି।

ପ୍ରାୟ ୩ ଲକ୍ଷ ଜନସଂଖ୍ୟାର ଦେଶ ବାର୍‌ବାଡୋସ ଶହ ଶହ ବର୍ଷ ଧରି ବ୍ରିଟିଶଙ୍କ କବଳରେ ଥିବାବେଳେ ୧୯୬୬ରେ ସ୍ୱାଧୀନତା ପାଇଥିଲା। ଏହା ପରେ ମଧ୍ୟ ବ୍ରିଟେନ ମହାରାଣୀ ଔପଚାରିକ ଭାବେ ବାର୍‌ବାଡୋସ୍‌ର ରାଷ୍ଟ୍ରମୁଖ୍ୟ ରହିଥିଲେ। ଉପନିବେଶର ଇତିହାସକୁ ପଛରେ ଛାଡ଼ି ଦେଶବାସୀ ନିଜର ରାଷ୍ଟ୍ରମୁଖ୍ୟ ଚାହୁଁଥିଲେ ବୋଲି ମାସୋନ୍ କହିଛନ୍ତି। ଆସନ୍ତା ୩୦ରେ ବାର୍‌ବାଡୋସ୍ ୫୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଏହି ଅବସରରେ ବ୍ରିଟିଶ ଶାସନରୁ ସମ୍ପୂର୍ଣ୍ଣ ଭାବେ ମୁକୁଳିବାକୁ ସ୍ଥିର କରାଯାଇଛି। ଗତ ଅକ୍ଟୋବରରେ ମାସୋନ୍‌ଙ୍କୁ ରାଷ୍ଟ୍ରପତି ଭାବେ ନିର୍ବାଚିତ କରାଯାଇଥିଲା। ତେବେ ଆୟୋଜନ ହେବାକୁ ଥିବା ସମାରୋହରେ ପ୍ରିନ୍ସ ଚାର୍ଲ୍ସଙ୍କୁ ନିମନ୍ତ୍ରଣ କରାଯିବାକୁ ନେଇ ପ୍ରଧାନମନ୍ତ୍ରୀ ମୋଟ୍ଲେଙ୍କ ନିଷ୍ପତ୍ତିକୁ ଅନେକେ ସମାଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ମହାରାଣୀ ଏଲିଜାବେଥ୍ ଏବେ ବି କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଭଳି ଦେଶର ରାଷ୍ଟ୍ରମୁଖ୍ୟ ରହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭାରତୀୟ ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ନବ ଦ୍ରବ୍ୟ ସଙ୍ଗଠନ, ୟୁନିଟ୍-୧, ମଧ୍ୟାହ୍ନ ୧୨ଟା।
- ଚିନ୍ତା ଓ ଚେତନାର ୪୩ତମ ବର୍ଷା ଉତ୍ସବ-୨୦୨୧, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା ୩୦।
- ଗୀତାଞ୍ଜଳି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ଗୀତାଞ୍ଜଳି ଏକ୍ସଲେନ୍ସି ସମ୍ମାନ-୨୦୨୧ ଉତ୍ସବ, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର(ଉତ୍କଳ ରଙ୍ଗମଞ୍ଚ), ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ମୁଖ୍ୟ ବିଚାରପତିଙ୍କ ଭୁବନେଶ୍ୱର କୋର୍ଟ ପରିଦର୍ଶନ

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ):** ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ରବିବାର ଭୁବନେଶ୍ୱର କୋର୍ଟ ପରିଦର୍ଶନ କରିଛନ୍ତି। ସେ ନିର୍ମାଣାଧୀନ ଜୁଡିସିଆଲ କମ୍ପ୍ଲେକ୍ସ ବୁଲି ଦେଖିବା ସହ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଓକିଲ ସଂଘ ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା, ବରିଷ୍ଠ ସଦସ୍ୟଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଉପସ୍ଥିତ ଥିଲେ। ଭୁବନେଶ୍ୱରରେ ସବୁଠୁ ଅଧିକ ମାମଲା ହେଉଥିବାରୁ ଆଉଏକ ଫ୍ୟାମିଲି କୋର୍ଟ, ଦୁଇଟି ସିଭିଲ୍ ଜଜ୍, ସିନିୟର ଜଜ୍ କୋର୍ଟ ଓ ଗୋଟିଏ ସିଭିଲ୍ ଜଜ୍ ଜୁନିୟର ଡିଭିଜନ କୋର୍ଟ ସହ ୧୦ଟି ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ କୋର୍ଟ ଖୋଲିବାକୁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଥିଲା।

### ଓପେସାର ଦିବସୀୟ କର୍ମଶାଳା

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ):** ଓପେସା ପକ୍ଷରୁ ଦିନିକିଆ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଏଆଇସିଟିଇର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଏଆଇସିଟିଇର ପୂର୍ବାଞ୍ଚଳ ଶାଖାର ଅଧିକାରୀ ଡ.ଭୁପେନ୍ଦର ଗୋସ୍ୱାମୀ, ଉତ୍କଳ ଚାମ୍ବାର ଅଫ୍ କମର୍ସର ସଭାପତି ବ୍ରହ୍ମାନନ୍ଦ ମିଶ୍ର ଏବଂ ପ୍ରଫୁଲ୍ଲ ସାମଲ, ଓପେସାର ସଭାପତି ଯୋଗ ଦେଇଥିଲେ। ରାଜ୍ୟରେ ଥିବା ୧୨୭ଟି ଘରୋଇ ଡିପ୍ଲୋମା ବୈଷୟିକ ଶିକ୍ଷାନୁଷ୍ଠାନର ବୈଷୟିକ ଶିକ୍ଷାର ଉନ୍ନତି ପାଇଁ ସମସ୍ୟା ଓ ତା'ର ସମାଧାନ ଏହି କର୍ମଶାଳାର ମୁଖ୍ୟ ପ୍ରସଙ୍ଗ ରହିଥିଲା। ଓପେସାର ସାଧାରଣ ସମ୍ପାଦକ ଇଂ. ସରୋଜ କୁମାର ଉପସ୍ଥିତ ଥିଲେ।

### 'ଜାତିର ସ୍ୱର'ର ସ୍ୱନକ୍ଷତ୍ର ଉତ୍ସବ

**କଟକ ଅଫିସ, ୨୮।୧୧:** କଳ୍ପନା ସାହିତ୍ୟ ସାଂସ୍କୃତିକ, ସାମାଜିକ ପରିଷଦ ପକ୍ଷରୁ ଦୈନିକ ଖବରକାଗଜ 'ଜାତିର ସ୍ୱର'ର ପ୍ରଥମ ବାର୍ଷିକୀ ସ୍ୱନକ୍ଷତ୍ର ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନ ଆଲୋଚନାଚକ୍ରରେ ମାନସୀ ବେହୁରା ଅଧ୍ୟକ୍ଷତା କରିଥିଲାବେଳେ ମୁଖ୍ୟବକ୍ତା ଭାବେ ଅକ୍ଷୟ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ରମାକାନ୍ତ ମାହାଳି, ସ୍ୱାଗତିକା ସାହୁ ଓ ଡ. ବିଦ୍ୟୁତପ୍ରଭା ମିଶ୍ର ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନକୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅଶ୍ୱିନୀ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅର୍ଥ ସେବା ଅଧିକାରୀ ସଂଗ୍ରାମ ସାମନ୍ତରାୟ, ସମ୍ମାନିତ ଅତିଥି ମନୀଷା ରାୟ, ମନୋଜ ମଞ୍ଜରୀ ଦେଓ ଏବଂ ବନ୍ଦନା ନାୟକ ଯୋଗଦେଇଥିଲେ। ଜାତିର ସ୍ୱର ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ପରିଚାଳନା ଓ ସୌଭାଗିନୀ ଜେନା ଧନ୍ୟବାଦ ଦେଇଥିଲେ।

# ବଢ଼ିଲା ଶୀତ, ଜମୁନି ବେପାର

**ଭୁବନେଶ୍ୱର, ୨୮।୧୧ (ବ୍ୟୁରୋ)**



ଏଥର ବିଳମ୍ବରେ ଶୀତ ଆରମ୍ଭ ହୋଇଛି। ରାଜଧାନୀ ଭୁବନେଶ୍ୱରରେ ଗତ ୩/୪ଦିନ ହେବ ବିଶେଷକରି ରାତିରେ ସାମାନ୍ୟ କୁହୁଡ଼ି ସାଙ୍ଗକୁ କୋହଲା ପବନ ଯୋଗୁ ଥଣ୍ଡା ଅନୁଭୂତ ହେଉଛି। ହେଲେ ଏଯାଏ ଶୀତ ବସ୍ତ୍ର ବଜାର ଜମି ନ ଥିବାବେଳେ ବେପାରୀମାନେ ଗ୍ରାହକଙ୍କୁ ଚାହିଁ ବସିଛନ୍ତି।

ଅକ୍ଟୋବରରୁ ଫେବୃଆରୀ ଶୀତ ଋତୁରେ ଶହୀଦନଗର, ୟୁନିଟ୍-୧, ମାର୍କେଟ ବିଲ୍ଡିଂ ଆଦି ବିଭିନ୍ନ ହାଟବଜାରରେ ଶୀତ ବସ୍ତ୍ର ବେପାର ଜମିଥାଏ। ରାଜସ୍ଥାନ, ଦିଲ୍ଲୀ, ହରିୟାଣାରୁ ବେପାରୀମାନେ ଆସି ରାଜଧାନୀର ଜନତା ମଇଦାନ, ୟୁନିଟ୍-୧, ମାର୍କେଟ ବିଲ୍ଡିଂ ସମେତ ବିଭିନ୍ନ ଅଞ୍ଚଳର ଫୁଟ୍‌ପାଥରେ ଶୀତ ବସ୍ତ୍ରର ପସରା ମେଲାଇଥାନ୍ତି। ହେଲେ ଏଥର ଠିକ୍ ସମୟରେ ଶୀତ ନ ଆସିବାରୁ ସହରରେ ଶୀତବସ୍ତ୍ର ବଜାର ଗୁରୁତର ପ୍ରଭାବିତ ହୋଇଛି। ସ୍ଥାନୀୟ ବ୍ୟବସାୟୀ ଗ୍ରାହକଙ୍କ ଅପେକ୍ଷାରେ ରହିଥିବାବେଳେ ବାହାର ବେପାରିଙ୍କ ପସରା ମଧ୍ୟ ଦେଖିବାକୁ ମିଳୁନାହିଁ। ଅନେକ ବ୍ୟବସାୟୀ ଓଡ଼ିଶା ବାହାରୁ ଆସି ଏଠାରେ ନିଜ ପରିବାର ସହ ରହୁଛନ୍ତି। ବେପାର ନ ହେବାରୁ ସେମାନଙ୍କୁ ଉପାସ ରହିବାକୁ ମଧ୍ୟ ପଡୁଛି। କେବେକେବେ ତ ଦିନ ଯାକ ବସି ବସି ବେପାର ନ ହେବାରୁ ଖାଲି ହାତରେ ଘରକୁ ଫେରିବାକୁ ପଡୁଛି। ଏନେଇ ବ୍ୟବସାୟୀ ପ୍ରଦୀପ କୁମାର ରାଉଳ କୁହନ୍ତି, ଦୋକାନ ଖୋଲିକି ସକାଳୁ ବସୁଛୁ, ହେଲେ ବେଶି ଗ୍ରାହକ ଆସୁନାହାନ୍ତି। ଏ ବର୍ଷ ଠିକ୍ ସମୟରେ ଶୀତ ହେଲାନି। ଏବେ ଟିକେ ଆରମ୍ଭ ହୋଇଛି। ଆଗକୁ ବେପାର ହେବ ବୋଲି ଆଶା ରଖିଛୁ। ଅନ୍ୟଜଣେ ବ୍ୟବସାୟୀ ଚିତ୍ତ ରଞ୍ଜନ ପଣ୍ଡା କହିଛନ୍ତି, ଗତ ବର୍ଷ କରୋନା ଥିଲେ ମଧ୍ୟ ଶୀତ ଯୋଗୁ କିଛିଟା କମ୍ବଳ ବିକ୍ରି ହୋଇଥିଲା, ହେଲେ ଏ ବର୍ଷ ସେପରି ଶୀତ ନାହିଁ। ଦିନକୁ ୧୦୦୦ ଟଙ୍କା ବେପାର ଛୁଉଁନି। ବ୍ୟବସାୟୀ ଏସ. କେ. ସଲିମ କୁହନ୍ତି, ୨୦ବର୍ଷ ହେବ ଏହି ବ୍ୟବସାୟ କରି ଆସୁଛି। କିଛି ବର୍ଷ ହେଲାଣି ସହରରେ ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି। ବିଷାକ୍ତ ପରିବେଶ ଯୋଗୁ ଋତୁ ପରିବର୍ତ୍ତନରେ ବିଳମ୍ବ ତ କେତେବେଳେ ଋତୁର ଅନୁଭବ ହୁଏନାହିଁ। ଏ ପର୍ଯ୍ୟନ୍ତ ଶୀତ ନ ଥିବାରୁ ଲୋକେ ଶୀତବସ୍ତ୍ର କମ୍ କିଣୁଛନ୍ତି। ଆଗକୁ ବର୍ଷା ହେବାର ଅଛି। ଏହାପରେ ଶୀତ ସହ ଶୀତବସ୍ତ୍ର ବେପାର ଟିକେ ବଢ଼ିପାରେ।



ଭୁବନେଶ୍ୱର ୭ମ ବାଟାଲିୟନରେ ସେଭେନହର୍ସ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଯୁବତୀଯୁବକଙ୍କୁ ମାଗଣାରେ ମିଲିଟାରୀ ଟ୍ରେନିଂ ଦିଆଯାଉଛି।

## ସେଭେନହର୍ସ କ୍ରୀଡ଼ାକେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର,୨୮।୧୧**

ଯୁବତୀ, ଯୁବକମାନେ ପାଇବେ ମାଗଣାରେ ମିଲିଟାରୀ ଟ୍ରେନିଂ। ସେମାନଙ୍କୁ ଠିକ୍ ପ୍ରଶିକ୍ଷଣ ଓ ଉଚିତ୍ ମାର୍ଗରେ ପରିଚାଳିତ କରିବାକୁ ସେଭେନହର୍ସ ପକ୍ଷରୁ ରବିବାର ୭ମ ବାଟାଲିୟନଠାରେ ଏକ କ୍ରୀଡ଼ା କେନ୍ଦ୍ର ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବାଟାଲିୟନର କମାଣ୍ଡର ବିଜୟ କୁମାର ସାହୁ, ପୂର୍ବତନ ବିଧାୟକ ଡ. ପ୍ରକାଶ ଶ୍ରୀଚନ୍ଦନ, ଚଳଚ୍ଚିତ୍ର ପ୍ରଯୋଜକ ଡ. ପ୍ରକାଶ ଶ୍ରୀଚନ୍ଦନ, ଉପସ୍ଥାପିକା ଶିବାନୀ, ନୃତ୍ୟାଙ୍ଗନା ଅରୁନ୍ଧତି, ସେଭେନହର୍ସର ମୁଖ୍ୟ ମେଣ୍ଟର ଓମ୍ ବିନ୍ଧାଣୀ, ପ୍ରଶିକ୍ଷକ ଗୋପୀନାଥ ସେଠୀ, ମେଜର ପ୍ରବୀଣ କୁମାର ପ୍ରଧାନ ଓ ସଂଯୋଜକ ନିଗମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ଏହି ପ୍ରଶିକ୍ଷଣର ପରିସର ବଢ଼ିବ ବୋଲି କମାଣ୍ଡର ସାହୁ କହିଥିଲେ।

## ଆଇସିଏଆଇ ପକ୍ଷରୁ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ(ଆଇସିଏଆଇ)ର ଇଷ୍ଟର୍ଣ୍ଣ ଇଣ୍ଡିଆ ରିଜିଓନାଲ କାଉନ୍‌ସିଲ୍ (ଇଅାଇଅାରସି) ଭୁବନେଶ୍ୱର ଶାଖା ପକ୍ଷରୁ ଦୁଇଦିନିଆ ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ସମ୍ମିଳନୀ 'ଅଭ୍ୟୁଦୟ' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହାନଦୀ କୋଲ୍ ଫିଲ୍‌ଡସ୍ ଲିମିଟେଡ୍(ଏମ୍‌ସିଏଲ୍)ର ନିର୍ଦ୍ଦେଶକ କେ.ଆର. ବାସୁଦେବନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇସିଏଆଇ ସଭାପତି ସିଏ ନିହାର ଏନ୍ ଜାମ୍ବୁସରିଆ ଅଭିଭାଷଣ ରଖିଥିଲେ। ସେହିପରି 'କ୍ରିଏଟିଭ୍ ଆକାଉଣ୍ଟିଂ: ଜେନେସିସ୍' ଶୀର୍ଷକ ଅଧିବେଶନରେ ସିଏ ପ୍ରଶାନ୍ତ ପଣ୍ଡା ସଭାପତିତ୍ୱ କରିଥିଲାବେଳେ ସିଣ୍ଡିକେଟ୍ ବ୍ୟାଙ୍କ ପୂର୍ବତନ ଏମ୍‌ଡି ମୃତ୍ୟୁଞ୍ଜୟ ମହାପାତ୍ର ବକ୍ତା ଭାବେ ଯୋଗ ଦେଇଥିଲେ। 'କାରୋ-୨୦୨୦' ଏବଂ କମ୍ପାନୀ ଅଧିନିୟମ ସଂକ୍ରାନ୍ତ ପରିବର୍ତ୍ତନ ଶୀର୍ଷକ ଅଧିବେଶନରେ ସିଏ ଶରତ ଚନ୍ଦ୍ର ଭଦ୍ରା ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର ଶାଖା ଅଧ୍ୟକ୍ଷ ସିଏ ବିଶ୍ୱରଞ୍ଜନ ସୂତାର, ଅର୍ଗାନାଇଜିଂ କମିଟିର ସିଏ ଗୌରହରି ନାୟକ, ସେକ୍ରେଟାରୀ ଜାହ୍ନବୀ ଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୃତ୍ୟନାଟିକାରେ ଉତ୍କଳମଣିଙ୍କ ଜୀବନ କାହାଣୀ

- ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ
- ନୃତ୍ୟଶିଳ୍ପୀ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନ

**କଟକ ଅଫିସ,୨୮।୧୧**



ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଉଛି।

ଶିକ୍ଷା, ସେବା ଓ ବଳିଦାନର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସ ଆଜି ବି ଘରେ ଘରେ ପରିଚିତ। ସେ ତ୍ୟାଗ ଓ ତପସ୍ୟାର ନିଦର୍ଶନ। ତାଙ୍କ ସଂଗ୍ରାମୀ ଜୀବନର କାହାଣୀକୁ ନେଇ କଟକ ଶହୀଦ ଭବନରେ ମଞ୍ଚସ୍ଥ ହୋଇଥିଲା ନୃତ୍ୟ ନାଟିକା 'ସବୁରି ବନ୍ଧୁ ଗୋପବନ୍ଧୁ'। ଓଡ଼ିଶୀ ନୃତ୍ୟ ଗୁରୁ ମୀରା ଦାସଙ୍କ ସହ ଅନ୍ୟ ଶିଳ୍ପୀମାନେ ଏହି ନୃତ୍ୟ ନାଟିକା ପରିବେଷଣ କରିଥିଲେ। ରବିବାର କଟକ ଶହୀଦ ଭବନରେ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସୋନାଲ ମାନସିଂ ଯୋଗଦେଇ କହିଥିଲେ, ନୃତ୍ୟ ମାଧ୍ୟମରେ ଅନେକଙ୍କ ହୃଦୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଭବିଷ୍ୟତରେ ଯେଉଁମାନେ ଯେକୌଣସି କାର୍ଯ୍ୟରେ ଆଗକୁ ବଢ଼ିବାକୁ ଚାହୁଁଛନ୍ତି, ସେମାନେ ହୃଦୟରେ ସବୁବେଳେ ଅଗ୍ନିଶିଖାକୁ ପ୍ରଜ୍ଜ୍ୱଳିତ କରି ରଖିବା ଆବଶ୍ୟକ। ଅନୁଷ୍ଠାନର ସମ୍ପାଦକ ମୀରା ଦାସ କହିଛନ୍ତି, ନୃତ୍ୟ ଓ ସଙ୍ଗୀତ ପାଇଁ ଗୁଞ୍ଜନ ୨୫ ବର୍ଷର ଯାତ୍ରା ଅତିକ୍ରମ କରିପାରିଛି। ଏହି ଅବସରରେ ନୃତ୍ୟଶିଳ୍ପୀ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଆୟକର ବିଭାଗର ମନୋରଞ୍ଜନ ପାଣିଗ୍ରାହୀ, ସଂସ୍କୃତି ବିଭାଗ ମୁଖ୍ୟ ରଞ୍ଜନ ଦାସ, ଗୁଞ୍ଜନର ସଭାପତି ଗାୟତ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।

# ମାତିଲେଣି ଶିକାରୀ, ବିପଦରେ ଚିଲିକା ପକ୍ଷୀ

**ଖୋର୍ଦ୍ଧା ଅଫିସ,୨୮।୧୧**

ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ପ୍ରାକୃତିକ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ ଏହି ପକ୍ଷୀମାନେ ଚିଲିକାକୁ ଆସୁଛନ୍ତି। ଏବେ ଏମାନଙ୍କ ଉପରେ ଶୀକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପକ୍ଷୀ ଶୀକାର ଚାଲିଛି। ରବିବାର ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଅଭିମାନପୁର ପକ୍ଷୀ ସୁରକ୍ଷା କ୍ୟାମ୍ପ ନିକଟରୁ ଜଣେ ଶିକାରୀଙ୍କୁ ବନ ବିଭାଗ କର୍ମଚାରୀମାନେ ଗିରଫ କରିଛନ୍ତି। ଗିରଫ ଶିକାରୀ ହେଲେ ଟାଙ୍ଗୀ ଥାନା ଅଧୀନ ସୁନ୍ଦରପୁର ଚାରିଘରିଆପାଟଣାର ବିଦ୍ୟାଧର ରାଉତ। ତାଙ୍କ ପାଖରୁ ଗୋଟିଏ ଗଡୱାଲ, ଗୋଟିଏ ପିନ୍‌ଟେଲ ଓ ୨ଟି କମନ୍ କୁଟ୍ ଏବଂ ୨ଟି ଲାର୍ଜ ହୁଇଷ୍ଟିଲ ଡକ୍ ଜବତ କରାଯାଇଛି। ବିଦ୍ୟାଧର କଇଁଫୁଲ କେଶରରେ ବିଷ ଦେଇ ପକ୍ଷୀ ଶିକାର କରୁଥିଲେ। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

**ଫାଶ ଓ ବିଷରେ ଶିକାର:** ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ମଙ୍ଗଳାଯୋଡ଼ି, ଭୁଷଣ୍ଡପୁର ପ୍ରଭୃତି ଚିଲିକା କୂଳବର୍ତ୍ତୀ ଅଞ୍ଚଳରେ ଶିକାରୀମାନେ ଫାଶ ବସାଇ ଓ ଖାଦ୍ୟରେ ବିଷ ଦେଇ ପକ୍ଷୀ ଶିକାର କରୁଥିବା ଜଣାପଡ଼ିଛି।

**ଶିକାର ପାଇଁ ନେଟୱର୍କ:** ମଙ୍ଗଳାଯୋଡ଼ିରେ ପର୍ଯ୍ୟଟକ ନ ଥିବାରୁ ଏହାର ସୁଯୋଗ ନେଉଛନ୍ତି ପକ୍ଷୀ ଶିକାରୀ। ଏହି ଅଞ୍ଚଳରେ ଏକ ର୍‌ୟାକେଟ ଗାଁ ମୁଣ୍ଡ ଓ ଚିଲିକା କୂଳରେ ବିଚରଣ କରୁଥିବା ପକ୍ଷୀଙ୍କୁ ଶିକାର କରୁଛନ୍ତି। ଏହି ପକ୍ଷୀମାଂସ ଅଧିକାଂଶ ହୋଟେଲକୁ ପଠାଯାଉଛି।

**ସୁରକ୍ଷା ବ୍ୟବସ୍ଥା ଢିଲା:** ଶୀତଋତୁ ଆସିଲେ ଚିଲିକାରେ ପକ୍ଷୀ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥାଏ। ତେବେ ବନ ବିଭାଗ କାଁ ଭାଁ କେତେଜଣଙ୍କୁ ଗିରଫ କରି ଚୁପ ବସିପଡୁଛି। ଫଳରେ ଶିକାର ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲାଗିପାରୁନାହିଁ। ପକ୍ଷୀଙ୍କ ସୁରକ୍ଷା ଲାଗି ବନ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବା ଆବଶ୍ୟକ। ଢିଲା ପାଟ୍ରୋଲିଂ ଯୋଗୁ ଶିକାରୀ ସକ୍ରିୟ ଥିବା ପରିବେଶପ୍ରେମୀ ଧନେଶ୍ୱର ବିଧାରଙ୍କ ସମେତ ବହୁ ପରିବେଶବିତ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶକ୍ତିମାନ



@ ସୁଦୀପ୍ତ



@ ଲିପ୍‌ସା



@ ଦୀପା



@ ଦେବୀପ୍ରସାଦ



@ ସତୀଶ

# 'ଲୋକଙ୍କ ସ୍ୱର ପାଲଟିଛି ସର୍ବସାଧାରଣ'




**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ଦୈନିକ ଖବରକାଗଜ 'ସର୍ବସାଧାରଣ'ର ଦ୍ୱାଦଶ ବାର୍ଷିକୋତ୍ସବ ରବିବାର ପଟିଆସ୍ଥିତ ଏହାର ମୁଖ୍ୟକାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଥିଲେ। ୧୨ ବର୍ଷର ସର୍ବସାଧାରଣ ଆଜି ସାହିତ୍ୟ ଓ ସମ୍ବାଦ ପତ୍ର ପ୍ରକାଶନ କ୍ଷେତ୍ରରେ ସ୍ୱତନ୍ତ୍ର ପରଚୟ ଲାଭ କରିଛି। ଗୁଣାତ୍ମକ ଖବର ପରିବେଷଣ କରିବା ସହ ଏହା ସାଧାରଣ ଲୋକଙ୍କ ସ୍ୱର ହୋଇପାରିଛି । ଏହାକୁ ଉଚ୍ଚତର ସୋପାନରେ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ହରପ୍ରସାଦ ଦାସ ଯୋଗଦେଇ ଜନମତକୁ ପ୍ରତିଫଳିତ କରିବାରେ ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖବର ପ୍ରକାଶନରେ ସହଯୋଗ ସହ ସକରାତ୍ମକ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ ବିଶ୍ୱ ତଥା ଦେଶର ବହୁ ବିଶିଷ୍ଟ ସ୍ତମ୍ଭକାରଙ୍କ ଲେଖାର ଉଦାହରଣ ଦେଇଥିଲେ। ଜନମତର ଠିକ୍ ଉପସ୍ଥାପନ ଓ ସମାଜସେବାର ସାଧନ ସମ୍ବାଦପତ୍ରର ପ୍ରମୁଖ ଆବଶ୍ୟକତା। ଏଥିପାଇଁ ଗଠନମୂଳକ ଲେଖା ପ୍ରକାଶନ ଓ ବିକାଶମୂଳକ ସାମ୍ବାଦିକତା ଆବଶ୍ୟକ ବୋଲି ବିଶ୍ୱରଞ୍ଜନ କହିଥିଲେ। ସର୍ବସାଧାରଣ ସମ୍ପାଦକ ତଥା ଉତ୍ସବର ସଭାପତି ହରପ୍ରସାଦ ପରିଚ୍ଛା ପଟ୍ଟନାୟକ କହିଲେ ଯେ, କୋଭିଡ୍ କଟକଣା ସତ୍ତ୍ୱେ ପ୍ରତିକୂଳ ପରିସ୍ଥିତିରେ ସର୍ବସାଧାରଣ ଖବରକାଗଜର ପ୍ରତିନଧିମାନେ ଭଲ କାମ କରିଛନ୍ତି। ସମ୍ପ୍ରତି ଖବର ପ୍ରକାଶନରେ ଆଞ୍ଚଳିକ ଖବରକାଗଜ ଅଧିକ ପ୍ରଭାବୀ ଥିବାବେଳେ, ବିତ୍ତଶାଳୀ ବ୍ୟକ୍ତି, ରାଜ୍ୟ ତଥା କେନ୍ଦ୍ର ସରକାର ସହଯୋଗର ହାତ ବଢ଼ାଇଲେ ଖବରକାଗଜ ଆଗକୁ ଭଲ କରିବ ବୋଲି ସେ ପ୍ରକାଶ କରିଥିଲେ।



ଭୁବନେଶ୍ୱରସ୍ଥିତ ବିଜୁ ନାଟ୍ୟ କେନ୍ଦ୍ରରେ ଆୟୋଜିତ ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାରର ୩୭ତମ ନାଟ୍ୟଚକ୍ର କାର୍ଯ୍ୟକ୍ରମରେ ରବିବାର ପରିବେଷିତ ନାଟକ 'ଶକୁନ୍ତଳା'ର ଏକ ଦୃଶ୍ୟ।




ନିମାପଡା ବାରବାଟି ମିନି ଷ୍ଟାଡ଼ିୟମରେ ରବିବାର ଅନୁଷ୍ଠିତ ୭ମ ରାଜ୍ୟସ୍ତରୀୟ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଯୋଗ ଦେଇଥିବା ଅତିଥିମାନେ।



ଖୋର୍ଦ୍ଧା ନବୀନାବାଗସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ପରିସରରେ ଯୁବ ସଙ୍ଗଠକ ଦେବାଶିଷ ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଆୟୋଜିତ ସ୍ମୃତିସଭାକୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶୁଭାରମ୍ଭ କରୁଛନ୍ତି।

## ‘ଛୁ ମନ୍ତର’ ପୁସ୍ତକ ଲୋକାର୍ପିତ

ବାଲକାଟୀ,୨୮।୧୧(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ସରଦେଈପୁର ଡାକବଙ୍ଗଳାରେ ବାଲିଅନ୍ତା ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ଏକ ଉତ୍ସବରେ କବି ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ଦ୍ୱାରା ଲିଖିତ ‘ଛୁ ମନ୍ତର’ କବିତା ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏଥିରେ ପ୍ରେସ୍ କ୍ଲବ ସଭାପତି ସୋମନାଥ ସ୍ୱାଇଁ ଅଧକ୍ଷତା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଡ.ସନ୍ତୋଷ ତ୍ରିପାଠୀ, ବିଶିଷ୍ଟ କଥାକାର ଡ. ଅଜୟ ସ୍ୱାଇଁ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ କାଳରେ ସାହିତ୍ୟ ହିଁ ଅସ୍ମିତା ସୂଚକ ହୋଇ ବଞ୍ଚିଛି ବୋଲି ମତବ୍ୟକ୍ତ କରିଥିଲେ। ଡ.ରଜନୀ ରଞ୍ଜନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଚୀଧାରାର ସମ୍ପାଦକ ଭଗବାନ ସାହୁ, ଅକ୍ଷୟ ସ୍ୱାଇଁ, ଅଭିମନ୍ୟୁ ନାୟକ, ନିରଞ୍ଜନ ସେନାପତି, ରମାକାନ୍ତ ଗୋଚ୍ଛାୟତ, ବିପିନ ମହାନ୍ତି, କମଳିନୀ ମଲ୍ଲିକ, ବିଶ୍ୱଭୂଷଣ ପଟ୍ଟନାୟକ, ବଙ୍କିମ ନାୟକ, ସନ୍ତୋଷ ପଟ୍ଟନାୟକ, ଅରୁଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମନୋଜ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଏସ୍ଏଚ୍‌ଜି କାର୍ଯ୍ୟକୁ କେନ୍ଦ୍ର ସଚିବଙ୍କ ପ୍ରଶଂସା

ଭୁବନେଶ୍ୱର,(ବ୍ୟୁରୋ)/ ପିପିଲି,୨୮।୧୧ (ସ୍ୱ.ପ୍ର.)

ଓଡ଼ିଶାରେ ସହରୀ ବିକାଶ ତଥା ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ମିଶନ ଶକ୍ତି ଏସ୍ଏଚ୍‌ଜି ଏବଂ ତୃତୀୟ ଲିଙ୍ଗ ଗୋଷ୍ଠୀର ପ୍ରଭାବଶାଳୀ ଅଂଶଗ୍ରହଣକୁ କେନ୍ଦ୍ର ଗୃହ ଓ ନଗର ମନ୍ତ୍ରଣାଳୟର ସଚିବ ଦୁର୍ଗା ଶଙ୍କର ମିଶ୍ର ପ୍ରଶଂସା କରିଛନ୍ତି। ଜଳ ଯୋଗାଣ ଓ ପରିମଳ ସଙ୍ଗଠନ କାର୍ଯ୍ୟକ୍ରମର ଶୁଭାରମ୍ଭ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ଦୁର୍ଗା ଶଙ୍କର ରବିବାର ଭୁବନେଶ୍ୱର ଓ ପୁରୀର ବହୁ ଏସ୍ଏଚ୍‌ଜି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେ ପିପିଲି ପରିଦର୍ଶନ କରି ଡାଇମଣ୍ଡ୍ ଚାନ୍ଦୁଆ ସେଣ୍ଟରରେ କିରଣ ଏରିଆ ଲେଭଲ ଫେଡେରେଶନର (ଏଏଲ୍ଏଫ୍) ର ସଦସ୍ୟଙ୍କ ସହ ଚାନ୍ଦୁଆ ତିଆରି, ବ୍ୟବସାୟ, ରୋଜଗାର ଆଦି ବିଷୟରେ ପିଚାରି ବୁଝିଥିଲେ। ସହରୀ ବିକାଶ ଏଜେନ୍ସି(ସୁଡା) ମହିଳା ଏସ୍ଏଚ୍‌ଜିଗୁଡ଼ିକର ଆୟ ବୃଦ୍ଧି ଏବଂ ଉନ୍ନତ ଜୀବିକା ନିର୍ବାହ ପାଇଁ ନେଇଥିବା


ପିପିଲିରେ ଏସ୍ଏଚ୍‌ଜି ସଦସ୍ୟଙ୍କ ସହ ଗୃହ ଏବଂ ନଗର ମନ୍ତ୍ରଣାଳୟର ସଚିବ ଦୁର୍ଗା ଶଙ୍କର ମିଶ୍ର ଓ ଅନ୍ୟମାନେ।

କାର୍ଯ୍ୟ ସମ୍ପର୍କରେ ଜାଣିବା ପରେ ସଚିବ ଆନନ୍ଦ ପ୍ରକାଶ କରିଥିଲେ। ଦେଶରେ ଡିଏୱାଇ ଏନ୍‌ୟୁଏଲ୍ଏମ୍ ଅଧୀନରେ ସହରୀ ଦାରିଦ୍ର୍ୟ ଦୂରୀକରଣର ଏକ ପ୍ରମୁଖ ଉଦାହରଣ ଭାବରେ ଆମାଜନ ଭଳି ଇଣ୍ଡିଆ ଇ-କମର୍ସ ପ୍ଲାଟ୍‌ଫର୍ମକୁ ଏସ୍ଏଚ୍‌ଜିଗୁଡ଼ିକୁ ଲିଙ୍କ୍ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଏଲ୍ଏଫ୍‌ର କିରଣ ଇ-କମର୍ସ ପ୍ଲାଟ୍‌ଫର୍ମ ଫ୍ଲିପ୍‌କାର୍ଟରେ ରହିଥିବା ଜାଣି ସେ ଖୁସିବ୍ୟକ୍ତ କରିଥିଲେ। ଏହା ପୂର୍ବରୁ ଦୁର୍ଗା ଶଙ୍କର ଭୁବନେଶ୍ୱରରେ ପାର୍କିଂ ଫି’ ସଂଗ୍ରହରେ ନିୟୋଜିତ କିନ୍ନର ଗୋଷ୍ଠୀ ସଦସ୍ୟଙ୍କ ସହ କଥା ହୋଇଥିଲେ। ସହରାଞ୍ଚଳ ଉପଯୋଗୀ ସେବା ଯୋଗାଇବାରେ ମହିଳା ଏବଂ ସମ୍ପ୍ରଦାୟକୁ ସଶକ୍ତ କରିବାରେ ଓଡ଼ିଶା ଏକ ମାନଦଣ୍ଡ ସ୍ଥିର କରିଛି ବୋଲି ସେ କହିଥିଲେ।

### ସହରୀ ବିକାଶ କାର୍ଯ୍ୟକ୍ରମ

ଏହି ଅବସରରେ ସୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ସଚିବଙ୍କୁ ମିଶନ ଶକ୍ତି ଏସ୍ଏଚ୍‌ଜିଗୁଡ଼ିକ ସହିତ ବିଭିନ୍ନ ଅଭିନବ ହସ୍ତକ୍ଷେପ ଏବଂ ସହଭାଗିତା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତିନିଧି ଦଳରେ ଆସିଥିବା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବିକାଶ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନ ଜଟଣୀଠାରେ ମିଶନ ଶକ୍ତି ଏସ୍ଏଚ୍‌ଜି ଦ୍ୱାରା ପରିଚାଳିତ ହେଉଥିବା ଅନ୍ୟାନ୍ୟ ସହରାଞ୍ଚଳ ଭିତ୍ତିଭୂମି ସୁବିଧା ପରିଦର୍ଶନ କରିଥିଲେ। ସ୍ଥାନୀୟ ମହିଳା ଓ ତୃତୀୟ ଲିଙ୍ଗ ଏସ୍ଏଚ୍‌ଜି ସହିତ ଗଠିତ ପ୍ରଭାବଶାଳୀ ସହଭାଗିତାକୁ ପ୍ରଶଂସା କରି ସେ କହିଥିଲେ, ଓଡ଼ିଶାରେ ସମ୍ପ୍ରଦାୟର ସହଭାଗିତା ମଡେଲ ଆଶ୍ଚର୍ଯ୍ୟଜନକ ଏବଂ ପ୍ରେରଣାଦାୟକ।

## ସାହିତ୍ୟ ବିନା ଜାତିର ପରିମାର୍ଜନୀ ଅସମ୍ଭବ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ‘ସାରସ୍ୱତ ସମାଜ’ର ୧୦ମ ସ୍ୱନକ୍ଷତ୍ର ସମାରୋହ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅମ୍ବୁଜ ମୋହନ ଦାସ ଓ ମୁଖ୍ୟବକ୍ତା ଭାବେ ଦାଶ ବେନହୁର ଯୋଗ ଦେଇଥିଲେ। ସାହିତ୍ୟ ବିନା ଜାତିର ପରିମାର୍ଜନୀ ହୋଇପାରିବ ନାହିଁ। ଯାହାର ସାହିତ୍ୟ ସମୃଦ୍ଧ, ସେହି ଜାତି ସେତେ ସମୃଦ୍ଧ ବୋଲି ବେନହୁର କହିଥିଲେ। ସେହିପରି ସାହିତ୍ୟ ଓ ସମାଜସେବା ଓତପ୍ରୋତ ଭାବେ ଜଡ଼ିତ। ବିନା ସମାଜସେବାରେ ସାହିତ୍ୟ ନାହିଁ କି ବିନା ସାହିତ୍ୟରେ ସମାଜସେବା ନାହିଁ। ପାଠକସ୍ତର ଆସ୍ତେ ଆସ୍ତେ କମି କମି ଯାଉଥିବାରୁ ଭାଷା ବଞ୍ଚିବା କଷ୍ଟକର ହେଉଛି। ପାଠକସ୍ତର ବଢାଇଲେ ଭାଷା ଓ ସାହିତ୍ୟ ଗୁଦ୍ଧିମନ୍ତ ହେବ ବୋଲି ମୁଖ୍ୟ ଅତିଥି ଅମ୍ବୁଜ ମୋହନ କହିଥିଲେ। ଏହି ଅବସରରେ ଦାଶ ବେନହୁରଙ୍କୁ ‘ଶ୍ରେଷ୍ଠ ସାହିତ୍ୟ ରତ୍ନ’ ଓ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ‘ଶ୍ରେଷ୍ଠ ସେବା ନିର୍ମାଲ୍ୟ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ସେହିଭଳି ସାହିତ୍ୟ ଗୌରବ ସମ୍ମାନରେ ରାଜକିଶୋର ପତି, ମଦର ଟେରେସା ସେବା ସମ୍ମାନରେ ଅନୁସୂତା ସିଂହଦେଓ, ସାହିତ୍ୟ ଗୌରବ ସମ୍ମାନରେ ପ୍ରତିଭାରାଣୀ ଷଡ଼ଙ୍ଗୀ, କଳିଙ୍ଗଶ୍ରୀ ସମ୍ମାନରେ ଡ.ହିମାଦ୍ରୀ ତନୟା ମିଶ୍ର, ସାରସ୍ୱତ ପ୍ରତଭା ସମ୍ମାନରେ ଶୁଭ୍ରା ନନ୍ଦ, ତତ୍ତ୍ୱ ସାରସ୍ୱତ ସମ୍ମାନରେ ଆରତି ମହାନ୍ତି, ସାହିତ୍ୟ କଳା ସମ୍ମାନରେ ମଧୁମିତା ମହାନ୍ତି, କବି ସୌରଭ ସମ୍ମାନରେ ରମେଶ ପ୍ରସାଦ ମହାନ୍ତି, ସାମ୍ବିଦିକ ଗୌରବ ସମ୍ମାନରେ ମାତୃଦତ୍ତ ମହାନ୍ତି, ସାହିତ୍ୟ ପ୍ରତିଭା ସମ୍ମାନରେ ଅଞ୍ଜଳି ତ୍ରିପାଠୀ, ଯୁବ ପ୍ରତିଭା ସମ୍ମାନରେ ଦେବମିତ୍ରା ପ୍ରିୟଦର୍ଶନୀ ଓ ବୀଣାପାଣି ସମ୍ମାନରେ ଅନିମା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ୧୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଅଙ୍ଗଦାନ ପାଇଁ ଭିତ୍ତିଭୂମିଗତ ସୁବିଧା ଉପଲବ୍ଧ କରାଇବା ଆବଶ୍ୟକ

ଭୁବନେଶ୍ୱର, ୨୮।୧୧ (ବ୍ୟୁରୋ)

ବିଶ୍ୱ ଓଡ଼ିଶା ସମାଜ (ବିଓସ) ଏବଂ ଭାରତୀୟ ଯକୃତ ରୋଗୀ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଭର୍ଚୁଆଲରେ ଜାତୀୟ ଅଙ୍ଗଦାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ‘ଅଙ୍ଗ ଅନୁଦାନ: ପୁନର୍ଜୀବନ ପ୍ରଦାନ’ ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବିଓସି ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ବିଶ୍ୱ ଓଡ଼ିଶା ସମାଜର ସଦସ୍ୟମାନେ ଅଙ୍ଗଦାନ ନେଇ ଜନମତ ଜାଗ୍ରତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ନିବେଦନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅସିତ ତ୍ରିପାଠୀ ଯୋଗଦେଇ ଅଙ୍ଗଦାନ ପାଇଁ ରାଜ୍ୟରେ ସରକାରୀ ସ୍ତରରେ ବ୍ୟାପକ ସୁବିଧା ଓ ସୁଯୋଗ ମହଜୁଦ ଥିବା ଜଣାଇଥିଲେ। ଆଲୋଚନାଚକ୍ରର ସାରାଂଶ ଓ ସୁପାରିସକୁ ଓଡ଼ିଶା ସରକାର ଗମ୍ଭୀରତାର ସହ କାର୍ଯ୍ୟକାରୀ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ହୋତା କହିଲେ, ଅଙ୍ଗଦାନ ସମ୍ପର୍କରେ ସାଧାରଣରେ ସଚେତନତା

### ଜାତୀୟ ଅଙ୍ଗଦାନ ଦିବସ

ଉଜାଗର କରିବାଠାରୁ ଭିତ୍ତିଭୂମିଗତ ସୁବିଧା ଉପଲବ୍ଧ କରାଇବାର ଆବଶ୍ୟକତା ଢେର୍ ଅଧିକ। ସମ୍ମାନନିତ ଅତିଥି ଭାବେ ଲୋକ ସେବକ ମଣ୍ଡଳ ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ ଅଙ୍ଗଦାନକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଜଣାଇଥିଲେ। ଇଣ୍ଡିଆନ ମେଡିକାଲ ଆସୋସିଏଶନ ଓଡ଼ିଶା ମଣ୍ଡଳର ସମ୍ପାଦକ ପ୍ରଫେସର ବ୍ରଜ କିଶୋର ଦାଶ, ଅଭିନେତ୍ରୀ ନୈନା ଦାଶ, ଡ. ଉମେଶ ଚନ୍ଦ୍ର ପାତ୍ର, ଡ. ନିହାର ରଞ୍ଜନ ଦାଶ, ଡ. ଭେନୁ ଗୋପାଳ କୋଟା, ଡ. ସାନନ୍ଦ ଦାଶ ପ୍ରମୁଖ ଅଙ୍ଗଦାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଓସି ସାଧାରଣ ସମ୍ପାଦକ ଡ. ପ୍ରତାପ ପାଣି ପ୍ରାରମ୍ଭିକ ସୂଚନା ଓ ପ୍ରତିଷ୍ଠାତ୍ରୀ ଡ. ଅରୁନ୍ଧତୀ ଦେବୀ ଧନ୍ୟବାଦ ଦେଇଥିଲେ।

## ‘ଆସ୍ଥା ଅଭିଷେକ’

ବାଲିଅନ୍ତା,୨୮।୧୧(ଡି.ଏନ୍.ଏ.)

ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ନୂତନ ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ‘ଆସ୍ଥା ଅଭିଷେକ-୨୦୨୧’ ରବିବାର କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଇମ୍ପା ମାନବ ସମ୍ବଳ ମୁଖ୍ୟ ଆଶିଷ କୁମାର ମିଶ୍ର ଯୋଗଦେଇ ଶିକ୍ଷାର୍ଥୀଙ୍କ ସାମାଜିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଡ.ଅଶୋକ ମଙ୍ଗରାଜ ଓ ସମ୍ମାନିତ ଅତିଥିଭାବେ ଇନ୍-ଥିଙ୍କ୍‌ସର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଟ୍ଟନାୟକ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନ ସମ୍ପାଦକ ଡ.ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷା ପ୍ରଫେସର ଶର୍ମିଳା ସୁବ୍ରମଣିଅନ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଙ୍କ ଦ୍ୱାରା ଆସ୍ଥା ଦର୍ପଣ-୨୦୨୧ ଓ ମ୍ୟାନେଜମେଣ୍ଟ ପତ୍ରିକା ‘ଅନ୍ୱେଷଣ’ ଉନ୍ମୋଚିତ ହୋଇଥିଲା। ପ୍ରଫେସର ଅଭିପ୍ସା ମିଶ୍ର, ପ୍ରଫେସର ନନ୍ଦିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଡାଇରେକ୍ଟର (କର୍ପୋରେଟ) ଡ.ତ୍ରିଲୋଚନ ନାୟକ ଧନ୍ୟବାଦ ଦେଇଥିଲେ।

## ‘ଡାଲଚିନି’କୁ ‘ବେଷ୍ଟ ଫିଚର ଫିଲ୍ମ’ ଆୱାର୍ଡ

ଭୁବନେଶ୍ୱର, ୨୮।୧୧ (ବ୍ୟୁରୋ)

ଅନ୍ତର୍ଜାତୀୟ ସ୍ତରରେ ପୁଣି ଓଡ଼ିଶା ପାଇଁ ସୁନାମ ଆଣିଛି ଓଡ଼ିଆ ଚଳଚ୍ଚିତ୍ର। ରିତୁପ୍ରିୟା ପ୍ରଡକ୍ସନ୍ସର ଚଳଚ୍ଚିତ୍ର ‘ଡାଲଚିନି’କୁ ୭ମ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଅଫ୍ ଶିମ୍‌ଲାରେ ‘ବେଷ୍ଟ ଫିଚର ଫିଲ୍ମ’ ଆୱାର୍ଡ ମିଳିଛି। ଅତିଶ କୁମାର ରାଉତଙ୍କ ପ୍ରଯୋଜନାରେ ନିର୍ମିତ ଚଳଚ୍ଚିତ୍ରଟି ଫେଷ୍ଟିଭାଲରେ ବେଶ୍ ପ୍ରଶଂସା ସାଉଣ୍ଟିଛି। ଫେଷ୍ଟିଭାଲ ପାଇଁ ବିଶ୍ୱର ୧୭ ଦେଶରୁ ବିଭିନ୍ନ ଭାଷାର ପ୍ରାୟ ୫ଶହ ଚଳଚ୍ଚିତ୍ର ଆସିଥିଲା। ସେଥିରୁ ବେଷ୍ଟ ୫୮ ଚଳଚ୍ଚିତ୍ର ମନୋନୀତ ହୋଇଥିବାବେଳେ ‘ଡାଲ୍‌ଚିନି’ ଟାଇଟଲ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ପ୍ରଯୋଜକ ତଥା କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ରୀୟ ପ୍ରଧାନଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି।

ଜଣେ ଯୁବକର ଭ୍ରମଣ କାହାଣୀକୁ ନେଇ ଚଳଚ୍ଚିତ୍ର ଗତିଶୀଳ ହୋଇଛି। ଏଥିରେ ଓଡ଼ିଶାର କେତେକ ପର୍ଯ୍ୟଟନସ୍ଥଳକୁ ପ୍ରଦର୍ଶିତ କରାଯାଇଛି। ଜଣେ ଝିଅ ଗାଇଡ୍ ସହିତ ଭ୍ରମଣରୁ କାହାଣୀ ଆରମ୍ଭ ହେବା ପରେ ସମୟ କ୍ରମେ ସେମାନଙ୍କ ମଧ୍ୟରେ



ଜିତେନ୍ଦ୍ରୀୟ ପ୍ରଧାନଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

### ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିଲା ଓଡ଼ିଆ ଚଳଚ୍ଚିତ୍ର

କିପରି ପ୍ରେମ ଏବଂ ଅନ୍ୟାନ୍ୟ ଘଟଣା ଘଟୁଛି ତାହାକୁ ଖୁବ୍ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ଶିଶିର ସାହୁ ଓ ପିନାକୀ ସିଂଙ୍କ ନିର୍ଦ୍ଦେଶିତ ଏହି ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ଜେରୀ ସିଲ୍‌ବଭେଷ୍ଟର ଭିନ୍‌ସେନଟ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସୁପ୍ରିୟା ରାଉତଙ୍କ ସହପ୍ରଯୋଜନାରେ ନାୟକ ପାର୍ଥସାରଥି ରାୟ ଓ ନାୟିକା ସୂର୍ଯ୍ୟମୟୀଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏ ସମ୍ପର୍କରେ ପ୍ରଯୋଜକ ଅତିଶ କୁମାର କହିଛନ୍ତି, ଆମ ରାଜ୍ୟର ପର୍ଯ୍ୟଟନସ୍ଥଳୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଚେଷ୍ଟା କରିଥିଲି, ଯାହାକି ସଫଳ ହୋଇଛି। ଏହା ଓଡ଼ିଶାର ଏକ ମାଇଲ ଖୁଣ୍ଟ ଚଳଚ୍ଚିତ୍ର ହୋଇ ରହିବ। କାର୍ଯ୍ୟକ୍ରମରେ ହିମାଳଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, ଅର୍ବାନ ଡେଭଲପ୍‌ମେଣ୍ଟ, ଟାଉନ୍ ଆଣ୍ଡ୍ କଣ୍ଟ୍ରି ପ୍ଲାନିଂ ମନ୍ତ୍ରୀ ସୁରେଶ ଭରଦ୍ୱାଜ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଜୟ ଉପସ୍ଥିତ ଥିଲେ।

## ୨୬ ୟୁନିଟ୍ ରକ୍ତ ସଂଗ୍ରହ

ବାଲିପାଟଣା,୨୮।୧୧(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ଅନ୍ତର୍ଗତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ କମିଶନରେଟ ପୋଲିସର ମିଳିତରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ର ଓ ସ୍ଥାନୀୟ ଅଞ୍ଚଳର ୨୬ଜଣ ରକ୍ତଦାନ କରିଥିଲେ। ଶିବିରରେ ମୋଟ୍ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏସିପି ଲଳିତେନ୍ଦୁ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଯୁବ ସମାଜ ଏହି ସ୍ରୋତରେ ଅଧିକରୁ ଅଧିକ ଯୋଗଦାନ କଲେ ଅଭାବୀ ରକ୍ତଜନିତ ରୋଗୀମାନେ ମୃତ୍ୟୁମୁଖରୁ ବଞ୍ଚିପିବେ। ଅନ୍ୟତମ ଅତିଥିଭାବେ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ମଦନମୋହନ ଜେନା ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଅରୁଣ ଶତପଥୀ ଶିବିର ପରିଚାଳନା କରିଥିଲେ।

## ଏନ୍ଏଫ୍‌ଡିସି ଫିଲ୍ମ ବଜାରରେ ଓଡ଼ିଆ ଚଳଚ୍ଚିତ୍ର ‘ସୁକଭାଇର ଶୋଲେ’

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍ଏଫ୍‌ଡିସି) ଫିଲ୍ମ ବଜାରରେ ଓଡ଼ିଆ ଚଳଚ୍ଚିତ୍ର ‘ସୁକଭାଇର ଶୋଲେ’ ପ୍ରଦର୍ଶିତ ହୋଇଛି। ୧୧ ଦେଶରୁ ୨୦ ପ୍ରୋଜେକ୍ଟ ଚୟନ କରାଯାଇଥିବାବେଳେ ନିର୍ଦ୍ଦେଶକ ସ୍ନେହାଶିଷ ଦାସଙ୍କ ଏହି ଚଳଚ୍ଚିତ୍ରଟି ସେଥିରେ ସ୍ଥାନ ପାଇଛି। ଏହି ପ୍ଲାଟ୍‌ଫର୍ମ ଅନ୍ତର୍ଜାତୀୟ ଓ ଦକ୍ଷିଣ ଏସୀୟ ଚଳଚ୍ଚିତ୍ର ଶିଳ୍ପ ମଧ୍ୟରେ ସହଯୋଗକୁ ଉତ୍ସାହିତ କରେ। ଚଳିତ ବର୍ଷ ଭର୍ଚୁଆଲରେ ଅନୁଷ୍ଠିତ ଏନ୍ଏଫ୍‌ଡିସି ଫିଲ୍ମ ବଜାରରେ ‘ସୁକଭାଇର ଶୋଲେ’ ଚଳଚ୍ଚିତ୍ର ଦେଖିବା ପାଇଁ ୩୭ ଦେଶରୁ ୩୧୫ ପ୍ରତିନିଧି ଲଗ୍‌ଇନ କରିଥିଲେ। ଶରୀର ଗଠନକୁ ନେଇ ପରିହାସ ଓ ବିଧବା ପୁନଃ ବିବାହ ପ୍ରଥାକୁ ନେଇ ଚଳଚ୍ଚିତ୍ରଟି ଆଧାରିତ ବୋଲି ସ୍ନେହାଶିଷ କହିଛନ୍ତି। ଅଭିଜିତ୍ ମିଶ୍ର ଗୀତ ରଚନା କରିବା ସହ କଣ୍ଠଦାନ କରିଛନ୍ତି। ଚଳଚ୍ଚିତ୍ରକୁ ସରୋଜ ରାଉଳ ସମ୍ପାଦନା କରିଥିଲେ। ଶ୍ରୀକାନ୍ତ ପଟ୍ଟନାୟକ ଚିତ୍ର ଉତ୍ତୋଳନ କରିଛନ୍ତି। ଅନୁଭା ସୌର୍ଯ୍ୟା, ସତ୍ୟ ରଞ୍ଜନ, ଜୟପ୍ରକାଶ ଦାସ, ଧରିତ୍ରୀ ଖଣ୍ଡୱାଲ ପ୍ରମୁଖ ଭୂମିକାରେ ରହିଛନ୍ତି।

### ପ୍ରଥମ ପୃଷ୍ଠାରୁ

#### ଆରମ୍ଭରୁ...

ଏବଂ ସେଥିରୁ ୨୧ହଜାର ୮୨୭ ପ୍ୟାକେଟ୍ ଧାନ ବିକ୍ରି ହୋଇଥିବା ଆର୍‌ଏମ୍‌ସି ସୂତ୍ରରୁ ଜଣାପଡ଼ିଛି। ପୂର୍ବବର୍ଷ ଏହି ସମୟରେ ଜିଲାର ସମସ୍ତ ୧୨ଟି ଯାକ ବ୍ଲକର ମଣ୍ଡିରେ ଧାନ କିଣାବିକା ଆରମ୍ଭ ହୋଇଥିଲା। କିନ୍ତୁ ଚଳିତବର୍ଷ ରବିବାର ସୁଦ୍ଧା ଜିଲାର ୩ଟି ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି।

ବରଗଡ଼ ଆର୍‌ଏମ୍‌ସି ଅଧୀନ କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଡି କହିଛନ୍ତି, ସେ ଗତ ୨୨ତାରିଖରୁ କଲାପାଣି ମଣ୍ଡିରେ ଧାନ ଭର୍ତ୍ତି କରିଛନ୍ତି । ଚାଷୀ ପଞ୍ଜୀକରଣ ସମୟରେ କରିଥିବା ଆବେଦନ ଫର୍ମରେ ତାଙ୍କ ଅମଳ ଧାନ ବିକ୍ରିଦିବସର ତାରିଖ ନଭେମ୍ବର ୧ରୁ ୧୫ତାରିଖ ବୋଲି ଉଲ୍ଲେଖ ରହିଛି। କିନ୍ତୁ ତାଙ୍କ ପାଖକୁ ଯେଉଁ ଏସ୍ଏମ୍ଏସ୍ ଆସିଛି, ସେଥିରେ ବିକ୍ରିଦିବସ ଡିସେମ୍ବର ୯ତାରିଖ ବୋଲି ଉଲ୍ଲେଖ ରହିଥିବା ସେ କହିଛନ୍ତି। ଫଳରେ ମଣ୍ଡିରେ ତାଙ୍କ ଧାନ ଥିଲେ ସୁଦ୍ଧା ତାକୁ କିଣାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ଅନେକ ଚାଷୀ ଅଛନ୍ତି, ଧାନ ଅମଳ କରିସାରିଥିଲେ ମଧ୍ୟ ସେମାନଙ୍କୁ ଅମଳ ଧାନ ବିକ୍ରିପାଇଁ ଟୋକନ ମିଳି ପାରିନାହିଁ। ଅନ୍ୟପକ୍ଷରେ ଅମଳ କରି ନ ଥିବା ଚାଷୀଙ୍କ ପାଖକୁ ଟୋକନ ପହଞ୍ଚି ସାରିଛି। କଲାପାଣି ଗ୍ରାମର ଚାଷୀ ଏକାଦଶିଆ ସାହୁ କହିଛନ୍ତି, ସେ ୪ଶହ ପ୍ୟାକେଟ୍ ଧାନ କଲାପାଣି ମଣ୍ଡିରେ ରଖିଛନ୍ତି । ପରିଚୟ ପତ୍ର ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ନଭେମ୍ବର ୧୫ତାରିଖ ସୁଦ୍ଧା ଧାନ ବିକ୍ରିଦିବସ ଉଲ୍ଲେଖ କରିଥିଲେ। ମାତ୍ର ଆଜି ସୁଦ୍ଧା ତାଙ୍କୁ ଟୋକନ ମିଳି ନ ଥିବା ଯୋଗୁ ସେ ଧାନ ବିକ୍ରି କରି ପାରିନାହାନ୍ତି। ଏ ନେଇ ବରଗଡ଼ ଆର୍‌ଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କୁ ପଚାରିବାରୁ ଧାନ ସଂଗୃହୀତ ହୋଇଛି, କିନ୍ତୁ ବିକ୍ରି ହୋଇ ପାରି ନ ଥିବା ସେ କହିଥିଲେ।

#### ମଣ୍ଡିରେ ଆବଶ୍ୟକ...

ପିପିସିରେ ଭଲ ଇଣ୍ଟରନେଟ୍ ସଂଯୋଗ ଏ ପର୍ଯ୍ୟନ୍ତ କରାଯାଇନାହିଁ। ସେହିପରି ଲୋକଙ୍କ ବସିବା ପାଇଁ ସ୍ଥାନର ବ୍ୟବସ୍ଥା ନ ଥିବା ବେଳେ ପାନୀୟ ଜଳ ସୁବିଧା ନାହିଁ। ଏଥିସହ ଯେଉଁ ଧାନକିଣା କେନ୍ଦ୍ରରେ ଗୋଦାମ ଘର ନାହିଁ ସେଗୁଡ଼ିକୁ ଖୋଲାଯିବା ଉଚିତ୍ ନ ଥିଲା ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିବା ବେଳେ ବିଜେଡି ଏହାର ଜବାବ୍ ରଖିଛି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଧାନ ବିକ୍ରିରୁ ଏତେ ଟଙ୍କା ସରକାର ଆଦାୟ କରିବା ସତ୍ତ୍ୱେ କାହିଁକି ଭିତ୍ତିଭୂମି ତିଆରି କରିପାରୁ ନାହାନ୍ତି ତାହା ବୁଝାପଡୁନାହିଁ। ଲୋକଙ୍କ କୋଟି କୋଟି ଟଙ୍କା ପଡ଼ି ରହିଛି ତଥାପି ଏମାନେ ଉନ୍ନତୀକରଣ ଦିଗରେ ସଚେତନ ନୁହନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଧାନ ରଖିବା, ଲୋକମାନେ ବସିବା ଲାଗି ଜାଗା ନାହିଁ। ସାଧାରଣତଃ ପିଇବାକୁ ପାନୀୟ ଜଳର ବ୍ୟବସ୍ଥା କରାଯାଇନି। ସବୁଠାରୁ ଦୁର୍ଭାଗ୍ୟଜନକ କଥା, ମଣ୍ଡିରେ ସିସି କ୍ୟାମେରାର ବ୍ୟବସ୍ଥା କରିବାକୁ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଦେଇଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ବଲାଙ୍ଗୀର ଅପେକ୍ଷା କଳାହାଣ୍ଡିରେ ଧାନ ଅଧିକ ସଂଗ୍ରହ ହେଉଥିବା ବେଳେ ସେଠାରେ କମ୍ ମଣ୍ଡି ରହିବାରୁ ଅଧିକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି।

ବିଜେଡି ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, ୨୦୧୯ ଏବଂ ୨୦୨୦ରେ ରାଜ୍ୟରେ ଯେତିକି ଧାନ ସଂଗ୍ରହ ହୋଇଥିଲା ୨୦୨୧-୨୨ରେ ଅଧିକ ହୋଇଛି। ଚାଷୀମାନେ ଏହି ଧାନ ଦେଇଛନ୍ତି। ଭିତ୍ତିଭୂମି ମଧ୍ୟ ସବୁଠାରେ ଠିକ୍ ଅଛି। ଯେଉଁଠି ଭିତ୍ତିଭୂମି ଖରାପ ଅଛି ସେଠାରେ ବିହିତ ପଦକ୍ଷେପ ନିଆଯାଉଛି।

# ସୂର୍ଯ୍ୟ ଉପାସନାର ସାମାଜିକ ବାର୍ତ୍ତା




ଡ. ସୁରେନ୍ଦ୍ର କୁମାର ମିଶ୍ର

## କୋଣାଦିତ୍ୟରେ ଜଗତମଙ୍ଗଳ କାମନାର ଉପାସନା

ଉତ୍ସବକୁ ଐତିହ୍ୟରେ କିପରି ପରିଣତ କରିଥିଲା ଓଡ଼ିଆ ଜାତି ଗୋଟିଏ ଗଣପର୍ବରୁ ତାହା ବିଚାର କଲେ। ସୂର୍ଯ୍ୟଙ୍କ ଉପାସନାର ଶାସ୍ତ୍ରୀୟ ରହସ୍ୟ କିପରି କୋଣାଦିତ୍ୟରେ ପ୍ରଚଳିତ ଥିଲା ତାହା ବି ଅନୁଶୀଳନ କରିବା କଥା। ଅର୍କକ୍ଷେତ୍ରରେ ଉପରଠାଉରିଆ ଉତ୍ସବ କି ଉପାସନା ହେଉ ନ ଥିଲା। ତାହା ମନୋବିଜ୍ଞାନ ଏବଂ ସମାଜବିଜ୍ଞାନ ସମ୍ମତ।

ସନାତନ ପରମ୍ପରାରେ ସୂର୍ଯ୍ୟ ହେଉଛନ୍ତି ପୃଥିବୀର ଚକ୍ଷୁ। ବେଦର ରହସ୍ୟ ଅନୁଯାୟୀ ସେ ଦେହ ଭିତରେ ଅଛନ୍ତି ; ବାହାରେ ବି। ଜଗତ ପାଇଁ ସେ ଶକ୍ତି ବିକିରଣ କରନ୍ତି। ଆଉ ଶରୀର ପାଇଁ! ଶରୀରରେ ଦିବ୍ୟଚେତନାକୁ ପ୍ରକାଶ କରାନ୍ତି। ଋଷି ପରମ୍ପରାରେ ଏଥିପାଇଁ ଜ୍ଞାନର ଶକ୍ତି ଗାୟତ୍ରୀଙ୍କୁ ମାଧ୍ୟମ କରାଯାଏ। ତେଣୁ କୁହାଯାଇଛି ସୂର୍ଯ୍ୟମଣ୍ଡଳର ଶକ୍ତି ହେଉଛନ୍ତି ଗାୟତ୍ରୀ। ଶକ୍ତିର ସ୍ରୋତ ଭାବରେ ଗାୟତ୍ରୀଙ୍କୁ ଉପାସନା କରାଯାଏ। ଦିବ୍ୟତା ତାଙ୍କରି ଦ୍ୱାରା ପ୍ରକାଶିତ ହୁଏ।

ସକାଳେ ସେ ବ୍ରହ୍ମା। ସୃଷ୍ଟି କାର୍ଯ୍ୟ କରନ୍ତି। ସେଥିପାଇଁ କୁହାଯାଏ ବ୍ରହ୍ମଶକ୍ତି ଗାୟତ୍ରୀ। ମଧ୍ୟାହ୍ନରେ ସେ ଦେବଦେବ ମହାଦେବ ହୁଅନ୍ତି। ଜଗତ ଗ୍ରହଣ


ସୂର୍ଯ୍ୟାସ୍ତ ସମୟ। ବିଷ୍ଣୁ ରୂପରେ ଶ୍ରୀସୂର୍ଯ୍ୟନାରାୟଣ। *ଫଟୋ: ଯଜ୍ଞେଶ୍ୱର ମହାନ୍ତି, ପୁରୀ*

କରିଥିବା ସୂର୍ଯ୍ୟଙ୍କ ତାପକୁ ଦ୍ରବୀଭୂତ କରନ୍ତି। ମହାକାଳଙ୍କର ଅନ୍ୟତମ ଶକ୍ତି। ସନ୍ଧ୍ୟାରେ ସେ ବିଷ୍ଣୁ ରୂପରେ ପ୍ରକାଶ ହୁଅନ୍ତି। ସମୟ ଅନୁଯାୟୀ ସୂର୍ଯ୍ୟଶକ୍ତି ଚଳଚଞ୍ଚଳ କରାନ୍ତି ପୃଥିବୀକୁ। କେବଳ ସେତିକି ନୁହେଁ ‘ତ୍ରିକାଳ ମହାମାୟା ଅର୍ଚ୍ଚନାବିଧି’ରେ କୁହାଯାଇଛି ପୃଥିବୀରେ ସମସ୍ତ ତ୍ରୁଟି ଓ ଦୋଷକୁ ସେ ଅପସାରଣ କରନ୍ତି।

‘ତ୍ରିକାଳ ମହାମାୟା ଅର୍ଚ୍ଚନା ବିଧି’ ପୋଥି ଅନୁସାରେ ଆମର ଅର୍କତୀର୍ଥରେ ଉପାସନା ହେଉଥିଲା। ଏଥିରେ ଜଗତମଙ୍ଗଳ କାମନା ମୂଳ ରହସ୍ୟ। କାହିଁକି ନା ବ୍ରହ୍ମବିଦ୍ୟାର ଯେ ହେଉ ସାରତତ୍ତ୍ୱ। ଆମର ପୂର୍ବପୁରୁଷମାନେ ବୁଝିଥିଲେ ଅନ୍ତରୀକ୍ଷରେ ସୂର୍ଯ୍ୟ ଗତି କଲାବେଳେ ‘କିରଣ’ ମାଧ୍ୟମରେ ‘ତାପ’ ଦେଇଥାନ୍ତି। ତା’ପରେ ଶକ୍ତି ଭରି ଦିଅନ୍ତି ଗାୟତ୍ରୀ। ସେଇ ତାପ ଆମକୁ ଶକ୍ତିମୟ କରିଥାଏ। ସୂର୍ଯ୍ୟ ରଥରେ ଗତି କଲେ ଶରୀର ରୂପକ ରଥରେ ବର୍ଣ୍ଣମାତୃକା ଗତିଶୀଳ ହୁଅନ୍ତି। ଯାକୁ ସବୁ ଆମ ପଣ୍ଡିତେ ବୁଝିଥିଲେ। ତାକୁ ଉପାସନା ମାଧ୍ୟମରେ ଲୋକ-ସ୍ତରରେ ପ୍ରଚଳନ କରିଥିଲେ। ବ୍ଲାକ୍‌ପାଗୋଡ଼ା କହୁଥିବା ଏବଂ ମିଥୁନ ମୂର୍ତ୍ତିରେ ଅଟକି ରହିଥିବା ବାହାରିଆ ପଣ୍ଡିତମାନେ ରହସ୍ୟ ଭେଦ ନ କରି ଯା’ ଇଚ୍ଛା ତା’ ଲେଖିଦେଇ ଗଲେ। ନା ବୁଝିଥିଲେ ତୀର୍ଥର ସାମାଜିକ ତତ୍ତ୍ୱ ନା ବୁଝିଥିଲେ ଉପାସନାର ଜଗତମଙ୍ଗଳ କାମନା!

ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ୧୬ଟି ତାଳବରଡ଼ା ପତ୍ରରେ ଲେଖାସରିଥିଲା ଗାୟତ୍ରୀଙ୍କ ରହସ୍ୟ। ମହାଗାୟତ୍ରୀ ମନ୍ଦିର ଶୈଳୀ ପ୍ରଥମେ ଏହି ଓଡ଼ିଆ ଅକ୍ଷର ପୋଥିରୁ ମିଳେ। ଭାଷା ସଂସ୍କୃତ ଓ ଲିପି ଓଡ଼ିଆରେ ଅଙ୍କା ହୋଇଥିଲା ଗାୟତ୍ରୀ ଯନ୍ତ୍ର। ସେ ଯନ୍ତ୍ର ଅଷ୍ଟଦଳ ପଦ୍ମର। ପ୍ରତ୍ୟେକ ଦଳରେ ଗୋଟିଏ ଗୋଟିଏ ଶକ୍ତି ସଂପୁଟ ହୋଇଛନ୍ତି। ଗାୟତ୍ରୀଙ୍କ ମନ୍ତ୍ର ତଥା ଧ୍ୟାନର ପ୍ରଭାବ କ’ଣ ଓ କେତେ! ସବୁ ଲେଖିସାରିଥିଲେ ଓଡ଼ିଆ ପଣ୍ଡିତେ। ପୁରୀର ବାସୁଦେବ ରଥେ ପ୍ରଥମେ ଏଇ ପୋଥିକୁ କୁଜଙ୍ଗର ଜଗନ୍ନାଥ ତ୍ରିପାଠୀଙ୍କଠାରୁ ସଂଗ୍ରହ କଲାପରେ ଲୋକଲୋଚନକୁ ଆସିଥିଲା।

କୋଣାଦିତ୍ୟରେ ସୂର୍ଯ୍ୟ ଉପାସନା କୌଣସି ଖିଆଲରେ ଓଡ଼ିଆ ବିକଶିତ କରି ନ ଥିଲେ। ଓଡ଼ିଶାର ଗଜପତି ମନର ଓରମାନ ମେଣ୍ଟେଇବାକୁ ସଉକରେ ଶାସ୍ତ୍ରୀୟ ଭିତ୍ତିଭୂମି ଉପରେ ମାନଶାଳା ସଦୃଶ ମନ୍ଦିରଟିଏ ଗଢ଼େଇ ନ ଥିଲେ। ଅକଥନୀୟ ଅତ୍ୟାଚାର କରି ନ ଥିଲେ ଓଡ଼ିଆ ଶିଳ୍ପୀଙ୍କ ଉପରେ। ସବୁ ସହମତିରେ ସହଯୋଗରେ ତଥା ସହାନୁଭୂତିରେ ସାକାର ହୋଇଥିଲା। ବିଶ୍ୱ ମଙ୍ଗଳ କାମନା ରହିଥିଲା ଏହାର ପଛଭାଗରେ। ଜଗତର ହିତ ପାଇଁ ଗାୟତ୍ରୀଶକ୍ତିଯୁକ୍ତ ସୂର୍ଯ୍ୟ ଉପାସନା ଆରମ୍ଭ ହୋଇଥିଲା ଖ୍ରୀଷ୍ଟପୂର୍ବରୁ। ରହସ୍ୟକୁ ଭେଦ କଲେନି ଯେଉଁମାନେ ସେମାନେ ଆମକୁ, ଆମ ଶିଳ୍ପୀଙ୍କୁ, ଆମ ପରମ୍ପରାକୁ ଟାହିଟାପରା କଲାପରି ମାନସିକତାରେ ପ୍ରସ୍ତୁତ ହେଲେ। ଲେଖିଲେ ମଧ୍ୟ। ଆମ ମନରେ ହୀନମନ୍ୟତା ସୃଷ୍ଟି କରିବାକୁ ସେଗୁଡ଼ିକ ସହାୟକ ହେଲା!!

# ବାୟୁ ପ୍ରଦୂଷଣ ମାର୍ଗଦର୍ଶିକା



ପୃଥିବୀର ପ୍ରାୟ ଅଧିକାଂଶ ଦେଶରେ ବର୍ତ୍ତମାନ ବାୟୁ ପ୍ରଦୂଷଣର ପରିମାଣ ବୃଦ୍ଧି ପାଇଛି। ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ କଳକାରଖାନା ସ୍ଥାପନ, ନିର୍ମାଣ କାର୍ଯ୍ୟ ଓ ଗାଡ଼ିମୋଟର ବ୍ୟବହାର କ୍ରମଶଃ ବୃଦ୍ଧି ପାଇଛି। ଏହା ହେଉଛି ବାୟୁ ପ୍ରଦୂଷଣର ମୁଖ୍ୟ କାରଣ। ଏଥିଯୋଗୁ ବାୟୁମଣ୍ଡଳରେ କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ସଲ୍ଫର ଡାଇଅକ୍ସାଇଡ୍, ଓଜୋନ ଆଦି ଗ୍ୟାସ୍ ଏବଂ ସୂକ୍ଷ୍ମକଣିକାର ପରିମାଣ ବଢ଼ୁଛି ଯାହା ମନୁଷ୍ୟ ସ୍ୱାସ୍ଥ୍ୟ ପ୍ରତି ଅତି କ୍ଷତିକାରକ।

ବାୟୁ ପ୍ରଦୂଷଣ ହେଉଛି ଆଜ୍ମା ଓ ଅନ୍ୟ ଫୁସ୍‌ଫୁସୀୟ ରୋଗ, ଦୀର୍ଘକାଳୀନ ଶ୍ୱସନୀ ପ୍ରଦାହ (ବ୍ରୋଙ୍କାଇଟିସ୍), କ୍ୟାନ୍‌ସର ଆଦି ରୋଗର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ପ୍ରକାଶ କରିଛି ଯେ ବାୟୁପ୍ରଦୂଷଣ ଯୋଗୁ କେବଳ ଫୁସ୍‌ଫୁସୀୟ ରୋଗରେ ଆକ୍ରାନ୍ତ ହୋଇ ପୃଥିବୀରେ ବର୍ଷକୁ ୭୦ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗତ ୧୦ ବର୍ଷର ତଥ୍ୟ ଆଧାରରେ ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ଅଧିକ ପ୍ରଭାବ ପକାଉଥିବା ୬ଟି ମୁଖ୍ୟ ବାୟୁ ପ୍ରଦୂଷକକୁ ଘୋଷଣା କରିଛି। ଏଗୁଡ଼ିକ ହେଉଛି ପିଏମ୍ ୨.୫, ପିଏମ୍ ୧୦, ଓଜୋନ୍, ନାଇଟ୍ରୋଜେନ୍ ଡାଇଅକ୍‌ସାଇଡ୍, ସଲ୍‌ଫର ଡାଇଅକ୍‌ସାଇଡ୍ ଓ କାର୍ବନ ମନୋକ୍‌ସାଇଡ୍। ପିଏମ୍ ହେଉଛି ପାର୍ଟିକ୍ୟୁଲେଟ୍ ମ୍ୟାଟର ବା ଅତିକ୍ଷୁଦ୍ର କଣିକା। ୨.୫ ମାଇକ୍ରନ୍ (ଏକ ମାଇକ୍ରନ ହେଉଛି ମିଟରର ନିୟୁତ ଭାଗରୁ ଏକ ଭାଗ) ବା ତା'ଠାରୁ କମ୍ ଆକାରର କଣିକାକୁ ପିଏମ୍ ୨.୫ ଏବଂ ୧୦ ମାଇକ୍ରନ୍ କିମ୍ବା ତା'ଠାରୁ କମ୍ ଆକାରର କଣିକାକୁ ପିଏମ୍ ୧୦ କୁହାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ପୃଥିବୀର ୯୦% ଲୋକ ଏଥିମଧ୍ୟରୁ ଅତିକମ୍‌ରେ ଗୋଟିଏ କ୍ଷତିକାରକ ପ୍ରଦୂଷକ ଥିବା ଜାଗାରେ ବାସ କରୁଛନ୍ତି।

ମନୁଷ୍ୟ ଶରୀର ପାଇଁ ଏହି ପ୍ରଦୂଷକଗୁଡ଼ିକର କେତେ ପରିମାଣ କ୍ଷତିକାରକ ହେବ, ତାହା ଉପରେ ଗବେଷଣା କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ପରିମାଣକୁ ସେହି ସ୍ତର ତଳେ ରଖିବା ପାଇଁ ମାର୍ଗଦର୍ଶିକା ଜାରି କରିଥାଏ। ଏହା ୨୦୦୫ ମସିହାରେ ଶେଷଥର ପାଇଁ ମାର୍ଗଦର୍ଶିକା ଜାରି କରିଥିଲା ଏବଂ ୨୦୨୧ ସେପ୍ଟେମ୍ବରରେ ଏହାର ସଂଶୋଧନ କରିଛି। କଡ଼ା ପଦକ୍ଷେପ ସ୍ୱରୂପ ଏଥର ଏହା ସମସ୍ତ ପ୍ରଦୂଷକର ଅନୁମୋଦନ ଯୋଗ୍ୟ ପରିମାଣକୁ ହ୍ରାସ କରିଛି।

ପିଏମ୍ ୨.୫ର ପରିମାଣ ୨୦୦୫ରେ ଦୈନିକ ହାରାହାରି ଘନମିଟର ପ୍ରତି ୨୫ ମାଇକ୍ରୋଗ୍ରାମ୍ ନିର୍ଦ୍ଧାରଣ କରାଯାଇ ଥିବାବେଳେ ଏହି ବର୍ଷ ଏହାକୁ ୧୫କୁ ହ୍ରାସ କରାଯାଇଛି। ଅର୍ଥାତ୍ ଏହା ଘନମିଟର ପ୍ରତି ୧୫ ମାଇକ୍ରୋଗ୍ରାମ୍‌ରୁ ଅଧିକ ହେଲେ ବିପଜ୍ଜନକ। ବାସ୍ତବରେ ସମସ୍ତ ପ୍ରଦୂଷକଗୁଡ଼ିକ ମଧ୍ୟରେ ପିଏମ୍ ୨.୫ ହେଉଛି ଅଧିକ ମାରାତ୍ମକ। ଗ୍ରୀନ୍‌ପିସ୍ ସଂସ୍ଥାର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ୨୦୨୦ ମସିହାରେ ପୃଥିବୀର ସବୁଠାରୁ ୧୦୦ ଜନବହୁଳ ସହର ମଧ୍ୟରେ ୭୯ଟିରେ ପିଏମ୍ ୨.୫ର ପରିମାଣ ଅନୁମୋଦନୀୟ ମାତ୍ରାଠାରୁ ଅଧିକ ଥିଲା।

ସେହିପରି ପିଏମ୍ ୧୦ର ପରିମାଣ ୫୦ରୁ ୪୫କୁ ହ୍ରାସ କରାଯାଇଛି। ଓଜୋନ୍‌ର ଅନୁମୋଦନୀୟ ପରିମାଣ ପୂର୍ବରୁ ୮ ଘଣ୍ଟିଆ ସମୟରେ ହାରାହାରି ୧୦୦ ଥିବାବେଳେ ବର୍ତ୍ତମାନ ସେଥିରେ ପରିବର୍ତ୍ତନ କରାଯାଉ ନାହିଁ। ନାଇଟ୍ରୋଜେନ ଡାଇଅକ୍‌ସାଇଡ୍ ଓ କାର୍ବନ ମନୋକସାଇଡ୍‌ର ନିରାପଦ ପରିମାଣ ୨୦୦୫ ମସିହା ମାର୍ଗଦର୍ଶିକାରେ କିଛି ସ୍ଥିର କରାଯାଇ ନ ଥିବାବେଳେ ବର୍ତ୍ତମାନ ଏହାର ଦୈନିକ ହାରାହାରି ପରିମାଣ ଯଥାକ୍ରମେ ୨୫ ଓ ୪ ରଖାଯାଇଛି। ଏହିଥର କେବଳ ସଲ୍‌ଫର ଡାଇଅକ୍‌ସାଇଡର ଅନୁମୋଦନୀୟ ପରିମାଣକୁ ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ଘନମିଟର ପ୍ରତି ୨୦ ମାଇକ୍ରୋଗ୍ରାମ୍ ଥିବାବେଳେ ଏବେ ଏହା ୪୦ ମାଇକ୍ରୋଗ୍ରାମ୍‌କୁ ବୃଦ୍ଧି କରାଯାଇଛି।

ଭାରତରେ ବାୟୁ ପ୍ରଦୂଷଣ ହେଉଛି ପୃଥିବୀରେ ସର୍ବାଧିକ। ପୃଥିବୀର ସବୁଠାରୁ ପ୍ରଦୂଷିତ ସହର ହେଉଛି ଦିଲ୍ଲୀ। ୨୦୨୦ ମସିହାରେ ସେଠାରେ ପିଏମ୍ ୨.୫ର ପରିମାଣ ଅନୁମୋଦନୀୟ ପରିମାଣର ପ୍ରାୟ ୧୭ ଗୁଣ ଥିଲା। ଅନ୍ୟ ସହରଗୁଡ଼ିକ ମଧ୍ୟ ବେଶି ପଛରେ ନାହିଁ। ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ଏହି ପରିମାଣ ଯଥାକ୍ରମେ ୮ଗୁଣ, ୯ଗୁଣ ଓ ୫ ଗୁଣ ଅଧିକ ଥିଲା।

> "ଭାରତରେ ବାୟୁ ପ୍ରଦୂଷଣ ହେଉଛି ପୃଥିବୀରେ ସର୍ବାଧିକ। ପୃଥିବୀର ସବୁଠାରୁ ପ୍ରଦୂଷିତ ସହର ହେଉଛି ଦିଲ୍ଲୀ। ୨୦୨୦ ମସିହାରେ ସେଠାରେ ପିଏମ୍ ୨.୫ର ପରିମାଣ ଅନୁମୋଦନୀୟ ପରିମାଣର ପ୍ରାୟ ୧୭ ଗୁଣ ଥିଲା। ଅନ୍ୟ ସହରଗୁଡ଼ିକ ମଧ୍ୟ ବେଶି ପଛରେ ନାହିଁ। ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ଏହି ପରିମାଣ ଯଥାକ୍ରମେ ୮ ଗୁଣ, ୯ ଗୁଣ ଓ ୫ ଗୁଣ ଅଧିକ ଥିଲା। ଭାରତରେ ପ୍ରଦୂଷିତ ବାୟୁ ଲୋକଙ୍କର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବା ସହିତ ଦେଶର ଅର୍ଥନୀତି ଉପରେ ଏହାର କୁପ୍ରଭାବ ପଡ଼ିଥାଏ।"

ଭାରତରେ ପ୍ରଦୂଷିତ ବାୟୁ ଲୋକଙ୍କର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବା ସହିତ ଦେଶର ଅର୍ଥନୀତି ଉପରେ ଏହାର କୁପ୍ରଭାବ ପଡ଼ିଥାଏ। ଜଣାଯାଇଛି ଯେ ୨୦୧୫ରେ ଭାରତର ୧୧ ଲକ୍ଷ ଲୋକ ଏହା ଯୋଗୁ ମୃତ୍ୟୁବରଣ କରିଥିଲେ। ସେହିପରି ୨୦୧୯ରେ ଦେଶରେ ସମସ୍ତ ଅକାଳ ମୃତ୍ୟୁ ମଧ୍ୟରେ ବାୟୁ ପ୍ରଦୂଷଣ ଜନିତ ମୃତ୍ୟୁ ୧୮% ଥିଲା। ପୁନଶ୍ଚ ଆକଳନ କରାଯାଇଛି ଯେ, ୨୦୧୯ ମସିହାରେ ବାୟୁ ପ୍ରଦୂଷଣ ଯୋଗୁ ଦେଶର ଜିଡିପି (ମୋଟ ଘରୋଇ ଉତ୍ପାଦ) ୧.୪ ପ୍ରତିଶତ ହ୍ରାସ ପାଇଛି। ଭାରତରେ ବାୟୁ ପ୍ରଦୂଷଣର ମୁଖ୍ୟ ଉତ୍ସ ହେଉଛି ଯାନବାହନ, ତାପଜ ବିଦ୍ୟୁତ୍ କେନ୍ଦ୍ର ସମେତ ଭାରୀ ଶିଳ୍ପ, ଇଟାଭାଟି ସମେତ କେତେକ କ୍ଷୁଦ୍ରଶିଳ୍ପ, ନିର୍ମାଣ କାର୍ଯ୍ୟ, ଅଳିଆ ଆବର୍ଜନାକୁ ଖୋଲା ଜାଗାରେ ଜାଳିବା ଏବଂ ବିଭିନ୍ନ ଇନ୍ଧନର ଦହନ। ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ଅନୁଯାୟୀ ଦିଲ୍ଲୀରେ ପିଏମ୍ ୨.୫ ପ୍ରଦୂଷଣ ପାଇଁ ଯାନବାହନ ୩୦%, ଜୈବିକ ବସ୍ତୁ ଦହନ (ମୁଖ୍ୟତଃ ଶସ୍ୟ ଅମଳ ପରେ କୁଟାକୁ ଜାଳିବା) ୨୦%, ରାସ୍ତା ଧୂଳି ଓ ନିର୍ମାଣ କାର୍ଯ୍ୟ ୨୦% ଦାୟୀ ହୋଇଥିବାବେଳେ ଅବଶିଷ୍ଟ ପାଇଁ ଶିଳ୍ପ, ଡିଜେଲ ଜେନେରେଟର ଓ ବିଦ୍ୟୁତ୍ କେନ୍ଦ୍ର ଦାୟୀ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନୂତନ ମାର୍ଗଦର୍ଶିକା ଅନୁଯାୟୀ ଭାରତର ଅଧିକାଂଶ ସହର ପ୍ରଦୂଷଣ କବଳରେ ରହୁଛି। ଏହି ମାର୍ଗଦର୍ଶିକା କୌଣସି ଦେଶ ପାଇଁ ବାଧ୍ୟତାମୂଳକ ନୁହେଁ। କିନ୍ତୁ ବିଜ୍ଞାନ ଗବେଷଣା ଓ ଅଧ୍ୟୟନରୁ ପ୍ରକାଶ ପାଇଥିବା ଏହି ମାର୍ଗଦର୍ଶିକାକୁ ଅନୁସରଣ କରିବା ଉଚିତ। ସୂଚନାଯୋଗ୍ୟ, ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ଏହାର ଠିକ୍ ଭାବେ ପାଳନ କରିଥାଆନ୍ତି।

ଭାରତର ନିଜସ୍ୱ ପ୍ରଦୂଷଣ ମାର୍ଗଦର୍ଶିକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୦୫ ମସିହାର ମାର୍ଗଦର୍ଶିକାଠାରୁ ମଧ୍ୟ କୋହଳ। ଉଦାହରଣ ସ୍ୱରୂପ ଭାରତରେ ବର୍ତ୍ତମାନ ଅନୁମୋଦନୀୟ ପିଏମ୍ ୨.୫ ପରିମାଣ ଘନମିଟର ପ୍ରତି ୬୦ ମାଇକ୍ରୋଗ୍ରାମ୍ ଅଛି, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୦୫ ମସିହାର ମାର୍ଗଦର୍ଶିକାରେ ୨୫ ଥିଲା ଏବଂ ବର୍ତ୍ତମାନ ଏହା ୧୫ ହୋଇଛି। ଭାରତର ଏହି କୋହଳ ମାନକ ମଧ୍ୟ ଅନେକ ସ୍ଥାନରେ ରହୁ ନାହିଁ। ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଆମକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନୂତନ ମାର୍ଗଦର୍ଶିକାକୁ ଆପଣାଇବାକୁ ପଡ଼ିବ।

ଇଂ. ମାୟାଧର ସ୍ୱାଇଁ



-୬୦ ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪





# ପାଟି ଘା'

ବିଭିନ୍ନ କାରଣରୁ ଅନେକ ଲୋକଙ୍କର ପାଟିରେ ଘା' ହୋଇଥାଏ। ବେଳେବେଳେ ଏହି ଘା' ବଡ଼ ହୋଇ କ୍ୟାନ୍‌ସରର ରୂପ ନିଏ। ସେଥିପାଇଁ ପାଟିରେ ଘା' ହେଲେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। ତେବେ ପାଟିରେ ଘା' ହେବାର ଅନେକ କାରଣ ରହିଛି । ଯେତେବେଳେ ଶରୀରରେ ଭିଟାମିନ୍ ବି ଯୁକ୍ତ ଉପାଦାନ (ବି-୧, ବି-୨, ବି-୩ ଏବଂ ବି-୬) ଅଭାବ ଘଟେ, ସେତେବେଳେ ପାଟିରେ ଘା' ହୋଇଥାଏ । ଅନ୍ୟପଟେ ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ ଜିଭ ଅଧିକାଂଶ ସମୟ ଶୁଖିଲା ରହିଥାଏ। ଫଳରେ ପାଟିରୁ କମ୍ ଲାଳ ବାହାରେ। ଏହାଦ୍ୱାରା ପାଟିରେ ଘା' ହେବାର ଆଶଙ୍କା ରହିଛି। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଜଣେ ଏପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଯେଉଁମାନଙ୍କର ସିଗାରେଟ୍ ଟାଣିବା, ଗୁଟ୍‌ଖା ଆଦି ନିଶାଜାତୀୟ ଦ୍ରବ୍ୟ ଖାଇବା ଅଭ୍ୟାସରେ ପରିଣତ ହୋଇଯାଇଥାଏ, ସେମାନଙ୍କଠାରେ ଏପରି ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ ରହିଛି। ପୁଣି ଯଦି ଏହି ଘା' ପ୍ରତି ପ୍ରାରମ୍ଭରୁ ସତର୍କ ନ ରହନ୍ତି, ତେବେ ତାହା ପରବର୍ତ୍ତୀ ସମୟରେ କ୍ୟାନ୍‌ସରରେ ପରିଣତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ଏଥିରୁ ରକ୍ଷା ପାଇବାକୁ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ମିଠାଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ୍ୟ ଦୂରେଇ ରୁହନ୍ତୁ। ଏହା ସତ୍ତ୍ୱେ ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।



# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଗଜାମୁଗ



ଗଜାମୁଗରେ ଅନେକ ପୁଷ୍ଟିକର ଗୁଣ ଭରି ରହିଛି। ଏଥିରେ ମ୍ୟାଗ୍ନେସିୟମ୍, ଫସ୍‌ଫରସ୍ ଏବଂ ଭିଟାମିନ୍-କେ, ବି, ସି, ଭିଟାମିନ୍ ବି-୬, କପର, ଫାଇବର ପ୍ରଚୁର ମାତ୍ରାରେ ଅଛି। ସକାଳୁ ବ୍ୟାୟାମ ସାରି ଏହାକୁ ଖାଇଲେ ଫାଇଦା ମିଳିଥାଏ। ତେବେ ନିୟମିତ ଗଜାମୁଗ ଖାଇବା ଦ୍ୱାରା ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। କେବଳ ସେତିକି ନୁହେଁ, ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ଆହୁରି ଉପକାରୀ। କାରଣ ଏହାକୁ ଖାଇଲେ ରକ୍ତରେ ଶର୍କରାର ପରିମାଣ ସନ୍ତୁଳିତ ରହିଥାଏ। ଗଜାମୁଗକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ହୃଦ୍‌ରୋଗ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି। ଖାଦ୍ୟରେ ଥିବା ପୋଷକ ତତ୍ତ୍ୱର ଅଭାବକୁ ଗଜାମୁଗ ପୂରଣ କରିଥାଏ। ଏକ କପ୍ ଗଜାମୁଗରେ ୩୪ ମାଇକ୍ରୋଗାମ୍ ଭିଟାମିନ୍-କେ ଅଛି, ଯାହା ଅସ୍ଥିକୁ ମଜଭୁତ କରେ। ଗଜାମୁଗ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ।

# ଉପକାରୀ ଉଷୁମ ପାଣି

ଉଷୁମ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ସାବ୍ୟସ୍ତ ହୋଇଥାଏ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। କୋଷ୍ଠକାଠିନ୍ୟ ସମସ୍ୟା ଦୂର ପାଇଁ ଉଷୁମ ପାଣି ଲାଭଦାୟକ। ଏହା ହଜମ କ୍ରିୟାକୁ ଦୃଢ଼ କରେ। କୋଲେଷ୍ଟରଲଜନିତ ସମସ୍ୟାରେ ନିୟମିତ ଉଷୁମ ପାଣି ପିଇପାରନ୍ତି। ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏ। ଉଷୁମ ପାଣି ପିଇବା ଦ୍ୱାରା ମେଦବହୁଳତା କେତେକାଂଶରେ ଦୂର ହୋଇଥାଏ।

# ସୁନିଦ୍ରା ପାଇଁ

ଦିନତମାମ ପରିଶ୍ରମ ଅନୁସାରେ ଆମକୁ ବିଶ୍ରାମର ଆବଶ୍ୟକତା ରହିଛି। ତେଣୁ ଜଣେ ବ୍ୟକ୍ତି ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ନିହାତି ଦରକାର। ହେଲେ ଅନେକ ଏପରି ସମୟ ନିର୍ଘଣ୍ଟକୁ ଅନୁସରଣ କରିପାରି ନ ଥା'ନ୍ତି। ତେବେ ଏପରି କେତେକ ଖାଦ୍ୟ ରହିଛି, ଯାହା ସୁନିଦ୍ରା ପାଇଁ ସହାୟକ ହୋଇଥାଏ। ଜାଣନ୍ତୁ ସେ ସମ୍ପର୍କରେ...



**ଚେରି :** ଏହି ସୁସ୍ୱାଦୁ ଫଳ ଆମକୁ ସୁନିଦ୍ରା ପାଇଁ ସାହାଯ୍ୟ କରିଥାଏ। ଚେରିରେ ମେଲାଟୋନିନ୍ ଭରପୂର ଭାବରେ ଥାଏ। ଏହା ଶରୀରର ଆଭ୍ୟନ୍ତରୀଣ ପ୍ରକ୍ରିୟା ନିୟନ୍ତ୍ରଣ କରିବା ସହ ନିଦ ଆସିବାରେ ସାହାଯ୍ୟ କରେ। ଚେରି ଜୁସ୍ ମଧ୍ୟ ଏ କ୍ଷେତ୍ରରେ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି।

**ଆଲ୍‌ମଣ୍ଡ :** ଭଲ ନିଦ ପାଇଁ ଆଲ୍‌ମଣ୍ଡକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏଥିରେ ଥିବା ମ୍ୟାଗ୍ନେସିୟମ ଭଲ ନିଦ ହେବାରେ ସାହାଯ୍ୟ କରେ। ଅନ୍ୟପକ୍ଷରେ ଏଥିରେ ଆଣ୍ଟି ଷ୍ଟ୍ରେସ୍ ଗୁଣ ଅଛି। ନିଜର ବ୍ରେକଫାଷ୍ଟରେ ଆଲ୍‌ମଣ୍ଡକୁ ସାମିଲ କରନ୍ତୁ। କ୍ଷୀର ପିଇବା ସମୟରେ ଖାଲି କ୍ଷୀର ନ ପିଇ ବାଦାମ କ୍ଷୀର ପିଅନ୍ତୁ।

**ଓଟସ୍:** ଓଟସ୍‌ରେ ପୋଟାସିୟମ ସହ ଭରପୂର ମାତ୍ରାରେ ମ୍ୟାଗ୍ନେସିୟମ ରହିଛି। ଏହାକୁ ନିୟମିତ ଖାଇଲେ ତାହା ନିଦ୍ରାହୀନତା ସମସ୍ୟାକୁ କେତେକାଂଶରେ ଦୂର କରିଥାଏ। ଏହାସହ ଓଟସ୍‌ରେ ଟ୍ରାଇପଟୋଫୋନ୍ ନାମକ ତତ୍ତ୍ୱ ରହିଛି, ଯାହା ଭଲ ନିଦ ହେବାରେ ସାହାଯ୍ୟ କରେ।

# ସ୍ୱାସ୍ଥ୍ୟ ସୂଚନା



- ପ୍ରତିଦିନ ବ୍ରେକ୍‌ଫାଷ୍ଟ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରଭୋଜନ ଠିକ୍ ସମୟରେ ଖାଆନ୍ତୁ।
- ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଯେତେ ଅଧିକ ଖାଇବେ ସେତେ ଭଲ। କାରଣ ଏପରି ଖାଦ୍ୟରେ ଭିଟାମିନ୍ ଭରି ରହିଥାଏ ଏବଂ ତାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।
- ରାତ୍ରିଭୋଜନରେ ଆଦୌ ଗରିଷ୍ଠ ଖାଦ୍ୟ ସାମିଲ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ ପ୍ରକ୍ରିୟା ପ୍ରଭାବିତ ହୋଇଥାଏ। କେବଳ ସେତିକି ନୁହେଁ, ଏଥିଯୋଗୁଁ ନିଦ ମଧ୍ୟ ଭଲ ହୋଇ ନ ଥାଏ।
- ଖରାଦିନେ ଯେତେ ହାଲୁକା ଖାଦ୍ୟ ଖାଇବେ ସେତେ ଭଲ। ତା'ସହ ପ୍ରଚୁର ପାଣି ପିଅନ୍ତୁ।
- ବୟସ ବଢ଼ିଲେ ଚକ୍ଷୁ, ଅସ୍ଥିଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନେବା ସହ ଅସ୍ଥି ସମ୍ପର୍କରେ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଅଯଥାରେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକି ଆଣିବ।
- ସବୁବେଳେ ନିଜର ଓଜନକୁ ସନ୍ତୁଳିତ ରଖିବାକୁ ଚେଷ୍ଟା କରନ୍ତୁ।

# ୬ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଗିରଫ



ଟାଙ୍ଗୀ(ଖୋର୍ଦ୍ଧା), ୨୮।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବନ୍ୟପ୍ରାଣୀ ରେଞ୍ଜ ରବିବାର ଅଭିମାନପୁର ନିକଟରେ ଚଢ଼ାଉ କରି ୬ ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚାରିଘରିଆ ପାଟଣାର ବିଦ୍ୟାଧର ରାଉତ(୪୪)। ପ୍ରକାଶ ଯେ, ଶୀତ ଋତୁ ଆସିଲେ ଖାଦ୍ୟ ଅନ୍ୱେଷଣରେ ହଜାର ହଜାର ବିଦେଶୀ ପକ୍ଷୀ ଚିଲିକାକୁ ଆସିଥାନ୍ତି। ତେବେ ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। କିନ୍ତୁ ଶିକାରୀମାନେ ବିଭିନ୍ନ ଉପାୟରେ ପକ୍ଷୀଙ୍କୁ ଶିକାର କରିବାରେ ସଫଳ ହେଉଛନ୍ତି। ବିଶେଷସୂତ୍ରରୁ ଖବରପାଇ ରବିବାର ସକାଳେ ରେଞ୍ଜର ଚୁଡ଼ାମଣି ମୁର୍ମୁଙ୍କ ସମେତ କର୍ମଚାରୀ ସୁଜିତ ବେହେରା ଓ ଆଲୋକ ବେହେରା ଅଭିମାନପୁର ନିକଟରେ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଧରିବା ସହ ମୃତ ବିଦେଶୀ ପକ୍ଷୀ ଜବତ କରିଥିଲେ।

# ଫାଶରେ ପଡ଼ି ବାର୍ହା ମୃତ

ବଡ଼ଗାଁ, ୨୮।୧୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କୁରାଇବାଗା ଗାଁ ନିକଟ ରାସ୍ତା ପାର୍ଶ୍ୱରେ ଶିକାରୀମାନେ ଲଗାଇଥିବା ଫାଶରେ ପଡ଼ି ଏକ ବାର୍ହାର ମୃତ୍ୟୁ ଘଟିଛି। ଶନିବାର ରାତିରେ ଉକ୍ତ ବାର୍ହାକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ବନ ବିଭାଗ କାର୍ଯାଳୟ ପରିସରରେ ପୋତି ଦିଆଯାଇଛି। ସୂଚନା ଅନୁଯାୟୀ, ବନ କର୍ମଚାରୀମାନେ ମହାବୀର ପର୍ବତ ତଳି ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ରାସ୍ତପାର୍ଶ୍ୱ ବୁଦାମୂଳରେ ବସାଯାଇଥିବା ଫାଶରେ ଉକ୍ତ ବାର୍ହା ମରି ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ରେଞ୍ଜର ଦିଲ୍ଲୀପ କୁମାର ଦିଗଲଙ୍କୁ ସୂଚନା ଦେଇ ମୃତ ବାର୍ହାକୁ ଉଦ୍ଧାର କରିଥଲେ। ରବିବାର ପ୍ରାଣୀ ଚିକିତ୍ସକ ଡକ୍ଟର ଦୀପକ କୁମାର ବିନ୍ଧାଣୀ ବ୍ୟବଚ୍ଛେଦ କରିଥିଲେ।

# ୪ ଦିନ କୋରାପୁଟ-ଜଗଦଲପୁର ଟ୍ରେନ ଚଳାଚଳ ବନ୍ଦ

**ରେଲୱେ ଦୋହରୀକରଣ କାର୍ଯ୍ୟ**

କୋରାପୁଟ,୨୮।୧୧(ସ୍ୱ,ପ୍ର): କୋରାପୁଟ-କିରଣ୍ଡଲ ରୁଟ୍‌ରେ ରେଲୱେର ଦୋହରୀକରଣ କାର୍ଯ୍ୟ ଯୋଗୁ ଆସନ୍ତା ୩୦ ତାରିଖରୁ ଡିସେମ୍ବର ୨ ତାରିଖ ଯାଏ କୋରାପୁଟରୁ ଜଗଦଲପୁର ଯାଏ ଚଳାଚଳ କରୁଥିବା ୪ଟି ଟ୍ରେନ ବନ୍ଦ ରହିବ। ଏନେଇ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ଏଥିଯୋଗୁ ଭୁବନେଶ୍ୱରରୁ ଜଗଦଲପୁର ଆସୁଥିବା ସ୍ପେଶାଲ ଟ୍ରେନ କୋରାପୁଟରୁ-ଜଗଦଲପୁର ନ ଯାଇ କୋରାପୁଟରେ ରହିବ। ଏହି ଟ୍ରେନ ଏଠାରୁ ଭୁବନେଶ୍ୱର ଯାତ୍ରା କରିବ ବୋଲି କୋରାପୁଟ ଷ୍ଟେଶନ ମ୍ୟାନେଜର ଏନ.କେ. ଭିତରେ ରବିବାର ସୂଚନା ଦେଇଛନ୍ତି। ସେହିପରି ଜଗଦଲପୁର-ଭୁବନେଶ୍ୱର ଟ୍ରେନ କୋରାପୁଟରୁ ଭୁବନେଶ୍ୱର ଯାତ୍ରା କରିବ। ରାଉରକେଲା -ଜଗଦଲପୁର ଟ୍ରେନ ମଧ୍ୟ ଜଗଦଲପୁର ନ ଯାଇ କୋରାପୁଟରେ ରହି ପୁଣି କୋରାପୁଟରୁ ରାଉରକେଲା ଯାତ୍ରା କରିବ ବୋଲି ଷ୍ଟେଶନ ମ୍ୟାନେଜର ଭିତରେ କହିଛନ୍ତି।


ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସଡ଼େଇଶାସନ ଗ୍ରାମପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ୫ ବର୍ଷ ପାଇଁ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ ।
ଅମିତ କୁମାର ରାଉଳ
ସରପଞ୍ଚ, ସଡ଼େଇଶାସନ ଗ୍ରାମପଞ୍ଚାୟତ, ବିରିଡ଼ି ବ୍ଲକ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ପୁରଣ ଗ୍ରାମପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ୫ ବର୍ଷ ପାଇଁ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ ।
ସୁଭଦ୍ରା ଭୋଇ
ସରପଞ୍ଚ, ପୁରଣ ଗ୍ରାମପଞ୍ଚାୟତ, ବିରିଡ଼ି ବ୍ଲକ

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ରୋଟାରୀ କ୍ଲବ, ଜାରକା ଧର୍ମଶାଳାବାସୀଙ୍କୁ ଅଭିନନ୍ଦନ ଜଣାଉଛି ।
ଆସନ୍ତୁ ଏହାର ସଭ୍ୟ ହେବା ଓ ଅନ୍ୟର ଉପକାର କରିବା ।
ନିରଞ୍ଜନ ପାଣିଗ୍ରାହୀ
ସଭାପତି, ରୋଟାରୀ କ୍ଲବ, ଜାରକା
ଜ୍ୟୋତିପ୍ରକାଶ ଆଚାର୍ଯ୍ୟ
ସମ୍ପାଦକ, ରୋଟାରୀ କ୍ଲବ, ଜାରକା

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଅଡ଼ଙ୍ଗମଙ୍ଗୁରାଇ ଗ୍ରାମପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ୫ ବର୍ଷ ପାଇଁ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ ।
ଦୀପ୍ତିମୟୀ ରାୟ
ସରପଞ୍ଚ, ଅଡ଼ଙ୍ଗମଙ୍ଗୁରାଇ ପଞ୍ଚାୟତ ବିରିଡ଼ି ବ୍ଲକ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଦରଡ଼ାଗ୍ରାମ ଗ୍ରାମପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ୫ ବର୍ଷ ପାଇଁ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ ।
ଧନଞ୍ଜୟ ମହାପାତ୍ର
ସରପଞ୍ଚ, ଦରଡ଼ାଗ୍ରାମ ଗ୍ରାମପଞ୍ଚାୟତ, ବିରିଡ଼ି ବ୍ଲକ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ଧର୍ମଶାଳାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ରାଜ୍ୟରେ ଦୁର୍ନୀତିମୁକ୍ତ ସରକାର ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିବା ପାଇଁ ବିନମ୍ର ନିବେଦନ ।
ସ୍ମୃତିରେଖା ପହି
ଧର୍ମଶାଳା ବିଜେପି ନେତ୍ରୀ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ମଙ୍ଗୁଳି ଗ୍ରାମପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ୫ ବର୍ଷ ପାଇଁ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ ।
ତୃପ୍ତିମଞ୍ଜରୀ ପରିଜା
ସରପଞ୍ଚ, ମଙ୍ଗୁଳି ଗ୍ରାମପଞ୍ଚାୟତ, ବିରିଡ଼ି ବ୍ଲକ

ଧରିତ୍ରୀର ୪୮ତମ ଶୁଭ ଜନ୍ମ ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
ପ୍ରକାଶ ତ୍ରିପାଠୀ
ଉପ ସଭାପତି
ବିଜୁ ଜନତା ଦଳ, ଯାଜପୁର

See Career Appointment on every Wednesday & Saturday

ସଖୀ-(ୱାନ୍ ଷ୍ଟପ୍ ସେଣ୍ଟର୍)
ପରିଚାଳନା: ଶୋଭା, ଢେଙ୍କାନାଳ
ନିର୍ଯ୍ୟାତିତା ମହିଳାମାନଙ୍କୁ ସଠିକ୍ ପରାମର୍ଶ ଓ ସହାୟତା ଦେବାପାଇଁ ଖୋଲାଯାଇଛି ସଖୀ କେନ୍ଦ୍ର ।
ଯେକୌଣସି ବୟସର ନିର୍ଯ୍ୟାତିତା ମହିଳାମାନଙ୍କ ସମନ୍ୱିତ ସୁବିଧା ଓ ସହଯୋଗ ନିମନ୍ତେ :

| କିଏ ଆସିବେ | କିପରି ଆସିବେ | କ'ଣ ସେବା ପାଇବେ |
| --- | --- | --- |
| • ବଳାତ୍କାରର ଶିକାର<br>• ପାରିବାରିକ ହିଂସା<br>• ଏସିଡ୍ ଆକ୍ରମଣ<br>• ଯୌନ ଉତ୍ପୀଡ଼ନ ଶୋଷଣ<br>• ମହିଳା ଚାଲାଣ<br>• ବାଳିକା ଯୌନ ନିର୍ଯ୍ୟାତନା<br>• ବାଲ୍ୟ ବିବାହ<br>• ସାଇବର କ୍ରାଇମ୍<br>• ଯୌତୁକଜନିତ ନିର୍ଯ୍ୟାତନା | ନିଜେ ଆସିପାରିବେ<br>ସଖୀ | • ପୁଲିସ୍ ସହାୟତା<br>• ଡାକ୍ତରୀ ସହାୟତା<br>• ଆଇନଗତ ସହାୟତା<br>• ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ<br>• ଅସ୍ଥାୟୀ ଆଶ୍ରୟ<br>• ଅନ୍ୟ କୌଣସି ସହାୟତା |

ସହାୟତା ପାଇଁ ଯୋଗାଯୋଗ କରନ୍ତୁ :
ସଖୀ (ୱାନ୍ ଷ୍ଟପ୍ ସେଣ୍ଟର୍), ଜିଲା ମୁଖ୍ୟ ଚିକିତ୍ସାଳୟ, ଢେଙ୍କାନାଳ
ଫୋନ- ୦୬୭୬୨-୨୨୬୦୬୨, ୬୮୪୭୦୦୪୭୯, ମହିଳା ସହାୟତା ନଂ - ୧୮୧

ଦୈନିକ ସମ୍ବାଦ ପତ୍ର ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟ, ଅଗଣିତ ପାଠକ ପାଠିକା ତଥା ଜନସାଧାରଣମାନଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ନିର୍ଭିକ ଓ ନିରପେକ୍ଷ ତଥା ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ କରି ଧରିତ୍ରୀ ସମସ୍ତ ଓଡ଼ିଆମାନଙ୍କ ପାଖରେ ଆଦୃତ ଲାଭ କରିପାରିଛି । ଧରିତ୍ରୀ ଖବରକାଗଜ ଏକ ଶ୍ରେଣୀ ବିହିନ ସମାଜ ଗଠନ କରିବାରେ ସହାୟ ହେବ ।
ବିଜୁ ଜନତା ଦଳ
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ
ମାନ୍ୟବର ମନ୍ତ୍ରୀ
ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ

With Best Compliments From:
Sj. Srinibas Jena (Chagali)
ସାମାଜିକ କର୍ମୀ ଓ ପରିବେଶବିତ୍ ତଥା ଉପଦେଷ୍ଟା
କଳ୍ପତରୁ ଦାସ ନେଶନାଲ ଫାଉଣ୍ଡେସନ
ବୃକ୍ଷ ହିଁ ଜୀବନ ।
ଗଛଟିଏ ଲଗାନ୍ତୁ ଏବଂ ତା'ର ଯତ୍ନ ନିଅନ୍ତୁ ।
Mob.: 9437156188
BAJABATI, JARAKA, DIST.- JAJPUR

With best complimets from
The Best EMERGING SCHOOL in Odisha
From Playgroup to XI Science
16 YEARS OF EXCELLENCE IN EDUCATION
Redefining modern education through a perfect blend of tradition and technology.
CLASSES FOR XI START FROM 1ST APRIL 2022
SESSION 2022-23 (Limited seats Available)
NURTURING EVERY SAGARITE WITH
• Highly qualified and experienced faculty to guide and coach for Board as well as Competitive exams.
• Fully equipped Career Counselling Cell Comprising of highly qualified counsellors and professionals for career guidance.
• Techno equipped Classrooms and labs.
• 24x7 emotional and educational mentoring.
• Strong alumni connect to cherish for a lifetime.
DADHICHI PUBLIC SCHOOL
Affiliated to CBSE, New Delhi
VIDYA VIHAR, SUNDARGRAM, CUTTACK
Information Desk: 9348415323, 9937011563

# ଜର୍ମାନୀ-ସ୍ପେନ, ଆର୍ଜେଣ୍ଟିନା-ନେଦରଲାଣ୍ଡ୍ସ କ୍ୱାର୍ଟର ଫାଇନାଲ

ଭୁବନେଶ୍ୱର,୨୮।୧୧(କ୍ରୀଡ଼ା ପ୍ରତିନିଧି)

## ଜୁନିୟର ହକି ବିଶ୍ୱକପ ଲିଗ୍ ପର୍ଯ୍ୟାୟ ଶେଷ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପର ଲିଗ୍ ପର୍ଯ୍ୟାୟ ରବିବାର ଶେଷ ହୋଇଛି। ପୁଲ୍ 'ଡି'ର ଅନ୍ତିମ ମ୍ୟାଚରେ ଜର୍ମାନୀ ୧୧-୦ ଗୋଲରେ ଇଜିପ୍ଟକୁ ପରାସ୍ତ କରିଛି। ଏଥିସହ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲାଇନ୍ଅପ୍ ଚୂଡ଼ାନ୍ତ ହୋଇ ଯାଇଛି। ଡିସେମ୍ବର ୧ରେ ହେବାକୁଥିବା କ୍ୱାର୍ଟର ଫାଇନାଲରେ ଭାରତ-ବେଲଜିୟମ, ଜର୍ମାନୀ-ସ୍ପେନ, ଫ୍ରାନ୍ସ-ମାଲେସିଆ ଓ ନେଦରଲାଣ୍ଡ୍ସ-ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା ହେବ। ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିବା ଦକ୍ଷିଣ ଆଫ୍ରିକା, ଚିଲି, ପୋଲାଣ୍ଡ, କାନାଡ଼ା, ଦକ୍ଷିଣ କୋରିଆ, ଆମେରିକା, ପାକିସ୍ତାନ ଓ ଇଜିପ୍ଟ କ୍ଲାସିଫିକେଶନ ମ୍ୟାଚ ଖେଳିବେ। ଜର୍ମାନୀ-ଇଜିପ୍ଟ ମ୍ୟାଚ ଆରମ୍ଭରେ ଅନ୍ତର୍ଜାତୀୟ କ୍ରିକେଟର ତଥା ବର୍ତ୍ତମାନର ଜାତୀୟ ସିନିୟର କ୍ରିକେଟ ଚୟନ କମିଟି ସଦସ୍ୟ ଦେବାଶିଷ ମହାନ୍ତି ଏବଂ ଶେଷରେ ଅନ୍ତର୍ଜାତୀୟ କ୍ରିକେଟର ତଥା ବର୍ତ୍ତମାନ ଭାରତୀୟ ମହିଳା କ୍ରିକେଟ ଦଳର ବ୍ୟାଟିଂ କୋଚ୍ଥିବା ଶିବସୁନ୍ଦର ଦାସ ଅତିଥିଭାବେ ଯୋଗ ଦେଇଥିଲେ। ଜର୍ମାନୀର ଷ୍ଟୁଟହୋଫ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଜର୍ମାନୀ ପକ୍ଷରୁ ମାସି ପଫାଣ୍ଡଟ ୩ଟି, ବେନେଡିକ୍ଟ ସ୍ୱାର୍ଜହାଉପଟ ଓ ମାଇକେଲ ଷ୍ଟୁଟହୋଫ ୨ଟି ଲେଖାଏ ଏବଂ ଖ୍ରିଷ୍ଟୋଫର କୁଟର, ପଲ୍ ସ୍ମିଥ, ମାଟେଓ ପୋଲଜାରିକ, ଆନ୍ଥେଉସ ବାରି ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଦୁର୍ବଳ ଇଜିପ୍ଟ ବିପକ୍ଷରେ ଜର୍ମାନୀ ସ୍ୱାଭାବିକଭାବେ ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିଲା। ୯ମ ମିନିଟରେ ବେନେଡିକ୍ଟ ସ୍ୱାର୍ଜହାଉପଟ, ୧୧ ମିନିଟରେ ଖ୍ରିଷ୍ଟୋଫର କୁଟର ଗୋଲ ଦେଇ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଜର୍ମାନୀକୁ ୨-୦ରେ ଅଗ୍ରଣୀ କରାଇଥିଲେ। ମ୍ୟାଚ ଆଗେଇବା ସହ ଜର୍ମାନୀର ଆଧିପତ୍ୟ ବଢ଼ି ଚାଲିଥିଲା। ଦ୍ୱିତୀୟ କ୍ୱାର୍ଟରରେ ୫ ଗୋଲ ହୋଇଥିଲା। ମ୍ୟାଚର ୧୬ ମିନିଟରେ ପଲ୍ ସ୍ମିଥ, ୧୯ ମିନିଟରେ ବେନେଡିକ୍ଟ, ୨୦ ମିନିଟରେ ମାସି ପିଫାଣ୍ଡଟ, ୨୨ ମିନିଟରେ ମାଟେଓ ପୋଲଜାରିକ, ୩୦ ମିନିଟରେ ପିଫାଣ୍ଡଟ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଜର୍ମାନର ୭-୦ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆଉ ୪ଟି ଗୋଲ ହୋଇଥିଲା। ୩୮ ମିନିଟରେ ଆନ୍ଥେଉସ ବାରି, ୪୪ ଓ ୪୯ ମିନିଟରେ ପଫଣ୍ଡିଟ ଏବଂ ୫୮ତମ ମିନିଟରେ ମାଟେଓ ପୋଲଜାରିକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।



ରବିବାର ଜର୍ମାନୀ ଓ ଇଜିପ୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ଗୋ.ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| ପୁଲ୍ 'ଏ' | | | | | | | | |
| ବେଲଜିୟମ | ୩ | ୨ | ୧ | ୦ | ୯ | ୨ | +୭ | ୭ |
| ମାଲେସିଆ | ୩ | ୨ | ୧ | ୦ | ୭ | ୫ | +୨ | ୭ |
| ଦକ୍ଷିଣ ଆଫ୍ରିକା | ୩ | ୧ | ୦ | ୨ | ୯ | ୧୦ | -୧ | ୩ |
| ଚିଲି | ୩ | ୦ | ୦ | ୩ | ୨ | ୧୦ | -୮ | ୦ |
| ପୁଲ୍ 'ବି' | | | | | | | | |
| ଫ୍ରାନ୍ସ | ୩ | ୩ | ୦ | ୦ | ୨୩ | ୬ | +୧୭ | ୯ |
| ଭାରତ | ୩ | ୨ | ୦ | ୧ | ୨୫ | ୮ | +୧୭ | ୬ |
| ପୋଲାଣ୍ଡ | ୩ | ୧ | ୦ | ୨ | ୪ | ୧୫ | -୧୧ | ୩ |
| କାନାଡ଼ା | ୩ | ୦ | ୦ | ୩ | ୨ | ୨୫ | -୨୩ | ୦ |
| ପୁଲ୍ 'ସି' | | | | | | | | |
| ନେଦରଲାଣ୍ଡ୍ସ | ୩ | ୩ | ୦ | ୦ | ୨୯ | ୭ | +୨୨ | ୯ |
| ସ୍ପେନ | ୩ | ୨ | ୦ | ୧ | ୨୮ | ୩ | +୨୫ | ୬ |
| ଦକ୍ଷିଣ କୋରିଆ | ୩ | ୧ | ୦ | ୨ | ୧୦ | ୨୨ | -୧୨ | ୩ |
| ଆମେରିକା | ୩ | ୦ | ୦ | ୩ | ୧ | ୩୬ | -୩୫ | ୦ |
| ପୁଲ୍ 'ଡି' | | | | | | | | |
| ଜର୍ମାନୀ | ୩ | ୩ | ୦ | ୦ | ୧୯ | ୪ | +୧୫ | ୯ |
| ଆର୍ଜେଣ୍ଟିନା | ୩ | ୨ | ୦ | ୧ | ୨୦ | ୬ | +୧୪ | ୬ |
| ପାକିସ୍ତାନ | ୩ | ୧ | ୦ | ୨ | ୮ | ୧୦ | -୨ | ୩ |
| ଇଜିପ୍ଟ | ୩ | ୦ | ୦ | ୩ | ୧ | ୨୮ | -୨୭ | ୦ |

# ନେଦରଲାଣ୍ଡ୍ସ ୧୪-୦ରେ ବିଜୟୀ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍ର ରବିବାର ଅନୁଷ୍ଠିତ ପୁଲ୍ 'ସି' ଶେଷ ମ୍ୟାଚରେ ନେଦରଲାଣ୍ଡ୍ସ ୧୪-୦ ଗୋଲରେ ଆମେରିକାକୁ ହରାଇ ଦେଇଛି। ଫଳରେ ପୂର୍ବରୁ କ୍ୱାର୍ଟର ଫାଇନାଲରେ ପହଞ୍ଚି ସାରିଥିବା ନେଦରଲାଣ୍ଡ୍ସ ଏହି ପୁଲ୍ରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଦଳ ଖେଳିଥିବା ୩ଟି ଯାକ ମ୍ୟାଚ ଜିତି ଅପରାଜେୟ ରହିଛି। ମ୍ୟାଚ ଆରମ୍ଭରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଏବଂ ଶେଷରେ ଓଡ଼ିଶା ଖୋ ଖୋ ଆସୋସିଏଶନ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ଏକାକୀ ୫ ଗୋଲ ସ୍କୋର କରିଥିବା ନେଦରଲାଣ୍ଡ୍ସର ମାଇଲ୍ସ ବୁକେନ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଜୟୀ ଦଳ ପକ୍ଷରୁ ମାଇଲ୍ସଙ୍କୁ ଛାଡ଼ିଦେଲେ ବ୍ରେଣ୍ଟ ଭାନ୍ ବିଜନେନ ଓ ଲ୍ୟୁକ୍ ଡୋମରଶୁଇଜେନ ୩ଟି ଲେଖାଏ ଏବଂ କାସ୍ପର ଭାନ୍ ଡର୍ ଭେନ୍, ଓଲିଭର ହଟେନସିଅସ ଓ ମେନୋ ବୋଏରେନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

## ଅତିଥି କର୍ଣ୍ଣର


କଳିଙ୍ଗ ଷ୍ଟାଡ଼ିୟମ୍ରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍ର ରବିବାର ଅନୁଷ୍ଠିତ ମ୍ୟାଚ୍ର ଅତିଥି ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା।

# କୋରିଆକୁ ବିଦା କଲା ସ୍ପେନ

ଭୁବନେଶ୍ୱର,୨୮।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପ୍ର ରବିବାର ଅନୁଷ୍ଠିତ ଏକ ପୁଲ୍ 'ସି' ମ୍ୟାଚରେ ସ୍ପେନ ୯-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫଳରେ ଏହି ଦଳ ଏହି ପୁଲ୍ର ଦ୍ୱିତୀୟ ଦଳଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସ୍ପେନ ୩ଟି ମ୍ୟାଚ ଖେଳି ୨ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇଛି। ନିଜର ପ୍ରଥମ ପୁଲ୍ ମ୍ୟାଚରେ ଆମେରିକାକୁ ୧୭-୦ ଗୋଲରେ ହରାଇ ଜୁନିୟର ବିଶ୍ୱକପ୍ର କୌଣସି ଏକ ମ୍ୟାଚରେ ସର୍ବାଧିକ ଗୋଲ ସ୍କୋର କରିବାରେ ରେକର୍ଡ କରିଥିବା ସ୍ପେନ ପରବର୍ତ୍ତୀ ମ୍ୟାଚରେ ନେଦରଲାଣ୍ଡ୍ସଠାରୁ ହାରି ଯାଇଥିଲା। କୋରିଆ ବିପକ୍ଷ ମ୍ୟାଚକୁ ସମ୍ପୂର୍ଣ୍ଣ ଏକପାଖିଆ କରି ଦଳ ନକ୍ଆଉଟକୁ ଯାଇଛି। କ୍ୱାର୍ଟର ଫାଇନାଲରୁ ବଞ୍ଚିତ ହୋଇଥିବା କୋରିଆ ଏବେ ବିଭିନ୍ନ ପୋଜିଶନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବ। ମ୍ୟାଚ ଆରମ୍ଭରେ କୋଲକାତାସ୍ଥିତ ଫ୍ରାନ୍ସ ରାଷ୍ଟ୍ରଦୂତ ଡିଡ୍ଲେର ତାଲପେନ ଏବଂ ଶେଷରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଅତିଥିଭାବେ ଯୋଗଦେଇଥିଲେ। ସ୍ପେନର ଇଗ୍ନାସିଓ ଆବାଜୋ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ମ୍ୟାଚରେ ବିଜୟୀ ଦଳର ପେପେ କୁନିଲ, ଇଗ୍ନାସିଓ ଆବାଜୋ ଓ ପାଉ କୁନିଲ ୨ଟି ଲେଖାଏ ଏବଂ ଗୁଲେଇର୍ମୋ ଫର୍ଟୁନୋ, ଏଡୁଆର୍ଡ ଡି ଇଗ୍ନାସିଓ-ସିମୋ ଓ ରାଫାଲ ଭାଲାଲୋଙ୍ଗା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# କ୍ୱାର୍ଟର ଦୌଡ଼ରୁ ପାକିସ୍ତାନ ବାଦ୍

ଭୁବନେଶ୍ୱର,୨୮।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପ୍ର ରବିବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ପୁଲ୍ 'ଡି' ମ୍ୟାଚରେ ଆର୍ଜେଣ୍ଟିନା ୪-୩ ଗୋଲରେ ପାକିସ୍ତାନକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆର୍ଜେଣ୍ଟିନା ୩ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇଥିବାବେଳେ ପାକିସ୍ତାନ ୩ ମ୍ୟାଚରୁ ଦ୍ୱିତୀୟ ପରାଜୟ ସହ ବିଦାୟ ନେଇଛି। ଏଣିକି ପାକ୍ ଦଳ କ୍ଲାସିଫିକେଶନ ମ୍ୟାଚ ଖେଳିବ। ମ୍ୟାଚ ଆରମ୍ଭରେ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ ଏବଂ ଶେଷରେ ଅନ୍ତର୍ଜାତୀୟ ଆଥଲେଟ ସୁଷମା ବେହେରା ଅତିଥିଭାବେ ଯୋଗ ଦେଇଥିଲେ। ଆର୍ଜେଣ୍ଟିନାର ମାଟେଓ ଫର୍ନାଣ୍ଡେଜ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଉଭୟ ଆର୍ଜେଣ୍ଟିନା ଓ ପାକିସ୍ତାନ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ୧୦ମ ମିନିଟରେ ବୌଟିଷ୍ଟା କାପୁରୋ ଫିଲ୍ଡ ଗୋଲ ଦେଇ ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ଆର୍ଜେଣ୍ଟିନା ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପାକିସ୍ତାନ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ପକ୍ଷରୁ ଅବଦୁଲ ରାଣା ଏହି ଗୋଲଟି ଦେଇଥିଲେ। ତେବେ ଏହାର ୩ ମିନିଟ ପରେ ଆର୍ଜେଣ୍ଟିନାର ଇଗ୍ନାସିଓ ନାର୍ଡୋଲିଲୋ ଏକ ଫିଲ୍ଡ ଗୋଲ ଦେଇ ପୁଣି ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ଆର୍ଜେଣ୍ଟିନା ଗୋଲପୋଷ୍ଟ ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ବିପଜ୍ଜନକ ଖେଳ ପାଇଁ ପାକିସ୍ତାନକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆ ଯାଇଥିଲା। ଦଳର ୩ ନମ୍ବର ଖେଳାଳି ଅଲୀ ରିଜୱାନ କୌଣସି ତ୍ରୁଟି ନ କରି ପ୍ରତିପକ୍ଷ ଗୋଲକିପର ନେହୁଏନ ହେର୍ନାଣ୍ଡୋଙ୍କୁ ଚକ୍ମା ଦେବାରେ ସକ୍ଷମ ହୋଇଥିଲେ। ୨୮ତମ ମିନିଟରେ ଏହି ଗୋଲ ହୋଇଥିଲା। ତେବେ ପାକିସ୍ତାନର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୩୦ତମ ମିନିଟରେ ଫ୍ରାନ୍ସିସ୍କୋ ରୁଇଜ୍ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଆର୍ଜେଣ୍ଟିନାକୁ ୩-୨ରେ ଅଗ୍ରଣୀ କରାଇଥିଲେ। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଏକାଧିକଥର ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ବିଶେଷ କରି ପାକିସ୍ତାନ ୪୪ ଓ ୪୫ତମ ମିନିଟରେ ୨ ଥର ପେନାଲ୍ଟି କର୍ନର ପାଇଥିଲେ ହେଁ ତା'ର ସଦୁପଯୋଗ କରିପାରି ନ ଥିଲା। ୪ର୍ଥ କ୍ୱାର୍ଟର ଆରମ୍ଭରେ ଆର୍ଜେଣ୍ଟିନା ଆଉ ଏକ ଗୋଲ ଦେଇ ଚାପ ସୃଷ୍ଟି କରିଥିଲା। ୪୭ତମ ମିନିଟରେ ଇଗ୍ନାସିଓ ଇବାରା ଏହି ଫିଲ୍ଡ ଗୋଲଟି ଦେଇଥିଲେ। ୫୩ତମ ମିନିଟରେ ପାକିସ୍ତାନକୁ ପେନାଲ୍ଟି କର୍ନର ମିଳିଥିଲା। ବଲ୍ ଷ୍ଟପ୍ରେ ତ୍ରୁଟି ହୋଇଥିଲେ ହେଁ ଡି' ଏରିଆ ମଧ୍ୟରେ ପାକିସ୍ତାନ ଖେଳାଳିମାନେ ବଲ୍କୁ ରଖିବାରେ ସକ୍ଷମ ହୋଇଥିଲେ ଏବଂ ଅହମଦ ଅକିଲ ଗୋଲ ଦେଇଥିଲେ। ଶେଷ ୭ ମିନିଟରେ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ପାକିସ୍ତାନ ଗୋଲ ପରିଶୋଧ କରିପାରି ନ ଥିଲା।



ପରାଜୟ ପରେ ଦୁଃଖାଭିଭୂତ ପାକିସ୍ତାନ ଖେଳାଳି।

## କ୍ୱାର୍ଟର ଫାଇନାଲ ଖେଳସୂଚୀ

(ଡିସେମ୍ବର ୧)
ଭାରତ ବନାମ ବେଲଜିୟମ
ଜର୍ମାନୀ ବନାମ ସ୍ପେନ
ଫ୍ରାନ୍ସ ବନାମ ମାଲେସିଆ
ନେଦରଲାଣ୍ଡ୍ସ ବନାମ ଆର୍ଜେଣ୍ଟିନା

## କ୍ଲାସିଫିକେଶନ ରାଉଣ୍ଡ

(ନଭେମ୍ବର ୩୦)
ଦକ୍ଷିଣ ଆଫ୍ରିକା ବନାମ କାନାଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦
ପାକିସ୍ତାନ ବନାମ ଆମେରିକା, ସମୟ: ଅପରାହ୍ନ ୧ଟା ୩୦
ପୋଲାଣ୍ଡ ବନାମ ଚିଲି, ସମୟ: ଅପରାହ୍ନ ୪ଟା ୩୦
ଦକ୍ଷିଣ କୋରିଆ ବନାମ ଇଜିପ୍ଟ, ସମୟ: ରାତି ୭ଟା ୩୦







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଗୁରୁତ୍ୱ

**ବୋଲଗଡ଼,୨୮।୧୧(ଡି.ଏନ୍.ଏ.):** ବୋଲଗଡ଼ ପଞ୍ଚାୟତ ସମିତିର ୧୦ମ ଅଧିବେଶନ ବ୍ଲକ କାର୍ଯ୍ୟାଳୟ ସ୍ଥିତ ରାଜୀବ ଗାନ୍ଧୀ ସେବା ଗୃହ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷ ଗୋପାଳ ଚରଣ ବେହେରା ପୌରହିତ୍ୟ କହିଥିଲେ। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଡିଓ ଧୋବେଇ ନାଏକ, ଏବିଡିଓ ରତିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟନାୟକ, ସୁମିତ୍ରା ବାହିନୀପତିଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ପଞ୍ଚାୟତ ଅଞ୍ଚଳରେ ହେଉଥିବା ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ଶେଷ କରିବାକୁ ଗୁରୁତ୍ୱ ଦିଆଯାଇଥିଲା।ଏହି ଅବସରରେ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ସମିତି ପକ୍ଷରୁ ବିଧାୟକ ସାହୁ ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ଭୋଟର ସଚେତନତା କର୍ମଶାଳା

**କୃଷ୍ଣପ୍ରସାଦ,୨୮।୧୧(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦାଖାଇ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ସଂସ୍ଥା ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଭୋଟର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କନ୍ଦାଖାଇ ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ପ୍ରାଧାପକ ଡ.ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଆୟୋଜିତ କର୍ମଶାଳାରେ ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣତନ୍ତ୍ରରେ ଭୋଟରଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଜାନୁୟାରୀ ୧ ସୁଦ୍ଧା ଯେଉଁମାନଙ୍କ ବୟସ ୧୮ ବର୍ଷ ହୋଇଥିବ ସେମାନେ ଅଫଲାଇନ ଓ ଅନ୍‌ଲାଇନରେ ଭୋଟର ତାଲିକାରେ ନିଜର ନାମ ଅନ୍ତର୍ଭୁକ୍ତ କରିପାରବେ ବୋଲି ବିଭାଗୀୟ ଅଧିକାରୀ ଛାତ୍ରଛାତ୍ରୀଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ କନ୍ଦାଖାଇ ମହାବିଦ୍ୟାଳୟ +୨ ଜାତୀୟ ସେବା ସଂସ୍ଥା ପ୍ରୋଗ୍ରାମ ଅଫିସର ଅଧାପକ ଚନ୍ଦ୍ରଶେଖର ମହାନ୍ତି, ଦୀନେଶ କୁମାର ରଥ, ମଧୁସୂଦନ ସାହୁ, ମହମ୍ମଦ ଜୟନୁଲ ହୁସେନ, ଅଧାପିକା ଚନ୍ଦନା ନାୟକ, ଶୈଳବାଳା ବେଉରିଆ, ରମାନାଥ ପ୍ରଧାନ, ଦିଲୀପ କୁମାର ଦଳେଇ, ବିଶ୍ୱାନାଥ ପ୍ରଧାନ, ସୁକାନ୍ତ ଜେନା, ଏସ୍.କେ. ଉହାବଙ୍କ ସମେତ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

### କବୟିତ୍ରୀ କଳା ପଟ୍ଟନାୟକଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ

**ଖୋର୍ଦ୍ଧା ଅଫିସ,୨୮।୧୧:** ଖୋର୍ଦ୍ଧା ସହରର ଜଣାଶୁଣା କବୟିତ୍ରୀ କଳା ପଟ୍ଟନାୟକଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଚୈତନ୍ୟ ବିହାର ଠାରେ ପାଳିତ ହୋଇଯାଇଛି। କଳାବିନୋଦ ଚେତନା ପରିଷଦ ସଭାପତି ପ୍ରଫୁଲ୍ଲ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାରସ୍ୱତ ସାଧକ ଡ.ପୀତବାସ ରାଉତରାୟ, ସାମାଜିକ କର୍ମୀ ଦିଲ୍ଲୀପ ପଟ୍ଟନାୟକ, ଗଙ୍ଗାଧର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ବଳରାମ ରଣସିଂହ, ଡ.ବୃନ୍ଦାବନ ପଣ୍ଡା, ଡ.ଧୀରେନ୍ଦ୍ର ନନ୍ଦ, ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖ ଯୋଗଦେଇ କଳାଙ୍କ ବହୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲ। ଏହି ଅବସରରେ ସମ୍ବିତ୍ ପଟ୍ଟନାୟକଙ୍କ ସଂଯୋଗନାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଚୈତନ୍ୟ ରିସର୍ଚ୍ଚ ଆସୋସିଏଶନର ସଂସ୍ଥାପକ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ନାଲ ତ୍ରିକଳିଙ୍ଗର ଅକ୍ଟୋବର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବି ବିକ୍ରମ ଚମ୍ପତିଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କିଶୋର ଜେନା ଧନ୍ୟବାଦ ଦେଇଥିଲେ।

# ମାତିଲେଣି ଶିକାରୀ, ବିପଦରେ ଚିଲିକା ପକ୍ଷୀ

**ଖୋର୍ଦ୍ଧା ଅଫିସ,୨୮।୧୧**

ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ପ୍ରାକୃତିକ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ ଏହି ପକ୍ଷୀମାନେ ଚିଲିକାକୁ ଆସୁଛନ୍ତି। ଚିଲିକାର ବିଭିନ୍ନ ଅଞ୍ଚଳରେ ବିଦେଶାଗତ ପକ୍ଷୀମାନେ ଦଳ ଦଳ ହୋଇ ବିଚରଣ କରୁଛନ୍ତି। ତେବେ ଏମାନଙ୍କ ଉପରେ ଶୀକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପକ୍ଷୀ ଶୀକାର ଚାଲିଛି। ରବିବାର ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଅଭିମାନପୁର ପକ୍ଷୀ ସୁରକ୍ଷା କ୍ୟାମ୍ପ ନିକଟରୁ ଜଣେ ଶିକାରୀଙ୍କୁ ବନ ବିଭାଗ କର୍ମଚାରୀମାନେ ଗିରଫ କରିଛନ୍ତି। ଗିରଫ ଶିକାରୀ ହେଲେ ଟାଙ୍ଗୀ ଥାନା ଅଧୀନ ସୁନ୍ଦରପୁର ଚାରିଘରିଆପାଟଣାର ବିଦ୍ୟାଧର ରାଉତ। ତାଙ୍କ ପାଖରୁ ଗୋଟିଏ ଗଡୱାଲ, ଗୋଟିଏ ପିନ୍‌ଟେଲ ଓ ୨ଟି କମନ୍ କୁଟ୍ ଏବଂ ୨ଟି ଲାର୍ଜ ହୁଇଷ୍ଟିଲ ଡକ୍ ଜବତ କରାଯାଇଛି। ବିଦ୍ୟାଧର କଇଁଫୁଲ କେଶରରେ ବିଷ ଦେଇ ପକ୍ଷୀ ଶିକାର କରୁଥିଲେ। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ଫାଶ ଓ ବିଷରେ ଶିକାର

କରୋନା କଟକଣା ଯୋଗୁ ଚିଲିକାରେ ପର୍ଯ୍ୟଟକଙ୍କ ସଂଖ୍ୟା ଚଳିତବର୍ଷ ହ୍ରାସ ପାଇଛି। ଅନ୍ୟପଟେ ବିଦେଶାଗତ ପକ୍ଷୀ ଶିକାର ବୃଦ୍ଧି ପାଇଛି। ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ମଙ୍ଗଳାଯୋଡ଼ି, ଭୁଷଣ୍ଡପୁର ପ୍ରଭୃତି ଚିଲିକା କୂଳବର୍ତ୍ତୀ ଅଞ୍ଚଳରେ ଶିକାରୀମାନେ ଫାଶ ବସାଇ ଓ ଖାଦ୍ୟରେ ବିଷ ଦେଇ ପକ୍ଷୀ ଶିକାର କରୁଥିବା ଜଣାପଡ଼ିଛି। ଏପର୍ଯ୍ୟନ୍ତ ମଙ୍ଗଳାଯୋଡ଼ିରେ ପର୍ଯ୍ୟଟକଙ୍କ ଦେଖାନାହିଁ। ଏହାର ସୁଯୋଗ ନେଉଛନ୍ତି ପକ୍ଷୀ ଶିକାରୀ। ମଙ୍ଗଳାଯୋଡ଼ି ଅଞ୍ଚଳରେ ଏକ ର୍ୟାକେଟ ଗାଁ ମୁଣ୍ଡ ଓ ଚିଲିକା କୂଳରେ ବିଚରଣ କରୁଥିବା ପକ୍ଷୀଙ୍କୁ ଶିକାର କରୁଛନ୍ତି। ଏହି ପକ୍ଷୀମାଂସକୁ ଅଧିକ ଦାମରେ ବିକ୍ରି କରାଯାଉଛି।

### ସୁରକ୍ଷା ବ୍ୟବସ୍ଥା ଢ଼ିଲା

ଶୀତଋତୁ ଆସିଲେ ଚିଲିକାରେ ପକ୍ଷୀ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥାଏ। ତେବେ ବନ ବିଭାଗ କାଁ ଭାଁ କେତେଜଣଙ୍କୁ ଗିରଫ କରି ଚୁପ ବସିପଡୁଛି। ଫଳରେ ଶିକାର ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲାଗିପାରୁନାହିଁ। ପକ୍ଷୀଙ୍କ ସୁରକ୍ଷା ଲାଗି ବନ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବା ଆବଶ୍ୟକ। ଢିଲା ପାଟ୍ରୋଲିଂ ଯୋଗୁ ଶିକାରୀ ସକ୍ରିୟ ଥିବା ପରିବେଶପ୍ରେମୀ ଧନେଶ୍ୱର ବିଧାରଙ୍କ ସମେତ ବହୁ ପରିବେଶବିତ କହିଛନ୍ତି।

### ଶିକାରୀଙ୍କ ଉପରେ ନଜର ରଖାଯାଇଛି

ପକ୍ଷୀଙ୍କ ସୁରକ୍ଷା ପାଇଁ ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ଶିକାରୀଙ୍କ ଉପରେ ତୀକ୍ଷଣ ନଜର ରଖାଯାଇଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ୨୧ଟି କ୍ୟାମ୍ପ ଓ ସ୍ଥଳପଥରେ ଭ୍ରାମ୍ୟମାଣ ସ୍କାଡ୍ ଗଠନ କରାଯାଇଛି। ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୧୧ଟି, ବାଲୁଗାଁ ରେଞ୍ଜ ନଳବଣରେ ୪ଟି, ସାତପଡାରେ ୨ଟି, ରମ୍ଭା ଓ ଚିଲିକାରେ ୧ଟି ଲେଖାଏ କ୍ୟାମ୍ପ ଖୋଲାଯାଇଛି। ଭ୍ରାମ୍ୟମାଣ ସ୍କାଡ୍ ଅଚାନକ ଚଢାଉ କରୁଛନ୍ତି। ଗତବର୍ଷ ପକ୍ଷୀ ଶିକାର ଘଟଣାରେ ୭ଟି ମାମଲା ରୁଜୁ ହୋଇଥିବା ବେଳେ ୧୫ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ୫୦ରୁ ଉର୍ଦ୍ଧ୍ୱ ମୃତ ପକ୍ଷୀ ଜବତ କରାଯାଇଥିଲା ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଏସିଏଫ୍ ଶରତ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।



ଭୁବନେଶ୍ୱର ୭ମ ବାଟାଲିୟନରେ ସେଭେନହର୍ସ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଯୁବତୀଯୁବକଙ୍କୁ ମାଗଣାରେ ମିଲିଟାରୀ ଟ୍ରେନିଂ ଦିଆଯାଉଛି।

### ଏମ୍‌ବିଡି କ୍ଲବ ଚାମ୍ପିୟନ

**ନିରାକାରପୁର, ୨୮।୧୧ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ପରବ ପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କାଶୀପୁରର ଭୈରବୀ କ୍ଲବକୁ ହରାଇ ଭୂଷଣ୍ଡପୁରର ଏମ୍‌ବିଡି କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ଏମ୍‌ବିଡି କ୍ଲବ ପ୍ରଥମେ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ଭୈରବୀ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଓଇକେଟ ବିନିମୟରେ ୧୮୪ ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌ବିଡି କ୍ଲବ ୧୪.୨ଓଭରରେ ୫ ଉଇକେଟ ବିନିମୟରେ ୧୮୫ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପ୍ରତ୍ୟୁଷ କୁମାର ସାମନ୍ତରାୟ ଓ ଅମୂଲ୍ୟ ସାହୁ ମ୍ୟାଚ ପରିଚାଳନା କରିଥିଲେ।

### ମେଧାବୀ ଅଭିନନ୍ଦନ ଉତ୍ସବ

**ଜଟଣୀ,୨୮।୧୧(ଡି.ଏନ୍.ଏ.)**

ଜଟଣୀ ପାଣ୍ଡବ ଜେନା ଫାଉଣ୍ଡେଶନ ଓ ସଂସ୍କୃତି ସୁରକ୍ଷା ସମିତି ସହଯୋଗରେ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ପୌରାଞ୍ଚଳ ଅଧୀନ ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ ଉତ୍ସବକୁ ତ୍ରିଲୋଚନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଡ.ସୁବ୍ରତ ଜେନା ଯୋଗଦେଇଥିଲେ ଅତିଥି ଭାବେ ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷ ଜେନା, କୈଳାସ ପଟ୍ଟନାୟକ ଯୋଗଦେଇଥିଲେ। ୨୫୨ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ସହିତ ପାଠ୍ୟ ଉପକରଣ ପ୍ରଦାନ କରାଯଇଥିଲା। ଚିତ୍ତ ପ୍ରଧାନ, ସର୍ବେଶ୍ୱର ଖେଲାର, ବିନତୀ ଜେନା, ଜୟନ୍ତ ସାହୁ, ଅଶୋକ ସାହୁ, ହୃଷିକେଶ ସେଠୀ, ଦିଲୀପ ଖଟେଇ, ପ୍ରିତମ ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନୃତ୍ୟ ନାଟିକାରେ ଉତ୍କଳମଣିଙ୍କ ଜୀବନ କାହାଣୀ

- ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ
- ନୃତ୍ୟଶିଳ୍ପୀ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନ

**କଟକ ଅଫିସ,୨୮।୧୧**

ଶିକ୍ଷା, ସେବା ଓ ବଳିଦାନର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସ ଆଜି ବି ଘରେ ଘରେ ପରିଚିତ। ସେ ତ୍ୟାଗ ଓ ତପସ୍ୟାର ନିଦର୍ଶନ। ତାଙ୍କ ସଂଗ୍ରାମୀ ଜୀବନର କାହାଣୀକୁ ନେଇ କଟକ ଶହୀଦ ଭବନରେ ମଞ୍ଚସ୍ଥ ହୋଇଥିଲା ନୃତ୍ୟ ନାଟିକା 'ସବୁରି ବନ୍ଧୁ ଗୋପବନ୍ଧୁ'। ଓଡ଼ିଶୀ ନୃତ୍ୟ ଗୁରୁ ମୀରା ଦାସଙ୍କ ସହ ଅନ୍ୟ ଶିଳ୍ପୀମାନେ ଏହି ନୃତ୍ୟ ନାଟିକା ପରିବେଷଣ କରିଥିଲେ। ରବିବାର କଟକ ଶହୀଦ ଭବନରେ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସୋନାଲ ମାନସିଂ ଯୋଗଦେଇ କହିଥିଲେ, ନୃତ୍ୟ ମାଧ୍ୟମରେ ଅନେକଙ୍କ ହୃଦୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଭବିଷ୍ୟତରେ ଯେଉଁମାନେ ଯେକୌଣସି କାର୍ଯ୍ୟରେ ଆଗକୁ ବଢିବାକୁ ଚାହୁଁଛନ୍ତି, ସେମାନେ ହୃଦୟରେ ସବୁବେଳେ ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ରଖିବା ଆବଶ୍ୟକ। ଅନୁଷ୍ଠାନର ସମ୍ପାଦକ ମୀରା ଦାସ କହିଛନ୍ତି, ନୃତ୍ୟ ଓ ସଙ୍ଗୀତ ପାଇଁ ଗୁଞ୍ଜନ ୨୫ ବର୍ଷର ଯାତ୍ରା ଅତିକ୍ରମ କରିପାରିଛି। ଏହି ଅବସରରେ ନୃତ୍ୟଶିଳ୍ପୀ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଆୟକର ବିଭାଗର ମନୋରଞ୍ଜନ ପାଣିଗ୍ରାହୀ, ସଂସ୍କୃତି ବିଭାଗ ମୁଖ୍ୟ ରଞ୍ଜନ ଦାସ, ଗୁଞ୍ଜନର ସଭାପତି ଗାୟତ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।



ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଉଛି।

# ବିନା ମାସ୍କଧାରୀଙ୍କୁ ସଉଦା, ପରିବା ଦିଅନାହିଁ

**ଖୋର୍ଦ୍ଧା ଅଫିସ,୨୮।୧୧**

### ଓମିକ୍ରନ ଆତଙ୍କ: ପ୍ରଶାସନର ସଚେତନତା

କୋଭିଡ୍‌ର ନୂତନ ଭାରିଆଣ୍ଟ 'ଓମ୍‌କ୍ରିନ' ଏବେ ଭାରତ ସମେତ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ଆତଙ୍କ ଖେଳାଇଛି। କେନ୍ଦ୍ର ସରକାର ନୂଆ ଭାରିଆଣ୍ଟ ମୁକାବିଲା ପାଇଁ ରଣନୀତି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର କରୋନା ସଚେତନତା ଲାଗି ବିଭିନ୍ନ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଘରୁ ବାହାରିଲେ ମାସ୍କ ପରିଧାନ କରିବା, ହାଟ ବଜାର ସବୁଠି ସାମାଜିକ ଦୂରତା ରକ୍ଷା କରିବା, ନିଜ ଅଞ୍ଚଳ ବିଶୋଧନ କରିବା, ହାତଗୋଡ଼ ଭଲଭାବେ ଧୋଇବା, ପରିବାରର କୌଣସି ସଦସ୍ୟଙ୍କୁ ଦୀର୍ଘଦିନ ଧରି ଥଣ୍ଡା, ଜ୍ୱର ଲାଗିରହିଲେ ଡାକ୍ତରଙ୍କ ପରାମର୍ଶ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏନେଇ ରବିବାର ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ହାଟବଜାରରେ ବ୍ୟବସାୟୀ ଓ ଗ୍ରାହକ ମାସ୍କ ପରିଧାନ କରିବେ। ବ୍ୟବସାୟିକ ପ୍ରତିଷ୍ଠାନରେ କାର୍ଯ୍ୟରତ କର୍ମଚାରୀମାନେ ମାସ୍କ, ସାମାଜିକ ଦୂରତା ଓ ହାତ ସାନିଟାଇଜ ପ୍ରତି ଗୁରୁତ୍ୱ ଦେବେ। ମାସ୍କ ପିନ୍ଧି ନ ଥିବା ଗ୍ରାହକଙ୍କୁ ସାମଗ୍ରୀ ଦେବେ ନାହିଁ। କରୋନା ଗାଇଡ୍‌ଲାଇନ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଆବଶ୍ୟକ ପଡ଼ିଲେ ଦୋକାନ ସିଲ୍ କରାଯିବ ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ତଥା ଉପଜିଲାପାଳ ଆଇ.ଗୌରବ ଶିବାଜୀ କହିଛନ୍ତି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ଜିଲାସ୍ତରରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଛି। ନିଜ ଅଞ୍ଚଳରେ ସଚେତନତା ସହ କୋଭିଡ୍ ଗାଇଡ୍‌ଲାଇନ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ଗାଇଡ୍‌ଲାଇନ ପାଳନ ଲାଗି ଜିଲାବାସୀଙ୍କୁ ନିବେଦନ କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ସତ୍ତ୍ୱେ ରାଜ୍ୟର କେତେକ ସ୍କୁଲରେ ଏକାଧିକ ଛାତ୍ରୀଛାତ୍ର କରୋନା ସଂକ୍ରମିତ ଚିହ୍ନଟ ହେଲେଣି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ବିଭାଗ ପକ୍ଷରୁ ଜିଲା ପ୍ରଶାସନକୁ ପରାମର୍ଶ ଦିଆଯାଇଛି। ଏନେଇ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି, ଜିଲାରେ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପାଠପଢା ସୁନିଶ୍ଚିତ କରାଯିବାକୁ ସମସ୍ତ ଶିକ୍ଷାନୁଷ୍ଠାନକୁ କୁହାଯାଇଛି। ଗାଇଡ୍‌ଲାଇନ ପାଳନ ତଦାରଖ ଲାଗି ସ୍କୁଲଗୁଡ଼ିକରେ କମିଟି ଗଠନ ହୋଇଛି। କୌଣସି ସ୍କୁଲ ଗାଇଡ୍‌ଲାଇନ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହାପାତ୍ର କହିଛନ୍ତି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଶକ୍ତିମାନ



@ ସୁଦୀପ୍ତ



@ ଲିପ୍ସା



@ ଦୀପା



@ ଦେବୀପ୍ରସାଦ



@ ସତୀଶ

# ନିଶା ପାଇଁ ଚୋରି ବେଳେ ମାଡ଼ ଖାଇଲେ ଯୁବକ

**ଖୋର୍ଦ୍ଧା ଅଫିସ,୨୮।୧୧**

### ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ନିଶା ପାଇଁ ଚୋରି କରିବାବେଳେ ଜଣେ ଯୁବକଙ୍କୁ ଧରି ଲୋକେ ମାଡ଼ ମାରିଛନ୍ତି। ଖୋର୍ଦ୍ଧା ସହରରେ ଏହି ଘଟଣା ଘଟିଛି। ଆଦର୍ଶ ଥାନା ଅଧୀନ ଗୁରୁଜଙ୍ଗ ଛକରେ ଥିବା ଏକ ଔଷଧ ଦୋକାନରୁ ଜଣେ ଯୁବକ ଚୋରି କରିବା ସମୟରେ ଲୋକେ ତାଙ୍କୁ ଧରି ବାନ୍ଧି ପକାଇ ମାଡ଼ ମାରିଥିଲେ। ତାଙ୍କ ପକେଟରୁ ସିଗାରେଟ, ବ୍ରାଉନସୁଗାର ପୁଡ଼ିଆ, ମୋବାଇଲ ଫୋନ୍ ଓ କିଛି ଟଙ୍କା ମିଳିଥିଲା। ସେ ନିଶା ସେବନ ପାଇଁ ଚୋରି କରୁଥିବା କହିଥିଲେ। ଯୁବକଙ୍କ ସମ୍ପର୍କୀୟ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ମୁକୁଳାଇଥିଲେ। ଯୁବକଙ୍କୁ ବାନ୍ଧି ମାଡ଼ ମରାଯିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

# ସେବା, ସମର୍ପଣ ମନୋଭାବ ନେଇ କାର୍ଯ୍ୟ କର

**ଖୋର୍ଦ୍ଧା ଅଫିସ, ୨୮।୧୧**

ଖୋର୍ଦ୍ଧା ନବୀନାବାଗସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ପରିସରରେ ଯୁବ ସଙ୍ଗଠକ ଦେବାଶିଷ ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ସ୍ମୃତିସଭା ଓ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସଭାରେ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ ସେବା ଓ ସମର୍ପଣ ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ନପୂର୍ଣ୍ଣା ଫାଇନାନ୍ସର ମୁଖ୍ୟ ପରିଚାଳକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ଖୋର୍ଦ୍ଧା ଏସ୍‌ଡିପିଓ ସୁଶିଲ୍ କୁମାର ମିଶ୍ର, ଆଇନଜୀବୀ ଶିଶିର ପରିଡ଼ା, ନରେନ୍ଦ୍ର ପୃଷ୍ଟି, ରଣଜିତ ମହାପାତ୍ର, ରାଜେଶ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଡିପିଓ ମିଶ୍ରଙ୍କ ସମେତ ୧୦୪ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। କଟକ ରେଡକ୍ରସ୍ ବ୍ଲଡ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିଳାଦିତ୍ୟ ପଟ୍ଟନାୟକ, ଦେବେନ୍ଦ୍ର ଶତପଥୀ, ଅରବିନ୍ଦ ଶତପଥୀ, ଦେବାଶିଶ ସାହୁ, ସ୍ଥିତରଞ୍ଜନ ବଳିୟାରସିଂହ, ନିରାକାର ବଳିୟାରସିଂହ, ପୁଲିନ୍ ବିହାରୀ ଦାସ, ସତ୍ୟପ୍ରକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭୁବନେଶ୍ୱରସ୍ଥିତ ବିଜୁନାଟ୍ୟ କେନ୍ଦ୍ରରେ ଆୟୋଜିତ ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାରର ୩୬୭ତମ ନାଟ୍ୟଚକ୍ର କାର୍ଯ୍ୟକ୍ରମରେ ରବିବାର ପରିବେଷିତ ନାଟକ 'ଶକୁନ୍ତଳା'ର ଏକ ଦୃଶ୍ୟ।




ନିମାପଡା ବାରବାଟି ମିନି ଷ୍ଟାଡ଼ିୟମରେ ରବିବାର ଅନୁଷ୍ଠିତ ୭ମ ରାଜ୍ୟସ୍ତରୀୟ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଯୋଗ ଦେଇଥିବା ଅତିଥିମାନେ।



ଖୋର୍ଦ୍ଧା ନବୀନାବାଗସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ପରିସରରେ ଯୁବ ସଙ୍ଗଠକ ଦେବାଶିଷ ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଆୟୋଜିତ ସ୍ମୃତିସଭାକୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### ମହାବୀର କ୍ଲବ ଫାଇନାଲରେ

**ରାଇଜିଂ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ**

**ବୋଲଗଡ଼,୨୮।୧୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳି କଲେଜ ଖେଳପଡ଼ିଆରେ ଆୟୋଜିତ ରାଇଜିଂ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ରାଇଜିଂ ଷ୍ଟାର ଟିମ୍‌କୁ ହରାଇ ପିମ୍ପଲର ମହାବୀର କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟାର ଟିମ୍ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମହାବୀର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ ଷ୍ଟାର ଟିମ୍ ୧୪.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ଖେଳାଳି କାହ୍ନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ସାମାଜିକକର୍ମୀ ପ୍ରତାପ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଫୁଲ୍ଲ ପୂଜାରୀ ଓ ବାସୁଦେବ ନାୟକ ମ୍ୟାଚ ପରିଚାଳନା କରିଥିଲେ। ସୁନିଲ କୁମାର ସାହୁ ଓ ଆକାଶ ନାୟକ ମ୍ୟାଚ ପରିଚାଳନାରେ ସହାୟତା କରିଥିଲେ। ସୋମବାର ଦ୍ୱିତୀୟ ସେମିଫାଇନାଲରେ ବାଗଲପୁର ମ'ତାରିଣୀ କ୍ରିକେଟ କ୍ଲବ ଓ କୁଷ୍ପଲ୍ଲୀର ନୁରାନୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ୨୬ ୟୁନିଟ୍ ରକ୍ତ ସଂଗ୍ରହ

**ବାଲିପାଟଣା,୨୮।୧୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ କମିଶନରେଟ ପୋଲିସର ମିଳିତରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ର ଓ ସ୍ଥାନୀୟ ଅଞ୍ଚଳର ୨୬ଜଣ ରକ୍ତଦାନ କରିଥିଲେ। ଶିବିରରେ ମୋଟ୍ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏସିପି ଲଳିତେନ୍ଦୁ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଯୁବ ସମାଜ ଏହି ସ୍ରୋତରେ ଅଧିକରୁ ଅଧିକ ଯୋଗଦାନ କଲେ ଅଭାବୀ ରକ୍ତଜନିତ ରୋଗୀମାନେ ମୃତ୍ୟୁମୁଖରୁ ବଞ୍ଚିଯିବେ। ଅନ୍ୟତମ ଅତିଥିଭାବେ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ମଦନମୋହନ ଜେନା ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଅରୁଣ ଶତପଥୀ ଶିବିର ପରିଚାଳନା କରିଥିଲେ।

# ଏସ୍‌ଏଚ୍‌ଜି କାର୍ଯ୍ୟକୁ କେନ୍ଦ୍ର ସଚିବଙ୍କ ପ୍ରଶଂସା

**ଭୁବନେଶ୍ୱର,(ବ୍ୟୁରୋ)/ ପିପିଲି,୨୮।୧୧ (ସ୍ୱ.ପ୍ର.)**

ଓଡ଼ିଶାରେ ସହରୀ ବିକାଶ ତଥା ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ମିଶନ ଶକ୍ତି ଏସ୍‌ଏଚ୍‌ଜି ଏବଂ ତୃତୀୟ ଲିଙ୍ଗ ଗୋଷ୍ଠୀର ପ୍ରଭାବଶାଳୀ ଅଂଶଗ୍ରହଣକୁ କେନ୍ଦ୍ର ଗୃହ ଓ ନଗର ମନ୍ତ୍ରଣାଳୟର ସଚିବ ଦୁର୍ଗା ଶଙ୍କର ମିଶ୍ର ପ୍ରଶଂସା କରିଛନ୍ତି। ଜଳ ଯୋଗାଣ ଓ ପରିମଳ ସଙ୍ଗଠନ କାର୍ଯ୍ୟକ୍ରମର ଶୁଭାରମ୍ଭ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ଦୁର୍ଗା ଶଙ୍କର ରବିବାର ଭୁବନେଶ୍ୱର ଓ ପୁରୀର ବହୁ ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେ ପିପିଲି ପରିଦର୍ଶନ କରି ଡାଇମଣ୍ଡ ଚାନ୍ଦୁଆ ସେଣ୍ଟରରେ କିରଣ ଏରିଆ ଲେଭଲ ଫେଡେରେଶନର (ଏଏଲ୍‌ଏଫ୍)ର ସଦସ୍ୟଙ୍କ ସହ ଚାନ୍ଦୁଆ ତିଆରି, ବ୍ୟବସାୟ, ରୋଜଗାର ଆଦି ବିଷୟରେ ପଚାରି ବୁଝିଥିଲେ। ସହରୀ ବିକାଶ ଏଜେନ୍ସି(ସୁଡା) ମହିଳା ଏସ୍‌ଏଚ୍‌ଜିଗୁଡ଼ିକର ଆୟ ବୃଦ୍ଧି ଏବଂ ଉନ୍ନତ ଜୀବିକା ନିର୍ବାହ ପାଇଁ ନେଇଥିବା



ପିପିଲିରେ ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ଗୃହ ଏବଂ ନଗର ମନ୍ତ୍ରଣାଳୟର ସଚିବ ଦୁର୍ଗା ଶଙ୍କର ମିଶ୍ର ଓ ଅନ୍ୟମାନେ।

କାର୍ଯ୍ୟ ସମ୍ପର୍କରେ ଜାଣିବା ପରେ ସଚିବ ଆନନ୍ଦ ପ୍ରକାଶ କରିଥିଲେ। ଦେଶରେ ଡିଏୱାଇ ଏନ୍‌ୟୁଏଲ୍‌ଏମ୍ ଅଧୀନରେ ସହରୀ ଦାରିଦ୍ର୍ୟ ଦୂରୀକରଣର ଏକ ପ୍ରମୁଖ ଉଦାହରଣ ଭାବରେ ଆମାଜନ ଭଳି ଇଣ୍ଡିଆ ଇ-କମର୍ସ ପ୍ଲାଟ୍‌ଫର୍ମକୁ ଏସ୍‌ଏଚ୍‌ଜିଗୁଡ଼ିକୁ ଲିଙ୍କ୍ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଏଲ୍‌ଏଫ୍‌ର କିରଣ ଇ-କମର୍ସ ପ୍ଲାଟ୍‌ଫର୍ମ ଫ୍ଲିପ୍‌କାର୍ଟରେ ରହିଥିବା ଜାଣି ସେ ଖୁସିବ୍ୟକ୍ତ କରିଥିଲେ। ଏହା ପୂର୍ବରୁ ଦୁର୍ଗା ଶଙ୍କର ଭୁବନେଶ୍ୱରରେ ପାର୍କିଂ ଫି' ସଂଗ୍ରହରେ ନିୟୋଜିତ କିନ୍ନର ଗୋଷ୍ଠୀ ସଦସ୍ୟଙ୍କ ସହ କଥା ହୋଇଥିଲେ। ସହରାଞ୍ଚଳ ଉପଯୋଗୀ ସେବା ଯୋଗାଇବାରେ ମହିଳା ଏବଂ ସମ୍ପ୍ରଦାୟକୁ ସଶକ୍ତ କରିବାରେ ଓଡ଼ିଶା ଏକ ମାନଦଣ୍ଡ ସ୍ଥିର କରିଛି ବୋଲି ସେ କହିଥିଲେ।

### ସହରୀ ବିକାଶ କାର୍ଯ୍ୟକ୍ରମ

ଏହି ଅବସରରେ ସୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ସଚିବଙ୍କୁ ମିଶନ ଶକ୍ତି ଏସ୍‌ଏଚ୍‌ଜିଗୁଡ଼ିକ ସହିତ ବିଭିନ୍ନ ଅଭିନବ ହସ୍ତକ୍ଷେପ ଏବଂ ସହଭାଗିତା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତିନିଧି ଦଳରେ ଆସିଥିବା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବିକାଶ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନ ଜଟଣୀଠାରେ ମିଶନ ଶକ୍ତି ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ହେଉଥିବା ଅନ୍ୟାନ୍ୟ ସହରାଞ୍ଚଳ ଭିତ୍ତିଭୂମି ସୁବିଧା ପରିଦର୍ଶନ କରିଥିଲେ। ସ୍ଥାନୀୟ ମହିଳା ଓ ତୃତୀୟ ଲିଙ୍ଗ ଏସ୍‌ଏଚ୍‌ଜି ସହିତ ଗଠିତ ପ୍ରଭାବଶାଳୀ ସହଭାଗିତାକୁ ପ୍ରଶଂସା କରି ସେ କହିଥିଲେ, ଓଡ଼ିଶାରେ ସମ୍ପ୍ରଦାୟର ସହଭାଗୀତା ମଡେଲ ଆଶ୍ଚର୍ଯ୍ୟଜନକ ଏବଂ ପ୍ରେରଣାଦାୟକ।

### ଶିକ୍ଷାର୍ଥୀଙ୍କ ସାମାଜିକ ମୂଲ୍ୟବୋଧକୁ ଗୁରୁତ୍ୱ

**ବାଲିଅନ୍ତା,୨୮।୧୧(ଡି.ଏନ୍.ଏ.)**

ବାଲିଅନ୍ତା ସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ନୂତନ ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ଆସ୍ଥା ଅଭିଷେକ-୨୦୨୧' ରବିବାର କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଇଗ୍ନା ମାନବ ସମ୍ବଳ ମୁଖ୍ୟ ଆଶିଷ କୁମାର ମିଶ୍ର ଯୋଗଦେଇ ଶିକ୍ଷାର୍ଥୀଙ୍କ ସାମାଜିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଡ.ଅଶୋକ ମଙ୍ଗରାଜ ଯୋଗଦେଇ ଶିକ୍ଷାର୍ଥୀମାନେ ବଡ଼ ଆଶା ରଖିବା ସହ ପରିଶ୍ରମ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଇନ୍-ଥିଙ୍କ୍‌ସର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଟ୍ଟନାୟକ ଯୋଗଦେଇ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଉପରେ ଆଲୋକପାତ କରିଥିଲେ। ଶିକ୍ଷାନୁଷ୍ଠାନର ସମ୍ପାଦକ ଡ.ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷା ପ୍ରଫେସର ଶର୍ମିଳା ସୁବ୍ରମଣିଅନ ବାର୍ଷିକ ବିବରଣୀ ପାଠ କରିଥିଲେ।

### ସତ୍ୟପୀର ସ୍ପୋର୍ଟିଂ ସେମିଫାଇନାଲରେ

**ଖୋର୍ଦ୍ଧା ଅଫିସ,୨୮।୧୧**

ଖୋର୍ଦ୍ଧା କୁମାରବସ୍ତ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥ ଦେବ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନକୁ ୧୧ରନ୍‌ରେ ହରାଇ କାଇପଦରର ସତ୍ୟପୀର ସ୍ପୋର୍ଟିଂ ମ୍ୟାଚ ଜିତି ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସତ୍ୟପୀର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୪୬ ରନ କରିଥିଲା। ଅରବିନ୍ଦ ସିଂ ୫୧ରନ (୩୧ ବଲ) ଓ କୁଳଦୀପ ପାଇକରାୟ ୧୫ରନ (୨୧ବଲ) କରିଥିଲେ। ବାଙ୍କୀ ଦଳ ପକ୍ଷରୁ ସାଗର ବେହେରା ୪ଓଭରରେ ୨୪ରନ ଦେଇ ୪ ଉଇକେଟ୍ ନେଇଥିଲେ। ଜବାବରେ ବାଙ୍କୀ ଦଳ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୩୫ ରନ କରିଥିଲେ। ଫଳରେ ସତ୍ୟପୀର ସ୍ପୋର୍ଟିଂ ୧୧ ରନରେ ବିଜୟ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ବାଙ୍କୀ ଦଳ ପକ୍ଷରୁ ବିଶ୍ୱଜିତ ବାରିକ ୪୫ରନ (୩୪ବଲ) ଓ ସବୀର ବେହେରା ୩୪ରନ (୪୦ବଲ) କରିଥିଲେ। ସତ୍ୟପୀର ସ୍ପୋର୍ଟିଂ ପକ୍ଷରୁ ଆଦିତ୍ୟ ବେହେରା ୪ ଓଭରରେ ୧୬ ରନ ଦେଇ ୩ ଉଇକେଟ୍ ନେଇଥିଲେ। ଅତିଥି ଭାବେ ସାମାଜିକ କର୍ମୀ ଅକ୍ଷୟ ବଳିଆରସିଂ ଯୋଗଦେଇ ସତ୍ୟପୀର ସ୍ପୋର୍ଟିଂର ଅରବିନ୍ଦ ସିଂଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚକୁ ଦୁର୍ଯ୍ୟୋଧନ ପରିଡ଼ା, ପ୍ରଦୋଷ ବଳିଆରସିଂ ପରିଚାଳନା ଓ ବନବିହାରୀ ସ୍ୱାଇଁ ସ୍କୋରରେ ସହାୟତା କରିଥିଲେ। ସୋମବାର ମ୍ୟାଚ ଆୟୋଜକ ରାଇଜିଂଷ୍ଟାର କୁମାରବସ୍ତ ଓ ଖୋର୍ଦ୍ଧାର କଳିଙ୍ଗ ଟାଇଗର ମଧ୍ୟରେ ଅନୁଷ୍ଠିତ ହେବ।

## 'କ୍ୟାଡେଟ୍‌ମାନେ ଦେଶ ପ୍ରତି ସମର୍ପିତ ହେବା ଉଚିତ'



**ବୋଲଗଡ଼, ୨୮।୧୧(ଡି.ଏନ.ଏ.)**

ପରମାନନ୍ଦ ମହାବିଦ୍ୟାଳୟ ଏନ୍‌ସିସି ପ୍ରଭାଗ ପକ୍ଷରୁ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ସକାଳୁ କ୍ୟାଡେଟ୍‌ମାନେ ଏକାଠି ହୋଇ ଏନ୍‌ସିସି ପତାକା ଉତ୍ତୋଳନ କରିଥିଲେ। କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ସିସି ଅଧିକାରୀ ଡ. ରଞ୍ଜନ କୁମାର ଦାଶ ପୌରୋହିତ୍ୟ କରିଥିଲେ। କ୍ୟାଡେଟ୍‌ମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ପରେ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ଉପସ୍ଥିତ ଅତିଥି ଏବଂ କ୍ୟାଡେଟ୍‌ମାନଙ୍କୁ ଶୃଙ୍ଖଳା ଓ ଅନୁଶାସନ ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନବକିଶୋର ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ଭାରତୀୟ ସାମରିକ ବାହିନୀର ସେବାନିବୃତ୍ତ ନାଏବ ସୁବେଦାର ସୁଧାକର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ୟାଡେଟ୍‌ମାନେ ଉତ୍ତମ ଚରିତ୍ର ସମ୍ପନ୍ନ ହେବା ସହ ରାଷ୍ଟ୍ର ପ୍ରତି ସମର୍ପଣ ମନୋଭାବ ରଖିଲେ ଦେଶର ବିକାଶରେ ସହାୟକ ହୋଇପାରିବେ ବୋଲି କହିଥିଲେ। ସିନିୟର ଅଣ୍ଡର ଅଫିସର୍ ପ୍ରସନ୍ନ କୁମାର ସାହୁ, କ୍ୟାଡେଟ୍ ପ୍ରକାଶ କୁମାର ପରିଡ଼ା, ଦୀପାଞ୍ଜଳି ସ୍ୱାଇଁ ଏବଂ ପୁଷ୍ପାଞ୍ଜଳି ପଶ୍ଚିମକବାଟ ପ୍ରମୁଖ ଭାବ ବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜୁନିୟର ଅଣ୍ଡର ଅଫିସର ସ୍ମୃତିସ୍ୱରୂପା ସାହୁ ଧନ୍ୟବାଦ ଦେଇଥିଲେ।

## 'ଡାଲଚିନି'କୁ 'ବେଷ୍ଟ ଫିଚର ଫିଲ୍ମ' ଆୱାର୍ଡ

**ଭୁବନେଶ୍ୱର, ୨୮।୧୧ (ବ୍ୟୁରୋ)**

ଅନ୍ତର୍ଜାତୀୟ ସ୍ତରରେ ପୁଣି ଓଡ଼ିଶା ପାଇଁ ସୁନାମ ଆଣିଛି ଓଡ଼ିଆ ଚଳଚ୍ଚିତ୍ର। ରିତୁପ୍ରିୟା ପ୍ରଡକ୍ସନ୍ସର ଚଳଚ୍ଚିତ୍ର 'ଡାଲଚିନି'କୁ ୭ମ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଅଫ୍ ସିମ୍‌ଲାରେ 'ବେଷ୍ଟ ଫିଚର ଫିଲ୍ମ' ଆୱାର୍ଡ ମିଳିଛି। ଅତିଶ କୁମାର ରାଉତଙ୍କ ପ୍ରଯୋଜନାରେ ନିର୍ମିତ ଚଳଚ୍ଚିତ୍ରଟି ଫେଷ୍ଟିଭାଲରେ ବେଶ୍ ପ୍ରଶଂସା ସାଉଣ୍ଟିଛି। ଫେଷ୍ଟିଭାଲ ପାଇଁ ବିଶ୍ୱର ୧୭ ଦେଶରୁ ବିଭିନ୍ନ ଭାଷାର ପ୍ରାୟ ୫ଶହ ଚଳଚ୍ଚିତ୍ର ଆସିଥିଲା। ସେଥିରୁ ବେଷ୍ଟ ୫୮ ଚଳଚ୍ଚିତ୍ର ମନୋନୀତ ହୋଇଥିବାବେଳେ 'ଡାଲଚିନି' ଟାଇଟଲ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ପ୍ରଯୋଜକ ତଥା କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ରୀୟ ପ୍ରଧାନଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି।

ଜଣେ ଯୁବକର ଭ୍ରମଣ କାହାଣୀକୁ ନେଇ ଚଳଚ୍ଚିତ୍ର ଗତିଶୀଳ ହୋଇଛି। ଏଥିରେ ଓଡ଼ିଶାର କେତେକ ପର୍ଯ୍ୟଟନସ୍ଥଳକୁ ପ୍ରଦର୍ଶିତ କରାଯାଇଛି। ଜଣେ ଝିଅ ଗାଇଡ୍ ସହିତ ଭ୍ରମଣରୁ କାହାଣୀ ଆରମ୍ଭ ହେବା ପରେ ସମୟ କ୍ରମେ ସେମାନଙ୍କ ମଧ୍ୟରେ





ଜିତେନ୍ଦ୍ରୀୟ ପ୍ରଧାନଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

### ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିଲା ଓଡ଼ିଆ ଚଳଚ୍ଚିତ୍ର

କିପରି ପ୍ରେମ ଏବଂ ଅନ୍ୟାନ୍ୟ ଘଟଣା ଘଟୁଛି ତାହାକୁ ଖୁବ୍ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ଶିଶିର ସାହୁ ଓ ପିନାକୀ ସିଂଙ୍କ ନିର୍ଦ୍ଦେଶିତ ଏହି ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ଜେରୀ ସିଲ୍‌ଭେଷ୍ଟର ଭିନ୍‌ସେନଟ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସୁପ୍ରିୟା ରାଉତଙ୍କ ସହପ୍ରଯୋଜନାରେ ନାୟକ ପାର୍ଥସାରଥୀ ରାୟ ଓ ନାୟିକା ସୂର୍ଯ୍ୟମୟୀଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏ ସମ୍ପର୍କରେ ପ୍ରଯୋଜକ ଅତିଶ କୁମାର କହିଛନ୍ତି, ଆମ ରାଜ୍ୟର ପର୍ଯ୍ୟଟନସ୍ଥଳୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଚେଷ୍ଟା କରିଥିଲି, ଯାହାକି ସଫଳ ହୋଇଛି। ଏହା ଓଡ଼ିଶାର ଏକ ମାଇଲ ଖୁଣ୍ଟ ଚଳଚ୍ଚିତ୍ର ହୋଇ ରହିବ। କାର୍ଯ୍ୟକ୍ରମରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, ଅର୍ବାନ ଡେଭଲପ୍‌ମେଣ୍ଟ, ଟାଉନ୍ ଆଣ୍ଡ୍ କଣ୍ଟ୍ରି ପ୍ଲାନିଂ ମନ୍ତ୍ରୀ ସୁରେଶ ଭରଦ୍ୱାଜ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଜୟ ଉପସ୍ଥିତ ଥିଲେ।

## ଏନ୍‌ଏଫ୍‌ଡିସି ଫିଲ୍ମ ବଜାରରେ ଓଡ଼ିଆ ଚଳଚ୍ଚିତ୍ର 'ସୁକଭାଇର ଶୋଲେ'

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍‌ଏଫ୍‌ଡିସି) ଫିଲ୍ମ ବଜାରରେ ଓଡ଼ିଆ ଚଳଚ୍ଚିତ୍ର 'ସୁକଭାଇର ଶୋଲେ' ପ୍ରଦର୍ଶିତ ହୋଇଛି। ୧୧ ଦେଶରୁ ୨୦ ପ୍ରୋଜେକ୍ଟ ଚୟନ କରାଯାଇଥିବାବେଳେ ନିର୍ଦ୍ଦେଶକ ସ୍ନେହାଶିଷ ଦାସଙ୍କ ଏହି ଚଳଚ୍ଚିତ୍ରଟି ସେଥିରେ ସ୍ଥାନ ପାଇଛି। ଏହି ପ୍ଲାଟ୍‌ଫର୍ମ ଅନ୍ତର୍ଜାତୀୟ ଓ ଦକ୍ଷିଣ ଏସୀୟ ଚଳଚ୍ଚିତ୍ର ଶିଳ୍ପ ମଧ୍ୟରେ ସହଯୋଗକୁ ଉତ୍ସାହିତ କରେ। ଚଳିତ ବର୍ଷ ଭର୍ଚୁଆଲରେ ଅନୁଷ୍ଠିତ ଏନ୍‌ଏଫ୍‌ଡିସି ଫିଲ୍ମ ବଜାରରେ 'ସୁକଭାଇର ଶୋଲେ' ଚଳଚ୍ଚିତ୍ର ଦେଖିବା ପାଇଁ ୩୭ ଦେଶରୁ ୩୧୫ ପ୍ରତିନିଧି ଲଗ୍‌ଇନ କରିଥିଲେ। ଶରୀର ଗଠନକୁ ନେଇ ପରିହାସ ଓ ବିଧବା ପୁନଃ ବିବାହ ପ୍ରଥାକୁ ନେଇ ଚଳଚ୍ଚିତ୍ରଟି ଆଧାରିତ ବୋଲି ସ୍ନେହାଶିଷ କହିଛନ୍ତି। ଅଭିଜିତ୍ ମିଶ୍ର ଗୀତ ରଚନା କରିବା ସହ କଣ୍ଠଦାନ କରିଛନ୍ତି। ଚଳଚ୍ଚିତ୍ରକୁ ସରୋଜ ରାଉଳ ସମ୍ପାଦନା କରିଥିଲେ। ଶ୍ରୀକାନ୍ତ ପଟ୍ଟନାୟକ ଚିତ୍ର ଉତ୍ତୋଳନ କରିଛନ୍ତି। ଅନୁଭା ସୌର୍ଯ୍ୟା, ସତ୍ୟ ରଞ୍ଜନ, ଜୟପ୍ରକାଶ ଦାସ, ଧରିତ୍ରୀ ଖଣ୍ଡୱାଲ ପ୍ରମୁଖ ଭୂମିକାରେ ରହିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ଆରମ୍ଭରୁ...

ଏବଂ ସେଥିରୁ ୨୧ହଜାର ୮୨୭ ପ୍ୟାକେଟ୍ ଧାନ ବିକ୍ରି ହୋଇଥିବା ଆର୍‌ଏମ୍‌ସି ସୂତ୍ରରୁ ଜଣାପଡ଼ିଛି। ପୂର୍ବବର୍ଷ ଏହି ସମୟରେ ଜିଲାର ସମସ୍ତ ୧୨ଟି ଯାକ ବ୍ଲକର ମଣ୍ଡିରେ ଧାନ କିଣାବିକା ଆରମ୍ଭ ହୋଇଥିଲା। କିନ୍ତୁ ଚଳିତବର୍ଷ ରବିବାର ସୁଦ୍ଧା ଜିଲାର ୩ଟି ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି।

ବରଗଡ଼ ଆର୍‌ଏମ୍‌ସି ଅଧୀନ କଳାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଟି କହିଛନ୍ତି, ସେ ଗତ ୨୨ତାରିଖରୁ କଳାପାଣି ମଣ୍ଡିରେ ଧାନ ଭର୍ତ୍ତି କରିଛନ୍ତି । ଚାଷୀ ପଞ୍ଜୀକରଣ ସମୟରେ କରିଥିବା ଆବେଦନ ଫର୍ମରେ ତାଙ୍କ ଅମଳ ଧାନ ବିକ୍ରି ଦିବସର ତାରିଖ ନଭେମ୍ବର ୧ରୁ ୧୫ତାରିଖ ବୋଲି ଉଲ୍ଲେଖ ରହିଛି। କିନ୍ତୁ ତାଙ୍କ ପାଖକୁ ଯେଉଁ ଏସ୍‌ଏମ୍‌ଏସ୍ ଆସିଛି, ସେଥିରେ ବିକ୍ରି ଦିବସ ଡିସେମ୍ବର ୯ତାରିଖ ବୋଲି ଉଲ୍ଲେଖ ରହିଥିବା ସେ କହିଛନ୍ତି। ଫଳରେ ମଣ୍ଡିରେ ତାଙ୍କ ଧାନ ଥିଲେ ସୁଦ୍ଧା ତାକୁ କିଣାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ଅନେକ ଚାଷୀ ଅଛନ୍ତି, ଧାନ ଅମଳ କରିସାରିଥିଲେ ମଧ୍ୟ ସେମାନଙ୍କୁ ଅମଳ ଧାନ ବିକ୍ରି ପାଇଁ ଟୋକନ ମିଳି ପାରିନାହିଁ। ଅନ୍ୟପକ୍ଷରେ ଅମଳ କରି ନ ଥିବା ଚାଷୀଙ୍କ ପାଖକୁ ଟୋକନ ପହଞ୍ଚି ସାରିଛି। କଳାପାଣି ଗ୍ରାମର ଚାଷୀ ଏକାଦଶିଆ ସାହୁ କହିଛନ୍ତି, ସେ ୪ଶହ ପ୍ୟାକେଟ୍ ଧାନ କଳାପାଣି ମଣ୍ଡିରେ ରଖିଛନ୍ତି । ପରିଚୟ ପତ୍ର ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ନଭେମ୍ବର ୧୫ତାରିଖ ସୁଦ୍ଧା ଧାନ ବିକ୍ରି ଦିବସ ଉଲ୍ଲେଖ କରିଥିଲେ। ମାତ୍ର ଆଜି ସୁଦ୍ଧା ତାଙ୍କୁ ଟୋକନ ମିଳି ନ ଥିବା ଯୋଗୁ ସେ ଧାନ ବିକ୍ରି କରି ପାରିନାହାନ୍ତି। ଏ ନେଇ ବରଗଡ଼ ଆର୍‌ଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କୁ ପଚାରିବାରୁ ଧାନ ସଂଗୃହୀତ ହୋଇଛି, କିନ୍ତୁ ବିକ୍ରି ହୋଇ ପାରି ନ ଥିବା ସେ କହିଥିଲେ।

### ମଣ୍ଡିରେ ଆବଶ୍ୟକ...

ପିପିସିରେ ଭଲ ଇଣ୍ଟରନେଟ୍ ସଂଯୋଗ ଏ ପର୍ଯ୍ୟନ୍ତ କରାଯାଇନାହିଁ। ସେହିପରି ଲୋକଙ୍କ ବସିବା ପାଇଁ ସ୍ଥାନର ବ୍ୟବସ୍ଥା ନ ଥିବା ବେଳେ ପାନୀୟ ଜଳ ସୁବିଧା ନାହିଁ। ଏଥିସହ ଯେଉଁ ଧାନକିଣା କେନ୍ଦ୍ରରେ ଗୋଦାମ ଘର ନାହିଁ ସେଗୁଡ଼ିକୁ ଖୋଲାଯିବା ଉଚିତ୍ ନ ଥିଲା ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିବା ବେଳେ ବିଜେଡି ଏହାର ଜବାବ୍ ରଖିଛି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଧାନ ବିକ୍ରିରୁ ଏତେ ଟଙ୍କା ସରକାର ଆଦାୟ କରିବା ସତ୍ତ୍ୱେ କାହିଁକି ଭିତ୍ତିଭୂମି ତିଆରି କରିପାରୁ ନାହାନ୍ତି ତାହା ବୁଝାପଡୁନାହିଁ। ଲୋକଙ୍କ କୋଟି କୋଟି ଟଙ୍କା ପଡ଼ି ରହିଛି ତଥାପି ଏମାନେ ଉନ୍ନତୀକରଣ ଦିଗରେ ସଚେତନ ନୁହନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଧାନ ରଖିବା, ଲୋକମାନେ ବସିବା ଲାଗି ଜାଗା ନାହିଁ। ସାଧାରଣତଃ ପିଇବାକୁ ପାନୀୟ ଜଳର ବ୍ୟବସ୍ଥା କରାଯାଇନି। ସବୁଠାରୁ ଦୁର୍ଭାଗ୍ୟଜନକ କଥା, ମଣ୍ଡିରେ ସିସି କ୍ୟାମେରାର ବ୍ୟବସ୍ଥା କରିବାକୁ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଦେଇଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ବଲାଙ୍ଗୀରଅପେକ୍ଷା କଳାହାଣ୍ଡିରେ ଧାନ ଅଧିକ ସଂଗ୍ରହ ହେଉଥିବା ବେଳେ ସେଠାରେ କମ୍ ମଣ୍ଡି ରହିବାରୁ ଅଧିକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି।

ବିଜେଡି ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, ୨୦୧୯ ଏବଂ ୨୦୨୦ରେ ରାଜ୍ୟରେ ଯେତିକି ଧାନ ସଂଗ୍ରହ ହୋଇଥିଲା ୨୦୨୧-୨୨ରେ ଅଧିକ ହୋଇଛି। ଚାଷୀମାନେ ଏହି ଧାନ ଦେଇଛନ୍ତି। ଭିତ୍ତିଭୂମି ମଧ୍ୟ ସବୁଠାରେ ଠିକ୍ ଅଛି। ଯେଉଁଠି ଭିତ୍ତିଭୂମି ଖରାପ ଅଛି ସେଠାରେ ବିହିତ ପଦକ୍ଷେପ ନିଆଯାଉଛି।

# ସୂର୍ଯ୍ୟ ଉପାସନାର ସାମାଜିକ ବାର୍ତ୍ତା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

## କୋଣାଦିତ୍ୟରେ ଜଗତମଙ୍ଗଳ କାମନାର ଉପାସନା





ଉତ୍ସବକୁ ଐତିହ୍ୟରେ କିପରି ପରିଣତ କରିଥିଲା ଓଡ଼ିଆ ଜାତି ଗୋଟିଏ ଗଣପର୍ବରୁ ତାହା ବିଚାର କଲେ। ସୂର୍ଯ୍ୟଙ୍କ ଉପାସନାର ଶାସ୍ତ୍ରୀୟ ରହସ୍ୟ କିପରି କୋଣାଦିତ୍ୟରେ ପ୍ରଚଳିତ ଥିଲା ତାହା ବି ଅନୁଶୀଳନ କରିବା କଥା। ଅର୍କକ୍ଷେତ୍ରରେ ଉପରଠାଉରିଆ ଉତ୍ସବ କି ଉପାସନା ହେଉ ନ ଥିଲା। ତାହା ମନୋବିଜ୍ଞାନ ଏବଂ ସମାଜବିଜ୍ଞାନ ସମ୍ମତ।

ସନାତନ ପରମ୍ପରାରେ ସୂର୍ଯ୍ୟ ହେଉଛନ୍ତି ପୃଥିବୀର ଚକ୍ଷୁ। ବେଦର ରହସ୍ୟ ଅନୁଯାୟୀ ସେ ଦେହ ଭିତରେ ଅଛନ୍ତି; ବାହାରେ ବି। ଜଗତ ପାଇଁ ସେ ଶକ୍ତି ବିକିରଣ କରନ୍ତି। ଆଉ ଶରୀର ପାଇଁ! ଶରୀରରେ ଦିବ୍ୟଚେତନାକୁ ପ୍ରକାଶ କରାନ୍ତି। ଋଷି ପରମ୍ପରାରେ ଏଥିପାଇଁ ଜ୍ଞାନର ଶକ୍ତି ଗାୟତ୍ରୀଙ୍କୁ ମାଧ୍ୟମ କରାଯାଏ। ତେଣୁ କୁହାଯାଇଛି ସୂର୍ଯ୍ୟମଣ୍ଡଳର ଶକ୍ତି ହେଉଛନ୍ତି ଗାୟତ୍ରୀ। ଶକ୍ତିର ସ୍ରୋତ ଭାବରେ ଗାୟତ୍ରୀଙ୍କୁ ଉପାସନା କରାଯାଏ। ଦିବ୍ୟତା ତାଙ୍କରି ଦ୍ୱାରା ପ୍ରକାଶିତ ହୁଏ।

ସକାଳେ ସେ ବ୍ରହ୍ମା। ସୃଷ୍ଟି କାର୍ଯ୍ୟ କରନ୍ତି। ସେଥିପାଇଁ କୁହାଯାଏ ବ୍ରହ୍ମଶକ୍ତି ଗାୟତ୍ରୀ। ମଧ୍ୟାହ୍ନରେ ସେ ଦେବଦେବ ମହାଦେବ ହୁଅନ୍ତି। ଜଗତ ଗ୍ରହଣ



ସୂର୍ଯ୍ୟାସ୍ତ ସମୟ। ବିଷ୍ଣୁ ରୂପରେ ଶ୍ରୀସୂର୍ଯ୍ୟନାରାୟଣ। ଫଟୋ: ଯଜ୍ଞେଶ୍ୱର ମହାନ୍ତି, ପୁରୀ

କରିଥିବା ସୂର୍ଯ୍ୟଙ୍କ ତାପକୁ ଦ୍ରବୀଭୂତ କରନ୍ତି। ମହାକାଳଙ୍କର ଅନ୍ୟତମ ଶକ୍ତି। ସନ୍ଧ୍ୟାରେ ସେ ବିଷ୍ଣୁ ରୂପରେ ପ୍ରକାଶ ହୁଅନ୍ତି। ସମୟ ଅନୁଯାୟୀ ସୂର୍ଯ୍ୟଶକ୍ତି ଚଳଚଞ୍ଚଳ କରାନ୍ତି ପୃଥିବୀକୁ। କେବଳ ସେତିକି ନୁହେଁ 'ତ୍ରିକାଳ ମହାମାୟା ଅର୍ଚ୍ଚନାବିଧି'ରେ କୁହାଯାଇଛି ପୃଥିବୀରେ ସମସ୍ତ ତ୍ରୁଟି ଓ ଦୋଷକୁ ସେ ଅପସାରଣ କରନ୍ତି।

'ତ୍ରିକାଳ ମହାମାୟା ଅର୍ଚ୍ଚନା ବିଧି' ପୋଥି ଅନୁସାରେ ଆମର ଅର୍କତୀର୍ଥରେ ଉପାସନା ହେଉଥିଲା। ଏଥିରେ ଜଗତମଙ୍ଗଳ କାମନା ମୂଳ ରହସ୍ୟ। କାହିଁକି ନା ବ୍ରହ୍ମବିଦ୍ୟାର ଯେ ହେଉ ସାରତତ୍ତ୍ୱ। ଆମର ପୂର୍ବପୁରୁଷମାନେ ବୁଝିଥିଲେ ଅନ୍ତରୀକ୍ଷରେ ସୂର୍ଯ୍ୟ ଗତି କଲାବେଳେ 'କିରଣ' ମାଧ୍ୟମରେ 'ତାପ' ଦେଇଥାନ୍ତି। ତା'ପରେ ଶକ୍ତି ଭରି ଦିଅନ୍ତି ଗାୟତ୍ରୀ। ସେଇ ତାପ ଆମକୁ ଶକ୍ତିମୟ କରିଥାଏ। ସୂର୍ଯ୍ୟ ରଥରେ ଗତି କଲେ ଶରୀର ରୂପକ ରଥରେ ବର୍ଣ୍ଣମାତୃକା ଗତିଶୀଳ ହୁଅନ୍ତି। ଯାକୁ ସବୁ ଆମ ପଣ୍ଡିତେ ବୁଝିଥିଲେ। ତାକୁ ଉପାସନା ମାଧ୍ୟମରେ ଲୋକ-ସ୍ତରରେ ପ୍ରଚଳନ କରିଥିଲେ। ବ୍ଲାକ୍‌ପାଗୋଡ଼ା କହୁଥିବା ଏବଂ ମିଥୁନ ମୂର୍ତ୍ତିରେ ଅଟକି ରହିଥିବା ବାହାରିଆ ପଣ୍ଡିତମାନେ ରହସ୍ୟ ଭେଦ ନ କରି ଯା' ଇଚ୍ଛା ତା' ଲେଖିଦେଇ ଗଲେ। ନା ବୁଝିଥିଲେ ତୀର୍ଥର ସାମାଜିକ ତତ୍ତ୍ୱ ନା ବୁଝିଥିଲେ ଉପାସନାର ଜଗତମଙ୍ଗଳ କାମନା!

ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ୧୬ଟି ତାଳବରଡ଼ା ପତ୍ରରେ ଲେଖାସରିଥିଲା ଗାୟତ୍ରୀଙ୍କ ରହସ୍ୟ। ମହାଗାୟତ୍ରୀ ମନ୍ଦିର ଶୈଳୀ ପ୍ରଥମେ ଏହି ଓଡ଼ିଆ ଅକ୍ଷର ପୋଥିରୁ ମିଳେ। ଭାଷା ସଂସ୍କୃତ ଓ ଲିପି ଓଡ଼ିଆରେ ଅଙ୍କା ହୋଇଥିଲା ଗାୟତ୍ରୀ ଯନ୍ତ୍ର। ସେ ଯନ୍ତ୍ର ଅଷ୍ଟଦଳ ପଦ୍ମର। ପ୍ରତ୍ୟେକ ଦଳରେ ଗୋଟିଏ ଗୋଟିଏ ଶକ୍ତି ସଂପୁଟ ହୋଇଛନ୍ତି। ଗାୟତ୍ରୀଙ୍କ ମନ୍ତ୍ର ତଥା ଧ୍ୟାନର ପ୍ରଭାବ କ'ଣ ଓ କେତେ! ସବୁ ଲେଖିସାରିଥିଲେ ଓଡ଼ିଆ ପଣ୍ଡିତେ। ପୁରୀର ବାସୁଦେବ ରଥେ ପ୍ରଥମେ ଏଇ ପୋଥିକୁ କୁଜଙ୍ଗର ଜଗନ୍ନାଥ ତ୍ରିପାଠୀଙ୍କଠାରୁ ସଂଗ୍ରହ କଲାପରେ ଲୋକଲୋଚନକୁ ଆସିଥିଲା।

କୋଣାଦିତ୍ୟରେ ସୂର୍ଯ୍ୟ ଉପାସନା କୌଣସି ଖିଆଲରେ ଓଡ଼ିଆ ବିକଶିତ କରି ନ ଥିଲେ। ଓଡ଼ିଶାର ଗଜପତି ମନର ଓରମାନ ମେଣ୍ଟେଇବାକୁ ସଉକରେ ଶାସ୍ତ୍ରୀୟ ଭିତ୍ତିଭୂମି ଉପରେ ମାନଶାଳା ସଦୃଶ ମନ୍ଦିରଟିଏ ଗଢ଼େଇ ନ ଥିଲେ। ଅକଥନୀୟ ଅତ୍ୟାଚାର କରି ନ ଥିଲେ ଓଡ଼ିଆ ଶିଳ୍ପୀଙ୍କ ଉପରେ। ସବୁ ସହମତିରେ ସହଯୋଗରେ ତଥା ସହାନୁଭୂତିରେ ସାକାର ହୋଇଥିଲା। ବିଶ୍ୱ ମଙ୍ଗଳ କାମନା ରହିଥିଲା ଏହାର ପଛଭାଗରେ। ଜଗତର ହିତ ପାଇଁ ଗାୟତ୍ରୀଶକ୍ତିଯୁକ୍ତ ସୂର୍ଯ୍ୟ ଉପାସନା ଆରମ୍ଭ ହୋଇଥିଲା ଖ୍ରୀଷ୍ଟପୂର୍ବରୁ। ରହସ୍ୟକୁ ଭେଦ କଲେନି ଯେଉଁମାନେ ସେମାନେ ଆମକୁ, ଆମ ଶିଳ୍ପୀଙ୍କୁ, ଆମ ପରମ୍ପରାକୁ ଟାହିଟାପରା କଲାପରି ମାନସିକତାରେ ପ୍ରସ୍ତୁତ ହେଲେ। ଲେଖିଲେ ମଧ୍ୟ। ଆମ ମନରେ ହୀନମନ୍ୟତା ସୃଷ୍ଟି କରିବାକୁ ସେଗୁଡ଼ିକ ସହାୟକ ହେଲା!!

## ସଂକ୍ଷେପରେ

### କେଶରୀୟ୍ୟା ହିନ୍ଦୁ ବାହିନୀର ନୂତନ କର୍ମକର୍ତ୍ତା ଚୟନ

**ଫୁଲନଖରା,୨୮।୧୧(ଡି.ଏନ.ଏ.):** କଟକ ସଦର ଥାନା ଅଧୀନ ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠରେ ରବିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କୋର୍ କମିଟି ଅଧକ୍ଷ ରବୀନ୍ଦ୍ର କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସନାତନ ଧର୍ମର ସୁରକ୍ଷା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ଓଡ଼ିଶା ପ୍ରଦେଶର ଜିଲା ପାଇଁ କେଶରୀୟ୍ୟା ହିନ୍ଦୁ ବାହିନୀର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚୌଧୁରୀ ପ୍ରଭାତ କିଶୋରୀ ମିଶ୍ର, ପାଣ୍ଡଚରଣ ଧଳ ଯାଜପୁର ଜିଲା ଅଧକ୍ଷ, ସୁଶ୍ରୀ ଦୀପ୍ତିମୟୀ ରାଉତ କଟକ ଜିଲା ମହିଳା ବାହିନୀ ଅଧକ୍ଷା, ଗୌତମ ମହାନ୍ତି କଟକ ଜିଲା ଯୁବ ବାହିନୀ ଅଧକ୍ଷ, ପ୍ରଭାତ କୁମାର ସାମଲ ଭୁବନେଶ୍ୱର ଜିଲା ଯୁବବାହିନୀ ଅଧକ୍ଷ, ମନୋଜ ପରିଡା କଟକ ଜିଲା ସାଧାରଣ ସମ୍ପାଦକ, ଜ୍ଞାନରଞ୍ଜନ ମହାନ୍ତି କଟକ ଜିଲା ଉପାଧକ୍ଷ, ସମ୍ବିତ ମହାପାତ୍ର ଖୋର୍ଦ୍ଧା ଜିଲା ଯୁବବାହିନୀ ଅଧକ୍ଷ, ସକୁନ୍ତଳା ସ୍ୱାଇଁଙ୍କୁ ରାଜ୍ୟ ମହିଳା ଉପସଭାନେତ୍ରୀ ଭାବେ ଚୟନ କରାଯାଇଥିଲା।

### କାର୍ତ୍ତିକେଶ୍ୱର ଭସାଣି ଉତ୍ସବ

**ଖୁଣ୍ଟୁଣୀ,୨୮।୧୧(ଡି.ଏନ.ଏ.):** ଖୁଣ୍ଟୁଣୀରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ରବିବାର କୋଭିଡ୍ କଟକଣା ମଧରେ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମାଠାରୁ ଖୁଣ୍ଟୁଣୀର ବିଭିନ୍ନ ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପୂଜା କମିଟି ପକ୍ଷରୁ ବିନା ଶୋଭାଯାତ୍ରାରେ ମେଢଗୁଡିକୁ ନିଆଯାଇ ଦଣ୍ଡାଫୁଙ୍କାର ଜୋରରେ ବିସର୍ଜନ କରାଯାଇଥିଲା।

### ବୈଜ୍ଞାନିକ ହରିହର ପଟ୍ଟନାୟକଙ୍କ ସ୍ମୃତିସଭା

**କଟକ ଅଫିସ, ୨୮।୧୧:** ବିଶିଷ୍ଟ ବୈଜ୍ଞାନିକ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କଟକ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟିରରେ ଏକ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଡ. ହରିହର ପଟ୍ଟନାୟକ ସ୍ମୃତି ସଂସଦ ଉପସଭାପତି ସତ୍ୟ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ସୁଦର୍ଶନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦିଲୀପ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଥିବାବେଳେ ସୁଭାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ଭୁବନାନନ୍ଦ ମହାନ୍ତି, ବିଚିତ୍ରାନନ୍ଦ ମିଶ୍ର, ପ୍ରଶାନ୍ତ କୁମାର ଜେନା, ଚୌଧୁରୀ ଶରତ ଚନ୍ଦ୍ର ଦାସ, ମିଳନ ବଡୁ ପ୍ରମୁଖ ଉପସ୍ଥିତ ଥିଲେ।

### ନଖରା ଅଷ୍ଟମୀ ଯାତ୍ରା ଉଦ୍‌ଯାପିତ

**ଚୌଦ୍ୱାର,୨୮।୧୧(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନଖରାର ପ୍ରସିଦ୍ଧ ଅଷ୍ଟମୀ ଯାତ୍ରା ଓ କାର୍ତ୍ତିକେଶ୍ୱର ମେଳଣ ଉଦ୍‌ଯାପିତ ହୋଇଯାଇଛି। ନଖରା, ଶାଳଗାଁ ଓ ଆଗ୍ରାହାଟ ପଞ୍ଚାୟତ ଅଧୀନ ବିଭିନ୍ନ ସାହିର ମଣ୍ଡପରେ କୁମାର ପୂର୍ଣ୍ଣିମାଠାରୁ ପୂଜା ପାଉଥିବା ୨୦ଟି କାର୍ତ୍ତିକେଶ୍ୱର ଓ ହରପାର୍ବତୀ ମେଢ଼ ରବିବାର ସନ୍ଧ୍ୟାରେ ନଖରା ଯାତ୍ରାପଡ଼ିଆରେ ଏକତ୍ରିତ ହୋଇଥିଲା। ସେଠାରେ ଯାତ୍ରା କମିଟି ପକ୍ଷରୁ ଛନ୍ଦା ପ୍ରଦାନ କରାଯିବା ପରେ ମେଢ଼ଗୁଡ଼ିକୁ ନିଆଯାଇ ବିଭିନ୍ନ ସାହି ପୋଖରୀରେ ବିସର୍ଜନ କରାଯାଇଥିଲା। କରୋନା କଟକଣା ହେତୁ ଯାତ୍ରା ପଡ଼ିଆ ଖାଁ ଖାଁ ଦେଖିବାକୁ ମିଳିଥିଲା। ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ୨ ପ୍ଲାଟୁନ୍ ଫୋର୍ସ ଯାତ୍ରା ପଡ଼ିଆରେ ମୁତୟନ କରାଯାଇଥିଲା। ଯାତ୍ରା କମିଟି ସଭାପତି ଭୀମସେନ ତ୍ରିପାଠୀ, ସମ୍ପାଦକ ବିଶ୍ୱନାଥ ଶତପଥି, ଧରଣୀଧର ପାଣିଗ୍ରାହୀଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ହାତୀ ଉପଦ୍ରବ: ଆଖୁ, ଧାନ ଫସଲ ନଷ୍ଟ

**ଖୁଣ୍ଟୁଣୀ, ୨୮।୧୧(ଡି.ଏନ.ଏ.)**

- କ୍ଷତିପୂରଣ ଦାବି କଲେ ଚାଷୀ
- ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ହେଉନାହିଁ
- ବଢୁଛି ଜନଅସନ୍ତୋଷ


ହାତୀପଲ ନଷ୍ଟ କରିଥିବା ଧାନ ଫସଲ।

ଖୁଣ୍ଟୁଣୀ ବନାଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ସନ୍ଧ୍ୟା ହେଲେ ନିକଟସ୍ଥ ଜଙ୍ଗଲରୁ ହାତୀପଲ ରାସ୍ତାପାର ହୋଇ ଆସି ଗ୍ରାମାଭିମୁଖୀ ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡୁଛନ୍ତି। ଏପରି କି ବାହାକୁ ଯିବା ପାଇଁ ନିରାପଦ ମଣୁନାହାନ୍ତି। ହାତୀପଲ ରାତିରେ ଗ୍ରାମର ଲୋକଙ୍କ ଜମିରେ ପଶି ବ୍ୟାପକ ଫସଲ ସହ ବାଡିବଗିଚାରେ ଥିବା ବିଭିନ୍ନ ଗଛ ନଷ୍ଟ କରୁଛନ୍ତି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଏପରି କି ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ହାନି ଘଟୁଛି। ଏ ସମ୍ପର୍କରେ ଗ୍ରାମବାସୀ ବନ ବିଭାଗ ନିକଟରେ ଅଭିଯୋଗ କଲେ ମଧ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ଲୋକମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ତୁରନ୍ତ ଏ ଦିଗରେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ଚାଷୀମାନେ ବନ ବିଭାଗ ନିକଟରେ ଦାବି କରିଛନ୍ତି।

ଶନିବାର ରାତିରେ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ମଞ୍ଜେଶ୍ୱର ପଞ୍ଚାୟତ ନାରଙ୍ଗବସ୍ତ ଗ୍ରାମରେ ହାଦୀ ଉପଦ୍ରବ ଦେଖିବାକୁ ମିଳିଥିଲା। ପ୍ରାୟ ୨୨ଟି ହାତୀ ଗ୍ରାମର ସୁକୁଟା ମଲ୍ଲିକ, ପ୍ରଶାନ୍ତ ରାଉତ, ପଞ୍ଚାନନ ଖଟୁଆ, ନିହାର ଜେନା, ଅଶୋକ ଖଟୁଆ, ସିନ ରାଉତ ଓ ବାବୁ ସ୍ୱାଇଁଙ୍କ ବିଲରେ ପଶି ପାଚିଲା ଧାନ ସହ ଆଖୁ କିଆରୀ ନଷ୍ଟ କରିଥିଲେ। ଏ ସମ୍ପର୍କରେ ସେମାନେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁରଙ୍କୁ ଜଣାଇଛନ୍ତି। ସେହିପରି ରବିବାର ସନ୍ଧ୍ୟାରେ ହାତୀ ପଲ ନିକଟସ୍ଥ ସୁନିଆଁମୁହଁ ସଂରକ୍ଷିତ ଜଙ୍ଗଲରୁ ଆସି ବ୍ରାହ୍ମଣବସ୍ତ, ଲିଙ୍ଗାପଦ, ସୁନିଆଁମୁହଁ ଗ୍ରାମ ନିକଟରେ ବୁଲୁଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଦେଖି ଜଙ୍ଗଲ ବିଭାଗକୁ ଜଣାଇଥିଲେ। ତୁରନ୍ତ ହାତୀ ଘଉଡାଇବା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଧାନ, ଆଖୁ ଓ ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କା ରହିଛି ବୋଲି ଚାଷୀମାନେ କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ମାଥୁର କହିଛନ୍ତି, ଚାଷୀମାନେ ଦରଖାସ୍ତ ଦେବା ପରେ କ୍ଷତିପୂରଣ ବ୍ୟବସ୍ଥା କରାଯିବ।


ଭୁବନେଶ୍ୱର ୭ମ ବାଟାଲିୟନରେ ସେଭେନହର୍ସ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଯୁବତୀଯୁବକଙ୍କୁ ମାଗଣାରେ ମିଲିଟାରୀ ଟ୍ରେନିଂ ଦିଆଯାଉଛି।

## 'ନିଃସ୍ୱାର୍ଥପର ସେବା ହେଉଛି ପ୍ରକୃତ ଧର୍ମ'

**କଟକ ଅଫିସ, ୨୮।୧୧**

ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ କଟକ ଶାଖା ପକ୍ଷରୁ 'ସ୍ୱାମୀ ବିବେକାନନ୍ଦଙ୍କ ବିଶ୍ୱକୁ ବାର୍ତ୍ତା' ଶୀର୍ଷକ ଆଲୋଚନାଚକ୍ର ସିଡିଏସ୍ଥିତ ଟ୍ୟାକ୍ସ ବାର୍ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତାମିଲନାଡୁ କନ୍ୟାକୁମାରୀସ୍ଥିତ ବିବେକାନନ୍ଦ ଶିଳା ସ୍ମାରକୀର ସ୍ୱର୍ଣ୍ଣ ଜୟନ୍ତୀ ଉପଲକ୍ଷେ କଟକ ଶାଖା ପକ୍ଷରୁ ଉକ୍ତ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତତ୍ତ୍ୱକନ୍ଦର ମିଶ୍ର ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶ ଓ ନିଃସ୍ୱାର୍ଥପର ସେବା ଉପରେ ଆଲୋକପାତ କରିଥିଲେ। ନିଃସ୍ୱାର୍ଥପର ସେବା ହେଉଛି ପ୍ରକୃତ ଧର୍ମ ବୋଲି ମିଶ୍ର କହିଥିଲେ। ନଗର ପ୍ରମୁଖ ତାରାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡ. ପ୍ରଭାତୀ ମିତ୍ର, ବିଶ୍ୱରୂପ ସିଂ, ଓମ୍ କର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ପ୍ରାନ୍ତ ସଙ୍ଗଠକ ରବି ନାଇଡୁ ବିବେକାନନ୍ଦ କେନ୍ଦ୍ରର ପରିଚୟ ପ୍ରଦାନ ଓ ବସନ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଶୀତ ଉତ୍ସବ

**ନରସିଂହପୁର, ୨୮।୧୧(ସ୍ୱ.ପ୍ର.)**

ନରସିଂହପୁର ପର୍ଯ୍ୟଟନ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ରବିବାର ଶୀତ ଉତ୍ସବ ୨୦୨୧ ଅନୁଷ୍ଠିତ ହୋଇଯାଇଛି। ଶୀତ ଉତ୍ସବ କମିଟିର ସଭାପତି ଦେବଦତ୍ତ ମଳୟ କୁମାର ବରାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ, ଆଧୁନିକ ଓ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଉତ୍ସବରେ ଦେବରାଜ ସ୍ୱାଇଁ, ରବୀନ୍ଦ୍ର ନାଥ ସାହୁ, ବିରଞ୍ଚି ନାରାୟଣ ସାହୁ ଓ ରାଜ କିଶୋର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନୃତ୍ୟ ନାଟିକାରେ ଉତ୍କଳମଣିଙ୍କ ଜୀବନ କାହାଣୀ

- ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ
- ନୃତ୍ୟଶିଳ୍ପୀ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନ

**କଟକ ଅଫିସ,୨୮।୧୧**


ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଉଛି।

ଶିକ୍ଷା, ସେବା ଓ ବଳିଦାନର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସ ଆଜି ବି ଘରେ ଘରେ ପରିଚିତ। ସେ ତ୍ୟାଗ ଓ ତପସ୍ୟାର ନିଦର୍ଶନ। ତାଙ୍କ ସଂଗ୍ରାମୀ ଜୀବନର କାହାଣୀକୁ ନେଇ କଟକ ଶହୀଦ ଭବନରେ ମଞ୍ଚସ୍ଥ ହୋଇଥିଲା ନୃତ୍ୟ ନାଟିକା 'ସବୁରି ବନ୍ଧୁ ଗୋପବନ୍ଧୁ'। ଓଡ଼ିଶୀ ନୃତ୍ୟ ଗୁରୁ ମୀରା ଦାସଙ୍କ ସହ ଅନ୍ୟ ଶିଳ୍ପୀମାନେ ଏହି ନୃତ୍ୟ ନାଟିକା ପରିବେଷଣ କରିଥିଲେ। ରବିବାର କଟକ ଶହୀଦ ଭବନରେ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସୋନାଲ ମାନସିଂ ଯୋଗଦେଇ କହିଥିଲେ, ନୃତ୍ୟ ମାଧ୍ୟମରେ ଅନେକଙ୍କ ହୃଦୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଭବିଷ୍ୟତରେ ଯେଉଁମାନେ ଯେକୌଣସି କାର୍ଯ୍ୟରେ ଆଗକୁ ବଢିବାକୁ ଚାହୁଁଛନ୍ତି, ସେମାନେ ହୃଦୟରେ ସବୁବେଳେ ଅଗ୍ନିଶିଖାକୁ ପ୍ରଜ୍ଜ୍ୱଳିତ କରି ରଖିବା ଆବଶ୍ୟକ। ଅନୁଷ୍ଠାନର ସମ୍ପାଦକ ମୀରା ଦାସ କହିଛନ୍ତି, ନୃତ୍ୟ ଓ ସଙ୍ଗୀତ ପାଇଁ ଗୁଞ୍ଜନ ୨୫ ବର୍ଷର ଯାତ୍ରା ଅତିକ୍ରମ କରିପାରିଛି। ଏହି ଅବସରରେ ନୃତ୍ୟଶିଳ୍ପୀ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଆୟକର ବିଭାଗର ମନୋରଞ୍ଜନ ପାଣିଗ୍ରାହୀ, ସଂସ୍କୃତି ବିଭାଗ ମୁଖ୍ୟ ରଞ୍ଜନ ଦାସ, ଗୁଞ୍ଜନର ସଭାପତି ଗାୟତ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।

# ୫ ମାସ ବିତିଲା, ମିଳିନି ତଦନ୍ତ ରିପୋର୍ଟ

**କଟକ ସଦର, ୨୮।୧୧(ଡି.ଏନ.ଏ.)**

**ଉରାଳି ପଞ୍ଚାୟତ ଅର୍ଥ ତୋସରପାତ ମାମଲା**

କଟକ ସଦର ବ୍ଲକ ଅନ୍ତର୍ଗତ ଉରାଳି ପଞ୍ଚାୟତରେ ଟିକସ ବାବଦ ଆଦାୟ କରାଯାଇଥିବା ଅର୍ଥରୁ ୫୪ ହଜାର ଟଙ୍କା ତୋସରପାତ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବା ପାଇଁ କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ପତ୍ରସଂଖ୍ୟା ୫୮୫୫/୨୧।୬।୨୦୨୧ରେ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧରେ ୫ ମାସ ବିତିଯାଇଥିଲେ ସୁଦ୍ଧା ବିଡିଓଙ୍କ ତଦନ୍ତ ରିପୋର୍ଟ ଉପଜିଲାପାଳଙ୍କ ହସ୍ତଗତ ହୋଇପାରିନାହିଁ ବୋଲି କଟକ ଜିଲା ଭାଜପା ଉପସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଉପ ଜିଲାପାଳଙ୍କ କାର୍ଯ୍ୟାଳୟରୁ ୩ ଥର ରିମାଇଣ୍ଡର ଆସିବା ପରେ ମଧ ତଦନ୍ତ ରିପୋର୍ଟକୁ ପଠାଯାଇନାହିଁ ବୋଲି ପ୍ରଧାନ ଗଣମାଧ୍ୟମକୁ ଜଣାଇଛନ୍ତି। ଘଟଣାରୁ ପ୍ରକାଶ, ଉକ୍ତ ପଞ୍ଚାୟତରେ ଟିକସ ବାବଦକୁ ଏକ ଘରୋଇ କମ୍ପାନୀ ଠାରୁ ୨୦୨୦-୨୦୨୧ ଆର୍ଥିକ ବର୍ଷରେ ୬୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ପରେ ଚଞ୍ଚକତା କରାଯାଇ ପଞ୍ଚାୟତ ଆକାଉଣ୍ଟରେ ୬ ହଜାର ଟଙ୍କା ଜମା କରାଯାଇ ବାକି ଅର୍ଥ ତୋସରପାତ କରାଯାଇଥିଲା। ଏହି ଘଟଣା ପ୍ରଥମେ ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଗୀତା ଆଚାର୍ଯ୍ୟଙ୍କ ଦୃଷ୍ଟିକୁ ଆସିଥିଲା। ଉପଜିଲାପାଳ ବେଉରାଙ୍କ ନିର୍ଦ୍ଦେଶକ୍ରମେ ଆଚାର୍ଯ୍ୟ ତଦନ୍ତ କରିଥିଲେ। ତଦନ୍ତବେଳେ ୫୪ ହଜାର ଟଙ୍କା ତୋସରପାତ କରାଯାଇଥିବା ଜଣାପଡିଥିଲା। ପରେ ଉକ୍ତ ଟଙ୍କାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥସାରଥି ଦାସ ପଞ୍ଚାୟତ ଆକାଉଣ୍ଟରେ ଜୁନ୍ ୮ ତାରିଖରେ ଜମା କରିଥିଲେ। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି, ତାହାର ତଦନ୍ତ କରି ଜୁନ୍ ୩୦ ତାରିଖ ସୁଦ୍ଧା ରିପୋର୍ଟ ଦେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶନାମାକୁ ଭିତ୍ତିକରି ବିଡିଓ ପରିଡ଼ା ଏକ କମିଟି ଗଠନ କରି ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ଓ ଆକାଉଣ୍ଟସ ଅଫିସର ସରିତିକା ବିଶ୍ୱାଳଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜୁଲାଇ ୬ ତାରିଖରେ ଭାଜପା ପକ୍ଷରୁ ବିଡ଼ିଓଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଅଭିଯୋଗ ସମ୍ପର୍କରେ ବିଡିଓ ପରିଡ଼ା କୌଣସି ମନ୍ତବ୍ୟ ଦେବା ପାଇଁ ମନା କରିଥିଲେ। ଅନ୍ୟ ପକ୍ଷରେ ବିଡ଼ିଓଙ୍କ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ବେଉରା କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶକ୍ତିମାନ


@ ସୁଦୀପ୍ତ


@ ଲିପ୍‌ସା


@ ଦୀପା


@ ଦେବୀପ୍ରସାଦ


@ ସତୀଶ

## 'ଜାତିର ସ୍ୱର'ର ସ୍ୱନକ୍ଷତ୍ର ଉତ୍ସବ


ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୨୮।୧୧**

କଳ୍ପନା ସାହିତ୍ୟ ସାଂସ୍କୃତିକ, ସାମାଜିକ ପରିଷଦ ପକ୍ଷରୁ ଦୈନିକ ଖବରକାଗଜ 'ଜାତିର ସ୍ୱର'ର ପ୍ରଥମ ବାର୍ଷିକୀ ସ୍ୱନକ୍ଷତ୍ର ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଆଲୋଚନାଚକ୍ରରେ ମାନସୀ ବେହୁରା ଅଧକ୍ଷତା କରିଥିଲାବେଳେ ମୁଖ୍ୟବକ୍ତା ଭାବେ ଅକ୍ଷୟ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ରମାକାନ୍ତ ମାହାଳି, ସ୍ୱାଗତିକା ସାହୁ ଓ ଡ. ବିଦ୍ୟୁତପ୍ରଭା ମିଶ୍ର ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନକୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅଶ୍ୱିନୀ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଅର୍ଥ ସେବା ଅଧିକାରୀ ସଂଗ୍ରାମ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ମନୀଷା ରାୟ, ମନୋଜ ମଞ୍ଜରୀ ଦେଓ ଏବଂ ବନ୍ଦନା ନାୟକ ଯୋଗଦେଇଥିଲେ। ଜାତିର ସ୍ୱର ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା ଓ ସୌଭାଗିନୀ ଜେନା ଧନ୍ୟବାଦ ଦେଇଥିଲେ।


ଭୁବନେଶ୍ୱରସ୍ଥିତ ବିଜୁ ନାଟ୍ୟ କେନ୍ଦ୍ରରେ ଆୟୋଜିତ ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାରର ୩୬ତମ ନାଟ୍ୟଚକ୍ର କାର୍ଯ୍ୟକ୍ରମରେ ରବିବାର ପରିବେଷିତ ନାଟକ 'ଶକୁନ୍ତଳା'ର ଏକ ଦୃଶ୍ୟ।



ନିମାପଡା ବାରବାଟି ମିନି ଷ୍ଟାଡ଼ିୟମରେ ରବିବାର ଅନୁଷ୍ଠିତ ୭ମ ରାଜ୍ୟସ୍ତରୀୟ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଯୋଗ ଦେଇଥିବା ଅତିଥିମାନେ।


ଖୋର୍ଦ୍ଧା ନବୀନାବାଗସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ପରିସରରେ ଯୁବ ସଙ୍ଗଠକ ଦେବାଶିଷ ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଆୟୋଜିତ ସ୍ମୃତିସଭାକୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶୁଭାରମ୍ଭ କରୁଛନ୍ତି।

## ଶହୀଦ ରଘୁ ସର୍ଦ୍ଦାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଫୁଲନଖରା, ୨୮।୧୧(ଡି.ଏନ.ଏ.)**

ବାଲିଅନ୍ତା ଥାନା ଅନ୍ତର୍ଗତ ନଖରା ଗ୍ରାମର ଲକ୍ଷେଶ୍ୱର ମନ୍ଦିର ନିକଟ ଏସ୍‌ଆର୍‌ଏସ୍ ମାର୍କେଟ କମ୍ପ୍ଲେକ୍ସରେ ଶହୀଦ ରଘୁ ସର୍ଦ୍ଦାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଶହୀଦ ରଘୁ ସର୍ଦ୍ଦାର ସମିତି ସଭାପତି ଡା. ବିଶ୍ୱନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଉପଲକ୍ଷେ ସମିତି ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ଦାଶ, କେଦାରନାଥ ଜେନା, ଯୁଧିଷ୍ଠିର ଖଟୁଆ, ସୁଜ୍ଞାନୀ ଚୌଧୁରୀ, ସୁରେନ୍ଦ୍ର ନାଥ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ୧୮୯୨ ମସିହାରେ କଟକ ସଦର ଥାନା ଅନ୍ତର୍ଗତ ୪୨ ମୌଜାର ବରାଳ ଗ୍ରାମରେ ଜନ୍ମଗ୍ରହଣ କରିଥିବା ରଘୁ ଇଂରେଜ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଶେଷରେ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖରେ କଲିକତାରେ ଇଂରେଜମାନେ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ତାଙ୍କର ଦେଶ ପ୍ରେମ ପାଇଁ ସେ ଆଜି ଆମର ହୋଇରହିଛନ୍ତି।

# ଏସ୍‌ଏଚ୍‌ଜି କାର୍ଯ୍ୟକୁ କେନ୍ଦ୍ର ସଚିବଙ୍କ ପ୍ରଶଂସା

**ଭୁବନେଶ୍ୱର,(ବ୍ୟୁରୋ)/ ପିପିଲି,୨୮।୧୧ (ସ୍ୱ.ପ୍ର.)**

ଓଡ଼ିଶାରେ ସହରୀ ବିକାଶ ତଥା ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ମିଶନ ଶକ୍ତି ଏସ୍‌ଏଚ୍‌ଜି ଏବଂ ତୃତୀୟ ଲିଙ୍ଗ ଗୋଷ୍ଠୀର ପ୍ରଭାବଶାଳୀ ଅଂଶଗ୍ରହଣକୁ କେନ୍ଦ୍ର ଗୃହ ଓ ନଗର ମନ୍ତ୍ରଣାଳୟର ସଚିବ ଦୁର୍ଗା ଶଙ୍କର ମିଶ୍ର ପ୍ରଶଂସା କରିଛନ୍ତି। ଜଳ ଯୋଗାଣ ଓ ପରିମଳ ସଙ୍ଗଠନ କାର୍ଯ୍ୟକ୍ରମର ଶୁଭାରମ୍ଭ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ଦୁର୍ଗା ଶଙ୍କର ରବିବାର ଭୁବନେଶ୍ୱର ଓ ପୁରୀର ବହୁ ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେ ପିପିଲି ପରିଦର୍ଶନ କରି ଡାଇମଣ୍ଡ ଚାନ୍ଦୁଆ ସେଣ୍ଟରରେ କିରଣ ଏରିଆ ଲେଭଲ ଫେଡେରେଶନର(ଏଏଲ୍‌ଏଫ୍)ର ସଦସ୍ୟଙ୍କ ସହ ଚାନ୍ଦୁଆ ତିଆରି, ବ୍ୟବସାୟ, ରୋଜଗାର ଆଦି ବିଷୟରେ ପଚାରି ବୁଝିଥିଲେ। ସହରୀ ବିକାଶ ଏଜେନ୍ସି(ସୁଡା) ମହିଳା ଏସ୍‌ଏଚ୍‌ଜିଗୁଡ଼ିକର ଆୟ ବୃଦ୍ଧି ଏବଂ ଉନ୍ନତ ଜୀବିକା ନିର୍ବାହ ପାଇଁ ନେଇଥିବା



ପିପିଲିରେ ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ଗୃହ ଏବଂ ନଗର ମନ୍ତ୍ରଣାଳୟର ସଚିବ ଦୁର୍ଗା ଶଙ୍କର ମିଶ୍ର ଓ ଅନ୍ୟମାନେ।

କାର୍ଯ୍ୟ ସମ୍ପର୍କରେ ଜାଣିବା ପରେ ସଚିବ ଆନନ୍ଦ ପ୍ରକାଶ କରିଥିଲେ। ଦେଶରେ ଡିଏୱାଇ ଏନ୍‌ୟୁଏଲ୍‌ଏମ୍ ଅଧୀନରେ ସହରୀ ଦାରିଦ୍ର୍ୟ ଦୂରୀକରଣର ଏକ ପ୍ରମୁଖ ଉଦାହରଣ ଭାବରେ ଆମାଜନ ଭଳି ଇଣ୍ଡିଆ ଇ-କମର୍ସ ପ୍ଲାଟଫର୍ମକୁ ଏସ୍‌ଏଚ୍‌ଜିଗୁଡ଼ିକୁ ଲିଙ୍କ୍ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଏଲ୍‌ଏଫ୍‌ର କିରଣ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପ୍‌କାର୍ଟରେ ରହିଥିବା ଜାଣି ସେ ଖୁସିବ୍ୟକ୍ତ କରିଥିଲେ। ଏହା ପୂର୍ବରୁ ଦୁର୍ଗା ଶଙ୍କର ଭୁବନେଶ୍ୱରରେ ପାର୍କିଂ ଫି' ସଂଗ୍ରହରେ ନିୟୋଜିତ କିନ୍ନର ଗୋଷ୍ଠୀ ସଦସ୍ୟଙ୍କ ସହ କଥା ହୋଇଥିଲେ। ସହରାଞ୍ଚଳ ଉପଯୋଗୀ ସେବା ଯୋଗାଇବାରେ ମହିଳା ଏବଂ ସମ୍ପ୍ରଦାୟକୁ ସଶକ୍ତ କରିବାରେ ଓଡ଼ିଶା ଏକ ମାନଦଣ୍ଡ ସ୍ଥିର କରିଛି ବୋଲି ସେ କହିଥିଲେ।

### ସହରୀ ବିକାଶ କାର୍ଯ୍ୟକ୍ରମ

ଏହି ଅବସରରେ ସୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ସଚିବଙ୍କୁ ମିଶନ ଶକ୍ତି ଏସ୍‌ଏଚ୍‌ଜିଗୁଡ଼ିକ ସହିତ ବିଭିନ୍ନ ଅଭିନବ ହସ୍ତକ୍ଷେପ ଏବଂ ସହଭାଗିତା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତିନିଧି ଦଳରେ ଆସିଥିବା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବିକାଶ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନ ଜଟଣୀଠାରେ ମିଶନ ଶକ୍ତି ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ହେଉଥିବା ଅନ୍ୟାନ୍ୟ ସହରାଞ୍ଚଳ ଭିତ୍ତିଭୂମି ସୁବିଧା ପରିଦର୍ଶନ କରିଥିଲେ। ସ୍ଥାନୀୟ ମହିଳା ଓ ତୃତୀୟ ଲିଙ୍ଗ ଏସ୍‌ଏଚ୍‌ଜି ସହିତ ଗଠିତ ପ୍ରଭାବଶାଳୀ ସହଭାଗିତାକୁ ପ୍ରଶଂସା କରି ସେ କହିଥିଲେ, ଓଡ଼ିଶାରେ ସମ୍ପ୍ରଦାୟର ସହଭାଗୀତା ମଡେଲ ଆଶ୍ଚର୍ଯ୍ୟଜନକ ଏବଂ ପ୍ରେରଣାଦାୟକ।

## କ୍ରିକେଟ ଟୁର୍ନାମେଣ୍ଟ: ନାଇଟ ରାଇଡର୍ସ ଚାମ୍ପିୟନ

**ସାଲେପୁର,୨୮।୧୧(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ବ୍ୟାରେଜ ପଡ଼ିଆରେ ଡିଡିଏଲ୍ ରି-ୟୁନିଅନ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୋଲଣପୁର ନାଇଟ ରାଇଡର୍ସ ଚାମ୍ପିୟନ ହୋଇଥିଲା। ମ୍ୟାଚରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନାଇଟ ରାଇଡର୍ସ ଓ ଚନ୍ଦ୍ରାଦେଇପୁର ବ୍ଲାଷ୍ଟର୍ସ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଚନ୍ଦ୍ରାଦେଇପୁର୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୨ ଉଇକେଟ୍ ହରାଇ ୮୦ ରନ ସଂଗ୍ରହ କରିଥିଲା। ଜବାବ୍‌ରେ କୋଲଣପୁର ଟିମ୍ ୬ ଓଭରରେ ୫ ଉଇକେଟ୍ ହରାଇ ୮୧ ରନ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥିଭାବେ କଂଗ୍ରେସ ନେତା ଆକ୍ୱିବ ଖାନ ଓ ଅନ୍ୟତମ ଅତିଥିଭାବେ ସାଲେପୁର ବ୍ଲକ କଂଗ୍ରେସ କମିଟି ସଭାପତି ବେଣୁଧର ପ୍ରଧାନ, ପୂର୍ବତନ ସମିତି ସଭ୍ୟ ସୟଦ ସଫିଉଲ୍ଲ ଆଲ୍ଲାମ ଯୋଗଦେଇଥିଲେ। ମୁଖ୍ୟଅତିଥି ବିଜୟୀ ଟିମ୍‌କୁ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଅର୍ଥରାଶି ସହ କପ୍ ପ୍ରଦାନ କରିଥିଲେ। ରିୟାଜ ଖାନ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ବିକାଶ ଦାଶ, ବାଉଁ ଦାସ ଓ କୁନୁ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଦୁଃସାହସିକ ସାଇକେଲ ଚାଳନା, ପର୍ବତ ରୋହଣ କାର୍ଯ୍ୟକ୍ରମ

**ଆଠଗଡ଼,୨୮।୧୧(ସ୍ୱ.ପ୍ର.)**

ଆଠଗଡ଼ ସହର ଚାନ୍ଦବାଲି ଛକ ହନୁମାନ ମନ୍ଦିରଠାରୁ କନ୍ଦରପୁରସ୍ଥିତ ଅମଙ୍ଗେଇ କୁଦ ପର୍ଯ୍ୟନ୍ତ ରବିବାର ଦୁଃସାହସିକ ସାଇକେଲ ଚାଳନା ଓ ପର୍ବତ ରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କାଉଟ୍ ଓ ଗାଇଡ୍ସର ଓଡ଼ିଶା ଶାଖା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ସ୍ୱାଧୀନ ପଣ୍ଡା ପୌରୋହିତ୍ୟ କରିଥିଲେ। ଆଠଗଡ଼ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଓଡ଼ିଶା ସଶସ୍ତ୍ର ପୋଲିସ ବାହିନୀର କମାଣ୍ଡର ସୁଧୀର ବେହେରା, ସାମାଜିକ କର୍ମୀ ଦିଲୀପ ଛତାର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଶ୍ୱନାଥ ବିଦ୍ୟାପୀଠ, ମାଧବ ସାମନ୍ତସିଂହାର ବିଦ୍ୟାପୀଠ ଆଦିରୁ ୧୩୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ୫ ଜଣିଆ ସ୍ୱେଚ୍ଛାସେବୀ ଟିମ୍ ସାଇକେଲ ଯୋଗେ କଟକରୁ ଆସି ଏଥିରେ ଯୋଗଦେଇଥିଲେ। ଅଧ୍ୟାପିକା ଗାୟତ୍ରୀ ତ୍ରିପାଠୀ,ବିଜୟ ଲକ୍ଷ୍ମୀ ମହାନ୍ତି, ସତୀଶ କୁମାର ସାହୁ, ନମିତା ବିଶୋଇ, ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଏହାକୁ ସଂଯୋଜନା କରିଥିଲେ।

# 'ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହୁଅନ୍ତୁ'

**କଟକ ଅଫିସ, ୨୮।୧୧**

ଦୟାନିଧି ସ୍ମୃତି କଳା ପରିଷଦର ବାର୍ଷିକୋତ୍ସବ କଟକ ଟାଉନ୍ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ କେନ୍ଦ୍ର ଶିକ୍ଷା ସଚିବ ଡ. ଅରୁଣ କୁମାର ରଥ ଉଦ୍‌ଘାଟନ କରି କହିଥିଲେ, ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ। ଓଡ଼ିଶୀ ଶାସ୍ତ୍ରୀୟ ମାନ୍ୟତା ପ୍ରତିପାଦନ ପାଇଁ ଉଦ୍ୟମ ହେବା ଆବଶ୍ୟକ। ଗୁରୁ ଦୟାନିଧି ଦାସ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ଅନନ୍ୟ ସାଧକ ଥିଲେ ବୋଲି ରଥ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ କହିଥିଲେ, ଗୁରୁ ଦୟାନିଧିଙ୍କ ଓଡ଼ିଶୀ ନୃତ୍ୟ ଜଗତକୁ ଅବଦାନ ପାଇଁ ତାଙ୍କୁ ଜାତି ଚିରଦିନ ମନେ ରଖିବ। ପାଠ୍ୟକ୍ରମ ଓ ଉପଯୁକ୍ତ ଶୈଳୀରେ ଓଡ଼ିଶୀ ଶିକ୍ଷାଦାନ ପାଇଁ ସେ ସ୍ମରଣୀୟ ହୋଇ ରହିବେ। ତାଙ୍କର ସୃଷ୍ଟି ସମ୍ଭାର ଉପରେ ଅଧିକରୁ ଅଧିକ ଗବେଷଣା ହେବା ଆବଶ୍ୟକ ବୋଲି ସାମଲ କହିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'କଳାସୃଜନୀ' ଉନ୍ମୋଚିତ ହୋଇଥିଲା। ଏଥିରେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କଲୋନେଲେ କ୍ଷୀତିଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ, ସମ୍ପାଦିକା ଡ. ବିଜୟଲକ୍ଷ୍ମୀ ଦାସ ସମ୍ପାଦକୀୟ ବିବରଣୀ ଓ ଉପସଭାପତି ଶ୍ୟାମ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।




କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପ୍ଲାଟିନମ୍ ଜୁବିଲି ପାଳନ ଅବସରରେ ରବିବାର ଏସ୍‌ସିବି ନୂଆ ସେଣ୍ଟ୍ରାଲ ହଲ୍‌ରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅଭିନେତା ଆକାଶ ଦାସ ନାୟକ ଉଦ୍‌ବୋଧନ ଦେଉଛନ୍ତି।

# 'ଡାଲଚିନି'କୁ 'ବେଷ୍ଟ ଫିଚର ଫିଲ୍ମ' ଆୱାର୍ଡ

**ଭୁବନେଶ୍ୱର, ୨୮।୧୧ (ବ୍ୟୁରୋ)**

ଅନ୍ତର୍ଜାତୀୟ ସ୍ତରରେ ପୁଣି ଓଡ଼ିଶା ପାଇଁ ସୁନାମ ଆଣିଛି ଓଡ଼ିଆ ଚଳଚ୍ଚିତ୍ର। ଚିତ୍ରପ୍ରିୟା ପ୍ରଡକ୍ସନ୍ସର ଚଳଚ୍ଚିତ୍ର 'ଡାଲଚିନି'କୁ ୭ମ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଅଫ୍ ସିମ୍ଲାରେ 'ବେଷ୍ଟ ଫିଚର ଫିଲ୍ମ' ଆୱାର୍ଡ ମିଳିଛି। ଅତିଶ କୁମାର ରାଉତଙ୍କ ପ୍ରଯୋଜନାରେ ନିର୍ମିତ ଚଳଚ୍ଚିତ୍ରଟି ଫେଷ୍ଟିଭାଲରେ ବେଶ୍ ପ୍ରଶଂସା ସାଉଣ୍ଟିଛି। ଫେଷ୍ଟିଭାଲ ପାଇଁ ବିଶ୍ୱର ୧୭ ଦେଶରୁ ବିଭିନ୍ନ ଭାଷାର ପ୍ରାୟ ୫ଶହ ଚଳଚ୍ଚିତ୍ର ଆସିଥିଲା। ସେଥିରୁ ବେଷ୍ଟ ୫୮ ଚଳଚ୍ଚିତ୍ର ମନୋନୀତ ହୋଇଥିବାବେଳେ 'ଡାଲ୍‌ଚିନି' ଟାଇଟଲ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ପ୍ରଯୋଜକ ତଥା କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ରୀୟ ପ୍ରଧାନଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି।

ଜଣେ ଯୁବକର ଭ୍ରମଣ କାହାଣୀକୁ ନେଇ ଚଳଚ୍ଚିତ୍ର ଗତିଶୀଳ ହୋଇଛି। ଏଥିରେ ଓଡ଼ିଶାର କେତେକ ପର୍ଯ୍ୟଟନସ୍ଥଳକୁ ପ୍ରଦର୍ଶିତ କରାଯାଇଛି। ଜଣେ ଝିଅ ଗାଇଡ୍ ସହିତ ଭ୍ରମଣରୁ କାହାଣୀ ଆରମ୍ଭ ହେବା ପରେ ସମୟ କ୍ରମେ ସେମାନଙ୍କ ମଧ୍ୟରେ




ଜିତେନ୍ଦ୍ରିୟ ପ୍ରଧାନଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

### ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିଲା ଓଡ଼ିଆ ଚଳଚ୍ଚିତ୍ର

କିପରି ପ୍ରେମ ଏବଂ ଅନ୍ୟାନ୍ୟ ଘଟଣା ଘଟୁଛି ତାହାକୁ ଖୁବ୍ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ଶିଶିର ସାହୁ ଓ ପିନାକୀ ସିଂଙ୍କ ନିର୍ଦ୍ଦେଶିତ ଏହି ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ଜେରୀ ସିଲ୍‌ବଭେଷ୍ଟର ଭିନ୍‌ସେନଟ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସୁପ୍ରିୟା ରାଉତଙ୍କ ସହପ୍ରଯୋଜନାରେ ନାୟକ ପାର୍ଥସରଥୀ ରାୟ ଓ ନାୟିକା ସୂର୍ଯ୍ୟମୟୀଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏ ସମ୍ପର୍କରେ ପ୍ରଯୋଜକ ଅତିଶ କୁମାର କହିଛନ୍ତି, ଆମ ରାଜ୍ୟର ପର୍ଯ୍ୟଟନସ୍ଥଳୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଚେଷ୍ଟା କରିଥିଲି, ଯାହାକି ସଫଳ ହୋଇଛି। ଏହା ଓଡ଼ିଶାର ଏକ ମାଇଲ ଖୁଣ୍ଟ ଚଳଚ୍ଚିତ୍ର ହୋଇ ରହିବ। କାର୍ଯ୍ୟକ୍ରମରେ ହିମାଳଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, ଅର୍ବାନ ଡେଭଲପ୍‌ମେଣ୍ଟ, ଟାଉନ୍ ଆଣ୍ଡ୍ କଣ୍ଟ୍ରି ପ୍ଲାନିଂ ମନ୍ତ୍ରୀ ସୁରେଶ ଭରଦ୍ୱାଜ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଜୟ ଉପସ୍ଥିତ ଥିଲେ।

## ଏନ୍‌ଏଫ୍‌ଡିସି ଫିଲ୍ମ ବଜାରରେ ଓଡ଼ିଆ ଚଳଚ୍ଚିତ୍ର 'ସୁକଭାଇର ଶୋଲେ'

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍‌ଏଫ୍‌ଡିସି) ଫିଲ୍ମ ବଜାରରେ ଓଡ଼ିଆ ଚଳଚ୍ଚିତ୍ର 'ସୁକଭାଇର ଶୋଲେ' ପ୍ରଦର୍ଶିତ ହୋଇଛି। ୧୧ ଦେଶରୁ ୨୦ ପ୍ରୋଜେକ୍ଟ ଚୟନ କରାଯାଇଥିବାବେଳେ ନିର୍ଦ୍ଦେଶକ ସ୍ନେହାଶିଷ ଦାସଙ୍କ ଏହି ଚଳଚ୍ଚିତ୍ରଟି ସେଥିରେ ସ୍ଥାନ ପାଇଛି। ଏହି ପ୍ଲାଟ୍‌ଫର୍ମ ଅନ୍ତର୍ଜାତୀୟ ଓ ଦକ୍ଷିଣ ଏସୀୟ ଚଳଚ୍ଚିତ୍ର ଶିଳ୍ପ ମଧ୍ୟରେ ସହଯୋଗକୁ ଉତ୍ସାହିତ କରେ। ଚଳିତ ବର୍ଷ ଭର୍ଚୁଆଲରେ ଅନୁଷ୍ଠିତ ଏନ୍‌ଏଫ୍‌ଡିସି ଫିଲ୍ମ ବଜାରରେ 'ସୁକଭାଇର ଶୋଲେ' ଚଳଚ୍ଚିତ୍ର ଦେଖିବା ପାଇଁ ୩୭ଟି ଦେଶରୁ ପ୍ରାୟ ୩୧୫ ପ୍ରତିନିଧି ଲଗ୍‌ଇନ କରିଥିଲେ। ଶରୀର ଗଠନକୁ ନେଇ ପରିହାସ ଓ ବିଧବା ପୁନଃ ବିବାହ ପ୍ରଥାକୁ ନେଇ ଚଳଚ୍ଚିତ୍ରଟି ଆଧାରିତ ବୋଲି ନିର୍ଦ୍ଦେଶକ ସ୍ନେହାଶିଷ କହିଛନ୍ତି। ଅଭିଜିତ୍ ମିଶ୍ର ଗୀତ ରଚନା କରିବା ସହ ଏଥିରେ କଣ୍ଠଦାନ କରଛନ୍ତି। ଚଳଚ୍ଚିତ୍ରକୁ ସରୋଜ ରାଉଳ ସମ୍ପାଦନା କରିଥିବାବେଳେ ଶ୍ରୀକାନ୍ତ ପଟ୍ଟନାୟକ ଚିତ୍ର ଉତ୍ତୋଳନ କରିଛନ୍ତି। ଅନୁଭା ସୌର୍ଯ୍ୟା, ସତ୍ୟ ରଞ୍ଜନ, ସୁକାନ୍ତ ରଥ, ଜୟପ୍ରକାଶ ଦାସ, ଧରିତ୍ରୀ ଖଣ୍ଡୱାଲ ପ୍ରମୁଖ ଭୂମିକାରେ ରହିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ଆରମ୍ଭରୁ...

ଏବଂ ସେଥିରୁ ୨୧ହଜାର ୮୨୭ ପ୍ୟାକେଟ୍ ଧାନ ବିକ୍ରି ହୋଇଥିବା ଆର୍‌ଏମ୍‌ସି ସୂତ୍ରରୁ ଜଣାପଡ଼ିଛି। ପୂର୍ବବର୍ଷ ଏହି ସମୟରେ ଜିଲାର ସମସ୍ତ ୧୨ଟି ଯାକ ବ୍ଲକର ମଣ୍ଡିରେ ଧାନ କିଣାବିକା ଆରମ୍ଭ ହୋଇଥିଲା। କିନ୍ତୁ ଚଳିତବର୍ଷ ରବିବାର ସୁଦ୍ଧା ଜିଲାର ୩ଟି ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି।

ବରଗଡ଼ ଆର୍‌ଏମ୍‌ସି ଅଧୀନ କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଟି କହିଛନ୍ତି, ସେ ଗତ ୨୨ତାରିଖରୁ କଲାପାଣି ମଣ୍ଡିରେ ଧାନ ଭର୍ତ୍ତି କରିଛନ୍ତି । ଚାଷୀ ପଞ୍ଜୀକରଣ ସମୟରେ କରିଥିବା ଆବେଦନ ଫର୍ମରେ ତାଙ୍କ ଅମଳ ଧାନ ବିକ୍ରି ଦିବସର ତାରିଖ ନଭେମ୍ବର ୧ରୁ ୧୫ତାରିଖ ବୋଲି ଉଲ୍ଲେଖ ରହିଛି। କିନ୍ତୁ ତାଙ୍କ ପାଖକୁ ଯେଉଁ ଏସ୍‌ଏମ୍‌ଏସ୍ ଆସିଛି, ସେଥିରେ ବିକ୍ରି ଦିବସ ଡିସେମ୍ବର ୯ତାରିଖ ବୋଲି ଉଲ୍ଲେଖ ରହିଥିବା ସେ କହିଛନ୍ତି। ଫଳରେ ମଣ୍ଡିରେ ତାଙ୍କ ଧାନ ଥିଲେ ସୁଦ୍ଧା ତାକୁ କିଣାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ଅନେକ ଚାଷୀ ଅଛନ୍ତି, ଧାନ ଅମଳ କରିସାରିଥିଲେ ମଧ୍ୟ ସେମାନଙ୍କୁ ଅମଳ ଧାନ ବିକ୍ରି ପାଇଁ ଟୋକନ ମିଳି ପାରିନାହିଁ। ଅନ୍ୟପକ୍ଷରେ ଅମଳ କରି ନ ଥିବା ଚାଷୀଙ୍କ ପାଖକୁ ଟୋକନ ପହଞ୍ଚି ସାରିଛି। କଲାପାଣି ଗ୍ରାମର ଚାଷୀ ଏକାଦଶିଆ ସାହୁ କହିଛନ୍ତି, ସେ ୪ଶହ ପ୍ୟାକେଟ୍ ଧାନ କଲାପାଣି ମଣ୍ଡିରେ ରଖିଛନ୍ତି । ପରିଚୟ ପତ୍ର ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ନଭେମ୍ବର ୧୫ତାରିଖ ସୁଦ୍ଧା ଧାନ ବିକ୍ରି ଦିବସ ଉଲ୍ଲେଖ କରିଥିଲେ। ମାତ୍ର ଆଜି ସୁଦ୍ଧା ତାଙ୍କୁ ଟୋକନ ମିଳି ନ ଥିବା ଯୋଗୁ ସେ ଧାନ ବିକ୍ରି କରି ପାରିନାହାନ୍ତି। ଏ ନେଇ ବରଗଡ଼ ଆର୍‌ଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କୁ ପଚାରିବାରୁ ଧାନ ସଂଗୃହୀତ ହୋଇଛି, କିନ୍ତୁ ବିକ୍ରି ହୋଇ ପାରି ନ ଥିବା ସେ କହିଥିଲେ।

### ମଣ୍ଡିରେ ଆବଶ୍ୟକ...

ପିପିସିରେ ଭଲ ଇଣ୍ଟରନେଟ୍ ସଂଯୋଗ ଏ ପର୍ଯ୍ୟନ୍ତ କରାଯାଇନାହିଁ। ସେହିପରି ଲୋକଙ୍କ ବସିବା ପାଇଁ ସ୍ଥାନର ବ୍ୟବସ୍ଥା ନ ଥିବା ବେଳେ ପାନୀୟ ଜଳ ସୁବିଧା ନାହିଁ। ଏଥିସହ ଯେଉଁ ଧାନ କିଣା କେନ୍ଦ୍ରରେ ଗୋଦାମଘର ନାହିଁ ସେଗୁଡ଼ିକୁ ଖୋଲାଯିବା ଉଚିତ୍ ନ ଥିଲା ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିବା ବେଳେ ବିଜେଡି ଏହାର ଜବାବ୍ ରଖିଛି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଧାନ ବିକ୍ରିରୁ ଏତେ ଟଙ୍କା ସରକାର ଆଦାୟ କରିବା ସତ୍ତ୍ୱେ କାହିଁକି ଭିତ୍ତିଭୂମି ତିଆରି କରିପାରୁ ନାହାନ୍ତି ତାହା ବୁଝାପଡୁନାହିଁ। ଲୋକଙ୍କ କୋଟି କୋଟି ଟଙ୍କା ପଡ଼ି ରହିଛି ତଥାପି ଏମାନେ ଉନ୍ନତୀକରଣ ଦିଗରେ ସଚେତନ ନୁହନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଧାନ ରଖିବା, ଲୋକମାନେ ବସିବା ଲାଗି ଜାଗା ନାହିଁ। ସାଧାରଣତଃ ପିଇବାକୁ ପାନୀୟ ଜଳର ବ୍ୟବସ୍ଥା କରାଯାଇନି। ସବୁଠାରୁ ଦୁର୍ଭାଗ୍ୟଜନକ କଥା, ମଣ୍ଡିରେ ସିସି କ୍ୟାମେରାର ବ୍ୟବସ୍ଥା କରିବାକୁ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଦେଇଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ବଲାଙ୍ଗୀର ଅପେକ୍ଷା କଳାହାଣ୍ଡିରେ ଧାନ ଅଧିକ ସଂଗ୍ରହ ହେଉଥିବା ବେଳେ ସେଠାରେ କମ୍ ମଣ୍ଡି ରହିବାରୁ ଅଧିକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି।

ବିଜେଡି ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, ୨୦୧୯ ଏବଂ ୨୦୨୦ରେ ରାଜ୍ୟରେ ଯେତିକି ଧାନ ସଂଗ୍ରହ ହୋଇଥିଲା ୨୦୨୧-୨୨ରେ ଅଧିକ ହୋଇଛି। ଚାଷୀମାନେ ଏହି ଧାନ ଦେଇଛନ୍ତି। ଭିତ୍ତିଭୂମି ମଧ୍ୟ ସବୁଠାରେ ଠିକ୍ ଅଛି। ଯେଉଁଠି ଭିତ୍ତିଭୂମି ଖରାପ ଅଛି ସେଠାରେ ବିହିତ ପଦକ୍ଷେପ ନିଆଯାଉଛି।

# ସୂର୍ଯ୍ୟ ଉପାସନାର ସାମାଜିକ ବାର୍ତ୍ତା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

### କୋଣାଦିତ୍ୟରେ ଜଗତମଙ୍ଗଳ କାମନାର ଉପାସନା

**ଐତିହ୍ୟର ଓଡ଼ିଶା**

ଉତ୍ସବକୁ ଐତିହ୍ୟରେ କିପରି ପରିଣତ କରିଥିଲା ଓଡ଼ିଆ ଜାତି ଗୋଟିଏ ଗଣପର୍ବରୁ ତାହା ବିଚାର କଲେ। ସୂର୍ଯ୍ୟଙ୍କ ଉପାସନାର ଶାସ୍ତ୍ରୀୟ ରହସ୍ୟ କିପରି କୋଣାଦିତ୍ୟରେ ପ୍ରଚଳିତ ଥିଲା ତାହା ବି ଅନୁଶୀଳନ କରିବା କଥା। ଅର୍କକ୍ଷେତ୍ରରେ ଉପରଠାଉରିଆ ଉତ୍ସବ କି ଉପାସନା ହେଉ ନ ଥିଲା। ତାହା ମନୋବିଜ୍ଞାନ ଏବଂ ସମାଜବିଜ୍ଞାନ ସମ୍ମତ।

ସନାତନ ପରମ୍ପରାରେ ସୂର୍ଯ୍ୟ ହେଉଛନ୍ତି ପୃଥିବୀର ଚକ୍ଷୁ। ବେଦର ରହସ୍ୟ ଅନୁଯାୟୀ ସେ ଦେହ ଭିତରେ ଅଛନ୍ତି ; ବାହାରେ ବି। ଜଗତ ପାଇଁ ସେ ଶକ୍ତି ବିକିରଣ କରନ୍ତି। ଆଉ ଶରୀର ପାଇଁ! ଶରୀରରେ ଦିବ୍ୟଚେତନାକୁ ପ୍ରକାଶ କରାନ୍ତି। ଋଷି ପରମ୍ପରାରେ ଏଥିପାଇଁ ଜ୍ଞାନର ଶକ୍ତି ଗାୟତ୍ରୀଙ୍କୁ ମାଧ୍ୟମ କରାଯାଏ। ତେଣୁ କୁହାଯାଇଛି ସୂର୍ଯ୍ୟମଣ୍ଡଳର ଶକ୍ତି ହେଉଛନ୍ତି ଗାୟତ୍ରୀ। ଶକ୍ତିର ସ୍ରୋତ ଭାବରେ ଗାୟତ୍ରୀଙ୍କୁ ଉପାସନା କରାଯାଏ। ଦିବ୍ୟତା ତାଙ୍କରି ଦ୍ୱାରା ପ୍ରକାଶିତ ହୁଏ।

ସକାଳେ ସେ ବ୍ରହ୍ମା। ସୃଷ୍ଟି କାର୍ଯ୍ୟ କରନ୍ତି। ସେଥିପାଇଁ କୁହାଯାଏ ବ୍ରହ୍ମଶକ୍ତି ଗାୟତ୍ରୀ। ମଧ୍ୟାହ୍ନରେ ସେ ଦେବଦେବ ମହାଦେବ ହୁଅନ୍ତି। ଜଗତ ଗ୍ରହଣ



ସୂର୍ଯ୍ୟାସ୍ତ ସମୟ। ବିଷ୍ଣୁ ରୂପରେ ଶ୍ରୀସୂର୍ଯ୍ୟନାରାୟଣ। *ଫଟୋ: ଯଜ୍ଞେଶ୍ୱର ମହାନ୍ତି, ପୁରୀ*

କରିଥିବା ସୂର୍ଯ୍ୟଙ୍କ ତାପକୁ ଦ୍ରବୀଭୂତ କରନ୍ତି। ମହାକାଳଙ୍କର ଅନ୍ୟତମ ଶକ୍ତି। ସନ୍ଧ୍ୟାରେ ସେ ବିଷ୍ଣୁ ରୂପରେ ପ୍ରକାଶ ହୁଅନ୍ତି। ସମୟ ଅନୁଯାୟୀ ସୂର୍ଯ୍ୟଶକ୍ତି ଚଳଚଞ୍ଚଳ କରାନ୍ତି ପୃଥିବୀକୁ। କେବଳ ସେତିକି ନୁହେଁ 'ତ୍ରିକାଳ ମହାମାୟା ଅର୍ଚ୍ଚନାବିଧି'ରେ କୁହାଯାଇଛି ପୃଥିବୀରେ ସମସ୍ତ ତ୍ରୁଟି ଓ ଦୋଷକୁ ସେ ଅପସାରଣ କରନ୍ତି।

'ତ୍ରିକାଳ ମହାମାୟା ଅର୍ଚ୍ଚନା ବିଧି' ପୋଥି ଅନୁସାରେ ଆମର ଅର୍କତୀର୍ଥରେ ଉପାସନା ହେଉଥିଲା। ଏଥିରେ ଜଗତମଙ୍ଗଳ କାମନା ମୂଳ ରହସ୍ୟ। କାହିଁକି ନା ବ୍ରହ୍ମବିଦ୍ୟାର ଯେ ହେଉ ସାରତତ୍ତ୍ୱ। ଆମର ପୂର୍ବପୁରୁଷମାନେ ବୁଝିଥିଲେ ଅନ୍ତରୀକ୍ଷରେ ସୂର୍ଯ୍ୟ ଗତି କଲାବେଳେ 'କିରଣ' ମାଧ୍ୟମରେ 'ତାପ' ଦେଇଥାନ୍ତି। ତା'ପରେ ଶକ୍ତି ଭରି ଦିଅନ୍ତି ଗାୟତ୍ରୀ। ସେଇ ତାପ ଆମକୁ ଶକ୍ତିମୟ କରିଥାଏ। ସୂର୍ଯ୍ୟ ରଥରେ ଗତି କଲେ ଶରୀର ରୂପକ ରଥରେ ବର୍ଣ୍ଣମାତୃକା ଗତିଶୀଳ ହୁଅନ୍ତି। ଯାକୁ ସବୁ ଆମ ପଣ୍ଡିତେ ବୁଝିଥିଲେ। ତାକୁ ଉପାସନା ମାଧ୍ୟମରେ ଲୋକ-ସ୍ତରରେ ପ୍ରଚଳନ କରିଥିଲେ। ବ୍ଲାକ୍‌ପାଗୋଡ଼ା କହୁଥିବା ଏବଂ ମିଥୁନ ମୂର୍ତ୍ତିରେ ଅଟକି ରହିଥିବା ବାହାରିଆ ପଣ୍ଡିତମାନେ ରହସ୍ୟ ଭେଦ ନ କରି ଯା' ଇଚ୍ଛା ତା' ଲେଖିଦେଇ ଗଲେ। ନା ବୁଝିଥିଲେ ତୀର୍ଥର ସାମାଜିକ ତତ୍ତ୍ୱ ନା ବୁଝିଥିଲେ ଉପାସନାର ଜଗତମଙ୍ଗଳ କାମନା!

ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ୧୬ଟି ତାଳବରଡ଼ା ପତ୍ରରେ ଲେଖାସରିଥିଲା ଗାୟତ୍ରୀଙ୍କ ରହସ୍ୟ। ମହାଗାୟତ୍ରୀ ମନ୍ଦିର ଶୈଳୀ ପ୍ରଥମେ ଏହି ଓଡ଼ିଆ ଅକ୍ଷର ପୋଥିରୁ ମିଳେ। ଭାଷା ସଂସ୍କୃତ ଓ ଲିପି ଓଡ଼ିଆରେ ଅଙ୍କା ହୋଇଥିଲା ଗାୟତ୍ରୀ ଯନ୍ତ୍ର। ସେ ଯନ୍ତ୍ର ଅଷ୍ଟଦଳ ପଦ୍ମର। ପ୍ରତ୍ୟେକ ଦଳରେ ଗୋଟିଏ ଗୋଟିଏ ଶକ୍ତି ସଂପୁଟ ହୋଇଛନ୍ତି। ଗାୟତ୍ରୀଙ୍କ ମନ୍ତ୍ର ତଥା ଧ୍ୟାନର ପ୍ରଭାବ କ'ଣ ଓ କେତେ! ସବୁ ଲେଖିସାରିଥିଲେ ଓଡ଼ିଆ ପଣ୍ଡିତେ। ପୁରୀର ବାସୁଦେବ ରଥେ ପ୍ରଥମେ ଏଇ ପୋଥିକୁ କୁଜଙ୍ଗର ଜଗନ୍ନାଥ ତ୍ରିପାଠୀଙ୍କଠାରୁ ସଂଗ୍ରହ କଲାପରେ ଲୋକଲୋଚନକୁ ଆସିଥିଲା।

କୋଣାଦିତ୍ୟରେ ସୂର୍ଯ୍ୟ ଉପାସନା କୌଣସି ଖିଆଲରେ ଓଡ଼ିଆ ବିକଶିତ କରି ନ ଥିଲେ। ଓଡ଼ିଶାର ଗଜପତି ମନର ଓରମାନ ମେଣ୍ଟେଇବାକୁ ସଉକରେ ଶାସ୍ତ୍ରୀୟ ଭିତ୍ତିଭୂମି ଉପରେ ମାନଶାଳା ସଦୃଶ ମନ୍ଦିରଟିଏ ଗଢ଼େଇ ନ ଥିଲେ। ଅକଥନୀୟ ଅତ୍ୟାଚାର କରି ନ ଥିଲେ ଓଡ଼ିଆ ଶିଳ୍ପୀଙ୍କ ଉପରେ। ସବୁ ସହମତିରେ ସହଯୋଗରେ ତଥା ସହାନୁଭୂତିରେ ସାକାର ହୋଇଥିଲା। ବିଶ୍ୱ ମଙ୍ଗଳ କାମନା ରହିଥିଲା ଏହାର ପଛଭାଗରେ। ଜଗତର ହିତ ପାଇଁ ଗାୟତ୍ରୀଶକ୍ତିଯୁକ୍ତ ସୂର୍ଯ୍ୟ ଉପାସନା ଆରମ୍ଭ ହୋଇଥିଲା ଖ୍ରୀଷ୍ଟପୂର୍ବରୁ। ରହସ୍ୟକୁ ଭେଦ କଲେନି ଯେଉଁମାନେ ସେମାନେ ଆମକୁ, ଆମ ଶିଳ୍ପୀଙ୍କୁ, ଆମ ପରମ୍ପରାକୁ ଟାହିଟାପରା କଲାପରି ମାନସିକତାରେ ପ୍ରସ୍ତୁତ ହେଲେ। ଲେଖିଲେ ମଧ୍ୟ। ଆମ ମନରେ ହୀନମନ୍ୟତା ସୃଷ୍ଟି କରିବାକୁ ସେଗୁଡ଼ିକ ସହାୟକ ହେଲା!!

**ଛୋଟା ଗୋସାଇଁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା**

ସାକ୍ଷୀଗୋପାଳ,(ଡି.ଏନ୍.ଏ.): ଦାଣବିଦ୍ୟାଧରପୁରପୁର ପଞ୍ଚାୟତର ଭାମପୁର ପକ୍ଷୀମୁଣ୍ଡ ଗ୍ରାମବାସୀ ତଥା ମନ୍ଦିର ପରିଚାଳନା କମିଟି ପକ୍ଷରୁ ଛୋଟା ଗୋସାଇଁ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଶତାଧିକ ମହିଳା ବ୍ରତଧାରୀଙ୍କ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମନ୍ଦିର ଯଜ୍ଞ ସ୍ଥଳରେ ଘଟ ସ୍ଥାପନା କାରାଯାଇଥିଲା। ମୁଖ୍ୟ ଆଚାର୍ଯ୍ୟ ନୀଳକଣ୍ଠ ମିଶ୍ରଙ୍କ ସମେତ ବ୍ରାହ୍ମଣ ମଣ୍ଡଳୀ, କର୍ତ୍ତାକର୍ତ୍ତୀଭାବେ ଭ୍ରମରବର ରାଉତ ଓ ବିଜୟଲକ୍ଷ୍ମୀ ରାଉତ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୧୧।୨୦୨୧

| | |
|---|---|
| ୨,୨୧,୮୬୨ ଟଙ୍କା | |
| ସୁନା | ୩.୧୫୦ ଗ୍ରାମ |
| ରୁପା | ୯.୫୦୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀ ସଂଘ ପକ୍ଷରୁ ଶୋଭାଯାତ୍ରା ଓ କାର୍ଯ୍ୟାଳୟ ଘେରାଉ, ଗୁଣ୍ଡିଚା ମନ୍ଦିର ନିକଟ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚ ବୈଠକ

କଣାସ,୨୮।୧୧(ସ୍ୱ.ପ୍ର.): କଣାସ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ବୈଠକ ରବିବାର କଣାସଠାରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ନିଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସୌରଭ ହରିଚନ୍ଦନ, ପ୍ରୀତେସ କୁମାର ସାମନ୍ତରାୟ, ସହନା, ଅଭିଲିପ୍ସା ବେହେରା, ଅଂଶୁମାନ ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଂଶୀଧର ଜଗଦେବ, ମହେନ୍ଦ୍ର ରଣସିଂହ, ସୁରେନ୍ଦ୍ର ଶ୍ରୀଚନ୍ଦନ, ସୁଷମା ବେହେରା, ଡ.ଦୀନବନ୍ଧୁ ଜେନା, ହାଡିବାନ୍ଧୁ ନାୟକ, ମହେଶ୍ୱର ମାର୍ଥା ଯୋଗଦେଇ କତୀ ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଥିଲେ। ଭାଗୀରଥି ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଗାଁ ସାଥୀଙ୍କ ବୈଠକ

କଣାସ,୨୮।୧୧(ସ୍ୱ.ପ୍ର.): କଣାସ ବ୍ଲକ ଗାଁ ସାଥୀଙ୍କ ଏକ ବୈଠକ ରବିବାର ଚୁପୁରିଙ୍ଗି ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଠିକ୍ କାର୍ଯ୍ୟ କରାଯିବା ଏବଂ କେନ୍ଦ୍ରସରକାରଙ୍କ ଅଧିନିୟମ ମୁତାବକ ମୋବାଇଲ ମନିଟରିଂ ସିଷ୍ଟମ୍ ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ୬ତାରିଖରେ ରାଜ୍ୟ ଗାଁ ସାଥୀ/ମେଟୋ ମିଳିତ କ୍ରିୟାଅନୁଷ୍ଠାନ ଆହ୍ୱାନକ୍ରମେ ବିଧାନସଭା ଘେରାଉରେ ଯୋଗଦେବା ପାଇଁ ନିବେଦନ କରାଯାଇଥିଲା। ସମ୍ପାଦକ ଖଗେଶ୍ୱର ପଲାଇ, ପ୍ରବୋଧ ତ୍ରିପାଠୀ, ସାଗର ମାନସିଂହ, ପ୍ରମୋଦ କୁମାର ମାଣ୍ଟୁ, ପ୍ରଶାନ୍ତ ବାରିକ, ରିନାମଣୀ ସାମନ୍ତରାୟ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ମହେଶ୍ୱର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ବଳରାମ ଦାସଙ୍କ ସମାଧି ପୀଠରେ ଚାରାରୋପଣ

ଗୋପ,୨୮।୧୧(ଡି.ଏନ୍.ଏ.): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ବଳରାମ ଦାସଙ୍କ ସମାଧି ପୀଠ ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ଗୋପ ବ୍ଲକ ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ନିଃସ୍ୱାର୍ଥ ପରିବାର ପକ୍ଷରୁ ପୀଠ ପରିସର ସଫା କରାଯିବା ପରେ ରବିବାର ବିଭିନ୍ନ କିସମର ଶତାଧିକ ଚାରାରୋପଣ କରାଯାଇଛି। ପରିବେଶବିତ୍ ଅଧାପକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ ସଙ୍ଗଠନର ସଭ୍ୟ ସମରେନ୍ଦ୍ର ସିଂ, କିଶୋର ସାହୁ, ସିଲନ ମହାନ୍ତି, ରତ୍ନାକର ସେଠୀ, ରତ୍ନାକର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆହ୍ୱାନ

## ବେଳାଭୂମି କଳା ଓ ସାହିତ୍ୟ ଉତ୍ସବ

**ଅସ୍ତରଙ୍ଗ,୨୮।୧୧(ଡି.ଏନ୍.ଏ.):**



ଅତିଥିମାନେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି ।

ପ୍ରସିଦ୍ଧ ପୀର ଜାହାନିଆ ପୀଠରେ ବେଳାଭୂମି ସାହିତ୍ୟ ସଂସଦ ପକ୍ଷରୁ ବେଳାଭୂମି କଳା ଓ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ଭାଷା ହେଉଛି ଗୋଟିଏ ଜାତିର ଅସ୍ମିତା ଏବଂ ତା'ର ସାହିତ୍ୟ ହେଉଛି ଅସ୍ତିତ୍ୱର ପରିଚୟ। ଭାଷା ବଞ୍ଚିଲେ ଜାତି ବଞ୍ଚିବ ଏବଂ ସାହିତ୍ୟ ଓ ସଂସ୍କୃତି ଚିରକାଳ ବଞ୍ଚିବ। ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ସ୍ୱାଧୀନ କୁମାର ନାୟକ ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ.ହରିହର ମିଶ୍ର, ଡ. ମହମ୍ମଦ ଉସିଦ ଖାନ, ପ୍ରାଧାପକ ଡ.କ୍ଷୀରୋଦ ଚନ୍ଦ୍ର ରାୟ, ଓଡ଼ିଶା କୃଷକ ସମବାୟ ସମିତି ଅଧକ୍ଷ ଅମିୟ ପଟ୍ଟନାୟକ, ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ସାହିତ୍ୟିକ ସସ୍ମିତା ଦାସ, ବ୍ୟଙ୍ଗ ସାହିତ୍ୟିକ ସମ୍ପଦ ରଥ, ସୁନୀତା ପଣ୍ଡା ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ପାଇଁ କହିଥିଲେ। ଉତ୍ସବରେ ସଂସଦ ସଭାପତି ଚିତ୍ତରଞ୍ଜନ ବିଶ୍ୱାଳ ଅଧକ୍ଷତା କରିଥିଲେ। ସମ୍ପାଦକ ଦୁଃଶାସନ ନାୟକ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ପ୍ରତାପ ରାଉତ ମଞ୍ଚ ସଞ୍ଚାଳନ କରିଥିଲେ। ଅଧାପିକା ରାଜଶ୍ରୀ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ରତ୍ନପୁର୍ଣ୍ଣା କଳା ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ସାମାଜିକ କର୍ମୀ ଦିଗମ୍ବର ବେହେରାଙ୍କୁ ବେଳାଭୂମି ସମାଜସେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ୩୫ ଜଣଙ୍କୁ ବେଳାଭୂମି ସମ୍ମାନ ପ୍ରଦାନ କରାଯାଇଥିଲା। ସଂଯୋଜକ ଶୋଭାକର ବେହେରା ଧନ୍ୟବାଦ ଦେଇଥିଲେ। ପବିତ୍ର ବିଶ୍ୱାଳ, ମାନସରଞ୍ଜନ ପଟ୍ଟନାୟକ, ତ୍ରିଲୋଚନ ବେହେରା, ବ୍ରହ୍ମାନନ୍ଦ ସାହୁ, ବିଜୟ ଭଞ୍ଜ, ରାଜେଶ ମହାନ୍ତି, ସୁନନ୍ଦା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଭୁବନେଶ୍ୱର ୭ମ ବାଟାଲିୟନରେ ସେଭେନହର୍ସ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଯୁବତୀଯୁବକଙ୍କୁ ମାଗଣାରେ ମିଲିଟାରୀ ଟ୍ରେନିଂ ଦିଆଯାଉଛି।

## 'ମଣିଷ ଏବେ ବ୍ୟକ୍ତି କୈନ୍ଦ୍ରିକ ହୋଇପଡ଼ିଛି'

**ପୁରୀ ଅଫିସ, ୨୮।୧୧:**

ଶିକ୍ଷା ବିକାଶ ସମିତି ଓଡ଼ିଶା ପୂର୍ବ ସମ୍ଭାଗ ଆନୁକୂଲ୍ୟରେ ରବିବାର ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପରିବାର ପ୍ରବୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତିର ପୁରୀ ବିଭାଗ ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି ଅତିଥି, ମାଧ୍ୟମିକ ବିଭାଗ ପ୍ରାନ୍ତ ଶୈକ୍ଷିକ କୈଳାସ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ପ୍ରସନ୍ନ କୁମାର ନାୟକ, ସହସମ୍ପାଦିକା ଦିପ୍ତୀ ମିଶ୍ର, କମିଟି ସଭ୍ୟ ଅଞ୍ଜଳି ରଥ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଏବଂ ଦିପ୍ତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ମୌସୁମୀ ପାତ୍ର ମାହାରୀ ନୃତ୍ୟ ପରିବେଷଣ କରିଥିଲେ। ପରେ ମୁଖ୍ୟବକ୍ତା କୈଳାସ ଚନ୍ଦ୍ର ମିଶ୍ରଙ୍କ ମାର୍ଗଦର୍ଶନରେ ଶିଶୁର ଉନ୍ନତିରେ ପରିବାରରେ ମାତା, ପିତା, ଜେଜେବାପା, ଜେଜେମା'ଙ୍କ ଭୂମିକା ଓ ଆଜିକାଲିର ମଣିଷ କିପରି ସମାଜ କୈନ୍ଦ୍ରିକ ପରିବର୍ତ୍ତେ ବ୍ୟକ୍ତି କୈନ୍ଦ୍ରିକ ହୋଇପଡ଼ିଛି ଏବଂ ପରିବାରର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଭାବକମାନେ ନିଜ ମତ ରଖିଥିଲେ। ଶେଷରେ ଅଞ୍ଜଳି ରଥ ଧନ୍ୟବାଦ ଦେଇଥିଲେ।

# ନୃତ୍ୟ ନାଟିକାରେ ଉତ୍କଳମଣିଙ୍କ ଜୀବନ କାହାଣୀ

- ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ
- ନୃତ୍ୟଶିଳ୍ପୀ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନ

**କଟକ ଅଫିସ,୨୮।୧୧**



ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଉଛି।

ଶିକ୍ଷା, ସେବା ଓ ବଳିଦାନର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସ ଆଜି ବି ଘରେ ଘରେ ପରିଚିତ। ସେ ତ୍ୟାଗ ଓ ତପସ୍ୟାର ନିଦର୍ଶନ। ତାଙ୍କ ସଂଗ୍ରାମୀ ଜୀବନର କାହାଣୀକୁ ନେଇ କଟକ ଶହୀଦ ଭବନରେ ମଞ୍ଚସ୍ଥ ହୋଇଥିଲା ନୃତ୍ୟ ନାଟିକା 'ସବୁରି ବନ୍ଧୁ ଗୋପବନ୍ଧୁ'। ଓଡ଼ିଶୀ ନୃତ୍ୟ ଗୁରୁ ମୀରା ଦାସଙ୍କ ସହ ଅନ୍ୟ ଶିଳ୍ପୀମାନେ ଏହି ନୃତ୍ୟ ନାଟିକା ପରିବେଷଣ କରିଥିଲେ। ରବିବାର କଟକ ଶହୀଦ ଭବନରେ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସୋନାଲ ମାନସିଂ ଯୋଗଦେଇ କହିଥିଲେ, ନୃତ୍ୟ ମାଧ୍ୟମରେ ଅନେକଙ୍କ ହୃଦୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଭବିଷ୍ୟତରେ ଯେଉଁମାନେ ଯେକୌଣସି କାର୍ଯ୍ୟରେ ଆଗକୁ ବଢ଼ିବାକୁ ଚାହୁଁଛନ୍ତି, ସେମାନେ ହୃଦୟରେ ସବୁବେଳେ ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ରଖିବା ଆବଶ୍ୟକ। ଅନୁଷ୍ଠାନର ସମ୍ପାଦକ ମୀରା ଦାସ କହିଛନ୍ତି, ନୃତ୍ୟ ଓ ସଙ୍ଗୀତ ପାଇଁ ଗୁଞ୍ଜନ ୨୫ ବର୍ଷର ଯାତ୍ରା ଅତିକ୍ରମ କରିପାରିଛି। ଏହି ଅବସରରେ ନୃତ୍ୟଶିଳ୍ପୀ ସୋନାଲ ମାନସିଂଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଆୟକର ବିଭାଗର ମନୋରଞ୍ଜନ ପାଣିଗ୍ରାହୀ, ସଂସ୍କୃତି ବିଭାଗ ମୁଖ୍ୟ ରଞ୍ଜନ ଦାସ, ଗୁଞ୍ଜନର ସଭାପତି ଗାୟତ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।

## ରକ୍ତଦାତା ବସନ୍ତ ସାହୁ, ସହଦେବ ସାହୁ ସମ୍ବର୍ଦ୍ଧିତ

**ପୁରୀ ଅଫିସ, ୨୮।୧୧:**

ସାମାଜିକ ଅନୁଷ୍ଠାନ ସମର୍ପଣ ପକ୍ଷରୁ ଗ୍ରାମାଞ୍ଚଳ ରକ୍ତଦାନ ଶିବିର ରବିବାରଠାରୁ ଆରମ୍ଭ ହୋଇଛି। ଚନ୍ଦନପୁର କେତକୀପାଟଣାର ଶ୍ରୀଗୋପିନାଥ ଦେବ ମନ୍ଦିର ଟ୍ରଷ୍ଟ ସହଯୋଗରେ ଏହି ଶିବିର ହୋଇଥିଲା। ସମ୍ପାଦିକା ଜୟନ୍ତି ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଅତିଥି ଭାବେ ବ୍ଲଡ ବ୍ୟାଙ୍କର ଡାକ୍ତର ବିନୟ ଭୂଷଣ ସାହୁ, ସାମାଜିକ କର୍ମୀ ବଦ୍ରୀ ମିଶ୍ର, ଅନୁଷ୍ଠାନର ସଭାପତି ଅଭିମନ୍ୟୁ ଭୂୟାଁ ଯୋଗଦେଇଥିଲେ। ଶିବିରରେ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମୀ ବସନ୍ତ କୁମାର ସାହୁ ଏବଂ ଅଧାପକ ସହଦେବ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଜୟ ପ୍ରଧାନ ଏବଂ ସାଗରିକା ରଥ ପରିଚାଳନା କରିଥିଲେ। ଅଶୋକ କୁମାର ସାହୁ, ରମାକାନ୍ତ ସାହୁ, ପ୍ରଭାକର ସାହୁ, ଶୁଭେନ୍ଦୁ ସାମନ୍ତରାୟ, ଦୀପକ ଜେନା, ଗୋବିନ୍ଦ ପାତ୍ର ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିବନାରାୟଣ ସେନାପତି ଏବଂ ସୌମ୍ୟ ରଞ୍ଜନ ପାତ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶକ୍ତିମାନ



@ ସୁଦୀପ୍ତ



@ ଲିପ୍‌ସା



@ ଦୀପା



@ ଦେବୀପ୍ରସାଦ



@ ସତୀଶ

# ୟୁନିଟ୍-୬ କ୍ଲବ ଚାମ୍ପିୟନ

## ପଦ୍ମଚରଣ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ନିମାପଡ଼ା,୨୮।୧୧(ଡି.ଏନ୍.ଏ.):**

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ମିନିଷ୍ଟାଡିୟମରେ ଆୟୋଜିତ ୭ମ ରାଜ୍ୟସ୍ତରୀୟ ପଦ୍ମଚରଣ ସାମନ୍ତସିଂହାର ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ଫାଇନାଲ ମ୍ୟାଚରେ ଗଣ୍ଡରପୁର ୟୁନାଇଟେଡ୍ ୟୁଥ୍ କ୍ଲବକୁ ୨-୦ଗୋଲରେ ପରାସ୍ତ କରି ଭୁବନେଶ୍ୱରର ୟୁନିଟ୍-୬ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ୍ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ୟୁନିଟ-୬ କ୍ଲବର ଗଣେଶ ସେଠୀ ଓ ରାଜେଶ ନାୟକ ମୋଟ୍ ୨ଟି ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। କୀର୍ତ୍ତି ରଞ୍ଜନ ସ୍ୱାଇଁ, ନିର୍ମଳ ମିଶ୍ର, ସୁଦୀପ୍ତ ଦାସ, ରାଜେନ୍ଦ୍ର ବାରିକ, ପଦ୍ମଚରଣ ପାଣିଗ୍ରାହୀ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପିପିଲି ବିଧାକ ରୁଦ୍ର ପ୍ରତାପ ମହାରଥୀ, ପୁରୀ ଜିଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳେଇ, ମହେନ୍ଦ୍ର ସିଂ ଭାଟିଆ, ପ୍ରାଣନାଥ ମଲ୍ଲିକ, ଜୀବନାନନ୍ଦ ମହାପାତ୍ର, ବିଶ୍ୱଜିତ୍ ମଲ୍ଲିକ, ଦୋଳଗୋବିନ୍ଦ ସେଠୀ, ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୫ହଜାର ଟଙ୍କା ଓ ରନର୍ସ ଅପ ଟିମ୍‌କୁ ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ୟୁନିଟ-୬ କ୍ଲବର ରାଜେଶ ନାୟକ ମ୍ୟାନ ଅଫ ଦି ମ୍ୟାଚ ଓ ଗଣେଶ ସେଠୀଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିସହ ରେଫରିମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବିରହ ଶତକ, ବିଦଗ୍ଧ ଶତକ ଉନ୍ମୋଚିତ



ଅତିଥିମାନେ କବିତା ପୁସ୍ତକ ବିରହ ଶତକ ଏବଂ ବିଦଗ୍ଧ ଶତକ ଉନ୍ମୋଚନ କରୁଛନ୍ତି ।

**ପୁରୀ ଅଫିସ, ୨୮।୧୧:**

ସାହିତ୍ୟ ପତ୍ରିକା ସିଂହଦ୍ୱାର ଓ ସ୍ୱର ପକ୍ଷରୁ ରବିବାର ପୁରୀ ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ପୀଠ ପରିସରରେ ରବିବାର କବି ଜାନକୀ ବଲ୍ଲଭ ଦାଶଙ୍କ କବିତା ପୁସ୍ତକ ବିରହ ଶତକ ଏବଂ ବିଦଗ୍ଧ ଶତକ ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଭିନନ୍ଦନିକା ପତ୍ରିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। ସିଂହଦ୍ୱାର ପତ୍ରିକାର ସମ୍ପାଦକ ଚିନ୍ମୟ ବିବେକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଡ. ଜନ୍ମେଜୟ ଦ୍ୱିବେଦୀ, କବି ଡ. ଭଗବାନ ଜୟସିଂହ ଏବଂ କବି ମାନସ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଅତିଥିମାନେ କବିତା ପୁସ୍ତକ ଉନ୍ମୋଚନ କରିବା ସହ କବି ଜାନକୀ ବଲ୍ଲଭ ଦାଶଙ୍କ କବିତାରେ ପ୍ରେମ ପ୍ରବଣତା ବିରହ ବିଚ୍ଛେଦ ଭାବରେ ନିଷ୍କପଟ କାବ୍ୟିକ ପରିପ୍ରକାଶ ବୋଲି କହିଥିଲେ। ଦୀର୍ଘ ୪୦ ବର୍ଷର କାବ୍ୟ ମନସ୍କତା ଓ ପତ୍ନୀ ବିୟୋଗଜନିତ ବିରହ ଯନ୍ତ୍ରଣା ତାଙ୍କ କବିତାରେ ସ୍ପନ୍ଦିତ ହୋଇଛି। କାର୍ଯ୍ୟକ୍ରମରେ ଦେବୀ ନନ୍ଦ, ଉମାକାନ୍ତ ମହାପାତ୍ର, ଶୈଳବାଳା ମହାପାତ୍ର, ବିଚିତ୍ର ଦାଶ, କାମଦେବ ମହାରଣା, ସନ୍ନ୍ୟାସୀ ନାୟକ, ରଜତ ମହାନ୍ତି ଏବଂ କୃଷ୍ଣପ୍ରିୟା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର ପତ୍ରିକା ସମ୍ପାଦକ ଶତ୍ରୁଘ୍ନ ସାହୁ ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱରସ୍ଥିତ ବିଜୁ ନାଟ୍ୟ କେନ୍ଦ୍ରରେ ଆୟୋଜିତ ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାରର ୩୬ତମ ନାଟ୍ୟଚକ୍ର କାର୍ଯ୍ୟକ୍ରମରେ ରବିବାର ପରିବେଷିତ ନାଟକ 'ଶକୁନ୍ତଳା'ର ଏକ ଦୃଶ୍ୟ।




ନିମାପଡା ବାରବାଟି ମିନି ଷ୍ଟାଡ଼ିୟମରେ ରବିବାର ଅନୁଷ୍ଠିତ ୭ମ ରାଜ୍ୟସ୍ତରୀୟ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଯୋଗ ଦେଇଥିବା ଅତିଥିମାନେ।



ଖୋର୍ଦ୍ଧା ନବୀନାବାଗସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ପରିସରରେ ଯୁବ ସଙ୍ଗଠକ ଦେବାଶିଷ ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଆୟୋଜିତ ସ୍ମୃତିସଭାକୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶୁଭାରମ୍ଭ କରୁଛନ୍ତି।

**ସ୍ୱାସ୍ଥ୍ୟ ସେବା ଶିବିର**

ଡେଲାଙ୍ଗ,(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘନିପୁର ଗ୍ରାମରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ହାଇଟେକ ମେଡିକାଲ କଲେଜ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଦନ୍ତ ଡା.ମୋନିକା ମହାନ୍ତି, ଡା.ସୁଦୀପ୍ତ ନାୟକ, ଡା.ଶାଶ୍ୱତ ସାହୁ, ଚକ୍ଷୁ ଡା. ଶୁଶ୍ରୀ ସାଗରିକା ସାହୁ, ଡା.ସତ୍ୟବ୍ରତ ଜେନା, ସଂଯୋଜିକା ମଧୁସ୍ମିତା ଲେଙ୍କା, ଅସ୍ଥିଶଲ୍ୟ ବିଭାଗ ଡା.ଅବିନାଶ ଅନନ୍ତ ନେଗୀ ପ୍ରମୁଖ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଉଜିର ମହମ୍ମଦଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା, କୋଭିଡ୍ ସଚେତନତା ସହିତ ବିଭିନ୍ନ ଶାରୀରିକ ସମସ୍ୟା ଓ ନିରାକରଣ ସମ୍ପର୍କରେ ଡାକ୍ତରମାନେ ମତବ୍ୟକ୍ତ କରିଥିଲେ। ପ୍ରକାଶ ପାତ୍ର, ଶଶିଶେଖର ରାୟ, ମୌଲାନ ଖୌରୁଲ ଉସଲାମ, ମହମଦ ଅଲ୍ଲୀ, ଅବଦୁଲ ହମାମ୍, ତରୁନ ଜାହାନ, ମୀର ସଲିମ, ପ୍ରହ୍ଲାଦ ବଳିୟାରସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶିଶୁଆପଡ଼ାରେ ରାମନାଟ୍ୟ ପରିବେଷଣ

ଡେଲାଙ୍ଗ,୨୮।୧୧(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଶିଶୁଆପଡ଼ା ଗ୍ରାମରେ ୧୫୧ ତମ ରାମନାଟ୍ୟ ପରିବେଷଣ ଓ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା'କ୍ଷେତ୍ରପାଳି ରାମନାଟ୍ୟ କଳାପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପବିତ୍ର ମୋହନ ଜେନା ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ସରପଞ୍ଚ ବିଷ୍ଣୁପ୍ରିୟା ଜେନା, ସଞ୍ଜୟ କୁମାର ଜେନା, ନବଘନ ପ୍ରଧାନ, କେଳୁଚରଣ ଜେନା, କେଶବ ଜେନା, ପ୍ରସନ୍ନ ଜେନା, ଅଭିରାମ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କଳା ଓ ସଂସ୍କୃତିକୁ ଦୀର୍ଘ ୧୫୦ବର୍ଷ ଧରି ଉଜ୍ଜୀବିତ ରଖିଥିବା ମା'କ୍ଷେତ୍ରପାଳି କାଳାପରିଷଦକୁ ଅତିଥିମାନେ ପ୍ରଶଂସା କରିଥିଲେ। ରାମନାଟ୍ୟ କଳାପରିଷଦର ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଜେନା ଓ ଗାୟକ ଗଣେଶ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କଳାକାରଙ୍କ ଦ୍ୱାରା ରାମନାଟ୍ୟ ପରିବେଷିତ ହୋଇଥିଲା।

### ରାଷ୍ଟ୍ରୀୟ ସଦ୍‌ଭାବନା ମଞ୍ଚର ବୈଠକ

ପୁରୀ ଅଫିସ, ୨୮।୧୧: ରାଷ୍ଟ୍ରୀୟ ସଦ୍‌ଭାବନା ମଞ୍ଚ ପୁରୀ ପକ୍ଷରୁ ରବିବାର ପ୍ରିମିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଷ୍ଟଡିଜ ଶିକ୍ଷାକେନ୍ଦ୍ର ସଭାଗୃହରେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀବାଦୀ ତଥା ପଦ୍ମଶ୍ରୀ ସ୍ୱର୍ଗତ ଡ. ଏସ୍.ଏନ୍. ସୁବାରାଓଙ୍କ ଅସ୍ଥିକୁ ଆଗାମୀ ୫ଦିନ ଶୋଭାଯାତ୍ରା ମାଧ୍ୟମରେ ନିଆଯାଇ ମହୋଦଧିରେ ବିସର୍ଜନ ଏବଂ ଆଗାମୀ ଜାନୁଆରୀ ୧୨ରେ ଜାତୀୟ ଯୁବ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଆବାହକ ସଞ୍ଜୟ କୁମାର ପ୍ରଧାନ ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଜଗନ୍ନାଥ ବସ୍ତିଆ, ଶ୍ୟାମପ୍ରକାଶ ସେନାପତି, ସ୍ୱାଧୀନ କୁମାର ପଣ୍ଡା, ସୁବ୍ରତ କୁମାର ଦାସ, ପ୍ରଭାସ ଚନ୍ଦ୍ର ପ୍ରଧାନ, ନବକିଶୋର ଜେନା, ସନ୍ତୋଷ କୁମାର ରାଉତ, ପ୍ରଦୀପ୍ତଭାନୁ ଘଟୁଆରୀ, ଲକ୍ଷ୍ମୀକାନ୍ତ ଚୌଦ୍ୱାର, ପ୍ରାନ୍ତସିନି ଜେନା, ଲୋପାମୁଦ୍ରା ବିଶ୍ୱାଳ, ପ୍ରଦୀପ ପ୍ରଧାନ, କେଶବ ଚନ୍ଦ୍ର ବାରିକ ଓ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଞ୍ଚର ଯୁଗ୍ମ ଆବାହକ ସନ୍ଦୀପ କର୍ମାକାର ଧନ୍ୟବାଦ ଦେଇଥିଲେ।

# ଏସ୍‌ଏଚ୍‌ଜି କାର୍ଯ୍ୟକୁ କେନ୍ଦ୍ର ସଚିବଙ୍କ ପ୍ରଶଂସା

ଭୁବନେଶ୍ୱର,(ବ୍ୟୁରୋ)/ପିପିଲି,୨୮।୧୧ (ସ୍ୱ.ପ୍ର.)


ପିପିଲିରେ ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ଗୃହ ଏବଂ ନଗର ମନ୍ତ୍ରଣାଳୟର ସଚିବ ଦୁର୍ଗା ଶଙ୍କର ମିଶ୍ର ଓ ଅନ୍ୟମାନେ।

ଓଡ଼ିଶାରେ ସହରୀ ବିକାଶ ତଥା ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ମିଶନ ଶକ୍ତି ଏସ୍‌ଏଚ୍‌ଜି ଏବଂ ତୃତୀୟ ଲିଙ୍ଗ ଗୋଷ୍ଠୀର ପ୍ରଭାବଶାଳୀ ଅଂଶଗ୍ରହଣକୁ କେନ୍ଦ୍ର ଗୃହ ଓ ନଗର ମନ୍ତ୍ରଣାଳୟର ସଚିବ ଦୁର୍ଗା ଶଙ୍କର ମିଶ୍ର ପ୍ରଶଂସା କରିଛନ୍ତି। ଜଳ ଯୋଗାଣ ଓ ପରିମଳ ସଙ୍ଗଠନ କାର୍ଯ୍ୟକ୍ରମର ଶୁଭାରମ୍ଭ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ଦୁର୍ଗା ଶଙ୍କର ରବିବାର ଭୁବନେଶ୍ୱର ଓ ପୁରୀର ବହୁ ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେ ପିପିଲି ପରିଦର୍ଶନ କରି ଡାଇମଣ୍ଡ ଚାନ୍ଦୁଆ ସେଣ୍ଟରରେ କିରଣ ଏରିଆ ଲେଭଲ ଫେଡେରେଶନର(ଏଏଲ୍‌ଏଫ୍)ର ସଦସ୍ୟଙ୍କ ସହ ଚାନ୍ଦୁଆ ତିଆରି, ବ୍ୟବସାୟ, ରୋଜଗାର ଆଦି ବିଷୟରେ ପିଚାରି ବୁଝିଥିଲେ। ସହରୀ ବିକାଶ ଏଜେନ୍ସି(ସୁଡା) ମହିଳା ଏସ୍‌ଏଚ୍‌ଜିଗୁଡ଼ିକର ଆୟ ବୃଦ୍ଧି ଏବଂ ଉନ୍ନତ ଜୀବିକା ନିର୍ବାହ ପାଇଁ ନେଇଥିବା କାର୍ଯ୍ୟ ସମ୍ପର୍କରେ ଜାଣିବା ପରେ ସଚିବ ଆନନ୍ଦ ପ୍ରକାଶ କରିଥିଲେ। ଦେଶରେ ଡିଏୱାଇ ଏନ୍‌ୟୁଏଲ୍‌ଏମ୍ ଅଧୀନରେ ସହରୀ ଦାରିଦ୍ର୍ୟ ଦୂରୀକରଣର ଏକ ପ୍ରମୁଖ ଉଦାହରଣ ଭାବରେ ଆମାଜନ ଭଳି ଇଣ୍ଡିଆ ଇ-କମର୍ସ ପ୍ଲାଟଫର୍ମକୁ ଏସ୍‌ଏଚ୍‌ଜିଗୁଡ଼ିକୁ ଲିଙ୍କ୍ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଏଲ୍‌ଏଫ୍‌ର କିରଣ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପ୍‌କାର୍ଟରେ ରହିଥିବା ଜାଣି ସେ ଖୁସିବ୍ୟକ୍ତ କରିଥିଲେ। ଏହା ପୂର୍ବରୁ ଦୁର୍ଗା ଶଙ୍କର ଭୁବନେଶ୍ୱରରେ ପାର୍କିଂ ଫି' ସଂଗ୍ରହରେ ନିୟୋଜିତ କିନ୍ନର ଗୋଷ୍ଠୀ ସଦସ୍ୟଙ୍କ ସହ କଥା ହୋଇଥିଲେ। ସହରାଞ୍ଚଳ ଉପଯୋଗୀ ସେବା ଯୋଗାଇବାରେ ମହିଳା ଏବଂ ସମ୍ପ୍ରଦାୟକୁ ସଶକ୍ତ କରିବାରେ ଓଡ଼ିଶା ଏକ ମାନଦଣ୍ଡ ସ୍ଥିର କରିଛି ବୋଲି ସେ କହିଥିଲେ।

### ସହରୀ ବିକାଶ କାର୍ଯ୍ୟକ୍ରମ

ଏହି ଅବସରରେ ସୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ସଚିବଙ୍କୁ ମିଶନ ଶକ୍ତି ଏସ୍‌ଏଚ୍‌ଜିଗୁଡ଼ିକ ସହିତ ବିଭିନ୍ନ ଅଭିନବ ହସ୍ତକ୍ଷେପ ଏବଂ ସହଭାଗିତା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତିନିଧି ଦଳରେ ଆସିଥିବା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବିକାଶ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନ ଜଟଣୀଠାରେ ମିଶନ ଶକ୍ତି ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ହେଉଥିବା ଅନ୍ୟାନ୍ୟ ସହରାଞ୍ଚଳ ଭିତ୍ତିଭୂମି ସୁବିଧା ପରିଦର୍ଶନ କରିଥିଲେ। ସ୍ଥାନୀୟ ମହିଳା ଓ ତୃତୀୟ ଲିଙ୍ଗ ଏସ୍‌ଏଚ୍‌ଜି ସହିତ ଗଠିତ ପ୍ରଭାବଶାଳୀ ସହଭାଗିତାକୁ ପ୍ରଶଂସା କରି ସେ କହିଥିଲେ, ଓଡ଼ିଶାରେ ସମ୍ପ୍ରଦାୟର ସହଭାଗୀତା ମଡେଲ ଆଶ୍ଚର୍ଯ୍ୟଜନକ ଏବଂ ପ୍ରେରଣାଦାୟକ।

## ରାଜ୍ୟସ୍ତରୀୟ ଜୁନିୟର ରଗ୍‌ବୀ: କିଟ୍ ଗଲେ ପୁରୀର ୧୨



ପୁରୀ ଅଫିସ, ୨୮।୧: ଭୁବନେଶ୍ୱରସ୍ଥ କିଟ୍ କଲେଜ ପରିସରରେ ହେବାକୁ ଥିବା ଷଷ୍ଠତମ ରାଜ୍ୟସ୍ତରୀୟ ଜୁନିୟର ରଗ୍‌ବୀ ପ୍ରତିଯୋଗିତାରେ ଭାଗ ନେବାକୁ ୧୨ଜଣ ଖେଳାଳି ରବିବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ପୁରୀର ଖାଡ଼େଶ୍ୱରୀ କ୍ଲବ୍ ପଡିଆରେ ଅଭ୍ୟାସ କରୁଥିବା ବାଳିକାମାନଙ୍କ ମଧ୍ୟରୁ ୧୨ଜଣ ଉକ୍ତ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଥିଲେ। କୋଚ୍ ସୁଧାସିନ୍ଧୁ ସାହୁ ଓ ମ୍ୟାନେଜର ରୂପଶ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ ଏହି ଖେଳାଳିମାନେ କିଟ୍‌କୁ ଯାତ୍ରା କରିଥିବା ଜଣାପଡ଼ିଛି।

## 'ଡାଲଚିନି'କୁ 'ବେଷ୍ଟ ଫିଚର ଫିଲ୍ମ' ଆୱାର୍ଡ

ଭୁବନେଶ୍ୱର, ୨୮।୧୧ (ବ୍ୟୁରୋ)


ଜିତେନ୍ଦ୍ରୀୟ ପ୍ରଧାନଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

ଅନ୍ତର୍ଜାତୀୟ ସ୍ତରରେ ପୁଣି ଓଡ଼ିଶା ପାଇଁ ସୁନାମ ଆଣିଛି ଓଡ଼ିଆ ଚଳଚ୍ଚିତ୍ର। ରିତୁପ୍ରିୟା ପ୍ରଡକ୍ସନ୍ସର ଚଳଚ୍ଚିତ୍ର 'ଡାଲଚିନି'କୁ ୭ମ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଅଫ୍ ସିମ୍‌ଲାରେ 'ବେଷ୍ଟ ଫିଚର ଫିଲ୍ମ' ଆୱାର୍ଡ ମିଳିଛି। ଅତିଶ କୁମାର ରାଉତଙ୍କ ପ୍ରଯୋଜନାରେ ନିର୍ମିତ ଚଳଚ୍ଚିତ୍ରଟି ଫେଷ୍ଟିଭାଲରେ ବେଶ୍ ପ୍ରଶଂସା ସାଉଣ୍ଟିଛି। ଫେଷ୍ଟିଭାଲ ପାଇଁ ବିଶ୍ୱର ୧୭ ଦେଶରୁ ବିଭିନ୍ନ ଭାଷାର ପ୍ରାୟ ୫ଶହ ଚଳଚ୍ଚିତ୍ର ଆସିଥିଲା। ସେଥିରୁ ବେଷ୍ଟ ୫୮ ଚଳଚ୍ଚିତ୍ର ମନୋନୀତ ହୋଇଥିବାବେଳେ 'ଡାଲଚିନି' ଟାଇଟଲ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ପ୍ରଯୋଜକ ତଥା କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ରୀୟ ପ୍ରଧାନଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି।

ଜଣେ ଯୁବକର ଭ୍ରମଣ କାହାଣୀକୁ ନେଇ ଚଳଚ୍ଚିତ୍ର ଗତିଶୀଳ ହୋଇଛି। ଏଥିରେ ଓଡ଼ିଶାର କେତେକ ପର୍ଯ୍ୟଟନସ୍ଥଳକୁ ପ୍ରଦର୍ଶିତ କରାଯାଇଛି। ଜଣେ ଝିଅ ଗାଇଡ୍ ସହିତ ଭ୍ରମଣରୁ କାହାଣୀ ଆରମ୍ଭ ହେବା ପରେ ସମୟ କ୍ରମେ ସେମାନଙ୍କ ମଧ୍ୟରେ

### ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିଲା ଓଡ଼ିଆ ଚଳଚ୍ଚିତ୍ର

କିପରି ପ୍ରେମ ଏବଂ ଅନ୍ୟାନ୍ୟ ଘଟଣା ଘଟୁଛି ତାହାକୁ ଖୁବ୍ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ଶିଶିର ସାହୁ ଓ ପିନାକୀ ସିଂଙ୍କ ନିର୍ଦ୍ଦେଶିତ ଏହି ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ଜେରୀ ସିଲ୍‌ଭେଷ୍ଟର ଭିନ୍‌ସେନଟ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସୁପ୍ରିୟା ରାଉତଙ୍କ ସହପ୍ରଯୋଜନାରେ ନାୟକ ପାର୍ଥସାରଥୀ ରାୟ ଓ ନାୟିକା ସୂର୍ଯ୍ୟମୟୀଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏ ସମ୍ପର୍କରେ ପ୍ରଯୋଜକ ଅତିଶ କୁମାର କହିଛନ୍ତି, ଆମ ରାଜ୍ୟର ପର୍ଯ୍ୟଟନସ୍ଥଳୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଚେଷ୍ଟା କରିଥିଲି, ଯାହାକି ସଫଳ ହୋଇଛି। ଏହା ଓଡ଼ିଶାର ଏକ ମାଇଲ ଖୁଣ୍ଟ ଚଳଚ୍ଚିତ୍ର ହୋଇ ରହିବ। କାର୍ଯ୍ୟକ୍ରମରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, ଅର୍ବାନ ଡେଭଲପ୍‌ମେଣ୍ଟ, ଟାଉନ୍ ଆଣ୍ଡ୍ କଣ୍ଟ୍ରି ପ୍ଲାନିଂ ମନ୍ତ୍ରୀ ସୁରେଶ ଭରଦ୍ୱାଜ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଜୟ ଉପସ୍ଥିତ ଥିଲେ।

## ଐତିହ୍ୟସ୍ଥଳୀ ବୁଲିଲେ ଉତ୍କଳ ବାଳାଶ୍ରମ ଅନ୍ତେବାସୀ

ପୁରୀ ଅଫିସ, ୨୮।୧୧: ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ହେରିଟେଜ ରାଇଡ୍‌ରେ ରବିବାର ଉତ୍କଳ ବାଳାଶ୍ରମ ଅନ୍ତେବାସୀ ସାମିଲ ହୋଇଛନ୍ତି। ଅନ୍ତେବାସୀମାନେ ବିଭିନ୍ନ ଐତିହ୍ୟସ୍ଥଳୀ ବୁଲି ଦେଖିବା ସହ ଖୁସିବ୍ୟକ୍ତ କରିଛନ୍ତି। ସକାଳେ ନୀଳାଦ୍ରି ବେଳାଭୂମିରୁ ବାଳାଶ୍ରମର ୩୬ ଜଣ ଅନ୍ତେବାସୀ ୪ଟି ଗଲ୍ଫକାର୍ଟ ମାଧ୍ୟମରେ ଶଙ୍କରାଚାର୍ଯ୍ୟ ମଠ ଦେଇ ଟୋଟା ଗୋପୀନାଥ, ଜିଆର ସ୍ୱାମୀ ମଠ, ବାଉଳି ମଠ ବୁଲି ଦେଖିବା ସହ ଐତିହ୍ୟସ୍ଥଳୀ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ସେମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଐତିହ୍ୟସ୍ଥଳୀ ସମ୍ପର୍କରେ ଜିଜ୍ଞାସା ସୃଷ୍ଟି କରିବାକୁ ଜିଲାପାଳ ସମର୍ଥ ବର୍ମାଙ୍କ ତତ୍ତ୍ୱାବଧାନରେ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବାଳାଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ସାରଙ୍ଗ ମହାପାତ୍ର, ଇକୋ ଟୁରିଜମ କ୍ଲବ ପ୍ରତିଷ୍ଠାତା ଯୁଗବ୍ରତ କର, ନଟବର ସାହୁ, ସତ୍ୟବ୍ରତ ସାହୁ, ମଞ୍ଜୁଶ୍ରୀ ସେନ ଏବଂ ବେୟାରଫୁଟ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ଏସ୍‌ସିଏସ୍ କଲେଜରେ ଏନ୍‌ସିସି ଦିବସ

ପୁରୀ ଅଫିସ, ୨୮।୧୧: ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ପକ୍ଷରୁ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଏଥିରେ ଏନ୍‌ସିସିର ବାର୍ଷିକ ପତ୍ରିକା 'ଥିଙ୍କ୍ ଇଙ୍କ୍'ର କଭରପୃଷ୍ଠା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡା. ସୁଜାତା ମିଶ୍ର ଅତିଥି ଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରି ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ବିଗତ ଦିନରେ କ୍ୟାଡେଟ୍‌ମାନଙ୍କ ଦ୍ୱାରା ବିଭିନ୍ନ ସାମାଜିକ ସେବା ତଥା ଅନ୍ୟ କାର୍ଯ୍ୟକ୍ରମ କରାଯିବା ସହ କୋଭିଡ୍ ସମୟରେ ସହାୟତା କେନ୍ଦ୍ର ଖୋଲାଯାଇ ସେବା ଯୋଗାଇ ଦିଆଯାଇଥିବା ଏନ୍‌ସିସି ଅଧିକାରୀ ଲ୍ୟୁଟନାଣ୍ଟ ଡା. ସଞ୍ଜୟ କୁମାର ସୁନ୍ଦରାୟ କହିଥିଲେ। କୋଭିଡ୍ ସେବା ପାଇଁ ଏନ୍‌ସିସି ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀଙ୍କ ପକ୍ଷରୁ ଡିଜି ଟ୍ରଫି ମିଳିଥିବାରୁ କ୍ୟାଡେଟ କର୍ମଦା ପତିଙ୍କୁ ଅଧକ୍ଷା ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶାର ଏକମାତ୍ର କ୍ୟାଡେଟ ଭାବେ ଆଶିଷ ଜେନା ହିମାଳୟ ପର୍ବତ ଆହରଣ ଟ୍ରେନିଂ ନେଇ ୧୬ ହଜାର ୫୦୦ ଫୁଟ ପର୍ବତ ଆହରଣ କରି ସଫଳତାର ସହ ଫେରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କ୍ୟାଡେଟ୍‌ମାନେ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

## ଭତ୍ତା ଅର୍ଥ ବୃଦ୍ଧି କରାଯାଉ: ମହାସଂଘ

ପୁରୀ ଅଫିସ, ୨୮।୧୧: ଭତ୍ତା ଅର୍ଥବୃଦ୍ଧିସହ ଅସହାୟ ହିତାଧିକାରୀଙ୍କୁ ସୁବିଧାରେ ଭତ୍ତା ଟଙ୍କା ଯୋଗାଇ ଦେବାକୁ ଭତ୍ତା ହିତାଧିକାରୀ ସହାସଂଘ ଦାବି କରିଛି। ଏ ନେଇ ମହାସଂଘର ଆବାହକ ମାନସ କୁମାର ପ୍ରଧାନଙ୍କ ନେତୃତ୍ୱରେ ରବିବାର ବ୍ରହ୍ମଗିରି ବ୍ଲକ୍ ଗୋରୁଆଳ ଗ୍ରାମସ୍ଥିତ ମହାବୀର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହେଇଛି। ମହାସଂଘର ଆବାହକ ପ୍ରଧାନ କହିଛନ୍ତି, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ସରକାର ଭତ୍ତାଧିକାରୀଙ୍କୁ କମ୍ ଟଙ୍କା ଦେଉଛନ୍ତି। ଏନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଭିନ୍ନକ୍ଷମ ଏବଂ ଅସହାୟ ବୃଦ୍ଧାବୃଦ୍ଧ ବ୍ୟାଙ୍କକୁ ଯାଇ ଭତ୍ତା ଆଣିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନଙ୍କ ସୁବିଧା ପାଇଁ ପଦକ୍ଷେପ ନିଆଯାଉ ।

## କଂଗ୍ରେସ କର୍ମୀ ସମ୍ମିଳନୀ

ଗୋପ,୨୮।୧୧(ଡି.ଏନ୍.ଏ.): ଗୋପ ବ୍ଲକ ଦେଓ୍ତଳି ପଞ୍ଚାୟତରେ ରବିବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସଭାପତି ଗଦାଧର କର ସଭାପତିତ୍ୱ କରିଥିଲେ। ଜିଲା ୧୪ ନମ୍ବର ଜୋନର ଦଳ ସମୀକ୍ଷକ ମୀନକେତନ ସ୍ୱାଇଁ, ଅଶୋକ ରଥ,ମନୋଜ ସ୍ୱାଇଁ, ହରମୋହନ ବେହେରା, ବାସୁଦେବ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ କିପରି ବିଜୟୀ ହେବେ ସେନେଇ ଆଲୋଚନା କରାଯାଇଥିଲା। ଆଶିଷ ରଞ୍ଜନ ମିଶ୍ର, ତ୍ରିଲୋଚନ ସେଠୀ, ଅକ୍ଷୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## 'ଆଉଟସୋର୍ସିଂ କର୍ମଚାରୀଙ୍କୁ ଶୋଷଣ କରାଯାଉଛି'

ପୁରୀ ଅଫିସ, ୨୮।୧୧: ଓଡ଼ିଶା କର୍ମଚାରୀ ମହାମଞ୍ଚ ପୁରୀ ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ବୈଠକ ବଡଶଙ୍ଖସ୍ଥିତ ଶରଧାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମହାମଞ୍ଚ ସଭାପତି ପ୍ରଭାତ ମହାନ୍ତି ଏବଂ ଓଡ଼ିଶା ଆଉଟସୋର୍ସିଂ ସଭାପତି ସଞ୍ଜୟ ପଟ୍ଟନାୟକ ଯୋଗଦେଇଥିଲେ। ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗଦେଇ ଆଉଟସୋର୍ସିଂ କର୍ମଚାରୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ଆଣିଥିଲେ। ତୁରନ୍ତ ଚୁକ୍ତିଭିତ୍ତିକ ନିଯୁକ୍ତି, ସର୍ବନିମ୍ନ ଦରମା ୧୮ ହଜାର ଟଙ୍କା ଦେବା, ଇପିଏଫ୍ ଓ ଇଏସ୍‌ଆଇ ସୁବିଧା, ଦେବାକୁ ଦାବି କରାଯାଇଛି। ବୈଠକରେ ମହାମଞ୍ଚର ଜିଲା ସଭାପତି ସଂଗ୍ରାମ ଦାସ, ଉପସଭାପତି ଦିଲୀପ ସ୍ୱାଇଁ ଓ ସମ୍ପାଦକ ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଥମ ପୃଷ୍ଠାରୁ...

#### ଆରମ୍ଭରୁ...

ଏବଂ ସେଥିରୁ ୨୧ହଜାର ୮୨୭ ପ୍ୟାକେଟ୍ ଧାନ ବିକ୍ରି ହୋଇଥିବା ଆର୍‌ଏମ୍‌ସି ସୂତ୍ରରୁ ଜଣାପଡ଼ିଛି। ପୂର୍ବବର୍ଷ ଏହି ସମୟରେ ଜିଲାର ସମସ୍ତ ୧୨ଟି ଯାକ ବ୍ଲକର ମଣ୍ଡିରେ ଧାନ କିଣାବିକା ଆରମ୍ଭ ହୋଇଥିଲା। କିନ୍ତୁ ଚଳିତବର୍ଷ ରବିବାର ସୁଦ୍ଧା ଜିଲାର ୩ଟି ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ବରଗଡ଼ ଆର୍‌ଏମ୍‌ସି ଅଧୀନ କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଡି କହିଛନ୍ତି, ସେ ଗତ ୨୨ତାରିଖରୁ କଲାପାଣି ମଣ୍ଡିରେ ଧାନ ଭର୍ତ୍ତି କରିଛନ୍ତି । ଚାଷୀ ପଞ୍ଜୀକରଣ ସମୟରେ କରିଥିବା ଆବେଦନ ଫର୍ମରେ ତାଙ୍କ ଅମଳ ଧାନ ବିକ୍ରି ଦିବସର ତାରିଖ ନଭେମ୍ବର ୧ରୁ ୧୫ତାରିଖ ବୋଲି ଉଲ୍ଲେଖ ରହିଛି। କିନ୍ତୁ ତାଙ୍କ ପାଖକୁ ଯେଉଁ ଏସ୍‌ଏମ୍‌ଏସ୍ ଆସିଛି, ସେଥିରେ ବିକ୍ରିଦିବସ ଡିସେମ୍ବର ୯ତାରିଖ ବୋଲି ଉଲ୍ଲେଖ ରହିଥିବା ସେ କହିଛନ୍ତି । ଫଳରେ ମଣ୍ଡିରେ ତାଙ୍କ ଧାନ ଥିଲେ ସୁଦ୍ଧା ତାକୁ କିଣାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ଅନେକ ଚାଷୀ ଅଛନ୍ତି, ଧାନ ଅମଳ କରିସାରିଥିଲେ ମଧ୍ୟ ସେମାନଙ୍କୁ ଅମଳ ଧାନ ବିକ୍ରି ପାଇଁ ଟୋକନ ମିଳି ପାରିନାହିଁ। ଅନ୍ୟପକ୍ଷରେ ଅମଳ କରି ନ ଥିବା ଚାଷୀଙ୍କ ପାଖକୁ ଟୋକନ ପହଞ୍ଚି ସାରିଛି। କଲାପାଣି ଗ୍ରାମର ଚାଷୀ ଏକାଦଶିଆ ସାହୁ କହିଛନ୍ତି, ସେ ୪ଶହ ପ୍ୟାକେଟ୍ ଧାନ କଲାପାଣି ମଣ୍ଡିରେ ରଖିଛନ୍ତି । ପରିଚୟ ପତ୍ର ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ନଭେମ୍ବର ୧୫ତାରିଖ ସୁଦ୍ଧା ଧାନ ବିକ୍ରିଦିବସ ଉଲ୍ଲେଖ କରିଥିଲେ। ମାତ୍ର ଆଜି ସୁଦ୍ଧା ତାଙ୍କୁ ଟୋକନ ମିଳି ନ ଥିବା ଯୋଗୁ ସେ ଧାନ ବିକ୍ରି କରି ପାରିନାହାନ୍ତି। ଏ ନେଇ ବରଗଡ଼ ଆର୍‌ଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କୁ ପଚାରିବାରୁ ଧାନ ସଂଗୃହୀତ ହୋଇଛି, କିନ୍ତୁ ବିକ୍ରି ହୋଇ ପାରି ନ ଥିବା ସେ କହିଥିଲେ।

#### ମଣ୍ଡିରେ ଆବଶ୍ୟକ...

ପିପିସିରେ ଭଲ ଇଣ୍ଟରନେଟ୍ ସଂଯୋଗ ଏ ପର୍ଯ୍ୟନ୍ତ କରାଯାଇନାହିଁ। ସେହିପରି ଲୋକଙ୍କ ବସିବା ପାଇଁ ସ୍ଥାନର ବ୍ୟବସ୍ଥା ନ ଥିବା ବେଳେ ପାନୀୟ ଜଳ ସୁବିଧା ନାହିଁ। ଏଥିସହ ଯେଉଁ ଧାନକିଣା କେନ୍ଦ୍ରରେ ଗୋଦାମ ଘର ନାହିଁ ସେଗୁଡ଼ିକୁ ଖୋଲାଯିବା ଉଚିତ୍ ନ ଥିଲା ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିବା ବେଳେ ବିଜେଡି ଏହାର ଜବାବ୍ ରଖିଛି। ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଧାନ ବିକ୍ରିରୁ ଏତେ ଟଙ୍କା ସରକାର ଆଦାୟ କରିବା ସତ୍ତ୍ୱେ କାହିଁକି ଭିତ୍ତିଭୂମି ତିଆରି କରିପାରୁ ନାହାନ୍ତି ତାହା ବୁଝାପଡୁନାହିଁ। ଲୋକଙ୍କ କୋଟି କୋଟି ଟଙ୍କା ପଡ଼ି ରହିଛି ତଥାପି ଏମାନେ ଉନ୍ନତୀକରଣ ଦିଗରେ ସଚେତନ ନୁହନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଧାନ ରଖିବା, ଲୋକମାନେ ବସିବା ଲାଗି ଜାଗା ନାହିଁ। ସାଧାରଣତଃ ପିଇବାକୁ ପାନୀୟ ଜଳର ବ୍ୟବସ୍ଥା କରାଯାଇନି। ସବୁଠାରୁ ଦୁର୍ଭାଗ୍ୟଜନକ କଥା, ମଣ୍ଡିରେ ସିସି କ୍ୟାମେରାର ବ୍ୟବସ୍ଥା କରିବାକୁ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଦେଇଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ବଲାଙ୍ଗୀର ଅପେକ୍ଷା କଳାହାଣ୍ଡିରେ ଧାନ ଅଧିକ ସଂଗ୍ରହ ହେଉଥିବା ବେଳେ ସେଠାରେ କମ୍ ମଣ୍ଡି ରହିବାରୁ ଅଧିକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି।

ବିଜେଡି ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, ୨୦୧୯ ଏବଂ ୨୦୨୦ରେ ରାଜ୍ୟରେ ଯେତିକି ଧାନ ସଂଗ୍ରହ ହୋଇଥିଲା ୨୦୨୧-୨୨ରେ ଅଧିକ ହୋଇଛି। ଚାଷୀମାନେ ଏହି ଧାନ ଦେଇଛନ୍ତି। ଭିତ୍ତିଭୂମି ମଧ୍ୟ ସବୁଠାରେ ଠିକ୍ ଅଛି। ଯେଉଁଠି ଭିତ୍ତିଭୂମି ଖରାପ ଅଛି ସେଠାରେ ବିହିତ ପଦକ୍ଷେପ ନିଆଯାଉଛି।

# ସୂର୍ଯ୍ୟ ଉପାସନାର ସାମାଜିକ ବାର୍ତ୍ତା

## କୋଣାଦିତ୍ୟରେ ଜଗତମଙ୍ଗଳ କାମନାର ଉପାସନା




ଡ. ସୁରେନ୍ଦ୍ର କୁମାର ମିଶ୍ର

ଉତ୍ସବକୁ ଐତିହ୍ୟରେ କିପରି ପରିଣତ କରିଥିଲା ଓଡ଼ିଆ ଜାତି ଗୋଟିଏ ଗଣପର୍ବରୁ ତାହା ବିଚାର କଲେ। ସୂର୍ଯ୍ୟଙ୍କ ଉପାସନାର ଶାସ୍ତ୍ରୀୟ ରହସ୍ୟ କିପରି କୋଣାଦିତ୍ୟରେ ପ୍ରଚଳିତ ଥିଲା ତାହା ବି ଅନୁଶୀଳନ କରିବା କଥା। ଅର୍କକ୍ଷେତ୍ରରେ ଉପରଠାଉରିଆ ଉତ୍ସବ କି ଉପାସନା ହେଉ ନ ଥିଲା। ତାହା ମନୋବିଜ୍ଞାନ ଏବଂ ସମାଜବିଜ୍ଞାନ ସମ୍ମତ।

ସନାତନ ପରମ୍ପରାରେ ସୂର୍ଯ୍ୟ ହେଉଛନ୍ତି ପୃଥିବୀର ଚକ୍ଷୁ। ବେଦର ରହସ୍ୟ ଅନୁଯାୟୀ ସେ ଦେହ ଭିତରେ ଅଛନ୍ତି; ବାହାରେ ବି। ଜଗତ ପାଇଁ ସେ ଶକ୍ତି ବିକିରଣ କରନ୍ତି। ଆଉ ଶରୀର ପାଇଁ! ଶରୀରରେ ଦିବ୍ୟଚେତନାକୁ ପ୍ରକାଶ କରାନ୍ତି। ଋଷି ପରମ୍ପରାରେ ଏଥିପାଇଁ ଜ୍ଞାନର ଶକ୍ତି ଗାୟତ୍ରୀଙ୍କୁ ମାଧ୍ୟମ କରାଯାଏ। ତେଣୁ କୁହାଯାଇଛି ସୂର୍ଯ୍ୟମଣ୍ଡଳର ଶକ୍ତି ହେଉଛନ୍ତି ଗାୟତ୍ରୀ। ଶକ୍ତିର ସ୍ରୋତ ଭାବରେ ଗାୟତ୍ରୀଙ୍କୁ ଉପାସନା କରାଯାଏ। ଦିବ୍ୟତା ତାଙ୍କରି ଦ୍ୱାରା ପ୍ରକାଶିତ ହୁଏ।

ସକାଳେ ସେ ବ୍ରହ୍ମା। ସୃଷ୍ଟି କାର୍ଯ୍ୟ କରନ୍ତି। ସେଥିପାଇଁ କୁହାଯାଏ ବ୍ରହ୍ମଶକ୍ତି ଗାୟତ୍ରୀ। ମଧ୍ୟାହ୍ନରେ ସେ ଦେବଦେବ ମହାଦେବ ହୁଅନ୍ତି। ଜଗତ ଗ୍ରହଣ


ସୂର୍ଯ୍ୟାସ୍ତ ସମୟ। ବିଷ୍ଣୁ ରୂପରେ ଶ୍ରୀସୂର୍ଯ୍ୟନାରାୟଣ। ଫଟୋ: ଯଜ୍ଞେଶ୍ୱର ମହାନ୍ତି, ପୁରୀ

କରିଥିବା ସୂର୍ଯ୍ୟଙ୍କ ତାପକୁ ଦ୍ରବୀଭୂତ କରନ୍ତି। ମହାକାଳଙ୍କର ଅନ୍ୟତମ ଶକ୍ତି। ସନ୍ଧ୍ୟାରେ ସେ ବିଷ୍ଣୁ ରୂପରେ ପ୍ରକାଶ ହୁଅନ୍ତି। ସମୟ ଅନୁଯାୟୀ ସୂର୍ଯ୍ୟଶକ୍ତି ଚଳଚଞ୍ଚଳ କରାନ୍ତି ପୃଥିବୀକୁ। କେବଳ ସେତିକି ନୁହେଁ 'ତ୍ରିକାଳ ମହାମାୟା ଅର୍ଚ୍ଚନାବିଧି'ରେ କୁହାଯାଇଛି ପୃଥିବୀରେ ସମସ୍ତ ତ୍ରୁଟି ଓ ଦୋଷକୁ ସେ ଅପସାରଣ କରନ୍ତି।

'ତ୍ରିକାଳ ମହାମାୟା ଅର୍ଚ୍ଚନା ବିଧି' ପୋଥି ଅନୁସାରେ ଆମର ଅର୍କତୀର୍ଥରେ ଉପାସନା ହେଉଥିଲା। ଏଥିରେ ଜଗତମଙ୍ଗଳ କାମନା ମୂଳ ରହସ୍ୟ। କାହିଁକି ନା ବ୍ରହ୍ମବିଦ୍ୟାର ଯେ ହେଉ ସାରତତ୍ତ୍ୱ। ଆମର ପୂର୍ବପୁରୁଷମାନେ ବୁଝିଥିଲେ ଅନ୍ତରୀକ୍ଷରେ ସୂର୍ଯ୍ୟ ଗତି କଲାବେଳେ 'କିରଣ' ମାଧ୍ୟମରେ 'ତାପ' ଦେଇଥାନ୍ତି। ତା'ପରେ ଶକ୍ତି ଭରି ଦିଅନ୍ତି ଗାୟତ୍ରୀ। ସେଇ ତାପ ଆମକୁ ଶକ୍ତିମୟ କରିଥାଏ। ସୂର୍ଯ୍ୟ ରଥରେ ଗତି କଲେ ଶରୀର ରୂପକ ରଥରେ ବର୍ଣ୍ଣମାତୃକା ଗତିଶୀଳ ହୁଅନ୍ତି। ଯାକୁ ସବୁ ଆମ ପଣ୍ଡିତେ ବୁଝିଥିଲେ। ତାକୁ ଉପାସନା ମାଧ୍ୟମରେ ଲୋକ-ସ୍ତରରେ ପ୍ରଚଳନ କରିଥିଲେ। ବ୍ଲାକ୍‌ପାଗୋଡ଼ା କହୁଥିବା ଏବଂ ମିଥୁନ ମୂର୍ତ୍ତିରେ ଅଟକି ରହିଥିବା ବାହାରିଆ ପଣ୍ଡିତମାନେ ରହସ୍ୟ ଭେଦ ନ କରି ଯା' ଇଚ୍ଛା ତା' ଲେଖିଦେଇ ଗଲେ। ନା ବୁଝିଥିଲେ ତୀର୍ଥର ସାମାଜିକ ତତ୍ତ୍ୱ ନା ବୁଝିଥିଲେ ଉପାସନାର ଜଗତମଙ୍ଗଳ କାମନା!

ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ୧୬ଟି ତାଳବରଡ଼ା ପତ୍ରରେ ଲେଖାସରିଥିଲା ଗାୟତ୍ରୀଙ୍କ ରହସ୍ୟ। ମହାଗାୟତ୍ରୀ ମନ୍ଦିର ଶୈଳୀ ପ୍ରଥମେ ଏହି ଓଡ଼ିଆ ଅକ୍ଷର ପୋଥିରୁ ମିଳେ। ଭାଷା ସଂସ୍କୃତ ଓ ଲିପି ଓଡ଼ିଆରେ ଅଙ୍କା ହୋଇଥିଲା ଗାୟତ୍ରୀ ଯନ୍ତ୍ର। ସେ ଯନ୍ତ୍ର ଅଷ୍ଟଦଳ ପଦ୍ମର। ପ୍ରତ୍ୟେକ ଦଳରେ ଗୋଟିଏ ଗୋଟିଏ ଶକ୍ତି ସଂପୁଟ ହୋଇଛନ୍ତି। ଗାୟତ୍ରୀଙ୍କ ମନ୍ତ୍ର ତଥା ଧ୍ୟାନର ପ୍ରଭାବ କ'ଣ ଓ କେତେ! ସବୁ ଲେଖିସାରିଥିଲେ ଓଡ଼ିଆ ପଣ୍ଡିତେ। ପୁରୀର ବାସୁଦେବ ରଥେ ପ୍ରଥମେ ଏଇ ପୋଥିକୁ କୁଜଙ୍ଗର ଜଗନ୍ନାଥ ତ୍ରିପାଠୀଙ୍କଠାରୁ ସଂଗ୍ରହ କଲାପରେ ଲୋକଲୋଚନକୁ ଆସିଥିଲା।

କୋଣାଦିତ୍ୟରେ ସୂର୍ଯ୍ୟ ଉପାସନା କୌଣସି ଖିଆଲରେ ଓଡ଼ିଆ ବିକଶିତ କରି ନ ଥିଲେ। ଓଡ଼ିଶାର ଗଜପତି ମନର ଓରମାନ ମେଣ୍ଟେଇବାକୁ ସଉକରେ ଶାସ୍ତ୍ରୀୟ ଭିତ୍ତିଭୂମି ଉପରେ ମାନଶାଳା ସଦୃଶ ମନ୍ଦିରଟିଏ ଗଢ଼େଇ ନ ଥିଲେ। ଅକଥନୀୟ ଅତ୍ୟାଚାର କରି ନ ଥିଲେ ଓଡ଼ିଆ ଶିଳ୍ପୀଙ୍କ ଉପରେ। ସବୁ ସହମତିରେ ସହଯୋଗରେ ତଥା ସହାନୁଭୂତିରେ ସାକାର ହୋଇଥିଲା। ବିଶ୍ୱ ମଙ୍ଗଳ କାମନା ରହିଥିଲା ଏହାର ପଛଭାଗରେ। ଜଗତର ହିତ ପାଇଁ ଗାୟତ୍ରୀଶକ୍ତିଯୁକ୍ତ ସୂର୍ଯ୍ୟ ଉପାସନା ଆରମ୍ଭ ହୋଇଥିଲା ଖ୍ରୀଷ୍ଟପୂର୍ବରୁ। ରହସ୍ୟକୁ ଭେଦ କଲେନି ଯେଉଁମାନେ ସେମାନେ ଆମକୁ, ଆମ ଶିଳ୍ପୀଙ୍କୁ, ଆମ ପରମ୍ପରାକୁ ଟାହିଟାପରା କଲାପରି ମାନସିକତାରେ ପ୍ରସ୍ତୁତ ହେଲେ। ଲେଖିଲେ ମଧ୍ୟ। ଆମ ମନରେ ହୀନମନ୍ୟତା ସୃଷ୍ଟି କରିବାକୁ ସେଗୁଡ଼ିକ ସହାୟକ ହେଲା!!